

ଦୁର୍ଗମ ଅଞ୍ଚଳରେ ବ୍ୟାଙ୍କ ସେବାକୁ ପ୍ରାଥମିକତା | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ବିଗ୍ ବସ୍'କୁ ଏଲ୍‌ନାଜଙ୍କ ନା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୩୨ Vol. 22 No-132 11 AUGUST 2025 MONDAY, BHUBANESWAR ସୋମବାର, ୧୧ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଙ୍କ୍ଷେପରେ...

### ସମୁଦ୍ରରେ ବୁଡ଼ି ୩ ମୃତ

ପୁରୀ,୧୦।୮ (ଭାସ୍କର ନ୍ୟୁଜ) : ଚନ୍ଦ୍ରଭାଗା ବେଳାଭୂମି ନିକଟରେ ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଚନ୍ଦ୍ରଭାଗା ଓ ଇକୋରିଟ୍ରିଟ୍ ମଝିରେ ସମୁଦ୍ରରେ ଗାଧୋଉଥିବା ବେଳେ ୩ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଭୁବନେଶ୍ୱର ଉପକଣ୍ଠ ପାହାଲର ପିଣ୍ଟୁ ପଟ୍ଟନାୟକ, ରାହୁଲ କୁମାର ଓ କୋଣାର୍କ ଜମାଦକାର ଅରୂପାନନ୍ଦ ଜେନା। ଚନ୍ଦ୍ରଭାଗାରୁ ରାମଚଣ୍ଡୀ ରାସ୍ତାରେ ସମୁଦ୍ରର ଇକୋରିଟ୍ରିଟ୍ ନିକଟରେ ଅପରାହ୍ନରେ ପିଣ୍ଟୁ ପଟ୍ଟନାୟକ, ରାହୁଲ କୁମାର ଓ ଅରୂପାନନ୍ଦ ଜେନା ଗାଧୋଉଥିଲେ। ଅସାବଧାନତା ଯୋଗୁଁ ସେମାନେ ବୁଡ଼ିଯାଇଥିଲେ।

### ୧୩ରେ ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର,୧୦।୮ (ଭାସ୍କର ନ୍ୟୁଜ): ଆସନ୍ତା ୧୩ ତାରିଖ ବୁଧବାର ମଧ୍ୟାହ୍ନ ୧୨ଟାରେ ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଏଥିରେ ୫ଟି ବିଭାଗର ୭ଟି ପ୍ରସ୍ତାବ ଉପସ୍ଥାପନ ହେବାର ସମ୍ଭାବନା ରହିଛି।

### କୁକୁର କାମୁଡ଼ାରେ ୨ ମୃତ

ବଲାଙ୍ଗୀର ୧୦।୮ (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ତୁଷୁରା ଥାନା ଚିଞ୍ଚେଡ଼ ଗାଁରେ ଅଭାବନୀୟ ଘଟଣା । କୁକୁର କାମୁଡ଼ାରେ ଚାଲିଗଲା ଦୁଇ ଜୀବନ। ମୃତ ବ୍ୟକ୍ତି ଜଣେ ହେଲେ ହୃଷିକେଶ ରଣା ଓ ଅନ୍ୟ ଜଣେ ୩୩ ବର୍ଷ ଭିନ୍ନକ୍ଷମ ଯୁବକ ଜିଗେନ୍ଦ୍ର ଛାତ୍ରିଆ ବୋଲି ଜଣାପଡିଛି । ମୃତକଙ୍କ ମଧ୍ୟରେ ଜଣେ ଭିନ୍ନକ୍ଷମ ଥିବା ସୂଚନା ରହିଛି । ମୃତ ବ୍ୟକ୍ତି ହୃଷିକେଶ ରଣା ( ୪୮ ବର୍ଷ ) ଓ ଅନ୍ୟ ଜଣେ ହେଉଛନ୍ତି ୩୩ ବର୍ଷୀୟ ଭିନ୍ନକ୍ଷମ ଯୁବକ ଜିଗେନ୍ଦ୍ର ଛାତ୍ରିଆ ବୋଲି ଜଣାପଡିଛି ।

ସେନ୍‌ସେକ୍ସ: ୭୯,୮୫୭.୭୯
ସର୍ବାଧିକ: ୩୨.୨ ଡିଗ୍ରୀ
ସର୍ବନିମ୍ନ: ୨୬.୪ ଡିଗ୍ରୀ

**୧୦।୮।୨୦୨୫ ର ମତାମତ**

ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ବଜାୟ ରଖିବାକୁ ସରକାର ପଦକ୍ଷେପ ନେବା ଉଚିତ୍ ନୁହେଁ କି ?

| ହଁ | ନା |
| --- | --- |
| ୮୫% | ୧୫% |

**ଆଜିର ପ୍ରସଙ୍ଗ**

ନାରୀ ନିର୍ଯାତନା ରୋକିବା ପାଇଁ ସରକାର ଠୋସ୍ ପଦକ୍ଷେପ ନେବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଡୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଗତ ସର୍କାରରେ ଅଲୋଡ଼ା ଯେ ଥିଲେ
ଏବେ ପଡ଼ିଲେଣି ଲୋଡ଼ା,
ଏବେକା ସର୍କାର ବୁଝି ନ ପାରନ୍ତି
କିଏ ଗଧ କିଏ ଘୋଡ଼ା !
ଗୋଷ୍ଠୀ ଯେଣୁ ଯୋଡ଼ା ଯୋଡ଼ା,
ଶତ୍ରୁ ହୁଏ ମିତ୍ର, ମିତ୍ର ହୁଏ ଶତ୍ରୁ
ବୁଝାପଡ଼େ ଥୋଡ଼ା ଥୋଡ଼ା !!

## ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ବିକାଶ ସହ ଦୁର୍ନୀତିମୁକ୍ତ ଓଡ଼ିଶା ଲକ୍ଷ୍ୟ



**କୋରାପୁଟ ଜିଲ୍ଲାପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନନ୍ୟ ଫର୍ଦ୍ଦ**

**ନିରନ୍ତର ବିକାଶ ଧାରାରେ ସାମିଲ ହେଲା କୋରାପୁଟ ଜିଲ୍ଲା**

**୬ ଲେନ୍ ହେବ ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଇକୋନୋମିକ କରିଡର**

ଭୁବନେଶ୍ୱର / କୋରାପୁଟ,୧୦।୮ (ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ ଠାରେ ୨୮୦ କୋଟି ଟଙ୍କା ବ୍ୟୟରେ ୬୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟର ଉଦଘାଟନ କରିଛନ୍ତି । ଏହି ଅବସରରେ ଖୁବ୍‌ଶୀଘ୍ର ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଇକୋନୋମିକ କରିଡର ୬ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏଥିସହିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଆବଶ୍ୟକ ଥିବା ସମସ୍ତ ଖାଲି ପଡ଼ିଥିବା ସ୍ୱାସ୍ଥ୍ୟ ସେବା ପଦବୀ ପୂରଣ ହେବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ ସ୍ୱାସ୍ଥ୍ୟସେବା ପାଇଁ କୋରାପୁଟବାସୀଙ୍କୁ ଯେପରି ଆଉ ଦୂର ଦୁରାନ୍ତ ସହରକୁ ଯାଇ ହଇରାଣ ହରକତ ହେବାକୁ ନପଡେ ସେଥିପାଇଁ ଆମ ସରକାର ସମସ୍ତ ବ୍ୟବସ୍ଥା କରୁଛନ୍ତି । ଏହି ମେଡିକାଲ କଲେଜ ହସ୍ପିଟାଲ ଦ୍ୱାରା କୋରାପୁଟ ସମେତ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଆଦି ଜିଲ୍ଲା ଏବଂ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ଲୋକମାନେ ମଧ ଉପକୃତ ହେବେ। ଏହି ନୂଆ ହସ୍‌ପିଟାଲରେ ସବୁପ୍ରକାରର ଅତ୍ୟାଧୁନିକ ଚିକିତ୍ସା ସୁବିଧା ଉପଲବ୍ଧ ହେବ । ସେ କହିଥିଲେ ଯେ ବିକାଶ ସହିତ ଦୁର୍ନୀତିମୁକ୍ତ ଶାସନ ଦେବା ଆମର କର୍ତ୍ତବ୍ୟ । ଆମ ସରକାର ଆସିବା ପରେ ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୁଣାତ୍ମକମାନ ବୃଦ୍ଧି କରିବା ଉପରେ ପ୍ରାଥମିକତା ଦେଉଛନ୍ତି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବର୍ଷ ବର୍ଷ ଧରି ଖାଲି ପଡିଥିବା ପଦବୀ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯାଉଛି । ରାଜ୍ୟରେ ବର୍ତ୍ତମାନ ୧୨ ଟି ସରକାରୀ ମେଡିକାଲ କଲେଜ ଅଛି । ଖୁବ୍‌ଶୀଘ୍ର ଆଉ ୪ଟି ଜିଲ୍ଲା ଢେଙ୍କାନାଳ, ଜଗତସିଂହପୁର, ଭଦ୍ରକ ଓ ନବରଙ୍ଗପୁରରେ ମେଡିକାଲ କଲେଜ ସ୍ଥାପନ ହେବ । ଏହି ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ ରୋଗୀମାନଙ୍କ ପାଇଁ ବହୁବିଧ ଚିକିତ୍ସା ସୁବିଧା କରାଯାଉଛି । ସି.ଟି ସ୍କାନ, ଡାଏଲିସିସ୍, ମାମୋଗ୍ରାଫି ପରି ଅତ୍ୟାଧୁନିକ ରୋଗ ନିରୂପଣ ପରୀକ୍ଷା ନିରୀକ୍ଷାର ବ୍ୟବସ୍ଥା ମଧ କରାଯାଉଛି । ଗୁରୁତର ● ପୃଷ୍ଠା ୫ ଦେଖନ୍ତୁ

## କର୍ଣ୍ଣାଟକରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କଲେ ମୋଦୀ

# ବେଙ୍ଗାଲୁରୁ ନୂତନ ଭାରତ ଉଦୟର ପ୍ରତୀକ



- ଭେଟିଦେଲେ ୩ ନୂଆ ବନ୍ଦେ ଭାରତ ଏକ୍ସପ୍ରେସ
- ନମ୍ମା ମେଟ୍ରୋର ୟେଲୋ ଲାଇନ ଉଦ୍‌ଘାଟିତ
- ସାରା ବିଶ୍ୱ ଏବେ ଦେଖୁଛି ଭାରତର ନୂଆ ମୁହଁ
- ପ୍ରଯୁକ୍ତି ବିଦ୍ୟା, ପ୍ରତିରକ୍ଷାରେ ମେକ୍ ଇନ୍ ଇଣ୍ଡିଆର ଗୁରୁତ୍ୱପୂର୍ଣ୍ଣ ଭୂମିକା

ବେଙ୍ଗାଲୁରୁ,୧୦।୮: ବେଙ୍ଗାଲୁରୁ ହେଉଛି ନୂତନ ଭାରତ ଉଦୟର ପ୍ରତୀକ। ସାରା ବିଶ୍ୱ ଏବେ ଭାରତର ନୂଆ ମୁହଁ ଦେଖୁଛି। ଦେଶର ଅର୍ଥନୀତି ପ୍ରଗତି ପଥରେ ମାଡ଼ିମାଡ଼ି ଚାଲିଛି। ରବିବାର କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁରେ ପରିବହନ ସହ ଜଡ଼ିତ ଅନେକ ପ୍ରକଳ୍ପର ଶୁଭାରମ୍ଭ କରିବା ସହ ଆୟୋଜିତ ଏକ ସାଧାରଣ ସଭାରେ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେ କହିଛନ୍ତି, ଭାରତର ସିଲିକନ ଭ୍ୟାଲି କୁହାଯାଉଥିବା ବେଙ୍ଗାଲୁରୁକୁ ରବିବାର ୩ଟି ନୂଆ ବନ୍ଦେ ଭାରତ ଟ୍ରେନ୍ ଭେଟି ଦିଆଯାଇଛି। ଏଥିସହ ବେଙ୍ଗାଲୁରୁର ନମ୍ମା ମେଟ୍ରୋର ୟେଲୋ ଲାଇନର ମଧ୍ୟ ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ସେ ଅପରେସନ ସିନ୍ଦୂରର ସଫଳତା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଆମର ପ୍ରଯୁକ୍ତିବିଦ୍ୟା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ମେକ୍ ଇନ୍ ଇଣ୍ଡିଆର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବେଙ୍ଗାଲୁରୁ ଓ କର୍ଣ୍ଣାଟକର ଯୁବକମାନେ ଏଥିରେ ବହୁତ ଅବଦାନ ରଖିଛନ୍ତି। ସେ ଆହୁରି କହିଥିଲେ, ଅପରେସନ ସିନ୍ଦୂରରେ ସାରା ବିଶ୍ୱ ଭାରତୀୟ ସେନାର ସଫଳତା ଦେଖିଛି। ସୀମାପାର କରି ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିବାର କ୍ଷମତା ସମସ୍ତେ ଦେଖିଛନ୍ତି। ଆତଙ୍କବାଦକୁ ସୁରକ୍ଷା ଦେବାପାଇଁ ଆସିଥିବା ପାକିସ୍ତାନ ଅପରେସନ ସିନ୍ଦୂରର କିଛିଘଣ୍ଟା ମଧ୍ୟରେ ଆଣ୍ଠେଇ ପଡ଼ିଥିଲା। ଏହି ଅବସରରେ ସେ ଭାରତର ଅର୍ଥନୀତିକୁ ନେଇ କହିଥିଲେ ଯେ ଆଜି ଭାରତ ବିଶ୍ୱର ସବୁଠାରୁ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଅର୍ଥନୀତି। ଗତ ୧୧ବର୍ଷ ମଧ୍ୟରେ ଏକ ବଡ଼ ପରିବର୍ତ୍ତନ ହେବା ନେଇ ସମ୍ଭାବନା ଦେଖାଦେଇଛି। ୧୧ବର୍ଷ ତଳେ ଆମର ଅର୍ଥନୀତି ସାରା ବିଶ୍ୱର ୧୦ମ ସ୍ଥାନରେ ରହିଥିଲା। କିନ୍ତୁ ଏବେ ଆମେ ପଞ୍ଚମ ସ୍ଥାନରେ ପହଞ୍ଚିଛୁ ଏବଂ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବା ଦିଗରେ ଦ୍ରୁତଗତିରେ ଆଗକୁ ବଢି ଚାଲିଛୁ। ଭାରତୀୟ ଅର୍ଥନୀତିର ଶକ୍ତି ବିଷୟରେ ଉଲ୍ଲେଖକରି ସେ କହିଥିଲେ, ଆମେ ସଂସ୍କାର, ପ୍ରଦର୍ଶନ ଏବଂ ରୂପାନ୍ତରର ଭାବନାରୁ ଅର୍ଥନୀତିରେ ଏହି ଗତି ପାଇପାରିଛୁ। ୨୦୧୪ରେ ମେଟ୍ରୋ କେବଳ ୫ଟି ସହରରେ ସୀମିତ ରହିଥିଲା। କିନ୍ତୁ ବର୍ତ୍ତମାନ ୨୪ଟି ସହରରେ ୧ହଜାର କିଲୋମିଟରରୁ ଅଧିକ ମେଟ୍ରୋ ରେଳ ନେଟ୍‌ୱାର୍କ ରହିଛି।

## ■ କେହି ରୋକି ପାରିବେନି ■

# ଭାରତ ହେବ ବିଶ୍ୱର ବଡ଼ ଶକ୍ତି: ରାଜନାଥ



ଭୋପାଳ,୧୦।୮: ଭାରତ ବିଶ୍ୱର ହେବ ବଡ଼ ଶକ୍ତି। ଏହାକୁ କେହି ବି ରୋକିପାରିବେ ନାହିଁ । ଏଥିସହ ଭାରତ ଆତଙ୍କବାଦୀଙ୍କ ବିରୁଦ୍ଧରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନେଉଛି। ଆମେ କାହାକୁ ତାଙ୍କ ଧର୍ମ ପଚାରି ହତ୍ୟା କରିବୁ ନାହିଁ । ରବିବାର ମଧ୍ୟପ୍ରଦେଶ ଗସ୍ତରେ ଯାଇ ରାଇସେନଠାରେ ଆୟୋଜିତ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବା ସମୟରେ ଏହା କହିଛନ୍ତି କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ। ସେ କହିଛନ୍ତି, ଆତଙ୍କବାଦୀମାନେ ପହଲଗାମରେ ପର୍ଯ୍ୟଟକଙ୍କୁ ସେମାନଙ୍କ ଧର୍ମ ପଚାରି ହତ୍ୟା କରିଥିଲେ। ଆମେ କିନ୍ତୁ ଆତଙ୍କବାଦୀଙ୍କ କର୍ମ ଦେଖି ସେମାନଙ୍କୁ ହତ୍ୟା କରିବୁ ଏବଂ ହତ୍ୟା ମଧ୍ୟ କରିସାରିଛୁ। ଯେତେବେଳେ ସୀତା ମାତା ଲଙ୍କାରେ ଥିଲେ ରାବଣ ତାଙ୍କୁ ଅପହରଣ କରିଥିଲା। ଯେତେବେଳେ ହନୁମାନ ସେଠାରେ ପହଞ୍ଚିଲେ ସେ ସେଠାରେ ଉତ୍ପାତ କରିଥିଲେ ଏବଂ ଯେତେବେଳେ ସୀତାଙ୍କ ନିକଟରେ ପହଞ୍ଚିଲେ ବହୁ ବିନମ୍ର ଭାବରେ କହିଲେ, ତୁମେ ଲଙ୍କାରେ ଏତେ ଉତ୍ପାତ କାହିଁକି କଲ ? ତୁମେ ଏତେ ଲୋକଙ୍କୁ କାହିଁକି ମାରିଦେଲ ? ହନୁମାନ ବିନମ୍ରତାର ସହ କହିଥିଲେ, ଯେଉଁମାନେ ଆମ ଲୋକଙ୍କୁ ହତ୍ୟା କରିଥିଲେ ଆମେ ସେହିମାନଙ୍କୁ ହତ୍ୟା କରିଛୁ। ଶ୍ରୀ ସିଂହ ଆହୁରି କହିଥିଲେ ଯେ କିଛି ଲୋକ ଭାରତର ଦ୍ରୁତ ବିକାଶରେ ଖୁସି ନୁହନ୍ତି। ସେମାନଙ୍କୁ ଏହା ପସନ୍ଦ ନୁହେଁ। ଭାରତ ଏତେ ଦ୍ରୁତଗତିରେ କିପରି ପ୍ରଗତି କରୁଛି। ଯାହାକୁ ଅନ୍ୟ ରାଷ୍ଟ୍ରର ନେତା ସହିପାରୁ ନାହାନ୍ତି। ଭାରତରେ ପ୍ରକୃତ ଉତ୍ପାଦଗୁଡ଼ିକୁ ମହଙ୍ଗା କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଭାରତ ଏତେ ଦ୍ରୁତଗତିରେ ପ୍ରଗତି କରୁଛି ଯେ ଏବେ ବିଶ୍ୱର କୌଣସି ଶକ୍ତି ଏହାକୁ ଏକ ବଡ଼ ଶକ୍ତିରୁ ରୋକିପାରିବ ନାହିଁ । ସେ ଆହୁରି କହିଥିଲେ, ପ୍ରତିରକ୍ଷା କ୍ଷେତ୍ରରେ ଭାରତର ବଢୁଥିବା ଶକ୍ତି ବିଷୟରେ ଅନ୍ୟ କେଉଁ ରାଷ୍ଟ୍ରର ଚିନ୍ତା କରିବା ଆବଶ୍ୟକତା ନାହିଁ । ଆମେ ୨୪ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ଉତ୍ପାଦ ରପ୍ତାନୀ କରୁଛି, ଯାହା ଭାରତର ଶକ୍ତି, ନୂତନ ଭାରତର ନୂତନ ପ୍ରତିରକ୍ଷା କ୍ଷେତ୍ର ଏବଂ ରପ୍ତାନୀ ନିରନ୍ତର ବୃଦ୍ଧି ପାଉଛି । ଏହି ଅବସରରେ ସେ ମଧ୍ୟପ୍ରଦେଶର ବିକାଶକୁ ବେଶ୍ ପ୍ରଶଂସା କରିଥିଲେ।

## କାଠିଆପଡ଼ା ଛାତ୍ରୀପୋଡ଼ି ଘଟଣାର ନୂଆମୋଡ଼

# ପୁରୁଷ ବନ୍ଧୁ ପ୍ରମୋଦ ଗିରଫ




**ପ୍ରାଥମିକ ପ୍ରମାଣ ଆଧାରରେ ଗିରଫ: ଏସ୍‌ପି**

**ଅଭିଯୁକ୍ତର ମୋବାଇଲରେ ୬୦ରୁ ଅଧିକ ଅଶ୍ଳୀଳ ଭିଡିଓ**

**ଭାଇରାଲ ପାଇଁ ୪ରୁ ୫ ଯୁବକଙ୍କୁ ପ୍ରେରଣ**

**ଅଭିଯୁକ୍ତ ବାପାଙ୍କ ଏତଲା ଉପରେ ହେବ ତଦନ୍ତ**

ପଟ୍ଟାମୁଣ୍ଡାଇ/କେନ୍ଦ୍ରାପଡ଼ା,୧୦।୮: ବହୁ ଚର୍ଚ୍ଚିତ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ କାଠିଆପଡ଼ା ଛାତ୍ରୀପୋଡ଼ି ଘଟଣା ନୂଆମୋଡ଼ ନେଇଛି। ଏହି ଘଟଣାରେ ମୃତା ଛାତ୍ରୀଙ୍କ ପୁରୁଷବନ୍ଧୁ କୁହାଯାଉଥିବା ପ୍ରମୋଦ ବେହେରାଙ୍କୁ ରବିବାର ପୋଲିସ ଗିରଫ କରିଛି। ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟରିଆ। ସେ କହିଛନ୍ତି, ଅଭିଯୁକ୍ତ ପ୍ରମୋଦଙ୍କ ବିରୋଧରେ ବହୁ ପ୍ରମାଣ ମିଳିଛି। ତାଙ୍କ ମୋବାଇଲରେ ୬୦ରୁ ଅଧିକ ଅଶ୍ଳୀଳ ଭିଡିଓ ରହିଛି, ଯାହାକି ସଂପୃକ୍ତ ଛାତ୍ରୀଙ୍କର ବୋଲି କୁହାଯାଉଛି। ଗତ ଜୁଲାଇ ୧୭ ତାରିଖରେ ଏହି ଅଶ୍ଳୀଳ ଭିଡିଓଗୁଡ଼ିକୁ ଅଭିଯୁକ୍ତ ମୃତ ଛାତ୍ରୀଙ୍କ ବାପାଙ୍କ ନିକଟକୁ ପଠାଇଥିଲେ। କେବଳ ଏତିକି ନୁହେଁ, ଏହି ଅଶ୍ଳୀଳ ଭିଡିଓକୁ ଭାଇରାଲ କରିବା ପାଇଁ ସେ ୪ରୁ ୫ ଅନ୍ୟ ଯୁବକଙ୍କ ନିକଟକୁ ପଠାଇଥିବା ପ୍ରମାଣ ମିଳିଛି। ଘଟଣାଦିନ ମଧ୍ୟ ଅଭିଯୁକ୍ତ ଛାତ୍ରୀଙ୍କ ସହ କଥା ହୋଇଛନ୍ତି। ତାଙ୍କ ନାମରେ ଆତ୍ମହତ୍ୟା ପାଇଁ ଉସୁକାଇବା ଦଫା ଲାଗିବା ସହ ଅନ୍ୟ ବହୁ ସଙ୍ଗୀନ ଦଫା ଲଗାଯାଇଛି। ଏସ୍‌ପି କହିଛନ୍ତି ଯେ ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ବାପା ଦେଇଥିବା ଏତଲା ଉପରେ ମଧ୍ୟ ତଦନ୍ତ କରାଯିବ। ଅଭିଯୁକ୍ତଙ୍କ ବାପା ● ପୃଷ୍ଠା ୫ ଦେଖନ୍ତୁ



ଆଳି (ଭାସ୍କର ନ୍ୟୁଜ): ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ସହାୟତା ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନଙ୍କ ଆର୍ଥିକ ଉନ୍ନତି ସହିତ ବିକାଶ ପ୍ରକ୍ରିୟାରେ ସେମାନଙ୍କ ଭାଗିଦାରୀ ବୃଦ୍ଧି ଉପରେ ବର୍ତ୍ତମାନ ସରକାର ଗୁରୁତ୍ୱ ଦେଉଛି । ଏହା ସହିତ ଅର୍ଥ ଅଭାବରୁ ଯେଉଁ ମା' ମାନେ ନିଜ ସ୍ୱପ୍ନକୁ ଛାଡିବାକୁ ବାଧ ହେଉଛନ୍ତି,ସେମାନଙ୍କ ପାଇଁ ଆଶାର କିରଣ ସାଜିଛି ସୁଭଦ୍ରା । ସେହି ସମସ୍ତ ମହିଳାଙ୍କୁ ସଶକ୍ତ କରି ଆତ୍ମନିର୍ଭର କରିବା ଆମ ସରକାରର ଲକ୍ଷ୍ୟ । କୋରାପୁଟ ଜିଲ୍ଲାର ଜୟପୁର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସୁଭଦ୍ରାର ତୃତୀୟ କିସ୍ତିରେ ୧ କୋଟି ହିତାଧିକାରୀଙ୍କ ବ୍ୟାଙ୍କଖାତାକୁ ୫ ହଜାର ଟଙ୍କା ପ୍ରଦାନ କରିଛନ୍ତି । ଏହି ଅବସରରେ ଜିଲ୍ଲା ସଂସ୍କୃତି ଭବନଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଡିପିସି ମିଶନଶକ୍ତି ଆରତୀ ସାହୁ ସମେତ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ମମତା ଏବଂ ପିଏମଏମଓ୍ୱିଭି ର ସଂଯୋଜକ ମନୋରଞ୍ଜନ ଦାସ ସହାୟତା କରିଥିଲେ । କାର୍ଯ୍ୟକ୍ରମ ଅବସରରେ ମହିଳା ମା' ମାନେ ଜିଲ୍ଲାପାଳ ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କୁ ରାକ୍ଷୀ ବାନ୍ଧିଥିଲେ । ପରେ ସୁଭଦ୍ରା କାର୍ଯ୍ୟକ୍ରମ ପାଇଁ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ ।



# ଅସୁରକ୍ଷିତ ଅବସ୍ଥାରେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ପ୍ରତିମୂର୍ତ୍ତି




ସତ୍ୟବାଦୀ (ଭାସ୍କର ନ୍ୟୁଜ): ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ପଣ୍ଡିତ କୃପାସିନ୍ଧୁ ମିଶ୍ର । ଯିଏ ପୁରୀ ଜିଲ୍ଲାର ବୀର ହରେକୃଷ୍ଣ ପୁର ଗ୍ରାମରେ ୨୭-୦୬-୧୮୮୭ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ସେ ଥିଲେ ବନବିଦ୍ୟାଳୟର ଜଣେ ଶିକ୍ଷକ ତଥା ପଞ୍ଚସଖାଙ୍କ ମଧ୍ୟରୁ ଜଣେ। ତାଙ୍କ ହୃଦୟ ଜନତାଙ୍କ ପାଇଁ ସବୁବେଳେ ସ୍ପନ୍ଦନ ହେଉଥିଲା । ସେହି ମହାନ ମନୀଷିଙ୍କ ପ୍ରତିମୂର୍ତ୍ତି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ମୂର୍ତ୍ତିର କିଛି ଅଂଶ ଭାଙ୍ଗିବାକୁ ବସିଥିବାବେଳେ ଚାରିପାଖରେ ମାଡିଗଲାଣି ଅନାବନା ଗଛ ଓ ପାଲଟିଛି ସାପ ଓ ସରୀସୃପ ଙ୍କ ବାସସ୍ଥଳୀ। ଏଠାରେ କହିରଖୁଛୁ ବିରପ୍ରତାପପୁର ଗାଁ ମୁଣ୍ଡରେ ଏହି ପ୍ରତିମୂର୍ତ୍ତି କାହିଁ କେଉଁ କାଳରୁ ବସିଥିବାବେଳେ ଏହାର ଯତ୍ନ ନେବାକୁ ସତେ ଯେମିତି ଭୁଲି ଯାଇଛନ୍ତି ପ୍ରଶାସନ ଓ ଗ୍ରାମବାସୀ । ଆପଣଙ୍କୁ କାହିରଖୁଚୁ ଗାଁ ମଝିରେ ଏବେ କିଛିବର୍ଷ ହେବ ସରକାରୀ ଅର୍ଥରେ ଗଢାଯାଇଛି ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି , ଯାହା କି ବେଶ୍ ଭଲରେ ରହିଥିବା ଦେଖିବାକୁ ମିଳେ । କିନ୍ତୁ ଗାଁ ମୁଣ୍ଡରେ ଥିବା ପୁରାତନ ମୂର୍ତ୍ତିକୁ ଏତେ ଅବହେଳା କିଛି ଅନ୍ୟ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ଜଣାପଡୁଛି। ଗ୍ରାମବାସୀଙ୍କ ସ୍ୱାର୍ଥ ପୂର୍ତ୍ତି ପାଇଁ ଓ ସରକାରୀ ଅର୍ଥ ଲାଳସାରେ ଗ୍ରାମ ମଝିରେ ପଞ୍ଚସଖାଙ୍କ ମୂର୍ତ୍ତି ବସାଇ ଗ୍ରାମକୁ ଐତିହାସିକ ମାନ୍ୟତା ଦାବିରେ ଅଡି ବସିଛନ୍ତି ଗ୍ରାମବାସୀ । କିନ୍ତୁ ଗାଁ ପରିମଳ ଧୋବା ତୁଠରୁ କଥା ଭଳି ଗାଁ ଭିତରେ ପ୍ରବେଶ କଲାବେଳେ ନଜର ଆସେ ପଣ୍ଡିତଙ୍କ ପ୍ରତି ଅବହେଳାର କରୁଣ ଦୃଶ୍ୟ। ସତରେ କଣ ବିରପ୍ରତାପ ପୁର ଗ୍ରାମବାସୀ ଏହାକୁ ଦେଖିପାରୁନାହାନ୍ତି ନା ସରକାରୀ ମାନ୍ୟତା ପାଇବା ଆଶାରେ ଅନ୍ଧ ହୋଇଯାଇଛନ୍ତି। ତାହା ଏବେ ଚର୍ଚ୍ଚା ର ବିଷୟ ପାଲଟିଛି । ପୂର୍ବରୁ ମଧ ଗ୍ରାମରେ ରେଳ ଫାଟକ ପଡ଼ିବା ଘଟଣାରେ ଗ୍ରାମ ଦୁଇଭାଗ ରେ ବିଭକ୍ତ ହୋଇଗଲା କିନ୍ତୁ ଏକାଠି ହୋଇ ପାରିନଥିଲେ ଗ୍ରାମବାସୀ। ଏହାର ଫାଇଦା ଉଠାଇବାକୁ ରାଜନୀତି କରିଥିଲେ ଗ୍ରାମର ପୂର୍ବତନ ସରପଞ୍ଚ କୁଜି ନେତା । ପଣ୍ଡିତଙ୍କ ପ୍ରତିମୂର୍ତ୍ତି ଗାଁ ମୁଣ୍ଡରେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାବେଳେ ଗାଁ କୁ ଐତିହାସିକ ମାନ୍ୟତା ଦାବିରେ ସରକାରୀ କୋଠା ବୁଲିବା କେତେଦୂର ଯୁକ୍ତିଯୁକ୍ତ । ଯଥାଶୀଘ୍ର ଏହି ପ୍ରତିମୂର୍ତ୍ତିକୁ ପୁନରୁଦ୍ଧାର କରାଯିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି । ତେବେ ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ କି ପଦକ୍ଷେପ ନେଉଛନ୍ତି ବିଭାଗୀୟ ଅଧିକାରୀ ଓ କି ପଦକ୍ଷେପ ନେଉଛନ୍ତି ଐତିହାସିକ ଗ୍ରାମ ମାନ୍ୟତା ଦାବି କରୁଥିବା ଗ୍ରାମବାସୀ ।

## ୧୨ରେ କୃମିନାଶକ ବଟିକା ଖାଇବେ ଛାତ୍ରଛାତ୍ରୀ

ଡେଲାଙ୍ଗ(ଭାସ୍କର ନ୍ୟୁଜ): ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶାନୁସାରେ ଅଗଷ୍ଟ ୧୨ ତାରିଖ ଜାତୀୟ କୃମିନାଶକ ଦିବସରେ ୧ ବର୍ଷରୁ ୧୯ ବର୍ଷ ମଧ୍ୟରେ ଶିଶୁ ବାଟିକା ପିଲାମାନଙ୍କ ସହ ସମସ୍ତଙ୍କୁ କୃମି ନାଶ ପାଇଁ କୃମିନାଶକ ବଟିକା ସେବନ କରିବାକୁ ଦିଆଯିବାକୁ ଥିବା ପରିପ୍ରେକ୍ଷୀରେ ଏକ ସଚେତନତା କର୍ମଶାଳା ଓ ଆଲୋଚନାଚକ୍ର ଡ଼େଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଡ଼େଲାଙ୍ଗ ବାଳିକା ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଡ଼େଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସ୍ନେହାଞ୍ଜଳି ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ,ସ୍ୱାସ୍ଥ୍ୟ ଓ ବ୍ଲକ୍ ଶିକ୍ଷା ବିଭାଗର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ଶିକ୍ଷା ବିଭାଗର ଡେଲାଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା ସଭାପତିତ୍ୱ କରି ଉପଯୁକ୍ତ ବିଧିରେ ଛାତ୍ର ଛାତ୍ରୀମାନଙ୍କୁ କୃମିନାଶକ ବଟିକା ଦେବାକୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

# ବାଲିଗ୍ରାମରେ ଝୁଲଣ ପର୍ବ ପାଳିତ



ଡେଲାଙ୍ଗ (ଭାସ୍କର ନ୍ୟୁଜ): ଭକ୍ତ ଶିରୋମଣୀ ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ବାଲିଗ୍ରାମଠାରେ ଚଳିତ ଶ୍ରାବଣ ମାସ କୃଷ୍ଣପକ୍ଷ ଦଶମୀରୁ ପ୍ରତିପଦ ତିଥି ତା ୦୪.୦୮.୨୦୨୫ ରିଖ ଠାରୁ ତା ୧୦.୦୮.୨୦୨୫ ରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପି ପୁରୀ ଶ୍ରୀମନ୍ଦିରର ନିତିକାର୍ଯ୍ୟ ଅନୁଯାୟୀ ଝୁଲଣ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରତ୍ୟେହ ଶ୍ରୀ ଜଗନ୍ନାଥ ମନ୍ଦିରରେ ସନ୍ଧ୍ୟା ଆଳତୀ ପରେ ଏକ ସୁସଜ୍ଜିତ ଝୁଲଣ ବିମାନରେ ମଦନ ମୋହନ , ଭୂଦେବୀ, ଶ୍ରୀଦେବୀ ଗୁରୁଣ୍ଡି ଗୋପାଳଙ୍କୁ ବିଜେ କରାଯାଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ, ନାମ ସଂକୀର୍ତ୍ତନ, ଓଡ଼ିଶୀନୃତ୍ୟ, ଲୋକ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା । ଏହି ଅବସରରେ ଭକ୍ତ ଦାସିଆ ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ପଦ୍ମଶ୍ରୀ ଡ଼ାକ୍ତର ଅଶୋକ କୁମାର ମହାପାତ୍ର ତା ୦୯.୦୮.୨୫ ରିଖରେ ଏହି ଝୁଲଣ ପର୍ବରେ ଯୋଗଦେଇ ଦ୍ୱାପର ଯୁଗରୁ ରାଧା କୃଷ୍ଣଙ୍କ ଲୀଳାରେ ଝୁଲଣର ପର୍ବରେ ପ୍ରାସଙ୍ଗିକତାକୁ ବ୍ୟାଖ୍ୟା କରିଥିଲେ । ବରିଷ୍ଠ ସଦସ୍ୟ ଇଂ. ଶ୍ରୀଧର ମାହଲ, ଡ଼ଃ ବାସନ୍ତୀ ଦାସ, ସୁବାସ ସାମଲ, ଶିକ୍ଷାବିତ୍ ବୃନ୍ଦାବନ ମହାପାତ୍ର , ଚିତରଂଜନ ସେନାପତି, ଗୋପାଳ ବଳ, ଚରଣ ପରିଡ଼ା, ରମେଶ ଚନ୍ଦ୍ର ପ୍ରଧାନ, ଅଭୟ ଚରଣ ସାହୁ ଆଦିଗ୍ରାମବାସୀଙ୍କ ସକ୍ରିୟ ସହଯୋଗକୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରତ୍ୟେହ ଅନୁଷ୍ଠାନର ସାଂସ୍କୃତିକ ସଂପାଦକ ସରୋଜ କୁମାର ସାହୁ , ସାଧାରଣ ସଂପାଦକ ଡ଼ଃ ଘନଶ୍ୟାମ ସ୍ୱାଇଁ କାର୍ଯ୍ୟକ୍ରମର ସୁପରିଚାଳନା ଦାୟିତ୍ୱ ବହନ କରିଥିଲେ । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ ସଂଗୀତଜ୍ଞ ଭାରତୀ ଭୂଷଣ ପଟ୍ଟନାୟକ, ଗୀତିକାର ଅଜୟ ଦାସ, ଆର୍ନ୍ତଜାତିକ ବଂଶୀବାଦକ ପର୍ଶୁରାମ ଦାଶ, ତବଲା ବାଦକ ହେମନ୍ତ ସ୍ୱାଇଁ ବିଶିଷ୍ଟ କଣ୍ଠଶିଳ୍ପୀ ସୋନାଲିସା ପଲାଇ, ମୋନାଲିସା ରାଉତ, ବର୍ଷାରାଣୀ ବଳ, କୃଷ୍ଣଚନ୍ଦ୍ର ରାଉତ, କବିନ୍ଦ୍ର ବେହେରା, ନିରଞ୍ଜନ ସାହୁ, ଫଂଚୁ ଜେନା, ଗୋବିନ୍ଦ ପ୍ରଧାନ, ସଦାଶିବ ସ୍ୱାଇଁ, ପ୍ରଫୁଲ୍ଲ ବିଶ୍ୱାଳ, ଗିରିଧାରୀ ପଲାଇ,ସାଗର ବଳ, ମହେନ୍ଦ୍ର କୁମାର ଖଟୁଆ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଏନ୍‌ଟିପିସିରେ ଦୁଇଦିନିଆ ବିପର୍ଯ୍ୟୟ ପରିଚାଳନା କର୍ମଶାଳା

କଣିହାଁ (ଭାସ୍କର ନ୍ୟୁଜ୍): ଏନଟିପିସି କଣିହାଁରେ କଟକସ୍ଥିତ ମଣ୍ଡଳୀ ଠାରେ ଥିବା ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନଡିଆରଏଫ) ତୃତୀୟ ବାଟାଲିୟନ ସହିତ ମିଳିତ ଭାବରେ ଅଗଷ୍ଟ ୬ ଓ ୭ ଦୁଇ ଦିନ ଧରି ଏକ ଦୁଇଦିନିଆ ବିପର୍ଯ୍ୟୟ ପରିଚାଳନା ଯୋଜନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏନ୍‌ଟିପିସି କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ଏନ ରେଡ୍ଡୀ ଯୋଗଦେଇ ଶୁଭାରମ୍ଭ କରିବା ସହ ଉଦ୍ୟାନ ସୁରକ୍ଷା ଏବଂ ସମ୍ପ୍ରଦାୟ ସ୍ଥିରତା ପାଇଁ ବିପର୍ଯ୍ୟୟ ପ୍ରସ୍ତୁତିର ଗୁରୁତ୍ୱ ଉପର ଆଲୋକପାତ କରିଥିଲେ ।ଏହି କର୍ମଶାଳାରେ, ବିଭିନ୍ନସ୍ତରର ଏନଟିପିସି କାର୍ଯ୍ୟନିର୍ବାହୀ ଏବଂ ସିଆଇଏସଏଫ ଓ୍ୱିଙ୍ଗ ଏବଂ ସୁରକ୍ଷାର କର୍ମଚାରୀଙ୍କ ସମେତ ପ୍ରାୟ ୯୫ ଜଣ ଅଂଶଗ୍ରହଣକାରୀ ଅଂଶଗ୍ରହଣ କରିଥିଲେ। ଏନ୍‌ଡିଆରଏଫ ପ୍ରାକୃତିକ ଏବଂ ମାନବ ନିର୍ମିତ ବିପର୍ଯ୍ୟୟ ଉଭୟକୁ ନେଇ ପାରସ୍ପରିକ ଆଲୋଚନା ଅଧିବେଶନ ପରିଚାଳନା ହୋଇଥଲା। ମୁଖ୍ୟତଃ କେନ୍ଦ୍ରିୟ କ୍ଷେତ୍ରଗୁଡ଼ିକ ମଧ୍ୟରେ ଘୂର୍ଣ୍ଣିବାତ୍ୟା ଏବଂ ବନ୍ୟା ପ୍ରସ୍ତୁତି, ବଜ୍ରପାତ ନିରାପତ୍ତା, ବୟସ୍କ ଏବଂ ଶିଶୁଙ୍କ ପାଇଁ ପ୍ରାଥମିକ ଚିକିତ୍ସା ଏବଂ ସିପିଆର, କୋଠା ଭୁଶୁଡ଼ିବା ଏବଂ ଭୂମିକମ୍ପ ସମୟରେ ସ୍ଥାନାନ୍ତର କୌଶଳ ଏବଂ ସାପ ଏବଂ କୁକୁର କାମୁଡ଼ା ପରିଚାଳନା ଅନ୍ତର୍ଭୁକ୍ତ ଥିଲା। ଅଂଶଗ୍ରହଣକାରୀମାନେ ଜରୁରୀକାଳୀନ ପରିସ୍ଥିତିରେ କିପରି ଉନ୍ନତ ଜୀବନ ରକ୍ଷାକାରୀ ଉପକରଣ ବ୍ୟବହାର କରିବେ ତାହା ମଧ ଶିଖିଥିଲେ। ତାଲିମରେ ବାସ୍ତବ ଜୀବନର ବିପର୍ଯ୍ୟୟ ପରିସ୍ଥିତିର ସିମୁଲେସନ କରି ଲାଇଭ୍ ପ୍ରଦର୍ଶନ କରାଯାଇଥିଲା, ଯାହା ଅଂଶଗ୍ରହଣ କାରୀମାନଙ୍କୁ ସେମାନଙ୍କର ପ୍ରସ୍ତୁତି ଏବଂ ପ୍ରତିକ୍ରିୟା କ୍ଷମତାକୁ ବୃଦ୍ଧି କରିବା ପାଇଁ ବ୍ୟବହାରିକ ଅଭିଜ୍ଞତା ପ୍ରଦାନ କରିଥିଲା। ଏକ ପ୍ରମୁଖ ଆକର୍ଷଣ ଥିଲା ଏକ ଷ୍ଟୋରେଜ୍ ଟ୍ୟାଙ୍କରୁ ହାଇଡ୍ରୋକ୍ଲୋରିକ୍ ଏସିଡ୍ ଲିକେଜ୍ ଉପରେ ମକ୍‌ଡ୍ରିଲ୍। ଏନଟିପିସି, ଏନଡିଆରଏଫ ଏବଂ ସିଆଇଏସଏଫ ଦ୍ୱାରା ମିଳିତ ଭାବରେ ସମ୍ପାଦିତ ଏହି ଡ୍ରିଲ୍, ସମନ୍ୱିତ ଜରୁରୀକାଳୀନ ପ୍ରତିକ୍ରିୟାକୁ ପ୍ରଦର୍ଶନ କରିଥିଲା, ଯେଉଁଥିରେ ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ସେବାର ସମୟସୀମା ପହଞ୍ଚିବା ଏବଂ ତୁରନ୍ତ ଉଦ୍ଧାର କାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା, ଯାହା ସମସ୍ତ ଅଂଶୀଦାରଙ୍କଠାରୁ ପ୍ରଶଂସା ଅର୍ଜନ କରିଥିଲ।

## ବାଉଁଶ ଚାରାରେ ଲାଖିଥିବା ଷଣ୍ଢ ଉଦ୍ଧାର

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ଟିଖିଲିଆ ଗେଙ୍ଗୁଟି ବାଉଁଶ ଚାରାରେ ଗୋଡ ଗଳିପଡି ଲାଖି ରହିଥିବା ଷଣ୍ଢକୁ ଦମକଳକେନ୍ଦ୍ର କର୍ମଚାରୀମାନେ ଶନିବାର ଉଦ୍ଧାର କରିଥିବା ଜଣାଯାଇଛି। ବୈତରଣୀ ଶାଖା ନଦୀ ଗେଙ୍ଗୁଟି ବନ୍ୟା ସ୍ରୋତରେ ଭାସିଯାଇଥିବା ଷୋଳମପୁର ପଞ୍ଚାୟତ ଟିଖିଲିଆ ସେତୁର ଅର୍ଦ୍ଧେକ ଅଂଶକୁ ଗାଁ ଲୋକେ ବାଉଁଶଚାରା ବାନ୍ଧି ଯାତାୟତ କରୁଥିଲେ। ଗ୍ରାମରୁ ବାହାରକୁ ଯିବା ପାଇଁ ଏହିସେତୁ ଏକମାତ୍ର ଯୋଗାଯୋଗର ସାଧନ ଥିଲା। ଗ୍ରାମବାସୀମାନେ ବାଉଁଶ ଓ ବଲ୍ଲୀ ପୋତି ଚାରା ବାନ୍ଧିଥିଲେ। ଏହା ଉପରେ ପଟା ବିଛାଇ ଯାତାୟତ କରୁଥିଲେ। ଶନିବାର ଗୋଟିଏ ଷଣ୍ଢ ବାଉଁଶ ଚାରା ଉପରେ ଯାଇ ଗୋଡ ଗଳି ମଝିରେ ଅଟକି ଯାଇଥିଲା। ଖବର ପାଇ ଦମକଳକେନ୍ଦ୍ର କର୍ମଚାରୀମାନେ ଅଟକି ଥିବା ଷଣ୍ଢକୁ ଉଦ୍ଧାର କରିଥିବା ଜଣାଯାଇଛି।

# ନିଶାମୁକ୍ତ ପାଇଁ ସଚେତନତା ଶିବିର




ଗୋପ(ଭାସ୍କର ନ୍ୟୁଜ୍): ସମଗ୍ର ଯୁବପିଢ଼ି ଆଜି ନିଶା କବଳରେ ଉଚ୍ଚ ଶିକ୍ଷିତ ଯୁବସମାଜ ଆଜି ପଥଭ୍ରଷ୍ଟ। ନିଶା ସେବନ ଦ୍ୱାରା ଦୈନିକ ଅନେକ ଅଘଟଣ ଘଟୁଛି। କେଉଁଠି ଗାଡି ଦୁର୍ଘଟଣାରେ ଧନ ଜୀବନ ହାନୀ ହେଉଛି ତ କେଉଁଠି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଏମିତି ହତ୍ୟା ବଳାତ୍କାର ଲୁଣ୍ଠନ ଆଦି ଜଘନ୍ୟ କାଣ୍ଡ ଘଟୁଛି । ନିଶାମୁକ୍ତ ସମାଜ ଗଠନ ପାଇଁ ସମ୍ବାଦ ପରିବାରର ଆମ ଓଡିଶା ପକ୍ଷରୁ ଆଜି ପବିତ୍ର ରକ୍ଷାବନ୍ଧନ ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପବିତ୍ର ରକ୍ଷା ବନ୍ଧନ ଅବସରରେ ପୁରୀ ଜିଲ୍ଲାର ଗୋପ ବ୍ଲକ ଅନ୍ତର୍ଗତ ଗୋପ ବ୍ଲକ ଛକ ଠାରେ ଥିବା ଦାଶ କଲ୍ୟାଣୀ ମଣ୍ଡପ ପରିସରରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଆମ ଓଡିଶା ସହାୟତା ରେ ଉତ୍ସର୍ଗ ପରିବାର ଗୋପ, ଓଡ଼ିଶା ଜନକଲ୍ୟାଣ ସଂଗଠନ, ସଂସ୍କାର ଏକାଡେମୀ, ବିଶ୍ୱାସ ଷ୍ଟଡି ଜୋନ, ମା' ନାରାୟଣୀ କୋଚିଙ୍ଗ ସେଣ୍ଟରର ସମସ୍ତ ଛାତ୍ରୀ ଛାତ୍ର ଓ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଆୟୋଜନ ହୋଇଥିଲା। ରକ୍ଷାବନ୍ଧନ ଓ ନିଶା ନିବାରଣ ଏବଂ ନାରୀ ସୁରକ୍ଷା ନିମନ୍ତେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ଗୋପ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ସମାଜସେବୀ ପ୍ରକାଶ ଚନ୍ଦ୍ର ଖଟୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ୍ ଲକ୍ଷ୍ମୀଧର ବେହେରା, ଅଜୟ ନାୟକ, ବରିଷ୍ଠ ସାମ୍ବାଦିକ ସଚ୍ଚିଦାନନ୍ଦ ଗୋଛାୟତ, ଯୁବ ସମାଜସେବୀ ଶାଶ୍ୱତ ରଞ୍ଜନ ପ୍ରଧାନ, ରାମଚଣ୍ଡୀ ଦେବୀପ୍ରସାଦ ନାୟକ, ସମାଜସେବୀ ବିରଞ୍ଜନ ପ୍ରଧାନ, ଟୁଇଟର ବୟ ସନ୍ତୋଷ କୁମାର ନାୟକ ପ୍ରମୁଖ ବ୍ୟକ୍ତି ବିଶେଷ ମାନେ ଯୋଗ ଦେଇଥିଲେ। ଯୁବସମାଜ ନିଶାଠାରୁ ଦୁରେଇ ରହିବାପାଇଁ ନିଶାନିବାରଣ ଉପରେ ଆଲୋକପାତ କରିଥିଲେ । ନାରୀ ସୁରକ୍ଷା ଓ ସମ୍ମାନ ଉପରେ ଗୁରୁତ୍ୱ ଦେବାପାଇଁ ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ ସମାଜ ସେବୀକା ବୈଶାଖୀ ପ୍ରଧାନ ଓ ଦୀପ୍ତିମୟୀ ବିଶ୍ୱାଳ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସ୍ୱେଚ୍ଛାସେବୀ ମୃତ୍ୟୁଞ୍ଜୟ ପଢି, ପ୍ରତ୍ୟୁଷ ବିଶ୍ୱାଳ, ଭୀମସେନ ବାରିକ, ଦୁର୍ଗା ବାରିକ, ଲିଙ୍ଗରାଜ ପାତ୍ର, ଚନ୍ଦନ ଭୋଇ, ଅମୂଲ୍ୟ ପ୍ରଧାନ, ଭାଗିରଥି ପ୍ରଧାନ, ସାଗର ଭୋଇ, ତୃପ୍ତି ରଞ୍ଜନ ପ୍ରଧାନ, ସୁକାନ୍ତ ପ୍ରଧାନ, ଜଗନ ବେହେରା, ବାପୁନି, ଅଜୟ, ଜଗବନ୍ଧୁ, ତପୁନା, ତ୍ରିନାଥ, ଦିପ୍ତିରଞ୍ଜନ, ଉମେଶ, ସନ୍ତୋଷ ଓ ସମସ୍ତ ଛାତ୍ରୀଛାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଉତ୍ସର୍ଗ ପରିବାର ପ୍ରତିଷ୍ଠାତା ସମ୍ବାଦ ପ୍ରକୃତି ବନ୍ଧୁ ବିଷ୍ଣୁ ମୋହନ ପ୍ରଧାନ ଙ୍କ ଦ୍ୱାରା ପଥଚାରୀମାନଙ୍କୁ ବିନା ନିଶାରେ ଓ ସିଟ ବେଲ୍ଟ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ। ଉପସ୍ଥିତ ଥିବା ଛାତ୍ର ଛାତ୍ରୀମାନେ ରାସ୍ତାରେ ଯାତାୟାତ କରୁଥିବା ଗାଡି ଚାଳକଙ୍କୁ ରକ୍ଷାବନ୍ଧନ କରିଥିଲେ ।


# ବିଭିନ୍ନ ସ୍ଥାନରେ ରକ୍ଷା ବନ୍ଧନ ଉତ୍ସବ ପାଳିତ




ସାରସକଣା(ଭାସ୍କର ନ୍ୟୁଜ) ସାରସକଣା ବ୍ଲକ ଅନ୍ତର୍ଗତ ଶିଶୁ ମନ୍ଦିରରେ ଏକ ନିଆରା ଢଙ୍ଗରେ ରକ୍ଷା ବନ୍ଧନ ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ବିପ୍ଳବ କୁମାର ପୃଷ୍ଟି ପିଲାମାନଙ୍କୁ ରକ୍ଷାବନ୍ଧନର ମହତ୍ତ୍ୱ ଓ ପାଳନ କରିବା ଉଦ୍ଦେଶ୍ୟ ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଇଥିଲେ। ଲକ୍ଷ୍ମୀକାନ୍ତ ଗୁରୁଜୀ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ପରିଶେଷରେ ଗଣେଶ୍ୱର ଗୁରୁଜୀ ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇ ଥିଲେ । ସମସ୍ତ ଗୁରୁମା ଓ ଗୁରୁଜୀ ତଥା ଛାତ୍ର, ଛାତ୍ରୀମାନଙ୍କ ଦ୍ୱାରା ଗୋ ପୂଜନ , ପରେ ପରେ ସାରସକଣା ବଜାର ରେ ଡାକ୍ତରଖାନାରେ ଓ ସାଧାରଣ ଲୋକଙ୍କୁ ରାକ୍ଷୀ ବାନ୍ଧିଥିଲେ । ସେଠାରୁ କିଛି ବାଟ ଅତିକ୍ରମ କରି ମନୋହରପୁର ଗ୍ରାମରେ ରାକ୍ଷୀ ବାନ୍ଧିଥିଲେ । ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀମାନେ ନିଆରା ରକ୍ଷାବନ୍ଧନକୁ ପ୍ରଶଂସା କରିଥିଲେ ।





ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା କାରାଗାର ପରିସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଜିଲ୍ଲା ଶିଶୁ ମଙ୍ଗଳ କମିଟି, ଶିଶୁ ସୁରକ୍ଷା ୟୁନିଟ ଏବଂ ଜିଲ୍ଲା କାରାଗାର ସହାୟତାରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । କାରାଗାରରେ ରହୁଥିବା ଅନ୍ତେବାସୀଙ୍କ ପରିବାର ଥାଇ ମଧ ସେମାନଙ୍କଠାରୁ କୌଣସି ଏକ ପରିସ୍ଥିତିରେ ଅଲଗା ହେବାକୁ ପଡୁଥିବା ବେଳେ ଆଜି ପରି ପବିତ୍ର ଦିନରେ କାରାଗାର ଭିତରେ ରହିବାକୁ ପଡୁଛି । ଅନ୍ୟ ପକ୍ଷରେ ନିଜର ପରିଚୟ, ପିତା ମାତାଙ୍କ ପରିଚୟ ଇତ୍ୟାଦି ନ ଥିବା ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନେ ପରିବାର ପରିଭାଷାକୁ ବୁଝି ଭାତୃତ୍ୱ ବୋଧରେ ବିଶ୍ୱାସ ରଖି କାରାଗାର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶୁଭକାମନା ସହିତ ଆଶୀର୍ବାଦ ପ୍ରାପ୍ତ କରିଛନ୍ତି । ଏହି ଅବସରରେ କାରାଗାର ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସୁକାନ୍ତ କୁମାର ରାଉତ ପରିଚାଳନା କରିଥିବା ବେଳେ ମଞ୍ଜୁଳା ନାୟକ ସମସ୍ତଙ୍କୁ ରାକ୍ଷୀ ଏବଂ ମିଷ୍ଟାନ ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ,ଶିଶୁ ମଙ୍ଗଳ କମିଟି ତରଫରୁ ଲଳିତ କୁମାର ଦାସ,ବାଦଲ ଦାସ ସଂଗଠକ ଶ୍ରୀକାନ୍ତ ନାୟକ ଉପସ୍ଥିତ ଥିଲେ ।



ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ୍ ଦେବୀ କନ୍ଦଳଦିପାଞ୍ଚଳ ପତ୍ର କଣାସ୍ଥିତ ଦିଗନ୍ତ ଆବାସିକ ବିଦ୍ୟାଳୟ ପରିସରରେ ସ୍ୱେଚ୍ଛାସେବୀ ସଂଗଠନ ଛାତ୍ର ଯୁବ ବିକାଶ ପରିଷଦ । (ସିଭିପି) ପକ୍ଷରୁ ପ୍ରଭୁ ଶ୍ରୀବଳଭଦ୍ରଙ୍କ ଜନ୍ମ ଉତ୍ସବରେ ପବିତ୍ର ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ଡଃ ପିତାମ୍ବର ସାହୁ, ମୁଖ୍ୟବକ୍ତା ପଣ୍ଡିତ ବାପୁଜୀ ମହାରଣା ଓ ସମ୍ମାନିତ ଅତିଥିଭାବେ ସିଭିପି ମୁଖ୍ୟ ଆଇନଜୀବୀ ସରୋଜ କୁମାର ସ୍ୱାଇଁ ଯୋଗ ଦେଇ ହିନ୍ଦୁ ସଂସ୍କୃତି ଓ ପରମ୍ପରା ସୁରକ୍ଷା ପାଇଁ ସମାଜରକ୍ଷା ସୂତ୍ର ବାନ୍ଧୁଥିବା ପ୍ରକାଶ କରିଥିଲେ ।ପରିଷଦର ସଂଯୋଜକ ସଂଗ୍ରାମ କୁମାର ବାରିକ ସହସଂମ୍ପାଦକ ସ୍ୱାମି ଓ ମକାର ଜେନା, ପୂଜାରାଣି ବାରିକଙ୍କ ସମେତ ଅନେକ କାର୍ଯ୍ୟ କର୍ତ୍ତା, ଯୋଗଦେଇ ୪୫୮ ଜଣ ଆବାସିକ ଛାତ୍ରଙ୍କୁ ଫୁଲ, ଚନ୍ଦନ,ଓ ଅକ୍ଷତ ଦେଇ ରେସମି ଡୋରିରେ ରକ୍ଷାସୂତ୍ର ବାନ୍ଧିଥିଲେ। ଦିଗନ୍ତର ପରିଚାଳକ ଜୟକୃଷ୍ଣ ଚମ୍ପତି ଓ ସମସ୍ତ ଅନ୍ତେବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ ଉତ୍ସବ ଶନିବାର ପାଳନ ହୋଇଯାଇଛି। ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧି ସ୍ନେହ ଓ ସଦିଚ୍ଛାର ପ୍ରତିଦାନ ଆଶା ରଖିଛି। ବାରିକପୁର ଆଞ୍ଚଳିକ ଜାଗରଣ ମଂଚ ଓ ସାହିତ୍ୟ ସଙ୍ଗଠନ ଆନୁକୂଲ୍ୟରେ ଅନନ୍ତପୁର ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମରେ ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ଜାଗରଣ ମଞ୍ଚ ସଭାପତି ସୁବ୍ରତ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ଭଉଣୀ ପ୍ରିୟଙ୍କା ଓ କବିତାଙ୍କ ଦ୍ୱାରା ରକ୍ଷାବନ୍ଧନ ପର୍ବ ଅନୁଷ୍ଠିତ ହୋଇ ମିଷ୍ଟାନ୍ନ ବଣ୍ଟନ ହୋଇଥିଲା। ପ୍ରାରମ୍ଭରେ ବ୍ରହ୍ମାକୁମାରୀ କବିତା ଭଉଣୀ ଶିବସ୍ତୋତ୍ର ଗାନ କରିଥିଲେ। ଆଧ୍ୟାତ୍ମିକ ଶକ୍ତି, ଈଶ୍ୱର ପ୍ରାପ୍ତି ଓ ବାକ୍ ସଂଯମତା ସମ୍ପର୍କରେ ପ୍ରତ୍ୟେକ ବ୍ୟକ୍ତି ଜ୍ଞାନ ଆହରଣ କରିବା ଉଚିତ ବୋଲି ସେ ମତପ୍ରକାଶ କରିଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଣ୍ଡାରିପୋଖରୀ ଶାଖା ଭାଇ ଓ ଭଉଣୀମାନେ ବିଭିନ୍ନ କାର୍ଯ୍ୟାଳୟ କର୍ମଚାରୀମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ପରିବେଶ ପ୍ରେମୀମାନେ ଜୀବଜଗତର ସୁରକ୍ଷା ପାଇଁ ବୃକ୍ଷରେ ରାକ୍ଷୀ ବାନ୍ଧିଛନ୍ତି। ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିର, ଷୋଳମପୁର ଶିଶୁବିଦ୍ୟାମନ୍ଦିରରେ ଗୁରୁଜୀ, ଗୁରୁମାମାନେ ଶିଶୁମାନଙ୍କ ସହ ରକ୍ଷାବନ୍ଧନ ଉତ୍ସବ ପାଳନ କରିଥିଲେ।



ବାରିପଦା(ଭାସ୍କର ନ୍ୟୁଜ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ ନଂ ଓ୍ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟର ଅନ୍ତେବାସୀ ଗଛରେ ନିଜ ହାତ ତିଆରି ରାକ୍ଷୀ ବାନ୍ଧି ପାଳନ କଲେ ରକ୍ଷାବନ୍ଧନ ପର୍ବ । ସର୍ବପ୍ରଥମେ ପ୍ରଧାନ ଶିକ୍ଷକ ସୌମ୍ୟ ଦାଶଙ୍କ ସଭାପତିତ୍ୱରେ ବରିଷ୍ଠ ଶିକ୍ଷକ ସୋମନାଥ ସିଂହ, ଶିକ୍ଷୟତ୍ରୀ ସାଗରୀକା ପାତ୍ର, ବନ୍ଦିତା ପାଲବାବୁ, ସୁମିତ୍ରା ରାଉତ, ଓ୍ୱାର୍ଡେନ ସରୋଜ କୁମାର ସାବତ, ଶିକ୍ଷକ ଗଣେଶ ବେହେରା ପ୍ରମୁଖ ଉପସ୍ଥିତ ରହି ରକ୍ଷାବନ୍ଧନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ନାରାୟଣ ସେବା ଟ୍ରଷ୍ଟର ଡଃ ନିରୋଜ କୁମାର ପୋଥାଳ, ବସନ୍ତ ମହାପାତ୍ର, ପ୍ରତାପେଶ୍ୱର ଦାଶ, ଜୟପ୍ରକାଶ ମହାନ୍ତ ଓ ଲୋକନାଥ ମହାନ୍ତ ପ୍ରମୁଖ ଯୋଗ ଦେଇ ରକ୍ଷାବନ୍ଧନର ପୌରାଣିକ ତଥ୍ୟ ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଛାତ୍ରୀ ଦେବସ୍ମିତା ସାବତ ତଥା ଅନ୍ତେବାସୀଙ୍କ କିଛି ଭଉଣୀ ମିଶି ସମସ୍ତଙ୍କୁ ରାକ୍ଷୀ ବାନ୍ଧିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ଶେଷରେ ସମସ୍ତଙ୍କ ଉପସ୍ଥିତିରେ ଛାତ୍ରମାନେ ବିଦ୍ୟାଳୟ ପରିସରରେ ଥିବା ଗଛରେ ରାକ୍ଷୀ ବାନ୍ଧିବା ସାହା ସବୁ ପରିସ୍ଥିତିରେ ସେମାନଙ୍କର ଯତ୍ନ ନେବେ ବୋଲି ଶପଥ କରିଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



ଜଗତସିଂହପୁର(ଭାସ୍କର ନ୍ୟୁଜ୍): ବିଶିଷ୍ଟ ସ୍ୱାଧୀନତା ସାଂଗ୍ରାମୀ ପ୍ରାଣକୃଷ୍ଣ ପଢିହାରୀଙ୍କ ୬୭ତମ ଶ୍ରାଦ୍ଧବାର୍ଷିକୀ ଓ ପୁରସ୍କାର ବିତରଣ ସ୍ଥାନୀୟ ଚାତ୍ରା ସ୍ଥିତ ଅଳକା ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସମାଜସେବୀ ଗୌରାଙ୍ଗ ଚରଣ ହୋତା ଯୋଗଦେଇ ସ୍ୱର୍ଗତ ପଢିହାରୀଙ୍କ ସଂଗ୍ରାମୀ ଓ ତ୍ୟାଗପୂତ ଜୀବନ ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡଃ ବିଜୟ କୁମାର ବିଶ୍ୱାଳ, ଅଧ୍ୟାପକ ଭଗବାନ ଦାଶ, ଡଃ. ନିରଞ୍ଜନ ବିଶ୍ୱାଳ, ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ ଆଲୋଚନାରେ ଭାଗନେଇ ସଂଗ୍ରାମୀ ପ୍ରାଣକୃଷ୍ଣ ପଢିହାରୀ କେବଳ ସ୍ୱାଧୀନତା ସଂଗ୍ରାମ ନୁହେଁ ଜଗତସିଂହପୁର ର ଶିକ୍ଷା, ସ୍ୱାସ୍ଥ୍ୟ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ ବୋଲି କହିଥିଲେ। ପୂର୍ବରୁ ଆୟୋଜିତ ଭାରତର ମୁକ୍ତି ସଂଗ୍ରାମ ଓ ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀ ବକ୍ତୃତା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ପ୍ରଥମ ଆରତ୍ରିକା ଭଟ, ଦ୍ୱିତୀୟ କ୍ଷୀରାବ୍ଧି ତନୟା ନାୟକ, ତୃତୀୟ ସ୍ଥାନ ଅଧିକାର କରିଥିବା ପଦ୍ମଜା ମହାନ୍ତିଙ୍କୁ ପରିଷଦ ପକ୍ଷରୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇବା ବେଳେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସଭାର ଆରମ୍ଭରେ ସ୍ୱର୍ଗତ ପଢିହାରୀଙ୍କ ଉତ୍ତରଦାୟାଦ ତଥା ସ୍ମୃତିପରିଷଦର ସଂପାଦକ ଶୁଭକାନ୍ତ ପଢିହାରୀ ଅତିଥି ମାନଙ୍କର ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ସାମ୍ବାଦିକ ଦୁର୍ଯ୍ୟୋଧନ ମହାରଣା,ସରୋଜ କୁମାର ଦ୍ୱିବେଦୀ, ଶେଷପ୍ରକାଶ ସେଠୀ, ରମାକାନ୍ତ ପଢିହାରୀ, ଅବନିକାନ୍ତ ଦାଶ, ରୁଦ୍ର ଆଚାର୍ଯ୍ୟ ସହଯୋଗ କରିଥିଲେ। ଶେଷରେ ଶିକ୍ଷାବିତ୍ ବିଜୟକୁମାର ରଥ ଧନ୍ୟବାଦ ଦେଇଥିଲେ ।

## ସୁରକ୍ଷା କବଚ ଭାବେ ପୋଲିସ ହାତରେ ରାକ୍ଷୀ ବାନ୍ଧିଲେ ଛାତ୍ରୀ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଶନିବାର ପବିତ୍ର ରକ୍ଷା ବନ୍ଧନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ର ଛାତ୍ରୀମାନଙ୍କ ସହ ଅସ୍ତରଙ୍ଗ ସାଧନ ସଂଯୋଜକ ସନ୍ତୋଷ ସ୍ୱାଇଁ,ଗୁରୁଜୀ ନିରଞ୍ଜନ ବେହେରା, ରବୀନ୍ଦ୍ର ବିଶ୍ୱାଳ ,ଗୁରୁମା ମାନେ ଅସ୍ତରଙ୍ଗ ପୋଲିସ ଷ୍ଟେସନ ରେ ପହଂଚି ପୋଲିସ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଅନ୍ୟ





ପକ୍ଷେ ଦୀର୍ଘ ବର୍ଷ ହେବ ଗୁଣ୍ଡଳବା ପୀର ଜାହାନିଆ ମହିଳା ବନସୁରକ୍ଷା ସମିତିର ମହିଳାମାନେ ପରିବେଶ ସହ ପରିସଂସ୍ଥା ସନ୍ତୁଳନ ବଜାୟ ରଖୁଥିବା ଗଛକୁ ପୂଜାର୍ଚ୍ଚନା କରି ଗଛରେ ରାକ୍ଷୀ ବାନ୍ଧିଥିଲେ ମହିଳା ମାନେ। ଲୁଣା ଜଙ୍ଗଲ ବା ହେନ୍ତାଳ ବଣ ପ୍ରାକୃତିକ ବିପର୍ଯ୍ୟୟ ତଥା ବନ୍ୟା,ବାତ୍ୟାରୁ ସୁରକ୍ଷା ଦେଇଥାଏ। ଏହି ମହିଳାମାନଙ୍କ ମଧ୍ୟରେ ଚାରୁଲତା ବିଶ୍ୱାଳଙ୍କ ସହ ଅନ୍ୟ ମହିଳା ମାନେ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଆଶ୍ରମ ଭଉଣୀମାନଙ୍କ ପକ୍ଷରୁ ରକ୍ଷା ବନ୍ଧନ ସହ ବିଭିନ୍ନ ସଚେତନ ବାର୍ତ୍ତା ପ୍ରଚାର କରାଯାଇଥିଲା ।ଏହି କାର୍ଯ୍ୟକ୍ରମ ରେ ଆଶ୍ରମ ଭଉଣୀ ବି କେ ପ୍ରଭାତୀ, ବି କେ ପୁଷ୍ପ, ସମାଜସେବୀ ଦୁଷ୍ମନ୍ତ କୁମାର ପରିଡା, ସତ୍ୟବ୍ରତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦିନ ବେଶ ଗୁରୁତ୍ୱ ବହନ କରେ। ଭାଇ ଭଉଣୀ ର ପବିତ୍ର ସମ୍ପର୍କକୁ ନେଇ ପାଳିତ ହେଉଥିବା ଏହି ପର୍ବରେ ରହିଥାଏ ଏହି ପ୍ରତିଶ୍ରୁତି। ପ୍ରତ୍ୟେକ ସମୟରେ ଭଉଣୀ ର ରକ୍ଷା କବଚ ପାଲଟିବ ଭାଇ।

# ମଧ୍ୟାହ୍ନ ଭୋଜନ ନଖାଇ ଛାତ୍ରଛାତ୍ରୀ ଘରୁ ଆଣୁଛନ୍ତି ଟିଫିନ



ନିମ୍ନମାନର ଅଭିଯୋଗ

ଆଳି(ଭାସ୍କର ନ୍ୟୁଜ): ଛାତ୍ରଛାତ୍ରୀ ମାନଙ୍କୁ ଡାଲମା ବଦଳରେ ପାଣିଆ ଡାଲି ପୋକରା ଚାଉଳରେ ଭାତ ଦିଆଯାଉଥିବା ଅଭିଯୋଗ ହୋଇଛି। ସୂଚନା ସୂତ୍ରରୁ ପ୍ରକାଶ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗୋଦାବରୀଶ ସରକାରୀ ବିଦ୍ୟାଭବନ ଠାରେ ଛାତ୍ରଛାତ୍ରୀଙ୍କୁ ମେନୁ ଚାର୍ଟରେ ଡାଲମା ଥିବାବେଳେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ପୋକରା ଚାଉଳ ର ଭାତ ସଙ୍ଗେ ପାଣିଆ ଡାଲି ପରଶା ଯାଉଥିବା ନେଇ ଅଭିଭାବକ ମାନେ ଅଭିଯୋଗ କରିଛନ୍ତି । ଶିକ୍ଷା ବ୍ୟବସ୍ଥା ର ସୁଧାର ଆଣିବା ସହ ମଧ୍ୟାହ୍ନ ଭୋଜନ ଉନ୍ନତ ମାନର ଖାଦ୍ୟ ଦେବା ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଉକ୍ତ ବିଦ୍ୟାଳୟ ରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଦୀର୍ଘ ଦିନ ହେବ ପିଲାମାନେ ମଧ୍ୟାହ୍ନ ଭୋଜନ ପାଇଁ ଘରୁ ଟିଫିନ ନେଇ ବିଦ୍ୟାଳୟ କୁ ଆସୁଥିବା ଅଭିଭାବକ ମାନେ ଅଭିଯୋଗ ଆଣିଛନ୍ତି । ବିଦ୍ୟାଳୟ ରେ ୩ ଶହ ରୁ ଉର୍ଦ୍ଧ୍ୱ ପିଲା ପାଠ ପଢୁଥିବା ବେଳେ ସରକାର ଛାତ୍ରଛାତ୍ରୀଙ୍କୁ ନିମ୍ନ ମାନର ଖାଦ୍ୟ ପରଶାଗଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାରମ୍ବାର ତାଗିଦ କରିଆସୁଥିଲେ ମଧ ଆଳିରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ମଧ୍ୟାହ୍ନ ଭୋଜନରେ ପିଲାମାନେ ପୋକରା ଚାଉଳର ଭାତ ସହ କେବଳ ପାଣିଆ ଡାଲି ଖାଉଛନ୍ତି । ଏଭଳି ନିମ୍ନମାନର ଖାଦ୍ୟକୁ ଛାତ୍ରଛାତ୍ରୀ ଅତି କଷ୍ଟରେ ଖାଉଛନ୍ତି । ହେଲେ ଅତି ଦୁଃଖ ଓ ପରିତାପରର ବିଷୟ ପିଲାମାନଙ୍କ ନିକଟରେ ଅନ୍ୟ କିଛି ବିକଳ୍ପ ନ ଥିବାରୁ ବାଧ ହୋଇ ନିଜ ଘରୁ ଟିଫିନ ଆଣୁଛନ୍ତି। ମଧ୍ୟାହ୍ନ ଭୋଜନ ନ ଖାଇ ଟିଫିନ ଖାଦ୍ୟ ଖାଇ ରହୁଥିବା ଅଭିଯୋଗ ନେଇ ସାଗର ମଲିକ, ଆରତୀ କର, ସୁବାଷ ମଲିକ, ମାନସୀ ମଲିକ, ସୁମିତ୍ରା ମଲିକ, ପ୍ରଭାତୀ ମଲିକ, ମହେଶ୍ୱର ମଲିକ, କୁଳମଣି ମଲିକ, ରତ୍ନାକର ମଲିକ ପ୍ରମୁଖ ଙ୍କ ସହ ଅନ୍ୟ ଅଭିଭାବକ ମାନେ ଅଭିଯୋଗ ଆଣିଛନ୍ତି । ଏ ନେଇ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସୁଭଦ୍ରା ଘଡ଼ାଇଙ୍କୁ ପଚାରିବାରୁ ସେ ଏହି ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି । ତେବେ ଏ ନେଇ ଆଳି ବ୍ଲକ ସହ ଶିକ୍ଷା ଅଧିକାରିଣୀ ଜ୍ୟୋତିପୁଷ୍ପା ମହାନ୍ତିଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି ଯେ ସେ ଆଗାମୀ ସୋମବାର ଦିନ ଉକ୍ତ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ପିଲାମାନଙ୍କ ଠାରୁ ବୁଝି ସ୍ଥିତି ପରଖିବା ସହ ଯଦି ଏ ଅଭିଯୋଗ ରେ ସତ୍ୟାସତ୍ୟ ଥାଏ ତେବେ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ.ମୋହନ ଭାଗବତ ୩ ଦିନିଆ ଓଡିଶା ଗସ୍ତରେ ଆସି ଅଗଷ୍ଟ ୧୩ ତାରିଖ ଦିନ ସଂଧ୍ୟାରେ ଭୁବନେଶ୍ୱରରେ ପହଁଚିବେ । ସେ ତିନି ଦିନିଆ ଓଡିଶା ପ୍ରବାସ ସାରି ଅଗଷ୍ଟ ୧୫ ତାରିଖ ଦିନ ଓଡିଶାରୁ ପ୍ରତ୍ୟାବର୍ତ୍ତନ କରିବେ । ଡ. ଭାଗବତ ଗୌଡୀୟ ମିଶନ ନିମନ୍ତ୍ରଣ କ୍ରମେ ଓଡିଶା ଆସୁଛନ୍ତି ସେ ୧୩ ତାରିଖ ଦିନ ଭୁବନେଶ୍ୱରରେ ପହଁଞ୍ଚିବା ପରେ ଉତ୍କଳ ବିପନ୍ନ ସହାୟତା ସମିତିରେ ଅବସ୍ଥାନ କରିବେ । ୧୪ ତାରିଖ ଦିନ କଟକସ୍ଥିତ ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଗୌଡୀୟ ବୈଷ୍ଣବ ସମ୍ମିଳନୀରେ ମୁଖ୍ୟ ଅତିଥିରୂପେ ଯୋଗ ଦେଇ ଉଦ୍‌ବୋଧନ ଦେବେ । ସେହି ଦିନ ସଂଧ୍ୟାରେ ପୁରୀ ଯାଇ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବା ସହିତ ଗୋବର୍ଦ୍ଧନ ପୀଠର ପୂଜ୍ୟ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟକରି ଭୁବନେଶ୍ୱର ଫେରି ଆସିବେ । ଏହାପରେ ୧୫ ତାରିଖ ଦିନ ଡ.ଭାଗବତ ଓଡିଶାରୁ ପ୍ରତ୍ୟାବର୍ତ୍ତନ କରିବେ ।


## ସରିଲା ଜାତୀୟ ଉଦ୍ୟୋଗିକତା ସମ୍ମିଳନୀ ଟାଇକନ-୨୦୨୫

# ‘ଅଭିବୃଦ୍ଧି ଯାତ୍ରାରେ ସହଯୋଗୀ ହେବାକୁ ଉଦ୍ୟୋଗୀଙ୍କୁ ଆମନ୍ତ୍ରଣ’




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆନ୍ତର୍ଜାତୀୟ ସ୍ତରର ଦୁଇ ଦିନିଆ ଜାତୀୟ ଉଦ୍ୟୋଗିକତା ସମ୍ମିଳନୀ ଟାଇକନ ଭୁବନେଶ୍ୱର ୨୦୨୫ର ଉଦ୍‌ଘାଟନୀ ସଂସ୍କରଣ ଆଜି ଉଦ୍ଭାବନ, ଏଆଇ-ଚାଳିତ ଅଭିବୃଦ୍ଧି ଓ ଆନ୍ତର୍ଜାତୀୟ ସହଭାଗିତା ପ୍ରତି ଦୃଢ ପ୍ରତିବଦ୍ଧତା ସହ ଶେଷ ହୋଇଛି। ଟାଇ ଭୁବନେଶ୍ୱର ଦ୍ୱାରା, ଓଡିଶା ସରକାରଙ୍କ ସହ ସହଯୋଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଭାରତ, ସିଙ୍ଗାପୁର, ୟୁଏଇ ଓ ଶ୍ରୀଲଙ୍କାରୁ ୫୦୦ରୁ ଅଧିକ ପ୍ରତିନିଧିଙ୍କୁ ଏକାଠି କରିଥିଲା, ଯାହା ଷ୍ଟାର୍ଟଅପ, ଟେକ୍ନୋଲୋଜି ଓ ଉଦ୍ୟୋଗିକତାର ଏକ ଉଲ୍ଲେଖନୀୟ କେନ୍ଦ୍ରରେ ପରିଣତ ହେବା ପାଇଁ ଓଡିଶାର ଯାତ୍ରାରେ ଏକ ବଡ ସଫଳତାକୁ ଚିହ୍ନିତ କରୁଛି। ଏହି ବିଶାଳ ଉଦ୍‌ଯାପନୀ ସମାରୋହରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ଡଃ ମୁକେଶ ମହାଲିଙ୍ଗ, ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ବିଭାଗର ମୁଖ୍ୟ ସଚିବ, ଆଇଏଏସ, ବିଶାଲ କୁମାର ଦେବ, ରାଜ୍ୟସଭା ସାଂସଦ ସୁଜିତ କୁମାର, ଟାଇ ଗ୍ଲୋବାଲର ଅଧ୍ୟକ୍ଷ ମୁରଲୀ ବୁକ୍କାପଟନମ, ଟାଇ ଭୁବନେଶ୍ୱରର ଅଧ୍ୟକ୍ଷ ଅୟସକାନ୍ତ ମହାନ୍ତି, ସାଂସଦ ରବି ନାରାୟଣ ବେହେରାଙ୍କ ସମେତ ଶିଳ୍ପର ବିଶିଷ୍ଟ ବ୍ୟକ୍ତି, ଆନ୍ତର୍ଜାତୀୟ ଉଦ୍ୟୋଗୀ ଏବଂ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଏକ ଅଗ୍ରଣୀ ଉଦ୍ଭାବନ କେନ୍ଦ୍ର ଭାବେ ଓଡିଶାର ଉତ୍‌ଥାନକୁ ଆଲୋକିତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଅଭିବୃଦ୍ଧି ଯାତ୍ରାରେ ସହଯୋଗୀ ହେବା ପାଇଁ ଉଦ୍ୟୋଗୀମାନଙ୍କୁ ଆମନ୍ତ୍ରିତ କରିଥିଲେ। ଗ୍ଲୋବାଲ କାପାବିଲିଟି ସେଣ୍ଟର୍ସ (ଜିସିସି), ଚିପ ଡିଜାଇନ, ବ୍ଲକଚେନ ଓ ଏଆଇ ରିସର୍ଚ୍ଚ ଭଳି କ୍ଷେତ୍ରରେ ରାଜ୍ୟର ନେତୃତ୍ୱକୁ ଉଲ୍ଲେଖ କରି ସେ କହିଥିଲେ, ‘ଆପଣମାନେ ଥରେ ଏଠାକୁ ଆସିବା ପରେ, ଏହା ଆପଣଙ୍କର ୨ୟ ଘର ଭଳି ଅନୁଭବ ହେବ। ମିଳିତ ଭାବେ ଆମେ ଓଡିଶାକୁ ପୂର୍ବ ଭାରତର ଉଦ୍ୟୋଗ ରାଜଧାନୀରେ ପରିଣତ କରିପାରିବା। ଏଥିସହିତ ସେ କଟକ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁର ସହରକୁ ନୂଆ ଡିଜିଟାଲ ହବ୍ ଭାବେ ବିକଶିତ କରିବା ପାଇଁ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ, ଯାହା ଭିଜନ ଓଡିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ସହ ସମନ୍ୱିତ ରହିଛି। କାର୍ଯ୍ୟକ୍ରମରେ ରାଜ୍ୟର ଇଲେକ୍‌ଟ୍ରୋନିକ୍ସ ଓ ଆଇଟି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଏଆଇ ଗ୍ରହଣୀୟତା କ୍ଷେତ୍ରରେ ଓଡିଶାର ଅଗ୍ରଗାମୀ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଏହାର ନିଜସ୍ୱ ଏଆଇ ନୀତି ସହିତ ଓ ୨୦୨୫-୨୬ ବଜେଟରେ ଓଡିଶା ଏଆଇ ମିଶନ ପାଇଁ ୨୫ କୋଟି ଟଙ୍କାର ଆବଂଟନ କରିଥିବା ପ୍ରଥମ ରାଜ୍ୟରେ ପରିଣତ ହୋଇଛି। ୨ୟ ଦିନରେ ଏଆଇ ପଲିସି ୨୦୨୫, ଭାରତର ଏଆଇ ଲିଡରସିପ ଭିଜନ, ଉଦ୍ୟୋଗିକତା କ୍ଷେତ୍ରରେ ଏଆଇ, ଡାଟା ସେଂଟର, ସ୍କିଲିଙ୍ଗ ଏବଂ ସାର୍ବଜନିନ ସେବାଗୁଡିକ ପାଇଁ ଏଆଇ ଆଦି ପ୍ରସଙ୍ଗ ଉପରେ ପ୍ୟାନେଲଗୁଡିକ ସହିତ ସମାବେଶୀ ଅଭିବୃଦ୍ଧି, ପରିଚାଳନା ଓ ଉଦ୍ଭାବନ କ୍ଷେତ୍ରରେ ଏଆଇର ଭୂମିକା ଉପରେ ଗୁରୁତ୍ୱ ଦେଇଥିବା ଏକ ଏଆଇ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଦିନରେ ଷ୍ଟାର୍ଟଅପଗୁଡିକର ସଫଳତାର କାହାଣୀ (ଆଇଜି ଡ୍ରୋନସ୍, ମିଥିକା, ସ୍କାଏରାଇଡର), ସତ୍ୟକାମ ମହାନ୍ତିଙ୍କ ଦ୍ୱାରା ଏକ ଏଆଇ ମାଷ୍ଟରକ୍ଲାସ, ପ୍ରିୟଙ୍କା ସିହ୍ନାଙ୍କ ଦ୍ୱାରା ଯୋଗା ଇନ ଏଣ୍ଟ୍ରପ୍ରେନ୍ୟୋରସିପ ପ୍ରସଙ୍ଗରେ ଏକ ଅଧିବେଶନ ଆଦି ସାମିଲ ଥିଲା। ଏହି ଅବସରରେ ଏକାଧିକ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା ଯେଉଁଥିରେ ରିସର୍ଚ୍ଚ, ପାଇଲଟ ପ୍ରୋଜେକ୍ଟ, ଟେକ୍ କୋର ଡେଭ୍‌ଲପମେଣ୍ଟ, ପଲିସି ଇନ୍‌ପୁଟ୍‌ସ ଓ ଇନୋଭେଶନ ଇକୋସିଷ୍ଟମ ବିଲ୍ଡିଙ୍ଗ କ୍ଷେତ୍ରରେ ଇଲେକଟ୍ରୋନିକ୍ସ ଓ ଆଇଟି ବିଭାଗ ଏବଂ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ସହଭାଗିତା, ଓ-ଚିପ କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ଓକାକ୍ ଓ ଏସ୍‌ଏଫଏଏଲ (ସେମିକଣ୍ଡକ୍ଟର ଫାବ୍‌ଲେସ୍ ଆକ୍‌ସିଲରେଟର ଲ୍ୟାବ) ମଧ୍ୟରେ ସହଭାଗିତା, ବୈଷୟିକ ସହଭାଗିତା ପାଇଁ ଇଏସସି ଓଡିଶା ଓ ହିଟାଚି ଏମ୍‌ଜିଆରଏମ ମଧ୍ୟରେ ନଲେଜ ପାର୍ଟନରସିପ ଏବଂ ଷ୍ଟାର୍ଟଅପ ସପୋର୍ଟ ନେଟ୍‌ୱର୍କଗୁଡିକୁ ମଜବୁତ କରିବା ପାଇଁ ଟାଇ ଭୁବନେଶ୍ୱର ଓ ଇନ୍‌କ୍ୟୁବେଶନ ସେଂଟରଗୁଡିକ ମଧ୍ୟରେ ସହଭାଗିତା ଆଦି ଅନ୍ତର୍ଭୁକ୍ତ ରହିଛି। ଏହି ସମ୍ମିଳନୀ ଟାଇ ଲିଜେଣ୍ଡ ଏଣ୍ଟ୍ରପ୍ରେନ୍ୟୋର, ଏମର୍ଜିଙ୍ଗ ଏଂଟ୍ରପ୍ରେନ୍ୟୋର, ୱୁମେନ ଏଂଟ୍ରପ୍ରେନ୍ୟୋର, ଚେ ମେକର ଏଣ୍ଟ୍ରପ୍ରେନ୍ୟୋର ଓ ବେଷ୍ଟ ଇକୋସିଷ୍ଟମ ପାର୍ଟନର ଆୱାର୍ଡ ପ୍ରଦାନ ସହିତ ଶେଷ ହୋଇଥିଲା। ଏହି ଅବସରରେ ଟାଇ ଭୁବନେଶ୍ୱରର ଅଧ୍ୟକ୍ଷ ଅୟସକାନ୍ତ ମହାନ୍ତି କହିଥିଲେ, ‘ଏହି ସମ୍ମିଳନୀ ଓଡିଶାର କ୍ଷମତାକୁ ପ୍ରଦର୍ଶିତ କରିଛି ଏବଂ ଆନ୍ତର୍ଜାତୀୟ ସହଭାଗିତା ପାଇଁ ମଞ୍ଚ ପ୍ରସ୍ତୁତ କରିଛି। ସମ୍ମିଳନୀରେ ବିବିଧ ଅଂଶଗ୍ରହଣ ଏକ ଉଲ୍ଲେଖନୀୟ ଉଦ୍ଭାବନ କେନ୍ଦ୍ର ଭାବେ ଭୁବନେଶ୍ୱରର ସ୍ଥିତିକୁ ସୁଦୃଢ କରିଛି।

## ଅଭିନନ୍ଦନିକା ପୁସ୍ତକ ସାଂସଦଙ୍କ ଦ୍ୱାରା ଉନ୍ମୋଚିତ



କଟକ(ଭାସ୍କର ନ୍ୟୁଜ୍): ପ୍ରଜାତନ୍ତ୍ରର ୭୮ ବର୍ଷ ପ୍ରତିଷ୍ଠା ଦିବସ ଅବସରରେ ସାଂସଦ ଭର୍ତ୍ତୃହରି ମହତାବ ନିଜ କାର୍ଯ୍ୟାଳୟରେ ‘ମୋ ଦୃଷ୍ଟିରେ ଡକ୍ଟର ଦାସ ଅଭିନନ୍ଦନିକା ପୁସ୍ତକକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ପୁସ୍ତକରେ ମହାନ ସାଧୁ ଶ୍ରୀ ଶ୍ରୀ ମଉନିବାବା, ଉପ-ମୁଖ୍ୟମନ୍ତ୍ରୀ ପରିଡା, ସାଂସଦ ଭର୍ତ୍ତୃହରି ମହତାବ, ମେୟର ସୁବାସଚନ୍ଦ୍ର ସିଂହ, ପୂର୍ବତନ ମହାନଗରପାଳ ଆଶୀର୍ବାଦ ବେହେରା, ରାଜ୍ୟ ବାରକାଉନସିଲ ସଚିବ ଯଯାତିକେଶରୀ ସାମନ୍ତସିଂହାର ଓ ରାଷ୍ଟ୍ରୀୟ ମହତାବ ସେବାଦଳର କେନ୍ଦ୍ରୀୟ ସଭାପତି ଆଡ଼ଭୋକେଟ ମନୋଜ ବିହାରୀ ଦାସ ଶୁଭେଚ୍ଛା ବାର୍ତ୍ତା ସ୍ଥାନିତ ହୋଇଥିବା ବେଳେ ବହୁବିଶିଷ୍ଟ ବ୍ୟକ୍ତିମାନଙ୍କ ଲେଖା ପ୍ରକାଶିତ ହୋଇଛି । ଉପରୋକ୍ତ ଲେଖକମାନଙ୍କ ମଧ୍ୟରେ ସର୍ବଶ୍ରୀ ରମେଶ ଚନ୍ଦ୍ର ରଥ (ଚେତନା), ପ୍ରଫେସର ସନତ ଦାସପଟ୍ଟନାୟକ, ଅନ୍ନଦା ପ୍ରସାଦ ରାୟ, ପ୍ରଫେସର ପ୍ରତାପ ପଟ୍ଟନାୟକ, ପଣ୍ଡିତ ନୀଳକଣ୍ଠ ରାଉତ, ଦୈତାରୀ ମହାପାତ୍ର ଓ ମାନସ ଦାସ ( ରାମାୟଣୀ )ଙ୍କ ସମେତ ୩୬ ଜଣ ସୁପ୍ରତିଷ୍ଠିତ ସାରସ୍ୱତ ସାଧକଙ୍କ ଲେଖା ସହିତ ବିଭୁବୈଭବ ପତ୍ରିକାର ସମ୍ପାଦକ ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟଙ୍କ ସାକ୍ଷାତକାର ସ୍ଥାନିତ ହୋଇଛି । ଏହି ଉଚ୍ଚକୋଟିର ପୁସ୍ତକର ସାଂସଦ ଶ୍ରୀ ମହତାବ ଭୂୟସୀ ପ୍ରଶଂସା କରି ଡକ୍ଟର ଦାସଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ଓ ଡକ୍ଟର ନିଜର କୃତଜ୍ଞତା ଜଣାଇଥିଲେ ।

## କଂଗ୍ରେସ ଦଳର ଉପସ୍ଥିତି ଏବଂ ଅବସ୍ଥିତି ପାଇଁ ସଂଘର୍ଷ କରୁଛି: ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଂଗ୍ରେସର ନାରୀ ନ୍ୟାୟ ପଦଯାତ୍ରା ପ୍ରସଙ୍ଗରେ ବିଜେପି ପ୍ରତିକ୍ରିୟା ରଖି କହିଛି ଯେ, କଂଗ୍ରେସ ଯେଉଁ ପଦଯାତ୍ରା କରୁଛି ତାର କିଛି ମାନେ ନାହିଁ । କଂଗ୍ରେସ ତା ଦଳର ଉପସ୍ଥିତି ଏବଂ ଅବସ୍ଥିତି ପାଇଁ ସଂଘର୍ଷ କରୁଛି । ରାଜ୍ୟରେ ଯେହେତୁ କଂଗ୍ରେସ ଦଳ ତୃତୀୟରେ ଅଛି, ସେଥିପାଇଁ ରେସରେ ଆସିବାକୁ ପ୍ରତିଦ୍ୱନ୍ଦିତା କରୁଛନ୍ତି । ତାଙ୍କର ଜାତୀୟ ସ୍ତରର ନେତା ଯେଉଁ ସ୍ଲୋଗାନ ଦେଇଛନ୍ତି, ତାକୁ ସେମାନେ ଏଠି ଘୋଷୁଛନ୍ତି । କଂଗ୍ରେସ ନେତା ମନେ ପକାନ୍ତୁ ଛବିରାଣୀ ଏବଂ ଅଞ୍ଜନା ଘଟଣା । ଯେଉଁ ଘଟଣାରେ ତାଙ୍କର ଏକ ନମ୍ବର ନେତାଙ୍କ ପ୍ରତ୍ୟକ୍ଷ ସଂପୃକ୍ତି ଥିଲା । କଂଗ୍ରେସ ଆଗ ତା ଇତିହାସ ପଢୁ ବୋଲି କହିଛନ୍ତି ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ।

## କର୍ପୋରେଟର ଅମରେଶ ଜେନାଙ୍କ ଅଫିସ ଭାଙ୍ଗିଲେ ଦୁର୍ବୃତ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କର୍ପୋରେଟର ଅମରେଶ ଜେନା ଓରଫ ବାଇଆ ଜେନାଙ୍କ ଅଫିସ ଭାଙ୍ଗିଲେ ଦୁର୍ବୃତ୍ତ । ୪୫ ନମ୍ବର ୱାର୍ଡର ଅଫିସକୁ ଗତକାଲି ବିଳମ୍ବିତ ରାତିରେ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି । ୪ରୁ ୫ଜଣ ଦୁର୍ବୃତ୍ତ ଆସି ଗାଳି ଗୁଲଜ କରିବା ସହ ଅଫିସରେ ଝରକାକୁ ପଥର ଫିଙ୍ଗି ଥିବା ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ତଦନ୍ତ କରୁଛି ଲକ୍ଷ୍ମୀସାଗର ଥାନା ପୋଲିସ । କିଏ ଓ କାହିଁକି ଏଭଳି କାଣ୍ଡ ଘଟାଇଲା ଖୋଳ ତାଡ଼ କରୁଛି ପୋଲିସ ।

## ପୂର୍ବଶତ୍ରୁତାରୁ ସ୍ୱାମୀ-ସ୍ତ୍ରୀଙ୍କୁ ଛୁରାମାଡ଼

କଟକ(ଭାସ୍କର ନ୍ୟୁଜ୍): ବିଡାନାସୀ ନୂଆ ସାହିରେ ସ୍ୱାମୀ ସ୍ତ୍ରୀଙ୍କୁ ଯୁବକ ଜଣକ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଜଣାପଡିଛି। ଆହତ ପତିପତ୍ନୀ ହେଲେ ସୁକଦେବ ଦଳେଇ ଓ ସୁଜାତା ଭଟ୍ଟ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାମାନ୍ୟ ବଚସାରୁ ପ୍ରଥମେ ସୁକଦେବକୁ ଯୁବକ ଏକ ଧାରୁଆ ଛୁରିରେ ଆକ୍ରମଣ କରିଥିଲା। ପ୍ରତିବାଦ କରିବାରୁ ସୁଜାତାକୁ ଯୁବକ ମାରଣାନ୍ତକ ଆକ୍ରମଣ କରିଥିଲା। ଆହତ ପତିପତ୍ନୀଙ୍କୁ ବିଡାନାସୀ ଥାନା ପୋଲିସ ଉଦ୍ଧାର କରି ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲ ପଠାଇ ତଦନ୍ତ କରୁଥିବା ଜଣାପଡିଛି। ଆକ୍ରମଣକାରୀ ଯୁବକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଗଗୁଆର ମୂଳବାସିନ୍ଦା ବିଡାନାସୀରେ ରହୁଥିବା ଗୋବିନ୍ଦ ମାଲିକ । ଗୁରୁତର ସୁକଦେବ ଦଳେଇଙ୍କ ଘର ବଡ଼ମ୍ବାରେ ବୋଲି ସୂଚନା ମିଳିଛି। ରବିବାର ସକାଳେ ବିଡାନାସୀ ନୂଆ ସାହିରେ ଏହି ଦୁଇ ପଡୋଶୀ ସୁକଦେବ ଦଳେଇ ଓ ଗୋବିନ୍ଦ ମାଲିକଙ୍କ ଭିତରେ ପ୍ରଥମେ ବଚସା ଓ ପରେ ଆକ୍ରମଣ ହୋଇଥିଲା। ଗୋବିନ୍ଦ ପେଶାରେ ଜଣେ ପରିବା ଦୋକାନୀ ଓ ସୁକଦେବ ଦଳେଇ ପେଶାରେ ଜଣେ ମାଛ ଦୋକାନୀ ।

### ବିଦ୍ୟୁତ ଆଘାତରେ ନାବାଳକଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

## ୪ଲକ୍ଷ ଅନୁକମ୍ପାମୂଳକ ସହାୟତା ଘୋଷଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଯୋଡ଼ାଠାରେ ବିଦ୍ୟୁତ ଆଘାତରେ ନାବାଳକ ଅରୁଣ ବୋବୋଙ୍ଗା (ପିତା-ଗୋବିନ୍ଦ ବୋବୋଙ୍ଗା)ଙ୍କ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

### ଦୁର୍ଘଟଣାରେ କୁନି ଝିଅର ମୃତ୍ୟୁ ଘଟଣା

## ଗାଡିକୁ ଜବତ କଲା ପୋଲିସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପାତ୍ରପଡ଼ାରେ ଗାଡି ଧକାରେ କୁନି ଝିଅର ମୃତ୍ୟୁ ଘଟଣା । ମଣିଷମରା ଥାର ଗାଡି ଜବତ କଲା ଖଣ୍ଡଗିରି ଥାନା ପୋଲିସ । ଜଟଣୀ ଅଞ୍ଚଳରୁ ଜବତ କଲା ପୋଲିସ । ଗାଡି ମାଲିକ ଫେରାର । ଧରିବା ପାଇ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବା ସୂଚନା । ଗତକାଲି ରାକ୍ଷୀ ବାନ୍ଧି ମାମୁ ଘରୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ ମାଆ, ଝିଅ ଓ ପୁଅ । ଝିଅର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ମାଆ ଓ କୁନି ପୁଅ ଏମ୍ସରେ ଚିକିତ୍ସାଧୀନ ଅଛନ୍ତି । ଏହି ଘଟଣା ପରେ ସ୍ଥାନୀୟ ଲୋକେ ଜାତୀୟ ରାଜପଥକୁ ଦୀର୍ଘସମୟ ଅବରୋଧ କରିଥିଲେ । ଫଳରେ ଶହ ଶହ ଗାଡ଼ିମୋଟର ଅଟକି ରହିଥିଲା । ଉତ୍ତ୍ୟକ୍ତ ଲୋକମାନେ ସ୍ଥାୟୀ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ଦାବି କରିଥିବା ବେଳେ ମୃତକଙ୍କ ପରିବାରକୁ ମଧ୍ୟ କ୍ଷତିପୂରଣ ଦାବି କରିଥିଲେ ।

# ଓଡ଼ିଆ ଯୁବ କବି ସମ୍ମିଳନୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶା ରାଜ୍ୟ ସଂସ୍କୃତି, ଭାଷା, ସାହିତ୍ୟର ଅବିହିତ ନୂଆ ପ୍ରେରଣା ଦାୟୀ ପ୍ରୟାସ ଓଡ଼ିଆ ଯୁବକଙ୍କ ମଧ୍ୟରେ ନୂତନତ୍ୱର ଏକ କବିତା ଶବ୍ଦ ଗୁଞ୍ଜନର ସମ୍ଭାର ନେଇ ସୃଷ୍ଟି ଓଡ଼ିଆ ଯୁବ କବି ସମ୍ମିଳନୀ-୨୦୨୫ ଆୟୋଜିତ ହୋଇଯାଇଛି । ପ୍ରାଥମିକ ସ୍ତରରେ ଆଗନ୍ତୁକ ଯୁବକବିଙ୍କ କବିତା ପାଠ ପରେ ଭାରତ ଯୁବ ଶକ୍ତି ସମ୍ମାନ, ଆଦିତ୍ୟ ସେବା ସମ୍ମାନ ପ୍ରଦାନ ସହିତ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରୁ ଯୁବ କବି ମାନଙ୍କୁ ମୁଖ୍ୟଅତିଥି ବିଧାୟକ ବାବୁ ସିଂ ସମ୍ମାନିତ କରିଥିଲେ । ସମ୍ମାନିତ ଅତିଥି ଜଗନ୍ନାଥ ପ୍ରଧାନ, ମୁଖ୍ୟ ବକ୍ତା କବି ନିହାର ରଞ୍ଜନ ପ୍ରଧାନ, କବି ରାକେଶ କୁମାର ପଣ୍ଡା, ସତ୍ୟପ୍ରକାଶ ପଟ୍ଟନାୟକ ଉପସ୍ଥିତ ଥିବାବେଳେ ପ୍ରୋଜେକ୍ଟ ପଏଣ୍ଟର ଅଧ୍ୟକ୍ଷ ଡ. ସଂଗ୍ରାମ କେଶରୀ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡା. ଇପ୍ସିତା ଷଡ଼ଙ୍ଗୀ ଯୁବ କବି ସମ୍ମିଳନୀକୁ ପରିଚାଳନା କରି ଥିବାବେଳେ ପ୍ରସନ୍ନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।




ସମ୍ପୂର୍ଣ୍ଣା ଫାଉଣ୍ଡେସନ୍‌ର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ ଅବସରରେ...

### ରାଜଧାନୀରେ ବୋମାମାଡ଼

## ୪ ବାଇକ୍ ପୋଡ଼ି ପାଉଁଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ଦିନକୁ ଦିନ ଅପରାଧର ମାତ୍ରା ବଢ଼ିବାରେ ଲାଗିଛି । ଚୋରି, ରାହାଜାନୀଠାରୁ ଆରମ୍ଭକରି ଛୁରାମାଡ଼ ଆଦି ବହୁ ଅପରାଧ ଘଟୁଛି । ଏହିପରି ଏକ ଅଭାବନୀୟ ଘଟଣା ପୁଣି ରାଜଧାନୀର ଭରତପୁର ଥାନା ଅଞ୍ଚଳରେ ଘଟିଥିବା ଦେଖିବାକୁ ମିଳିଛି । ଏଠାରେ କେହି ଦୁର୍ବୃତ୍ତ ବୋମାମାଡ଼ କରିଥିବାରୁ ସ୍ଥାନୀୟ ଅଞ୍ଚଳରେ କୋହୁଆ ଭୟ ସୃଷ୍ଟି ହୋଇଛି । ଜମିଜମା ବିବାଦକୁ କେନ୍ଦ୍ରକରି ଏହି ବୋମାମାଡ଼ ହୋଇଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ଖବର ପାଇ ଘଟଣା ସ୍ଥଳରେ ଭରତପୁର ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

### ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କୁ ସ୍ମରଣ କଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି। ଜୟଦେବଙ୍କ ଗୀତଗୋବିନ୍ଦ ଗାଇବାର ଅସାଧାରଣ ଦକ୍ଷତା ତାଙ୍କୁ ସ୍ୱତନ୍ତ୍ର କରିଛି। ଓଡ଼ିଶୀ ସଙ୍ଗୀତର ଗରିମା ବୃଦ୍ଧିରେ ତାଙ୍କ ସମର୍ପିତ ଜୀବନ ସର୍ବଦା ପ୍ରେରଣାର ଉତ୍ସ।

## ସମାଜସେବୀ କୃପାସିନ୍ଧୁ ସାହୁଙ୍କ ଜନ୍ମଦିନ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜାତୀୟ ବରିଷ୍ଠ ନାଗରିକ ମଞ୍ଚର ଉପ-ସଭାପତି, ରାଜ୍ୟ ମଞ୍ଚର ପ୍ରତିଷ୍ଠାତା ଓ ପୂର୍ବତନ ସଭାପତି, ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ଓ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଓ ସାର୍ବଜନୀନ ଦୁର୍ଗାପୂଜା ସମିତିର ଉପଦେଷ୍ଟା କୃପାସିନ୍ଧୁ ସାହୁଙ୍କ ୯୩ତମ ଜନ୍ମଦିନ ଭିଏସ୍‌ଏସ୍ ନଗରସ୍ଥିତ ଭୁବନେଶ୍ୱରୀ ମନ୍ଦିରରେ ପାଳିତ ହୋଇଯାଇଛି । ଜନ୍ମଦିନ ଉତ୍ସବରେ ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସେହିଭଳି ବୀର ସୁରେନ୍ଦ୍ର ସାଏ ନଗରର ଉନ୍ନୟନ ପରିଷଦ, ବରିଷ୍ଠ ନାଗରିକ ମଞ୍ଚ, ସାର୍ବଜନୀନ ଦୁର୍ଗାପୂଜା ସମିତି ସହିତ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ କୃପାସିନ୍ଧୁ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ କୃପାସିନ୍ଧୁ ସାହୁ କହିଥିଲେ ଯେ, ସମାଜସେବା କରିବାକୁ ଭଗବାନ ଶକ୍ତି ଦିଅନ୍ତୁ, ଏତିକି ମୋର ପ୍ରାର୍ଥନା ଓ କାମନା । ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେବା ସହିତ ଅତିଥୀ ପରିଚୟ ପ୍ରଦାନ କରିଥିଲେ । ଦୁର୍ଗାପୂଜା ସମିତିର ଉପ-ସଭାପତି ନିମାଇଁ ଚରଣ ଦାସ, ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଭ୍ରମରବର ପ୍ରଧାନ, ବରିଷ୍ଠ ସଦସ୍ୟ ଡ. କୁମୁଦ ମିଶ୍ର, ଉନ୍ନୟନ ପରିଷଦର ଯୁଗ୍ମ-ସମ୍ପାଦକ ଚିନ୍ତାମଣି ବାରିକ, ଶୋଭାକର ଦାସଫତେସିଂ ଓ ପ୍ରକାଶ କୁମାର ଦାସ ନିଜ ନିଜର ବକ୍ତବ୍ୟ ରଖିଥିବା ବେଳେ କୃପାସିନ୍ଧୁ ସାହୁଙ୍କ ବିଷୟରେ କବିତା ପାଠ କରିଥିଲେ ସରୋଜିନୀ ପରମଗୁରୁ, ପ୍ରଶାନ୍ତ କୁମାର ମହାପାତ୍ର ଓ ସୁରେନ୍ଦ୍ର କୁମାର ମହାନ୍ତି । ଶେଷରେ ଦୁର୍ଗାପୂଜା ସମିତି ତଥା ଭୁବନେଶ୍ୱରୀ ମନ୍ଦିର କମିଟିର ସାଧାରଣ ସମ୍ପାଦକ ପ୍ରତାପ କୁମାର ନନ୍ଦଙ୍କ ଦ୍ୱାରା ଧନ୍ୟବାଦ ପ୍ରଦାନ କରାଯାଇଥିଲା ।

## ପ୍ରଫେସର ସୁରେନ୍ଦ୍ର ମୋହନ ପାଣିଙ୍କ ସ୍ମୃତିଚାରଣ ସଭା



କଟକ(ଭାସ୍କର ନ୍ୟୁଜ୍): ରାଧାନାଥ ଉଚ୍ଚତର ଶିକ୍ଷାନୁଧ୍ୟାନ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍, ଶିକ୍ଷା ବଞ୍ଚାଅ କମିଟିର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡ. ପ୍ରଫେସର ସୁରେନ୍ଦ୍ର ମୋହନ ପାଣିଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାରାଭାରତ ଶିକ୍ଷା ବଞ୍ଚାଅ କମିଟି ପକ୍ଷରୁ ସ୍ଥାନୀୟ ଗାନ୍ଧୀଭବନରେ ଏକ ସ୍ମରଣ ସଭା ପ୍ରଫେସର ଅକ୍ଷୟ ଦାସ ସଭାପତିତ୍ୱ କରିଥିଲେ । ପ୍ରଫେସର ପାଣି ନିଜର ସରଳତା ତଥା ଶିକ୍ଷାର ବିକାଶରେ ଦୃଢ଼ ଓ ସଚ୍ଚୋଟ ବ୍ୟକ୍ତିତ୍ୱ ପାଇଁ ଶିକ୍ଷାବିତ ତଥା ଶିକ୍ଷାପ୍ରେମୀ ଜନସାଧାରଣଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ ବୋଲି ବିଶିଷ୍ଟ ବ୍ୟକ୍ତି ମତ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ରାଜ୍ୟ ସଭାପତି ପ୍ରଫେସର ବୀରେନ୍ଦ୍ର ନାୟକ, ଉପସଭାପତି ବିଶ୍ୱାବସୁ ଦାସ, ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ଜିଲ୍ଲା କମିଟିର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଚିତରଞ୍ଜନ ମହାନ୍ତି, ଶିକ୍ଷାବିତ୍ ପ୍ରଫେସର କର୍ମଦେବ ମହାରଣା, ପ୍ରଫେସର ସଚିନ୍ଦ୍ର ରାଉଳ, ଡକ୍ଟର ଅର୍ଜୁନ ବିଶ୍ୱାଳ, ପ୍ରଫେସର ପ୍ରମଥେସ ଦାସ, ଡକ୍ଟର ଦେବାଶିଷ ଆଚାର୍ଯ୍ୟ, କଟକ ଜିଲ୍ଲା କମିଟି କୋଷାଧ୍ୟକ୍ଷ ବିନୋଦ ସେଠୀ, କମିଟିର ସମ୍ପାଦକ ବବି ବଳବନ୍ତରାୟ ପ୍ରମୁଖ ସ୍ମୃତିଚାରଣ କରିଥିଲେ ।

# ଗଣ ସଫେଇର ନୂଆ ଦିଗକୁ ଆପଣାଇଲେ ବିଏମ୍‌ସି କର୍ତ୍ତୃପକ୍ଷ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରବିବାର ସକାଳୁ ଆରମ୍ଭ ହୋଇଛି ଗଣ ସଫେଇ କାର୍ଯ୍ୟକ୍ରମ । ଗଣ ସଫେଇ ସାଙ୍ଗକୁ, ଡାଳ କାଟିବା, ଲାଇଟି ମରାମତି, ମଶା ଲାର୍ଭା ନଷ୍ଟ କରିବା, ବୁଶ୍ କଟିଙ୍ଗ ଆଦି ସାମଗ୍ରିକ କାର୍ଯ୍ୟ ବିଏମ୍‌ସିର ୱାର୍ଡ ୫୦ ଅନ୍ତର୍ଗତ ବରମୁଣ୍ଡା ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି । ମେୟର ସୁଲୋଚନା ଦାସ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ରାମ ଚନ୍ଦ୍ର ରଣସିଂହ ଏବଂ ଦୀପକ ମିଶ୍ର ସମେତ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଏହି ଅଭିଯାନକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ମେୟର ନିବେଦନ କରିଛନ୍ତି । ତେବେ ଏ ପ୍ରକାରର ନୂତନ ଗଣ ସଫେଇ ଆମକୁ ଉତ୍ସାହିତ କରିଛି ବୋଲି କହିଛନ୍ତି ସ୍ଥାନୀୟ ନାଗରିକ । ହର ଘର ତ୍ରିରଙ୍ଗା ହର ଘର ସ୍ୱଚ୍ଛତା ବାର୍ତ୍ତାର ବାହକ ହେଉ ଏହି ଅଭିଯାନ ବୋଲି କହିଛନ୍ତି ମେୟର । ତେବେ ଆଜିର କାର୍ଯ୍ୟକ୍ରମରେ ବରମୁଣ୍ଡା ଅଞ୍ଚଳର ଚାରିଗୋଟି ରାସ୍ତା ଆପିକଲ୍ ଛକଠାରୁ ନୀଳକଣ୍ଠେଶ୍ୱର ମନ୍ଦିର, ନୀଳକଣ୍ଠେଶ୍ୱର ଠାରୁ ସିଦ୍ଧି ବିହାର ଜଙ୍କ୍ସନ, ନୀଳକଣ୍ଠେଶ୍ୱର ଠାରୁ ନରୁଲା ସୁଇଟ୍ସ, ଆପିକଲ ଛକରୁ ରମାମଣି ପେଟ୍ରୋଲ ପମ୍ପ ଇତ୍ୟାଦି ରାସ୍ତା ଗୁଡିକର ସମ୍ପୂର୍ଣ୍ଣ ସଫେଇ କରାଯାଇଛି । କମିଶନର ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ କ୍ରମେ ଅଘରେ ଘରେ ତ୍ରିରଙ୍ଗା ଘରେ ଘରେ ସ୍ୱଚ୍ଛତାର ବାର୍ତ୍ତା ପହଞ୍ଚାଇ କାର୍ଯ୍ୟକ୍ରମକୁ ପ୍ରତ୍ୟେକ ରବିବାର କରାଯିବ। ଏହାକୁ ଭିତିକରି ବି ଏମ୍ ସି ଅଞ୍ଚଳର ସାମଗ୍ରିକ ବିକାଶକୁ ଜନ ସହଯୋଗ ମାଧ୍ୟମରେ ତ୍ୱରାନ୍ୱିତ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାରେ ୨୦୦ରୁ ଅଧିକ ସ୍ୱଚ୍ଛ କର୍ମୀ ଓ ସ୍ୱଚ୍ଛ ସାଥି, ଜାଗୃତି ଏବଂ ବିକାଶ ସଂଗଠନର କର୍ମୀ ଏବଂ ଟିମ୍ ବିଏମ୍‌ସି ମିଳିତ ପ୍ରୟାସ କରିଥିଲେ। ଅତିରିକ୍ତ କମିଶନର ରତ୍ନାକର ସାହୁ ଏବଂ କୈଳାଶ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡେପୁଟି କମିଶନର କାଜଲ ପ୍ରଧାନ ଏବଂ ସୁଶ୍ରୀ ରଶ୍ମି ଅମାତ ସହଯୋଗୀ ପରିଚାଳନା ଭାର ନେଇଥିଲେ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ




### ନିଶା ରାକ୍ଷସ କବଳରେ ଯୁବବର୍ଗ

## ସମନ୍ୱିତ ଅଭିଯାନର ଆବଶ୍ୟକତା

କିଛିଦିନ ପୂର୍ବେ ଓଡ଼ିଶା ସମେତ ସାରା ବିଶ୍ୱରେ ତମାଖୁ ବର୍ଜନ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ତମାଖୁ ସମେତ ବିଷାକ୍ତ ମଦ ଓ ଡ୍ରଗ୍ସର ବ୍ୟବହାର ତଥା ପ୍ରସାରକୁ ରୋକିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏକ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାରା ବର୍ଷବ୍ୟାପୀ ଚାରିଟି ପର୍ଯ୍ୟାୟରେ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ସମସ୍ତ ପ୍ରକାର ନିଶା ସାମଗ୍ରୀ ଉପରେ ଅଙ୍କୁଶ ଲଗାଇବାକୁ ସୂଚନା ଦେଇଥିଲେ। ଏହି ଲକ୍ଷ୍ୟରେ ରାଜ୍ୟରେ ଅବକାରୀ ନୀତି ନୂଆ ରୂପରେ ଅଣାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ରାଜ୍ୟର ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କଲେ ଗୋଟିଏ ବିଷୟ ସ୍ପଷ୍ଟ ହେଉଛି ଯେ, ନିଶା କାରବାର ଉଦ୍‌ବେଗଜନକ ଭାବରେ ବୃଦ୍ଧି ପାଇବାରେ ଲାଗିଛି, ଯାହା ସାମାଜିକ ଜୀବନକୁ କ୍ରମଶଃ ବିପନ୍ନ କରୁଛି। କେବଳ ମଦ ନୁହେଁ, ଗୁଟ୍‌ଖା, ତମାଖୁ, ଗଞ୍ଜେଇ ଓ ବ୍ରାଉନ୍ ସୁଗାର ସମେତ ବିଭିନ୍ନ ପ୍ରକାର ନିଶା କାରବାର ବର୍ଷକୁ ବର୍ଷ ବଢ଼ି ଚାଲିଥିବାବେଳେ ତମାଖୁ ବର୍ଜନ ଦିବସ ହେଉ ଅବା ନିଶା ନିବାରଣ ଦିବସରେ ଦିଆଯାଉଥିବା ବାର୍ତ୍ତା ମୂଲ୍ୟହୀନ ମନେ ହେଉଛି। ଗୁଟ୍‌ଖା ଓ ତମାଖୁ ଆଦିର ବ୍ୟବହାର, କାରବାର, ପରିବହନ ଓ ଉତ୍ପାଦନ ଉପରେ ରାଜ୍ୟ ସରକାର ବାରବର୍ଷ ପୂର୍ବେ ନିଷେଧାଦେଶ ଜାରି କରିଥିଲେ ହେଁ ତାହାର ସାମାନ୍ୟତମ ପ୍ରଭାବ ଅନୁଭୂତ ହେଉନାହିଁ। ବରଂ ଏବେ ବଜାରରେ ଖୋଲାଖୋଲି ଭାବରେ ଏହିସବୁ ସାମଗ୍ରୀ ଉପଲବ୍ଧ ହେଉଛି। ଏପରିକି ଅନେକ ଲୋକ ସିଗାରେଟ୍ ଭିତରେ ଗଞ୍ଜେଇ ଓ ବ୍ରାଉନ୍‌ସୁଗାର ଆଦି ପୂରାଇ କଳାବଜାର କରୁଥିବାର ଲକ୍ଷ୍ୟ କରାଯାଉଛି। ରାଜ୍ୟର ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ନିଶା କାରବାରର ଚେର ଲମ୍ବିଥିବା ବେଳେ ସରକାରୀ ସ୍ତରରେ କାର୍ଯ୍ୟାନୁଷ୍ଠାନର ଅଭାବ ଦେଖିବାକୁ ମିଳୁଛି। ଅବଶ୍ୟ ବେସରକାରୀ ସ୍ତରରେ ଅନେକ ସାମାଜିକ ସଂଗଠନ ଓ ବ୍ୟକ୍ତିବିଶେଷ ଏବେ ନିଶା ରାକ୍ଷସ ବିରୋଧରେ ସେମାନଙ୍କର ଅଭିଯାନ ଅବ୍ୟାହତ ରଖିଛନ୍ତି। କେତେକ ସ୍ଥାନରେ ମହିଳାମାନେ ସଂଗଠିତ ହୋଇ ମଦ ଦୋକାନ ଖୋଲାଯିବା ଓ ବେଆଇନ ମଦ କାରବାର ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି। ଏସବୁ ସତ୍ତ୍ୱେ ସରକାର ନୀତିଗତ ଭାବରେ ସମ୍ପୂର୍ଣ୍ଣ ନିଶା ନିବାରଣ ନୀତି ଅପଣାଇ ସବୁପ୍ରକାର ନିଶା ବେପାରୀ, ବ୍ୟବହାରକାରୀ ତଥା ଉତ୍ପାଦନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ହିଁ ଏହି ସାମାଜିକ ସମସ୍ୟାର ଅନ୍ତ ଘଟିବ ବୋଲି ମତପ୍ରକାଶ ପାଉଛି। ଅତ୍ୟଧିକ ମଦ୍ୟପାନ ବା ଡ୍ରଗ୍ସ ସେବନ ଅନେକ ମାରାତ୍ମକ ରୋଗର ମୂଳ କାରଣ ହୋଇଥାଏ, ଯେଉଁଥି ପାଇଁ ପ୍ରତିବର୍ଷ ଅନେକ ଜୀବନ ଅକାଳରେ ଝଡ଼ି ପଡୁଛି। ଆମ ରାଜ୍ୟରେ ଗତ କିଛି ବର୍ଷ ଭିତରେ ମଦ କାରବାର ହୁ ହୁ ହୋଇ ବଢ଼ି ଚାଲିଛି। ବିଶେଷ କରି ଯୁବବର୍ଗ ନିଶା ରାକ୍ଷସର କବଳରେ ଅଧିକ ସଂଖ୍ୟାରେ ପଡୁଥିବାର ଲକ୍ଷ୍ୟ କରାଯାଉଛି। ଗତ ୨୦୦୦-୨୦୦୧ ଆର୍ଥିକ ବର୍ଷରେ ରାଜ୍ୟର ଅବକାରୀ ରାଜସ୍ୱ ପରିମାଣ ୧୩୫କୋଟି ୩୫ଲକ୍ଷ ଟଙ୍କା ଥିବା ସ୍ଥଳେ ୨୦୨୪-୨୫ ବର୍ଷ ବଜେଟ୍‌ରେ ଏହା ୮ ହଜାର ୬୮୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଚଳିତ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍‌ରେ ଅବକାରୀ ରାଜସ୍ୱ ପରିମାଣ ଆହୁରି ବୃଦ୍ଧି ପାଇ ୯ହଜାର ୭୫୪ କୋଟି ଟଙ୍କାରେ ପହଞ୍ଚିବା ନିଶା କାରବାର ବଢ଼ିବାର ସୂଚନା ଦେଉଛି। ଏକ ଜନମଙ୍ଗଳକାରୀ ରାଷ୍ଟ୍ରର ସରକାର ଲୋକଙ୍କ ସ୍ୱାସ୍ଥ୍ୟକୁ ବିପନ୍ନ କରାଇ ଆୟ ବୃଦ୍ଧି ନିମନ୍ତେ ପଦକ୍ଷେପ ଗ୍ରହଣ କରିବା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ଆମ ଦେଶର ସମ୍ବିଧାନରେ ନିଶା ନିବାରଣ ପ୍ରସଙ୍ଗ ଉଲ୍ଲେଖ କରାଯାଇଥିବା ବେଳେ ୨୦୦୮ ମସିହା ଓଡ଼ିଶା ଅବକାରୀ ଆଇନରେ ମଧ୍ୟ ନିଶା ନିବାରଣ କାର୍ଯ୍ୟକାରୀ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ପୃଷ୍ଠଭୂମିରେ ବର୍ତ୍ତମାନର ରାଜ୍ୟ ସରକାର ନୂଆ ଅବକାରୀ ନୀତି ପ୍ରଣୟନ କଲାବେଳେ ସବୁ ବିଷୟ ଚିକିନିଖି ଅନୁଧ୍ୟାନ କରି ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଏକାନ୍ତ ଜରୁରି। ନିଶା ରାକ୍ଷସ କବଳରୁ ମୁକ୍ତି ପାଇଁ କେବଳ ସରକାରୀ ସ୍ତରରେ ପ୍ରଚେଷ୍ଟା ଯଥେଷ୍ଟ ନୁହେଁ, ବେସରକାରୀ ସ୍ତରରେ ମଧ୍ୟ ଏକ ସମନ୍ୱିତ ଅଭିଯାନର ଆବଶ୍ୟକତା ଅନୁଭୂତ ହେଉଛି।

# ଅଗଷ୍ଟର ଆକୁଳ ଆର୍ତ୍ତନାଦରେ ବିଜୟର ଇତିହାସ



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର,
ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪
ଭୁବନେଶ୍ୱର, ମୋ: ୯୯୩୭୩୪୫୯୦୦

ଇତିହାସର ପୃଷ୍ଠାକୁ ରୋମନ୍ଥନ କଲେ କେତେ ଘଟଣା ଓ ଦୁର୍ଘଟଣାର ଶିକାର ମନୁଷ୍ୟ ହୋଇଥାଏ ଓ ତାହାର ସାକ୍ଷୀ କେବଳ ଇତିହାସ ହିଁ କହେ। କାରଣ ଇତିହାସ ହେଉଛି ଅତୀତର ଦର୍ପଣ। ଦର୍ପଣରେ ପ୍ରତିବିମ୍ବ ଗୁଡିକ ଯେପରି ସ୍ପଷ୍ଟ ଦେଖାଯାଏ ଠିକ୍ ସେହିପରି ଐତିହାସିକ ପୃଷ୍ଠଭୂମି ରୂପକ ଦର୍ପଣରେ ତତ୍କାଳୀନ ମଣିଷ ସମାଜର ଘଟଣା ଓ ଦୁର୍ଘଟଣା ଗୁଡିକ କ୍ରମାନ୍ୱୟରେ ଦେଖାଯାଏ। ଅନେକ ଘଟଣା ଓ ଦୁର୍ଘଟଣାର ପ୍ରତିବିମ୍ବ ଗୁଡିକ ମଧ୍ୟରୁ ଅଗଷ୍ଟ ମାସର ଘଟଣା ଗୁଡିକ ହେଉଛି ଭାରତ ତଥା ବିଶ୍ୱର ସ୍ମରଣୀୟ ଓ ହୃଦୟ ବିଦାରକ ଘଟଣା। ଅଗଷ୍ଟ ମାସ ହେଉଛି ପ୍ରଳୟ ଓ ପରିବର୍ତ୍ତନର ମାସ। ଯୁଦ୍ଧ, ହିଂସା, ବର୍ବରତା ଇତ୍ୟାଦି ଦ୍ୱାରା କୌଣସି ଜାତି ବା ଦେଶର ଉନ୍ନତି ଅସମ୍ଭବ। ଗୋଟିଏ ଦେଶର ଜନସାଧାରଣ କେବେ କୌଣସି ଅନ୍ୟ ଦେଶ ସହ କୌଣସି ଯଥାର୍ଥତା ନଥାଇ ଯୁଦ୍ଧ ଚାହାନ୍ତି ନାହିଁ। ମାତ୍ର ରାଜନୈତିକ ପୃଷ୍ଠଭୂମି ତଥା ମତ ପାର୍ଥକ୍ୟରୁ ଆରମ୍ଭ ହୁଏ ସଂଘର୍ଷ ଓ ତତ୍‌ପରେ ପରିଣାମ ହୁଏ ଯୁଦ୍ଧ ଓ ତାହାର କୁପରିଣାମ ହୁଏ ଶେଷରେ ଧ୍ୱଂସ। ସେହିଭଳି ଏକ ଘଟଣା ଘଟିଥିଲା ୧ ସେପ୍ଟେମ୍ବର ୧୯୩୯ ମସିହାର ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଆରମ୍ଭରେ, ଯେତବେଳେ ଜର୍ମାନୀ, ପୋଲାଣ୍ଡ ଉପରେ ଆକ୍ରମଣ କଲା। ବ୍ରିଟେନ, ଫ୍ରାନ୍ସ, ଆମେରିକା, ରୁଷ ହେଲେ ଏକ ପକ୍ଷ ଓ ଜର୍ମାନୀ, ଇଟାଲୀ ଓ ଜାପାନ ହେଲେ ଅନ୍ୟ ଏକ ପକ୍ଷ। ଫଳ ସ୍ୱରୂପ ବୃହତ ଶକ୍ତି ଆମେରିକା ୬ ଅଗଷ୍ଟ ୧୯୪୫ ମସିହାରେ ଜାପାନର ହିରୋସିମା ସହରରେ ଏକ ଧ୍ୱଂସକାରୀ ପରମାଣୁ ବୋମା ନିକ୍ଷେପ କଲା। ଯାହାର ନାମ ଥିଲା 'ଲିଟିଲ ବୟ'। ନାଁ ଟି ଥିଲା 'ଲିଟିଲ' ବା କ୍ଷୁଦ୍ର ମାତ୍ର ଉକ୍ତ ପରମାଣୁ ବୋମାର ଓଜନ ଥିଲା ୪,୪୦୦ କିଲୋଗ୍ରାମ, ୧୦ ଫୁଟ ଲମ୍ବ ଓ ୨୮ ଇଞ୍ଚ ଚଉଡା। ସେଥିରେ ୬୪ କେଜିର ୟୁରାନିୟମ ରାସାୟନିକ ପଦାର୍ଥ ଥିଲା ଯାହା ଜାପାନର ହିରୋସିମା ସହରର ୧୫ କିଲୋମିଟର ବ୍ୟାସାର୍ଦ୍ଧକୁ ବିଷାକ୍ତ କରି ଚତୁର୍ଦ୍ଦିଗ ଧୂମ୍ରମୟ ହୋଇଯାଇଥିଲା। ଆମେରିକାର ବୈଜ୍ଞାନିକମାନେ ଯେତେବେଳ 'ଥିନ ମେନ' ନାମକ ପ୍ଲୁରାନିୟମ-୨୩୯ ପରମାଣୁ ବୋମା ନିର୍ମାଣରେ ବିଫଳ ହୋଇଥିଲେ, ତାପରେ 'ଲିଟିଲ ବୟ' ୟୁରାନିୟମ-୨୩୫ର ସଫଳ ପରୀକ୍ଷଣ ଆମେରିକାର ଲସ ଆଲମସ ଲାବୋରଟେରୀରେ କୃତକାର୍ଯ୍ୟ ହେଲେ ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନ ଉପରେ ୬ ଅଗଷ୍ଟ ୧୯୪୫ ମସିହାରେ ନିକ୍ଷେପ ହେଲା।

୬ ଅଗଷ୍ଟ ୧୯୪୫ ମସିହା ଜାପାନ ସମୟ ସକାଳ ୮.୧୫ ମିନିଟରେ ଆମେରିକା ଦ୍ୱାରା ଜାପାନର ହିରୋସିମା ସହରରେ ୟୁରାନିୟମ କ୍ଷେପଣାସ୍ତ୍ର ନିକ୍ଷେପ କରାଗଲା। ମାତ୍ର ୪୪.୪ ସେକେଣ୍ଡରେ ହୀରୋସିମା ସହରର ୬୬,୦୦୦ ନିରୀହ ମଣିଷ ଅକାଳରେ ଟଳି ପଡିଲେ ଓ ୬୯,୦୦୦ ହଜାର ମଣିଷ କ୍ଷତାକ୍ତ ହୋଇ ଜୀବନ ସହ ସଂଗ୍ରାମ କଲେ। ଉକ୍ତ ୬୬,୦୦୦ ମୃତ ବ୍ୟକ୍ତିଙ୍କ ମଧ୍ୟରୁ ୨୦,୦୦୦ ମୃତ ବ୍ୟକ୍ତି କେବଳ ଜାପାନର ସୈନ୍ୟ ଥିଲେ। ହୀରୋସିମା ସହରର ୧.୬ କିଲୋମିଟର ବ୍ୟାସାର୍ଦ୍ଧ ଉକ୍ତ ଭୟଙ୍କର ବୋମା ନିକ୍ଷେପରେ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଗଲା। ବୋମା ନିକ୍ଷେପର ତୀବ୍ରତା ଏତେ ପ୍ରଖର ଥିଲା ଯେ, ୬୦% ମଣିଷ କେବଳ ନିଆଁ ଦ୍ୱାରା ଜଳି ମୃତ୍ୟୁବରଣ କରିଥିଲେ। ବୋମାରୁ ନିର୍ଗତ ହୋଇଥିବା ନିଉଟ୍ରନ ଓ ଗାମା ରାସାୟନିକ ପଦାର୍ଥର ବିକିରଣ ଏତେ ତୀବ୍ର ଥିଲା ଯେ ୧.୩ କିଲୋମିଟର ବ୍ୟାସାର୍ଦ୍ଧରେ ଥିବା ସମସ୍ତଙ୍କୁ ତାହା ଆଘାତ କରିଥିଲା। ଉକ୍ତ ଦୁର୍ଘଟଣାରୁ କୌଣସି ପ୍ରକାର ୬,୦୦୦ ବ୍ୟକ୍ତି ପ୍ରାଣ ବଞ୍ଚାଇ ଥିଲେ ମାତ୍ର ଉକ୍ତ ବିଷାକ୍ତ ପଦାର୍ଥର ବିକିରଣ ଯୋଗୁଁ ସମସ୍ତେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ ତନ୍ମଧ୍ୟରୁ ୩୦% ଆଘାତ ପ୍ରାପ୍ତ ହୋଇ ବଞ୍ଚି ରହିଲେ ମାତ୍ର ପୁରୁଷାନୁକ୍ରମେ ସେମାନେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଅଦ୍ୟାବଧି ତାହାର ଶିକାର ହେଉଛନ୍ତି। ତେଣୁ 'ଲିଟିଲ ବୟ'ର ବିଭୀଷିକାରେ ସାରା ବିଶ୍ୱ ସ୍ତବ୍ଧ ହୋଇଯାଇଥିଲା ଅଗଷ୍ଟରେ କରୁଣ ପରିସ୍ଥିତି ପାଇଁ। 'ଲିଟିଲ ବୟ'ର କରୁଣ ଚିତ୍ର ମାନସ ପଟ୍ଟରେ ନ ଲିଭୁଣୁ, ୯ ଅଗଷ୍ଟ ୧୯୪୫ରେ ବୃହତ ଶକ୍ତି ଆମେରିକା ପୁଣି ଏକ ପ୍ଲୁଟାନିୟମ ରାସାୟନିକ ପଦାର୍ଥ ଥିବା ବୋମା ଜାପାନର ନାଗାସାକୀ ସହର ଉପରେ ନିକ୍ଷେପ କଲା ଯାହାର ନାମ ଥିଲା 'ଫେଟ ମେନ'। 'ଫେଟ ମେନ'ର ଓଜନ ଥିଲା ୪,୬୭୦ କିଲୋ, ଲମ୍ବ ଥିଲା ୧୨୮ ଇଞ୍ଚ, ଚଉଡା ଥିଲା ୬୦ ଇଞ୍ଚ ଓ ୬.୪ କିଲୋଗ୍ରାମ ପ୍ଲୁଟାନିୟମ ଭର୍ତ୍ତି ଥିବା ବୋମା। ଆମେରିକାର ପରମାଣୁ ବୈଜ୍ଞାନିକ ରୋବର୍ଟ ସେରବର ଏହାର ନାମକରଣ କରିଥିଲେ। ଉକ୍ତ 'ଫେଟ ମେନ'ର ନିକ୍ଷେପ ଫଳରେ ଜାପାନର ନାଗାସାକୀ ସହରର ୩୫,୦୦୦ ରୁ ୪୦,୦୦୦ ମଣିଷ ପ୍ରାଣ ହରାଇଥିଲେ ଓ ୬୦,୦୦୦ରୁ ୮୦,୦୦୦ ଲୋକ ଉକ୍ତ ରାସାୟନିକ ପଦାର୍ଥର ପ୍ରକ୍ରିୟାରେ ରୋଗାକ୍ରାନ୍ତ ହୋଇଗଲେ। ତେଣୁ ଆମେରିକାର ଲସ ଆଲମସ ଲାବୋରୋଟେରୀରେ ରୋବର୍ଟ ସେରବର ଦ୍ୱାରା ନିର୍ମିତ 'ଫେଟ ମେନ' ଅଗଷ୍ଟ ୯ରେ ଜାପାନର ନାଗାସାକୀ ସହରରେ ମୃତ୍ୟୁ ଓ ଧ୍ୱଂସର ବିଭୀଷିକା ରଚନା କରିବା ପରେ ଦ୍ୱିତୀୟ ବିଶ୍ୱ ଯୁଦ୍ଧର ପରିସମାପ୍ତି ଘଟିଲା ୨ ସେପ୍ଟେମ୍ବର ୧୯୪୫ରେ ଯାହାଦ୍ୱାରା ସାରା ବିଶ୍ୱରେ ୭୦ ମିଲିୟନ ଲୋକଙ୍କର ପ୍ରାଣହାନି ଘଟିଲା। ତେଣୁ ଅଗଷ୍ଟ ମାସ ହେଉଛି ବିଶ୍ୱ ପାଇଁ, ଜାପାନ ପାଇଁ ଓ ଭାରତ ପାଇଁ ସ୍ମରଣୀୟ।

ଯୁଦ୍ଧ ସବୁବେଳେ ଦୁଇପକ୍ଷ ଦ୍ୱାରା ହୋଇଥାଏ ଓ ଉଭୟ ପକ୍ଷର ଅଳ୍ପ ବହୁତ କ୍ଷତି ହୋଇଥାଏ। ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଜାପାନରେ ବୋମା ବର୍ଷଣ ପରେ ବ୍ରିଟେନ ଅର୍ଥନୈତିକ କ୍ଷେତ୍ରରେ ସଂପୂର୍ଣ୍ଣ ମାତ୍ରରେ ଦୁର୍ବଳ ହୋଇଯାଇଥିଲା। ତେଣୁ ବ୍ରିଟେନର ଅର୍ଥନୈତିକ ସ୍ଥିତିକୁ ସୁଧାରିବା ପାଇଁ ବ୍ରିଟେନ ତାହାର ସମସ୍ତ ଅର୍ଥନୈତିକ ଶକ୍ତିର ଉତ୍ସକୁ ଭାରତରେ ନିଜର ଆଧିପତ୍ୟ ବିସ୍ତାର କରିବା ପରିବର୍ତ୍ତେ ନିଜ ଦେଶରେ ସାମାଜିକ ଓ ଅର୍ଥନୈତିକ ପୁନର୍ବାସ ଉପରେ ଗୁରୁତ୍ୱ ଦେଲା। ଉକ୍ତ ପରିସ୍ଥିତିକୁ ଅନୁଧ୍ୟାନ କରି ଆମେରିକା ମଧ୍ୟ ଭାରତର ସ୍ୱାଧୀନତାକୁ ଯଥାର୍ଥ ବୋଲି ପ୍ରତିପାଦିତ କରି ଭାରତର ଦାବିକୁ ସ୍ୱୀକୃତି ପ୍ରଦାନ କଲା। ଫଳ ସ୍ୱରୂପ ବ୍ରିଟେନ, ସାର ଷ୍ଟାଫୋର୍ଡ କ୍ରିପ୍ସଙ୍କୁ ଭାରତ ପ୍ରେରଣ କଲା ଓ ସର୍ତ୍ତ ମୂଳକ ଆଲୋଚନା କରିବାକୁ ପ୍ରସ୍ତାବ ଦିଆଗଲା ଯାହା ଭାରତର ସ୍ୱାଧୀନତା ସମଗ୍ରାମୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେଲା। ଯେତେବେଳ ଭାରତ କ୍ରିପ୍ସ ମିଶନକୁ ପ୍ରତ୍ୟାଖ୍ୟାନ କଲା, ଗାନ୍ଧୀଜୀଙ୍କ ଡାକରାରେ ଭାରତର ଜାତୀୟ କଂଗ୍ରେସ ୯ ଅଗଷ୍ଟ ୧୯୪୨ ମସିହାରେ ବ୍ରିଟେନକୁ ଭାରତ ଛାଡ ଆନ୍ଦୋଳନର ଡାକରା ଦେଲା। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ବ୍ରିଟେନ ବହୁତ ମାତ୍ରରେ ଅର୍ଥନୈତିକ ଭାରସାମ୍ୟ ହରାଇଥିଲା। ତେଣୁ ତାହାର ସୁଧାର ଆଣିବା ପାଇଁ ବ୍ରିଟେନ ନିକଟସ୍ଥ ଉପନିବେଶ ଗୁଡିକ ଉପରେ ନିର୍ଭରଶୀଳ ହେଲା, ମାତ୍ର ସେ ସମୟରେ ଗାନ୍ଧୀଜୀ ଭାରତୀୟ ମାନଙ୍କୁ ଏକତ୍ରିତ କରାଇ ବ୍ରିଟେନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ ଓ ପରେ ପରେ ସାରା ବିଶ୍ୱ ମଧ୍ୟ ବ୍ରିଟେନ ଉପନିବେଶକୁ ବିରୋଧ କଲେ ଓ ଭାରତର ମୁକ୍ତି ସଂଗ୍ରାମକୁ ମୋହର ଦେଲେ। ଯେତେବେଳେ ୧୯୪୫ ମସିହାରେ ବ୍ରିଟେନର ଲେବର ପାର୍ଟି ଶାସନ କ୍ଷମତାକୁ ଆସିଲା, ପ୍ରଧାନମନ୍ତ୍ରୀ କ୍ଲେମେଣ୍ଟ ଅଟଲୀ ଭାରତରେ ବ୍ରିଟିଶ ଶାସନକୁ ନା ପସନ୍ଦ କରି ଭାରତକୁ କିପରି ସ୍ୱାଧୀନତା ଦିଆଯାଇପରିବ ତାହାର ପରିକଳ୍ପନା ଚିନ୍ତା କଲେ। ଯାହାର ଫଳ ସ୍ୱରୂପ ୧୫ ଅଗଷ୍ଟରେ ଭାରତ ସ୍ୱାଧୀନ ହେଲା।

ଫେବୃୟାରୀ ୧୯୪୭ରେ ବ୍ରିଟିଶ ସରକାର ଘୋଷଣା କଲେ ଯେ ଭାରତକୁ ଜୁନ ୧୯୪୮ରେ ସ୍ୱାଧୀନତା ଦିଆଯିବ। ମାତ୍ର ପ୍ରସ୍ତାବିତ ପାକିସ୍ଥାନର ସୃଷ୍ଟିକୁ ନେଇ ଉକ୍ତ ଘୋଷଣା କ୍ରମେ ହିନ୍ଦୁ – ମୁସଲିମ ମଧ୍ୟରେ ଏକ ବିରାଟ ବିଭେଦ ସୃଷ୍ଟି କଲା। ତେଣୁ ଲର୍ଡ ମାଉଣ୍ଟ ବାଟେନ ଜୁଲାଇ ୧୫, ୧୯୪୭ରେ ଘୋଷଣା କଲେ ଯେ ବ୍ରିଟେନ ଭାରତକୁ ୧୫ ଅଗଷ୍ଟ ୧୯୪୭ରେ ସ୍ୱାଧୀନ ଘୋଷଣା କରିବ। ତଦନୁଯାୟୀ ୧୫ ଅଗଷ୍ଟ ୧୯୪୭ ରେ ଭାରତ ସ୍ୱାଧୀନ ହେଲା। ବିଶ୍ୱର ଘଟଣାକ୍ରମ, ଦ୍ୱିତୀୟ ବିଶ୍ୱଯୁଦ୍ଧ, ଜାପାନର ହୀରୋସିମା ଓ ନାଗାସାକୀର ବିଭୀଷିକା ତଥା ଭାରତର ମୁକ୍ତି ସଂଗ୍ରାମକୁ ବିଶ୍ଳେଷଣ କଲେ ଅଗଷ୍ଟ ମାସରେ ହିଁ ସମସ୍ତ ଘଟଣା ଓ ଦୁର୍ଘଟଣା ହୋଇଅଛି। ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଯେତେବେଳେ ପ୍ରଥମେ ଭାରତର ମୋଗଲ ଦରବାର ପରିଦର୍ଶନ କଲେ ଓ ଭାରତରେ ପ୍ରଥମେ ପଦାର୍ପଣ କଲେ ତାହା ଥିଲା ଅଗଷ୍ଟ ମାସ ୧୬୦୮ ମସିହା। ମହାତ୍ମା ଗାନ୍ଧୀଙ୍କ ଡାକରରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ 'ଅସହଯୋଗ ଆନ୍ଦୋଳନର' ଅୟମାରମ୍ଭ ହୋଇଥିଲା, ୧ ଅଗଷ୍ଟ ୧୯୨୦ ମସିହାରେ। ଭାଇସ ରୟ ଲର୍ଡ ଲୀନ ଲିଥ ଗୋ ୮ ଅଗଷ୍ଟ ୧୯୪୦ରେ କେତେକ ପ୍ରସ୍ତାବ ଭାରତୀୟ ମାନଙ୍କ ପାଇଁ ରଖିଥିଲେ ଯାହା 'ଅଗଷ୍ଟ ଅଫର' ନାମରେ ପରିଚିତ। ଭାରତର ଅଗଷ୍ଟ ଆନ୍ଦୋଳନ ବା ଭାରତ ଛାଡ ଆନ୍ଦୋଳନ ୮ ଅଗଷ୍ଟ ୧୯୪୨ ମସିହାରେ ଜାତୀୟ କଂଗ୍ରେସ ଦ୍ୱାରା ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା ଓ ମହାତ୍ମା ଗାନ୍ଧୀ ଅଗଷ୍ଟ ୯ ରେ ଉକ୍ତ ଆନ୍ଦୋଳନର ଅୟମାରମ୍ଭ କରିଥିଲେ ଯାହା ଅଗଷ୍ଟ କ୍ରାନ୍ତି ବା ଅଗଷ୍ଟ ଆନ୍ଦୋଳନ ନାମରେ ପରିଚିତ। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ଭାରତର ବ୍ରିଟିଶ ଶାସନର ବିଲୋପ ପାଇଁ ଗାନ୍ଧୀଙ୍କର 'କର ବ ମର' ଡାକରା ଥିଲା ଭାରତ ସ୍ୱାଧୀନତା ପାଇଁ ଏକ କ୍ଷେପଣାସ୍ତ୍ର। ପରିଶେଷରେ ବ୍ରିଟିଶ ସରକାର ଭାରତୀୟ ମାନଙ୍କର ଅହିଂସା ସଂଗ୍ରାମର କ୍ଷେପଣାସ୍ତ୍ରରେ ଅଣ-ନିଶ୍ୱାସୀ ହୋଇ ଭାରତକୁ ୧୫ ଅଗଷ୍ଟ ୧୯୪୭ ମସିହାରେ ସ୍ୱାଧୀନତା ଦେଲେ। ତେଣୁ ଦିତୀୟ ବିଶ୍ୱ ଯୁଦ୍ଧର ହିଂସାତ୍ମକ ଆକ୍ରମଣରୁ ଭାରତର 'ଅହିଂସା ଆନ୍ଦୋଳନ' ଭାରତ ଛାଡ ଆନ୍ଦୋଳନର ବିଜୟ ହେଲା ଓ ଅଗଷ୍ଟ ବିପ୍ଳବର ଫଳ ସ୍ୱରୂପ ଭାରତ ୧୫ ଅଗଷ୍ଟ ୧୯୪୭ ମସିହାରେ ସ୍ୱାଧୀନ ହେଲା। ସେଥିପାଇଁ ଅଗଷ୍ଟ ହେଉଛି ବିଶ୍ୱ ତଥା ଭାରତର କ୍ରାନ୍ତି ଓ ପରିବର୍ତ୍ତନର ମାସ। ଦିତୀୟ ବିଶ୍ୱ ଯୁଦ୍ଧରେ ଭାରତର ଅହିଂସା ନୀତି ଓ ଯୁଦ୍ଧରେ ରାସାୟନିକ ପଦାର୍ଥର ଭୟାବହତାର ଉପଲବ୍ଧି ହିଁ ଭାରତ ସ୍ୱାଧୀନତାର ସହାୟକ ହୋଇଥିଲା। ତେଣୁ ଅଗଷ୍ଟ ହେଉଛି ଅହିଂସା, ସତ୍ୟ, ନିଷ୍ଠା, କର୍ତ୍ତବ୍ୟ, ତ୍ୟାଗ ଓ ସହନଶୀଳତାର ବିଜୟ।

## ଅହଂକାରରୁ ମୁକ୍ତି ଓ ସ୍ୱାଭିମାନ



ଦେବଦତ୍ତ ବିଶ୍ୱାଳ
ଚହଟା, କଟକ
ମୋ : ୯୮୬୧୯୪୪୫୯୪

ସ୍ୱାଭିମାନ ଓ ଅହଙ୍କାର ଏକାପରି ଜଣାପଡ଼ିଲେ ମଧ୍ୟ ଏ ଦୁଇଟିର ପ୍ରକୃତି ଓ ପରିଣତି ମଧ୍ୟରେ ଆକାଶ ପାତାଳ ପ୍ରଭେଦ ରହିଛି। ଭୌତିକ ପଦାର୍ଥ କିମ୍ବା ପରିସ୍ଥିତିରୁ ଅହଙ୍କାର ଜାତ ହୋଇଥାଏ। ଧନବଳ, ସୌନ୍ଦର୍ଯ୍ୟ, ଶିକ୍ଷା, କଳା କୌଶଳ ଆଦି ଦ୍ୱାରା ଅନ୍ୟଜଣକ ଠାରୁ ନିଜକୁ ଶ୍ରେଷ୍ଠ ମନେ କରିବା, ଦର୍ପ ଦେଖାଇବା ଏବଂ ଅନ୍ୟକୁ ତିରସ୍କାର କରିବା ବା ଉପହାସ କରିବା ହେଉଛି ଅହଂକାର। ଅପରପକ୍ଷରେ ସ୍ୱାଭିମାନ ହେଉଛି ଆତ୍ମଗୌରବର ସଂରକ୍ଷଣ ଓ ଅଭ୍ୟୁଦୟର ପ୍ରୟାସ। ଆନ୍ତରିକ ଉତ୍କୃଷ୍ଟତାକୁ ଅକ୍ଷୁର୍ଣ୍ଣ ରଖିବାର ସାହସ ଏଥିରେ ରହିଥାଏ। ଚାପ କିମ୍ବା ପ୍ରଲୋଭନ ଆଗରେ ନଇଁନଯିବା ଏବଂ ଉଚିତ୍ ମାର୍ଗରେ ଯାତ୍ରା କରୁଥିବାବେଳେ ବିଚଳିତ ନହେବା ସ୍ୱାଭିମାନର ଲକ୍ଷଣ। ସ୍ୱାଭିମାନ ରକ୍ଷା କଲାବେଳେ ବହୁ ବାଧା ବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ ଏବଂ ଦୁର୍ଜନମାନଙ୍କ ବିରୋଧ ସହିବାକୁ ହୋଇଥାଏ। ଅହଙ୍କାର ବୃଦ୍ଧି ପାଇଲେ ବ୍ୟକ୍ତିର ସମ୍ବେଦନଶୀଳତା, ସରସତା ଓ ସଦ୍‌ଗୁଣ ହ୍ରାସ ପାଇଥାଏ।

ଶାସ୍ତ୍ର କହିବା ଅନୁସାରେ, "ଅହଙ୍କାର ମନୁଷ୍ୟର ଆତ୍ମାକୁ ପୃଥିବୀର ଖୁଣ୍ଟରେ ବାନ୍ଧି ରଖିଦିଏ।" ସାଧୁ ସନ୍ଥମାନେ କହନ୍ତି, "ଅହଙ୍କାର ହେଉଛି ମନୁଷ୍ୟର ପତନର କାରଣ। ଏହା ଜଣକୁ ଉଦ୍ଦଣ୍ଡ ଓ କ୍ରୋଧୀ କରିଦେଇଥାଏ। ଅହଙ୍କାରୀ ବ୍ୟକ୍ତିମାନେ ସାଧାରଣତଃ କୃତଘ୍ନ ସ୍ୱଭାବର। ସେମାନେ କେବଳ ନିଜର ବଡ଼ିମା କରିଥାନ୍ତି। ନମ୍ରତା ଓ ବିନମ୍ର ଭାବ ସେମାନଙ୍କଠାରେ ଦେଖାଯାଏ ନାହିଁ। ଏହି ବ୍ୟକ୍ତିମାନେ ଶତ୍ରୁ ବୃଦ୍ଧି କରିଥାନ୍ତି ଓ ଶେଷରେ ନିଜର କ୍ଷତି ଘଟାନ୍ତି।" ଅହଙ୍କାରରୁ ମୁକ୍ତି ପାଇବାର ଏକମାତ୍ର ବାଟ ହେଉଛି ସମସ୍ତଙ୍କର କଲ୍ୟାଣ କାମନା କରିବା। ''ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟଃ'' ଭାବନା ମନୁଷ୍ୟକୁ ଅହଙ୍କାରରୁ ଉର୍ଦ୍ଧ୍ୱକୁ ନେଇଥାଏ। ବିଶ୍ୱକବି ରବୀନ୍ଦ୍ର କହନ୍ତି 'ମସ୍ତକ ମୋର ଅବନତ କର ତୁମାର ଚରଣ ଧୂଳିର ତଳେ, ସକଳ ଅହଂକାର ବୁଡ଼ାଅ ନୟନ ଜଳେ'।

## ପେଷି ହୋଇଯାଇଛି 'ପେସା' ଆଇନ



ଯୁଧିଷ୍ଠିର ମହାରଣା
ଆଇନଜୀବୀ
ଓଡ଼ିଶା ହାଇକୋର୍ଟ, କଟକ,

ଓଡ଼ିଶାରେ ଡବଲ ଇଞ୍ଜିନର ସରକାର, କେନ୍ଦ୍ରରେ ନରେନ୍ଦ୍ର ମୋଦିଜୀ ଏପଟେ ଓଡ଼ିଶାରେ ମୋହନ ଚରଣ ମାଝୀ : ଡବଲ ଇଞ୍ଜିନ ସରକାରର ପ୍ରଭାବ ରାଜ୍ୟରେ ଅଭିବୃଦ୍ଧି ଓ ବିକାଶ କରୁଛି ବୋଲି ଅନେକ ଆଲୋଚନା କରୁଛନ୍ତି ଏବଂ କେହି କେହି ଏହାର ସୁଫଳ ପାଇଛନ୍ତି ବୋଲି ସ୍ୱୀକାର କରୁଛନ୍ତି। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଜଣେ ଆଦିବାସୀ ବର୍ଗର କିନ୍ତୁ ଆମେ ଆଲୋଚନା କରୁଥିବା 'ପେସା' ଆଇନଟି ସମ୍ପୂର୍ଣ୍ଣ ଭାବେ ପାରମ୍ପରିକ ଆଦିବାସୀ ବର୍ଗଙ୍କ ପାଇଁ ହୋଇଥିବାବେଳେ ଏବଂ ଯାହାଦ୍ୱାରା ଆମ ଓଡ଼ିଶାର ପାଖାପାଖି ଏକ କୋଟିରୁ ଉର୍ଦ୍ଧ୍ୱ ଆଦିମ ଜନଜାତିଙ୍କ ଭିତରୁ ତଫସିଲଭୁକ୍ତ ଅଞ୍ଚଳରେ ବସବାସ କରୁଥିବା ପ୍ରାୟ ୬୦ଲକ୍ଷ ଆଦିବାସୀ ଉପକୃତ ହୋଇପାରିବେ, କିନ୍ତୁ ଏଯାବତ୍ ଏହି ଆଇନଟି କେବଳ ପ୍ରଣୟନ ହେବାର ୨୯ ବର୍ଷ ଅତିକ୍ରମ କରିବାକୁ ଯାଉଥିଲେ ମଧ୍ୟ ବାସ୍ତବ ଢ଼ଙ୍ଗରେ ଏହି ଆଇନର ସଫଳ ରୂପାୟନ ପାଇଁ ସରକାରୀ ଭାବେ ଧାର୍ଯ୍ୟ ନିୟମ ହୋଇପାରିନାହିଁ। ତଥ୍ୟ ଅନୁଯାୟୀ ୨୦୨୩ରେ ଓଡ଼ିଶା ସରକାର ଏକ ଚିଠା ପ୍ରସ୍ତୁତ କରିଥିଲେ ପରେ ଅର୍ଥାତ୍ ୨୦୨୪ରେ ଆଦିବାସୀ ନେତା ଓ ଅନ୍ୟ ମାନଙ୍କ ଜନ ଶୁଣାଣିର ବ୍ୟବସ୍ଥା ହୋଇଥିଲା କିନ୍ତୁ ଏହି ଆଇନଟି ସେହିପରି ସରକାରଙ୍କ ଶୀତଳ ଭଣ୍ଡାରରେ ପଡ଼ି ରହିଛି। ତେବେ ଆଲୋଚ୍ୟର ପ୍ରସଙ୍ଗ ହେଉଛି ଭାରତର ଯେଉଁ ଦଶଟି ରାଜ୍ୟ, ଯେଉଁମାନେ କି ପଞ୍ଚମ ତଫସିଲ ଅନ୍ତର୍ଭୁକ୍ତ ସେଥି ଭିତରୁ କେବଳ ଓଡ଼ିଶା ଓ ଝାଡ଼ଖଣ୍ଡକୁ ଛାଡ଼ି ଦେଲେ ଅନ୍ୟ ରାଜ୍ୟମାନେ ଏହି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥା, ନିୟମ ପ୍ରଣୟନ କରିସାରିଛନ୍ତି।

କେନ୍ଦ୍ର ସରକାରଙ୍କ ଦ୍ୱାରା ୧୯୯୬ରେ ପ୍ରୋଭିଜନସ ଅଫ ପଞ୍ଚାୟତ ଏକସଟେନସନ ଟୁ ସିଡ୍ୟୁଲଡ଼ ଏରିଆଜ ଆକ୍ଟ ବା ପେସା ଆଇନ ପ୍ରଣୀତ ହେବା ପରେ ଓଡ଼ିଶାର ଗ୍ରାମ ପଞ୍ଚାୟତ ଆଇନ, ୧୯୬୪, ପଞ୍ଚାୟତ ସମିତି ଆଇନ, ୧୯୫୯ ଓ ଜିଲ୍ଲା ପରିଷଦ ଆଇନ, ୧୯୯୧ରେ ପେସା ଆଇନର ପ୍ରାବଧାନଗୁଡିକ ଅନ୍ତର୍ଭୁକ୍ତ କରାଗଲା। ସମ୍ବିଧାନର ପଞ୍ଚମ ତଫସିଲ ଅନ୍ତର୍ଗତ ୧୦ଟି ରାଜ୍ୟର ଆଦିବାସୀ ବହୁଳ ତଫସିଲଭୁକ୍ତ ଅଞ୍ଚଳରେ ଏହି ଆଇନ କାର୍ଯ୍ୟକାରୀ ହେଉଛି। ଓଡ଼ିଶାର ମୟୂରଭଞ୍ଜ, ସୁନ୍ଦରଗଡ଼, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ମାଲକାନାଗିରି ଓ ରାୟଗଡ଼ା ଭଳି ୭ଟି ଜିଲ୍ଲା ସମ୍ପୂର୍ଣ୍ଣ ଭାବେ ଓ ବାଲେଶ୍ୱର, କେନ୍ଦୁଝର, ଗଞ୍ଜାମ, ସମ୍ବଲପୁର ଓ କଳାହାଣ୍ଡି ଜିଲ୍ଲାର ନିର୍ଦ୍ଦିଷ୍ଟ କେତେକ ବ୍ଲକ ବା ତହସିଲକୁ ତଫସିଲଭୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ରାଜ୍ୟର ସମୁଦାୟ ୩୧୪ଟି ବ୍ଲକ ମଧ୍ୟରୁ ୧୧୮ଟି ବ୍ଲକ ସମ୍ପୂର୍ଣ୍ଣ ଭାବେ ଓ ୩ଟି ବ୍ଲକ ଆଂଶିକ ଭାବେ ତଫସିଲଭୁକ୍ତ ଅଞ୍ଚଳ। ଏହାର ଅର୍ଥ ଓଡ଼ିଶାର ମୋଟ ଭୌଗୋଳିକ କ୍ଷେତ୍ରର ପ୍ରାୟ ୪୫% ତଫସିଲଭୁକ୍ତ ଅଞ୍ଚଳ ଅନ୍ତର୍ଭୁକ୍ତ ଯେଉଁଠି ରାଜ୍ୟର ସମୁଦାୟ ଆଦିବାସୀ ଜନସଂଖ୍ୟାର ପ୍ରାୟ ୬୮% ବସବାସ କରନ୍ତି। ଏହି ସମସ୍ତ ଅଞ୍ଚଳରେ ପେସା ଆଇନ ଲାଗୁ ହେବା ଏକ ସମ୍ବିଧାନିକ ଆବଶ୍ୟକତା ହୋଇଥିବାରୁ ଏହା ଶୀଘ୍ର କାର୍ଯ୍ୟକାରୀ ହେବା ଗୁରୁତ୍ୱପୂର୍ଣ୍ଣ।

ମୂଳକଥା ହେଉଛି ଏଯାବତ୍ ଗ୍ରାମସଭା ପରିଚାଳନାରେ ବାବୁରାଜଙ୍କ ଗୁରୁତ୍ୱ ରହିଛି। ପେସା ଆଇନ କାର୍ଯ୍ୟକାରୀ ହେଲେ ସେମାନଙ୍କ ପ୍ରଭାବ ହ୍ରାସ ପାଇବା ସହ ଜମି ଅଧିଗ୍ରହଣ କାର୍ଯ୍ୟ ଆଉ ସହଜ ହେବନାହିଁ। ସେହିପରି ଲଘୁ ଖଣିଜ ଦ୍ରବ୍ୟର ଲାଇସେନସ ପ୍ରଦାନ ଭଳି କ୍ଷମତା ହାତରୁ ଚାଲିଯିବାର ଭୟ ମଧ୍ୟ ରହିଛି। ପେସା ଆଇନ ପ୍ରସଙ୍ଗରେ ମାନବ୍ୟର ହାଇକୋର୍ଟଙ୍କ ପାଖରେ ଅନେକ ଆବେଦନ ପଡ଼ି ରହିଛି। ଓଡ଼ିଶା ପରି ଏକ ଖଣିଜ ଓ ପ୍ରାକୃତିକ ସମ୍ପଦ ପରିପୂର୍ଣ୍ଣ ରାଜ୍ୟ ଯେଉଁଠି କେବଳ ଖଣିଜ ପଦାର୍ଥରୁ ସରକାର ବର୍ଷକୁ ପାଖାପାଖି ୫୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରାଜସ୍ୱ ପାଉଛନ୍ତି ଏବଂ ରାଜସ୍ୱ ବଢ଼ାଇବା କ୍ଷେତ୍ରରେ ତଥା ରାଜ୍ୟରେ ପୁଞ୍ଜିବିନିଯୋଗ କ୍ଷେତ୍ରରେ ପୁଞ୍ଜିପତି, ଖଣି ମାଲିକ ଓ ଶିଳ୍ପପତି ମାନଙ୍କ ଉଭୟ ଅବଦାନ ଓ ଯୋଗଦାନ ରହୁଥିବାରୁ ଆଦିବାସୀଙ୍କ ଅଧିକାର ସୁରକ୍ଷା ଓ ପରିବେଶ ଆଇନର କଠୋର ଅନୁପାଳନ ହେବାର ଆଶଙ୍କା ଥିବାରୁ ପେସା ଆଇନକୁ ବିଳମ୍ବିତ ତଥା ଗ୍ରାମ ସଭାର କ୍ଷମତାକୁ ଅଣଦେଖା କରାଯିବା ପାଇଁ ଯୋଜନା ହେଉଥିବାର ଅଭିଯୋଗ ବି ଉଠୁଛି। ଓଡ଼ିଶାର ଜନଜାତି ବହୁଳ ଅଞ୍ଚଳରେ ଯେଉଁପରି ପ୍ରଗତି ପାଇଁ ଖଣି ଖୋଲା ଯାଉଛି ବିସ୍ଥାପନ ଏହାର ଏକ ବଡ଼ ସମସ୍ୟା। ଶକ୍ତିଶାଳୀ ଖଣି ଓ ଶିଳ୍ପଲବି ମଧ୍ୟ ଏ କ୍ଷେତ୍ରରେ ବଡ଼ କାର୍ଯ୍ୟ କରୁଛି। ଓଡ଼ିଶାରେ ପେସା ଆଇନ ପ୍ରଣୟନ ହେଲେ ସାମଗ୍ରିକ ଭାବେ ଆଦିବାସୀ ମାନଙ୍କ କେବଳ ସ୍ୱାର୍ଥ ସୁରକ୍ଷା ହେବନାହିଁ ଗ୍ରାମସଭା ଓ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକ କ୍ଷମତା ପ୍ରାପ୍ତ ହୋଇ ସେମାନଙ୍କ ଜଳ, ଜମି, ଜଙ୍ଗଲ ଓ ନିଜ ସମ୍ବଳ କ୍ଷେତ୍ରରେ ନିଷ୍ପତ୍ତି ନେବାକୁ ନିଜେ କ୍ଷମତା ପ୍ରାପ୍ତ ହେବେ। ଲଘୁ ବନଜାତ ଦ୍ରବ୍ୟର ମାଲିକାନା ଠାରୁ ଖଣି ପାଇଁ ଲାଇସେନ୍ସ, ଏ ସବୁ ଗ୍ରାମସଭା ଦ୍ୱାରା ନିୟନ୍ତ୍ରିତ ହେବ ଏବଂ ଗ୍ରାମ ସଭାର ଅନୁମୋଦନ ହିଁ ଯେକୌଣସି ଉପରୋକ୍ତ ପ୍ରକଳ୍ପ ପାଇଁ ଗୁରୁତ୍ୱ ପାଇବ। ଏବେ ବି ଓଡ଼ିଶାର ଏହି ନିରୀହ ଆଦିବାସୀମାନେ ଖଣି ପ୍ରଭାବଶାଳୀ, ଅଦୃଶ୍ୟ ଶକ୍ତିଶାଳୀ ବ୍ୟକ୍ତି, ମହାଜନଙ୍କ ଠାରୁ ଯେଉଁ ଶୋଷିତ ନିର୍ଯାତିତ ହେଉଛନ୍ତି ତାହା ଉପରେ ଅଙ୍କୁଶ ଲାଗିପାରିବ। ଏହି ପେସା ଆଇନ ହିଁ ଆଦିବାସୀମାନଙ୍କ ନିଜସ୍ୱ ଜୀବନ ଧାରଣାର ମାନ ବଢ଼ାଇ ପାରିବ। ସେମାନଙ୍କର ଦାରିଦ୍ର୍ୟତା ଦୂର ପାଇଁ ଏହା ବଡ଼ ସୁରକ୍ଷା କବଚ ସାଜିବ। ତେଣୁ ଜନସ୍ୱାର୍ଥ କୈନ୍ଦ୍ରିକ ବିକାଶ କ୍ଷେତ୍ରରେ ପେସା ଆଇନ ନିଶ୍ଚିନ୍ତ ଭାବରେ ଓଡ଼ିଶାର ଆଦିବାସୀ ସମାଜର ସାମଗ୍ରିକ ହିତ ପାଇଁ ଯେ କାର୍ଯ୍ୟ କରିବ ଏହା ସମସ୍ତଙ୍କୁ ଜଣା। ଏ ନେଇ ରାଜନୈତିକ ଇଚ୍ଛାଶକ୍ତି ସବୁଠାରୁ ବଡ଼କଥା।

## ପ୍ରବୃତ୍ତି ଏବଂ ନିବୃତ୍ତି



ଲଳିତ ମୋହନ ମିଶ୍ର
କୁରାଳ, ନୟାଗଡ଼
ମୋ: ୯୪୩୭୯୮୫୮୬୬

ଜୀବନର ମହତ୍ୱପୂର୍ଣ୍ଣ ମାର୍ଗ ହେଉଛି ପ୍ରବୃତ୍ତି ଏବଂ ନିବୃତ୍ତି। ମୁଖ୍ୟତଃ ଏହି ଦୁଇଟି ମାର୍ଗ ଦେଇ ଆମେ ଏକ ବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟ କରୁ। ମାନବ ଜୀବନର ସଫଳତା ଏଥିରେ ନିହିତ। ଏଗୁଡ଼ିକ ଆମ ଚିନ୍ତାଧାରାକୁ ପ୍ରଭାବିତ କରେ। ଏହା ଆମକୁ ବେଳେ ବେଳେ କ୍ଷତି କରେ ଏବଂ ଉନ୍ନତ କରେ। ଆମ ବିଭେଦର ଶକ୍ତିକୁ ବିକଶିତ କରେ। ବାସ୍ତବରେ ପ୍ରବୃତ୍ତି ମାର୍ଗରେ ଚେତନା ଶୋଇଥାଏ ଏବଂ ନିବୃତ୍ତି ମାର୍ଗରେ ଚେତନା ଜାଗ୍ରତ ହୋଇଥାଏ। ପ୍ରବୃତ୍ତି ଅର୍ଥ ନଇଁଯିବା ସହିଯିବା। ନିବୃତ୍ତି ଅର୍ଥ ମୁକ୍ତି ମୋକ୍ଷ ଓ ତ୍ୟାଗ। ଉଭୟ ମାର୍ଗ ଆମ ଭିତରେ ସ୍ଥୁଳ ଓ ସୂକ୍ଷ୍ମ ରୂପରେ ଥାଏ। ତେଣୁ ସେଗୁଡ଼ିକ ଧର୍ମ। ପ୍ରବୃତ୍ତି ମାର୍ଗ ଭୌତିକବାଦକୁ ଅନୁସରଣ କରିଥାଏ। ଏହା ମୋକ୍ଷକୁ ଖୋଜିବାରେ ଗୁରୁତ୍ୱାରୋପ କରିଥାଏ। ଏହା ଦୈହିକ ସୁଖ ଭୋଗରେ ଲିପ୍ତ ରହେ। ଅନ୍ୟପକ୍ଷରେ ନିବୃତ୍ତି ମାର୍ଗ ଭୌତିକ ଲକ୍ଷ୍ୟର ତ୍ୟାଗ ଉପରେ ଆଧାରିତ। ଏହା ମୋହ ମାୟା ଆସକ୍ତି ଏବଂ ଆକର୍ଷଣର ବାହାରେ। ପ୍ରବୃତ୍ତି ମାର୍ଗ ସଂସାରକୁ ତଳକୁ ତଳକୁ ନେଇଯାଏ। ନିବୃତ୍ତି ମାର୍ଗ ଦିବ୍ୟ ଚେତନାକୁ ଉପରକୁ ଉପରକୁ ନେଇଯାଏ। ପ୍ରବୃତ୍ତି ମାର୍ଗରେ ହଜାରେ ପ୍ରକାରର ପ୍ରକୃତି ଅନ୍ତର୍ଭୁକ୍ତ, ଯାହା ସତ୍ ପ୍ରବୃତ୍ତି ଏବଂ ଦୁଷ୍ ପ୍ରବୃତ୍ତିରେ ଅନ୍ତର୍ଭୁକ୍ତ। ପ୍ରବୃତ୍ତି ଆମକୁ ଜୀବନଯାପନ କରିବାର ସୁନ୍ଦର-ଅସୁନ୍ଦର ପ୍ରଣାଳୀ ବତାଇଥାଏ। ଆମେ ସାଂସାରିକ ପ୍ରଗତି ଆଡକୁ ଗତି କରୁ। ଆମର ଲାଭଦାୟକ ବିଷୟ ପ୍ରତି ଆକର୍ଷିତ ହୋଇଥାଉ। ଯଦି ଆମେ ଆମର ତୀବ୍ର ଇଚ୍ଛାକୁ ନିୟନ୍ତ୍ରଣ ନ କରୁ, ତେବେ ତାହା ଖରାପ ପଥରେ ଗତିକରେ। ଅନେକ ଥର ଏପରି ମଧ୍ୟ ହୁଏ, ଆମେ ଅଳ୍ପ ଜ୍ଞାନ ପାଇ ଅହଂକାରୀ ହୋଇଯାଉ। ଜୀବନର ଏକ ମହାସତ୍ୟ ହେଉଛି ଯେ ଆମେ କୌଣସି କୁପ୍ରବୃତ୍ତିକୁ ଯଦି ପରିହାର କରିବାକୁ ଇଚ୍ଛା କରିବା ଓ ସେଥିପାଇଁ ଆମ ଇଚ୍ଛାଶକ୍ତି ଯଦି ଐକାନ୍ତିକ ହୋଇଥାଏ ତେବେ ତାକୁ ସମ୍ପୂର୍ଣ୍ଣ ତ୍ୟାଗ କରିବା ଅସମ୍ଭବ ନୁହେଁ। ଅନ୍ୟଥା ସେହିସବୁ ପ୍ରବୃତ୍ତିଗୁଡିକ ଭୟଙ୍କର ରୂପ ଧାରଣ କରି ଆମକୁ ତୀବ୍ରଜ୍ୱଳନର ପୀଡ଼ା ଦେଇଥାନ୍ତି। ସମ୍ପ୍ରତି ମଣିଷ ଅନେକ କୁପ୍ରବୃତ୍ତିରେ ଆସକ୍ତ ଯହିଁରୁ ମୁକ୍ତି ଲଭିବା କଷ୍ଟକର। ଏଗୁଡିକ ମଧ୍ୟରେ ଅର୍ଥ, କ୍ଷମତା ଓ ନାରୀପ୍ରତି ଆସକ୍ତି ଅବଦମିତ। ସାଧାରଣ ମଣିଷର ଆକାଂକ୍ଷା, ଭୟ, କ୍ରୋଧ, ଈର୍ଷା ଓ ଈପ୍‌ସିତ ବସ୍ତୁର ଅପ୍ରାପ୍ତିରେ ନିରାଶା ତାକୁ ବହୁ କଷ୍ଟ ଦିଏ ଜାଣି ମଧ୍ୟ ସେଥିରୁ ସେ ନିବୃତ୍ତ ହୋଇପାରେ ନାହିଁ। ବୃଥା ଗର୍ବ, ଦମ୍ଭ, ଅଭିମାନ ଓ ପରଶ୍ରୀକାତରତା ତାକୁ ସର୍ବଦା ବିଚଳିତ କରୁଥାଏ। ଏହିସବୁ ପ୍ରବୃତ୍ତିଗୁଡ଼ିକର ଉଦ୍ଭବ ହୁଏ ବନ୍ଧନ, ଅନୁରକ୍ତି ଓ ଅତିଶୟ ଆସକ୍ତି ଯୋଗୁ। ମଣିଷ ସହଜରେ ପ୍ରବୃତ୍ତିର ଦାସତ୍ୱ ସ୍ୱୀକାର କରିଯାଏ। ସାଧାରଣ ମଣିଷର ଆଉ ଏକ କୁପ୍ରବୃତ୍ତି ହେଲା ସେ ଅତିମାତ୍ରାରେ ସ୍ୱାର୍ଥକୈନ୍ଦ୍ରିକ। ଜଞ୍ଜାଳରୂପକ ଜାଲର ବେଷ୍ଟନୀରେ ଥିବା ମଣିଷ ପାଖରେ ଅନ୍ୟ ପାଇଁ ସମୟ କାହିଁ? ଜଞ୍ଜାଳ ମାୟାରୁ ତା'ର ମୁକ୍ତି ନାହିଁ। ଇଂଲଣ୍ଡରେ ରାଜତ୍ୱ କରୁଥାନ୍ତି ରାଜା 'ଅର୍ଥର୍'। ତାଙ୍କ ମୁଖ୍ୟ ଅମାତ୍ୟ 'ବେଡିଭର' ନିଜର କିଛି ଘରୋଇ ଆବଶ୍ୟକତା ଯୋଗୁ ଏକ ସପ୍ତାହ ଛୁଟି ପାଇଁ ଆବେଦନ କଲେ। ଅତି ବିଶ୍ୱସ୍ତ ଓ କର୍ତ୍ତବ୍ୟାନୁରାଗୀ ହୋଇଥିବାରୁ ତାଙ୍କୁ ଛୁଟି ମଞ୍ଜୁର କରାଗଲା। କିନ୍ତୁ ସାତଦିନ ପୂର୍ତ୍ତି ପରେ ମଧ୍ୟ ଅମାତ୍ୟ କାର୍ଯ୍ୟରେ ଯୋଗ ନ ଦେବାରୁ ରାଜା ତାଙ୍କ ଘରକୁ ଦୂତ ପ୍ରେରଣ କଲେ। ଅମାତ୍ୟ ଦୂତକୁ କହିଲେ ମୋର କର୍ମଜଞ୍ଜାଳ ଏତେ ବଢିଯାଇଛି ଯେ ମୁଁ ଆଉ ତିନିଦିନ ପରେ କାର୍ଯ୍ୟରେ ଯୋଗଦେବି। ତିନିଦିନ ପରେ ସେ କାର୍ଯ୍ୟରେ ଯୋଗଦେଲେ; କିନ୍ତୁ ରାଜାଙ୍କ ସହ ସାକ୍ଷାତ୍ ହେଲା ନାହିଁ। ରାଜାଙ୍କ ଅନୁପସ୍ଥିତି ସମ୍ବନ୍ଧରେ ଦ୍ୱାରପାଳକୁ ପଚାରିବାରୁ ସେ କହିଲେ ଯେ ରାଜା ଉଦ୍ୟାନରେ ଥାଇ ଆପଣଙ୍କୁ ସେଠାକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅମାତ୍ୟ ରାଜ ଉଦ୍ୟାନକୁ ଯାଇ ଏକ ଅଦ୍ଭୁତ ଦୃଶ୍ୟ ଦେଖିଲେ। ରାଜା ଉଦ୍ୟାନରେ ଥିବା ଏକ ଆମ୍ବଗଛକୁ କୁଣ୍ଢାଇ ଧରି ଠିଆ ହୋଇଛନ୍ତି। ଅମାତ୍ୟ ରାଜାଙ୍କୁ ପ୍ରଣାମ କରି ସବିନୟ ଏହାର କାରଣ ପଚାରନ୍ତେ, ରାଜା କହିଲେ-କ'ଣ କରିବି? ଏ ବୃକ୍ଷ ମୋତେ ଆଦୌ ଛାଡୁନାହିଁ। କିପରି ଏହା କବଳରୁ ମୁକ୍ତି ପାଇବି? ଅମାତ୍ୟ ବିନମ୍ରତାର ସହ କହିଲେ, ମହାରାଜ! ଆପଣ ଗଛକୁ ଧରିଥିବା ପର୍ଯ୍ୟନ୍ତ ସେ ଆପଣଙ୍କୁ କିପରି ଛାଡ଼ିବ? ଆପଣ ଗଛଟିକୁ ଛାଡ଼ି ଦିଅନ୍ତୁନା, ଦେଖିବେ ଗଛ ଛାଏଁ ଛାଏଁ ଛାଡି ହୋଇଯିବ। ରାଜା ଛାଡିଦେବା ମାତ୍ରକେ ଗଛଟି ରାଜାଙ୍କ ଠାରୁ ବିଚ୍ଛିନ୍ନ ହୋଇଗଲା। ଅମାତ୍ୟ କହିଲେ, ମଣିମା! ଗଛଟି ଆପଣଙ୍କୁ ଛାଡୁ ନ ଥିଲା, ଏହାର ତାତ୍ପର୍ଯ୍ୟ କ'ଣ? ରାଜା କହିଲେ-ଏ ଗଛ ଠିକ୍? ଆମ ସାଂସାରିକ ଆସକ୍ତିର ପ୍ରତୀକ। ଆମେ ଯେତେଦିନ ପର୍ଯ୍ୟନ୍ତ ମୋର ମୋର କହି ଆସକ୍ତିକୁ ଧରି ରଖିଥିବା ତାହା ଆମକୁ ଏ ବୃକ୍ଷ ପରି ଆକୃଷ୍ଟ କରୁଥିବ। ଆସକ୍ତି ଓ ଜଞ୍ଜାଳକୁ ତ୍ୟାଗ କଲେ ତାହା ଆମକୁ କବଳିତ କରିବ ନାହିଁ। ଅମାତ୍ୟ ତାଙ୍କ ଭୁଲ୍ ବୁଝିପାରିଲେ ଯେ ଆସକ୍ତିର ମାୟାଜାଲ ଆମକୁ ଅନ୍ତହୀନ ଭାବେ ପ୍ରଲୁବ୍ଧ କରୁଥିବ। ଗୀତାରେ କହିଲେ – ଜାନାମି ଧର୍ମଂ ନ ଚ ମେ ପ୍ରବୃତ୍ତି, ଜାନାମି ଅଧର୍ମ ନ ଚ ମେ ନିବୃତ୍ତିଃ / ତ୍ୱୟା ହୃଷୀକେଶ ହୃଦି ସ୍ଥିତେନ ଯଥା ନିଯୁକ୍ତ ଃସ୍ମି ତଥା କରୋମି।। ମୁଁ ଧର୍ମ କ'ଣ ଜାଣେ ନାହିଁ, ସେଥିରେ ମୋର ପ୍ରବୃତ୍ତି ହେଉନାହିଁ, ଅଧର୍ମ କ'ଣ ଜାଣୁଛି, ତଥାପି ସେଥିରୁ ନିବୃତ୍ତି ହେଉନାହିଁ, ହେ ଦୃଷିକେଶ! ତୁମେ ମୋର ହୃଦୟରେ ଅଛ, ଯେଉଁଥିରେ ମୋତେ ନିଯୁକ୍ତି କରୁଅଛି ମୁଁ ତାହା କରୁଛି। ସଂସାର ରଙ୍ଗମଞ୍ଚର ଜୀବନ ନାଟକରେ ଆମେ କିପ୍ରକାର ଭୂମିକା ନିର୍ବାହ କରି ଆସିଲେ, ତା'ର ଅନୁଶୀଳନ ପୂର୍ବକ କୁପ୍ରବୃତ୍ତିକୁ ପରିହାର କରି ଉତ୍ତମ ଗୁଣାବଳୀକୁ ଆଦରି ନେଲେ ଜନ୍ମ ସାର୍ଥକ ହେବ। ମହାବୀର କର୍ଣ୍ଣ କହିଥିଲେ, ମୋର ଜନ୍ମ ଦୈବାଧୀନ; କିନ୍ତୁ ପୌରୁଷ ମୋର ଅଧୀନ। କିଏ କେଉଁ ପରିବାରରେ ଜନ୍ମ ହେବ ତାହା ସେ ଜାଣେନା; କିନ୍ତୁ ତା'ର ଏ ସଂସାରରେ କ'ଣ କରଣୀୟ, ତାହା ସେ ଭଲଭାବରେ ଜାଣେ। ଅତି ଦରିଦ୍ର ପରିବାରରେ ଜନ୍ମିତ ଓ ବାଲ୍ୟକାଳୁ ପିତୃହୀନ ହୋଇ ମାତାଙ୍କ ଉତ୍କୃଷ୍ଟ ଅନୁଶାସନରେ ପାଳିତ ଆବ୍ରାହମ୍ ଲିଙ୍କନ ଦିନେ ଆମେରିକାର ଘୃଣ୍ୟ କ୍ରୀତଦାସ ପ୍ରଥା ଓ ବିଭୀଷିକାମୟ ଗୃହଯୁଦ୍ଧର ଅବସାନ ଘଟାଇ ସେ ଦେଶର ରାଷ୍ଟ୍ରପତି ଆସନ ଅଳଙ୍କୃତ କରିପାରିଲେ। ଦରିଦ୍ର ପରିବାରରେ ଜନ୍ମିତ ଓ ଛାତ୍ରାବସ୍ଥାରେ ଖବରକାଗଜ ବିକୁଥିବା ଅବଦୁଲ କଲାମ୍ ଶ୍ରେଷ୍ଠ ମହାକାଶ ବିଜ୍ଞାନୀ ହୋଇ ଭାରତବର୍ଷର ରାଷ୍ଟ୍ରପତି ହୋଇପାରିବା କର୍ମଯୋଗୀର ସର୍ବଶ୍ରେଷ୍ଠ ଉଦାହରଣ। ପ୍ରବୃତ୍ତି ଓ ଆସକ୍ତିକୁ ଚିର ବିଦାୟ ଦେଇ ନିବୃତ୍ତିକୁ ଆଦରି ପାରିଲେ ଏହା ସମ୍ଭବ ହେବ। ନିବୃତ୍ତି ହିଁ ସର୍ବଶ୍ରେଷ୍ଠ ଧର୍ମ।



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ବନ୍ଧର ଦେବ ଜଗନ୍ନାଥ, କମଳା ଦେବୀଙ୍କ ସଙ୍ଗାତ। ଲକ୍ଷ୍ମୀ ଦେବୀଙ୍କ ପ୍ରାଣ ନାହା, ଶୋଭିତ ଶଙ୍ଖଚକ୍ର ବାହା।' ରବିବାର ସଂଧ୍ୟା ହେଉ ହେଉ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ପ୍ରତିଟି ଘର, ଗାଁ ଗାଁରେ ଗଳିକନ୍ଦିରୁ ଭାସି ଆସୁଥିଲା ଏହି ପୁରାଣ। ଭାଦ୍ରବ ମାସ(ଅଗଷ୍ଟ-ସେପ୍ଟେମ୍ବର) ଆସିଲେ ଏହି ଦୁଇ ପଦକୁ କୁଆଁରୀମାନେ ଗୁଣୁଗୁଣାଉ ଥିବା ଶୁଣାଯାଏ। ଆଉ ଏଇ ମାସର ପ୍ରତି ରବିବାର ସନ୍ଧ୍ୟାରେ ଉପକୂଳ ଓଡ଼ିଶା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଘରେ ଘରେ ଏକ ଆଧ୍ୟାତ୍ମିକ ପରିବେଶରେ ଏହି ଗୀତକୁ ଝିଅ, ବୋହୂମାନେ ଗାଆନ୍ତି। ଅବସର ଥାଏ 'ଖୁଦୁରୁକୁଣୀ ଓଷା' ବା 'ଭାଲୁକୁଣୀ ଓଷା'। ଭାଇମାନଙ୍କ ଶୁଭ ମନାସି କରାଯାଉଥିବା ଏହି ଓଷାଟି ଓଡ଼ିଆ ଘରର ଗ୍ରାମ୍ୟ ପରମ୍ପରା ଓ ସଂସ୍କୃତି ସହ ଜଡ଼ିତ ହୋଇଛି। ଏବେ ବି ଗାଁ ଗହଳିରେ ଜାକଜମକରେ ପାଳନ କରାଯାଉଛି ଏହି ପର୍ବ। ଚାରିଟି ରବିବାର ଏହାକୁ ପାଳନ କରାଯିବ। ଯେଉଁ ଘରେ ଝିଅଟିଏ ଅଛି, ସେ ଘରେ ଖୁଦୁରୁକୁଣୀ ଓଷା ପାଳନ କରାଯାଉଥିବା ଲକ୍ଷ୍ୟ କରାଯାଉଛି। କିନ୍ତୁ ଓଷା ପାଳନର ବିଧି ଜାଡନ୍ତ ରହିଛି। ସନ୍ଧ୍ୟାରେ ମା'ଙ୍କ ମୂର୍ତ୍ତି ନିକଟରେ ତଅପୋଇଙ୍କ କାହାଣୀ ଓ ମା' ମଙ୍ଗଳାଙ୍କ ମହିମା ଉପରେ ପର୍ଯ୍ୟାଲୋଚନା କରିବା ସହ ବ୍ରାହ୍ମଣ ପୂଜକଙ୍କ ଦ୍ୱାରା ପୂଜା କରାଯାଉଥିଲା। ଅସ୍ତରଙ୍ଗ ବ୍ଲକର କୁଶେଶ୍ୱର, ଇନାୟିତିପୁର ସମେତ ବିଭିନ୍ନ ଗାଁରେ ଝିଅମାନେ ମା'ଙ୍କ ବଡ଼ ବଡ଼ ମୃଣ୍ମୟୀ ମୂର୍ତ୍ତି ରଖି ସମ୍ପୂର୍ଣ୍ଣ ପାରମ୍ପରିକ ରୀତିରେ ଏଠି ଓଷା ପାଳନ କରାଯାଉଛି। ତଅପୋଇ କିପରି ତା'ର ଭାଉଜମାନଙ୍କ ଦ୍ୱାରା ଅତ୍ୟାଚାରିତ ହେଉଥିଲା ଓ ଓଷା କରିବା ଫଳରେ ମା'ଙ୍କ କୃପାରୁ ତା' ଭାଇମାନେ ଫେରି ଆସି କିପରି ତା' ଦୁଃଖ ଦୂର କରୁଛନ୍ତି, ସେହି କଥାବସ୍ତୁ ଉପରେ କାହାଣୀଟି ଆଧାରିତ।



# ଛତ୍ରପୁର ଗରିବ କଲ୍ୟାଣ ଓ ବିକାଶ ସମାବେଶରେ ଧର୍ମେନ୍ଦ୍ର



ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ସ୍ଥିତ ଅନସ୍ଲୋ ହାଇସ୍କୁଲ ପଡିଆ ଠାରେ ଗରିବ କଲ୍ୟାଣ ଓ ବିକାଶ ସମାବେଶ ଜିଲ୍ଲାପାଳ ଡ଼ି କିର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ଜିଲ୍ଲାପାଳ ଡ଼ି କିର୍ତ୍ତି ୱାସନ ସମସ୍ତଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଗୁଡିକର ସଚେତନତାର ବାର୍ତ୍ତା ଲୋକଙ୍କ ପାଖରେ କିପରି ପହଞ୍ଚାଯାଇ ପାରିବ ତାହା ହିଁ ଏହି ସମାବେଶର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ । ସଚେତନତାର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚି ପାରିଲେ ଜିଲ୍ଲାର ଆର୍ଥିକ ବିକାଶ ଘଟିବ । ଏହି ସମାବେଶରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଆଜି ମହାନ ଜନନାୟକ ସ୍ୱର୍ଗତ ଭି.ଭି.ଗିରିଙ୍କ ଜନ୍ମ ଦିନ । ଗଞ୍ଜାମ ଜିଲ୍ଲାର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ବିଶ୍ୱନାଥ ଦାସ, ଶଶୀ ଭୂଷଣ ରଥ, ବିନାୟକ ଆଚାର୍ଯ୍ୟ, ବିଜୁ ପଟ୍ଟନାୟକ, ସଂଯୁକ୍ତା ପାଣିଗ୍ରାହୀ, ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ଆଦିବାସୀ ଜନନାୟକ ଚକରା ବିଷୋୟୀ ଆଦି ଗଞ୍ଜାମ ଜିଲ୍ଲାର ସୁଯୋଗ୍ୟ ସନ୍ତାନମାନଙ୍କୁ ସର୍ବ ପ୍ରଥମେ ପ୍ରଣାମ ଜଣାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଆଜିର ନୂଆ ଓଡିଶା ଗଠନ ହେବାରେ ୧୧ ବର୍ଷ ବାକି ଅଛି । ୨୦୩୬ ସୁଦ୍ଧା ବିକଶିତ ଓଡିଶା କରିବାକୁ ପଡିବ । ଗଞ୍ଜାମ ଜିଲ୍ଲାର ବିକାଶ ହେଲେ ଓଡିଶାର ବିକାଶ ହେବ, ଓଡିଶାର ବିକାଶ ହେଲେ ବିକଶିତ ଭାରତ ଗଠନ ହୋଇପାରିବ । ବ୍ରହ୍ମପୁର ସାଂସଦ ଡ.ପ୍ରଦୀପ କୁମାର ପାଣିଗ୍ରାହୀ ସମାବେଶରେ ଯୋଗ ଦେଇ କହିଥିଲେ ଯେ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉନ୍ନତି, ଆଇଜରର ଉନ୍ନତି ନିମନ୍ତେ ସରକାର ସହଯୋଗର ହାତ ବଢାଇ ଅନୁଦାନ ଦେଇଛନ୍ତି । ଭାରତୀୟ ବିରଳ ମୃତ୍ତିକାକୁ ଭାରତବର୍ଷରେ ଶ୍ରେଷ୍ଠ କେନ୍ଦ୍ର କରିବା ଓ ଗଞ୍ଜାମର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଇଛନ୍ତି । ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ କହିଥିଲେ ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଜିଲ୍ଲାରେ ଶିଳ୍ପର ବିକାଶ ହୋଇଛି । ଶିଳ୍ପର ବିକାଶ ହେଲେ ଜିଲ୍ଲାର ବିକାଶ ହେବ । ସମାବେଶରେ ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ବିଧାୟକ ସୋରଡା ବିଧାୟକ ନୀଳମଣୀ ବିଷୋୟୀ, ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଜିଲ୍ଲାର ସୁଭଦ୍ରା ଯୋଜନା, ପେନସନ ଯୋଜନା, ରାସନକାର୍ଡ, ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ଆୟୁଷ୍ମାନ ଯୋଜନା, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା, ମିଶନ୍ କାର୍ଡ ଯୋଜନା ଆଦିର ବହୁ ହିତାଧିକାରୀ, ବିଭିନ୍ନ ବିଭାଗର ଅଧିକାରୀଗଣ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ନାରାୟଣ ମହାରଣା ଓ ସୁକାନ୍ତ ବେହେରାଙ୍କୁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ପ୍ରମାଣ ପତ୍ର, ଛତ୍ରପୁର ବ୍ଲକ୍‌ର ସି.ଏଚ୍ ଆଦିଆମ୍ମା, ରେଖୀ ଦାସ, ଲକ୍ଷ୍ମଣ ବେହେରାଙ୍କୁ ଭତ୍ତା, ଛତ୍ରପୁର ବ୍ଲକ୍‌ର ପଙ୍କିକାମନା, କବିତା ସ୍ୱାଇଁ, ଜୟନ୍ତୀ ପ୍ରଧାନଙ୍କୁ ରାସନ୍ କାର୍ଡ, ସିମାଞ୍ଚଳ ବେହେରା, ଉମାକାନ୍ତ ବେହେରାଙ୍କୁ ଆୟୁଷ୍ମାନ କାର୍ଡ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଏସ୍. ରେଣାବାବୁ ରେଡ୍ଡି, ଡି.ମହେଶ ଏବଂ ଗଞ୍ଜାମ ବ୍ଲକ୍‌ର କେ. ଭାରତୀ ରେଡ୍ଡି, ଶିବାନୀ ସାହୁ ଓ ସୋନାଲୀ ମହାନ୍ତିଙ୍କୁ ମିଶନ୍ କାର୍ଡ ବଣ୍ଟନ କରାଯାଇଥିଲା । ଶେଷରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯିବେ ମନୋଜ



ଯାଜପୁର(ଭାସ୍କର ନ୍ୟୁଜ): ନ୍ୟାୟ ପାଇବା ପାଇଁ ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ବରୁଣାଇ ଗ୍ରାମର ମନୋଜ ଦାସ ଯାଜପୁରରୁ ସିଧା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଯିବେ ବୋଲି କହିଛନ୍ତି । ଦୀର୍ଘ ୧୦ ବର୍ଷ ଧରି ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ଅନ୍ତର୍ଭୁକ୍ତ ପ୍ରଧାନମନ୍ତ୍ରୀ ଆବାସ ଘର ଗୋଟିଏ ପାଇବା ପାଇଁ କାକୁତି ମିନତି ହୋଇଛନ୍ତି । ପ୍ରତ୍ୟେକ ବର୍ଷ ସରକାର ପ୍ରତିଶ୍ରୁତି ଦିଅନ୍ତି । କିନ୍ତୁ ସରକାରୀ ଅଫିସର ଯିଏ ତଦନ୍ତ ପାଇଁ ଆସନ୍ତି, ସିଏ ଟଙ୍କା ଲାଞ୍ଚ ମାଗନ୍ତି, ଯାହା ମନୋଜ ଦେଇପାରନ୍ତି ନାହିଁ । ଖବର ନେବାରେ ଜଣାପଡ଼ିଛି ମନୋଜ ୧୦୦ ପ୍ରତିଶତ ଶାରୀରିକ ଅକ୍ଷମ । ତାଙ୍କର ଦୁଇ ଗୋଟି ଗୋଡ ନଥିବା ଦେଖାଦେଉଛି । ପାଠ ପଢୁଥିବା ସମୟରେ ଟ୍ରେନ ଦୁର୍ଘଟଣାରେ ଦୁଇ ଗୋଟି ଗୋଡ ନାହିଁ । ସେ ଦୁଇ ଗୋଟି କାଠ ଗୋଡ ଲଗେଇ ଯିବା ଆସିବା କରୁଛନ୍ତି । ତାଙ୍କର ଦୁଇ ଭାଇ । ମା' ବଞ୍ଚି ଥିବା ସମୟରେ ଗାଁ କମିଟି ଉପସ୍ଥିତରେ ତାଙ୍କର ଜମି ଭାଗବଣ୍ଟା ମଧ୍ୟ ସରିଛି । ଖବର ନେବାରେ ଜଣା ପଡ଼ିଛି ଯେ, ଗତ ପାଞ୍ଚ ଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ପାଇଁ ଖବର କାଗଜରେ ମନୋଜ ଦେଖିଲା ପରେ ସେ ଆବେଦନ କରିଥିଲେ । ମଧ୍ୟ ୧୧ ତାରିଖ ଦିନ ୧୨ଟା ପାଇଁ ସମୟ ମିଳିଛି । କିନ୍ତୁ ଦୁଃଖର ବିଷୟ ଜଣେ ବ୍ୟକ୍ତି ଜିଲ୍ଲାପାଳ ଅଫିସର ଅଧିକାରୀ କହି ଫୋନ କଲେ । ସବୁ ବିଷୟ ପଚାରିଲେ ଓ ବୁଝିଲେ । ଶେଷରେ ମୁଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଆନ୍ତୁ ନାହିଁ ବୋଲି ତାଗିଦ୍ କଲେ । କହିଲେ ଆପଣ ଯାଆନ୍ତୁ ନାହିଁ କାଲି ବିଡ଼ିଓ ନିଜେ ଆପଣଙ୍କ ଘରକୁ ଯିବେ ଓ କାମ କରି ଦେବେ । କିନ୍ତୁ ଶୁକ୍ରବାର କେହି ନ ଆସିବାରୁ ମନୋଜ ସେହି ଅଧିକାରୀଙ୍କ ପାଖକୁ ଶନିବାର ଫୋନ କଲେ । ତାର ଉତ୍ତରରେ ସେ ଅଧିକାରୀ ଜଣଙ୍କ କହିଲେ ଆପଣ ଅଭିଯୋଗ ପ୍ରକୋଷ୍ଠକୁ ଯାଆନ୍ତୁ ନାହିଁ, ବିଡ଼ିଓ ବାବୁ ଆସିବେ, ଯିବେ । ଆପଣ ଅଭିଯୋଗ ପ୍ରକୋଷ୍ଠକୁ ଗଲେ କେହି ଅଫିସର ତୁମର କିଛି କରିବେ ନାହିଁ । ମୁଁ କହିଲି ମୁଁ ଯିବି । ତାର ଉତ୍ତରରେ ଅଧିକାରୀ ଜଣଙ୍କ କହିଲେ ଗଲେ କିଛି ଲାଭ ନାହିଁ । ଆମ ପାଖକୁ ସେ କାଗଜ ଆସିବ, ଆମେ କାଟିବୁ । ଦେଖନ୍ତୁ ଆପଣଙ୍କ ଇଚ୍ଛା । ଫୋନ ଆସିଥିବା ନମ୍ବରଟି ହେଲା ୯୦୪୦୮୩୪୬୯୯ । ଏହି ନମ୍ବରଟି ସାଇ ସୁରଜ ନାମରେ ଥିବା ଜଣାପଡ଼ିଛି । ସେ କିଏ, କାହିଁକି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯିବା ପାଇଁ ମନା କରିଥିଲେ, ତାହା ଏବେ ତଦନ୍ତ ସାପେକ୍ଷ । ମନୋଜଙ୍କ ମୁଖ୍ୟମନ୍ତ୍ରୀଙ୍କ ଅଫିସ ଅଭିଯୋଗ ସଂଖ୍ୟା ୦୫୯୭ । ସେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବେ ଓ ୧୦ ବର୍ଷର ଦୁଃଖ କହିବେ । ଦେଖାଯାଉ କଣ ନ୍ୟାୟ ମିଳିବ । ଦୀର୍ଘ ୧୦ ବର୍ଷ ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରାକୋଷ୍ଠରେ କଣ ନ୍ୟାୟ ମିଳୁଛି ତାହା ସମସ୍ତଙ୍କ ନଜର ।

# ଶ୍ରୀମନ୍ଦିରରୁ ୧୨ ନକଲି ଗୁମାସ୍ତା ଗିରଫ

ପୁରୀ(ଭାସ୍କର ନ୍ୟୁଜ) : ପୋଲିସ ହାତରେ ଧରାପଡିଲେ ନକଲି ଗୁମାସ୍ତା । ପୁରୀ ସିଂହଦ୍ୱାର ଓ ଟାଉନ ଥାନା ପୋଲିସ ୧୨ ଜଣ ନକଲି ଗୁମାସ୍ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବିଏନ୍ଏସ୍ ଧାରା ୧୧୧ ଅନୁଯାୟୀ ଏହି ନକଲି ଗୁମାସ୍ତାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି । ସୂଚନା ଅନୁଯାୟୀ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ପ୍ରତିଦିନ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ଆସିଥାନ୍ତି । ଶ୍ରୀମନ୍ଦିରର ସଂସ୍କୃତି ଓ ପରମ୍ପରା ବିଷୟରେ ସେବାୟତ ଓ ସେମାନଙ୍କର ଗୁମାସ୍ତା ମାନେ ଯାତ୍ରୀମାନଙ୍କୁ ଚିକିନିଖି ତଥ୍ୟ ପ୍ରଦାନ କରିଥାନ୍ତି । କିନ୍ତୁ କିଛି ନକଲି ଗୁମାସ୍ତା ଓ ଅଣ ସେବାୟତଙ୍କ ଯୋଗୁ ଯାତ୍ରୀମାନେ ଠକାମି ସହ ଦୁର୍ବ୍ୟବହାରର ଶିକାର ମଧ୍ୟ ହୋଇଥାନ୍ତି । ଏନେଇ ଅନେକ ଥର ଥାନାରେ ଅଭିଯୋଗ ହେବା ପରେ ଏବେ ଆକ୍ସନ ମୋଡ୍‌କୁ ଆସିଛି ପୁରୀ ପୋଲିସ । ଶ୍ରୀମନ୍ଦିରକୁ ଆସୁଥିବା ଯାତ୍ରୀ, ଶ୍ରଦ୍ଧାଳୁଙ୍କ ସୁରକ୍ଷା ସହ ସୁବିଧାରେ ଦର୍ଶନ ଏବଂ ଠକାମାର ଯେଭଳି ଶିକାର ନହେବେ ସେ ଦିଗରେ ପୋଲିସ ଦୃଷ୍ଟି ଦେଇଛି । ଗିରଫ ହୋଇଥିବା ନକଲି ଗୁମାସ୍ତାଙ୍କ ପାଖରେ କୌଣସି ପରିଚୟ ପତ୍ର ନଥିବାବେଳେ ସେମାନେ ଅବୈଧ ଭାବେ ଏମାନେ ଗୁମାସ୍ତା କାର୍ଯ୍ୟ କରୁଥିଲେ ବୋଲି ପୋଲିସ କହିଛି । ଆଗକୁ ମଧ୍ୟ ଧରପଗଡ ଅଭିଯାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

# ସ୍ନେହମୟୀ ଆଚାର୍ଯ୍ୟଙ୍କୁ ସରଳା ଦେବୀ ସମ୍ମାନ



ପାରାଦୀପ/କୁଜଙ୍ଗ(ଭାସ୍କର ନ୍ୟୁଜ): ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କର ସେବା, ବ୍ରତ, ପରୋପକାର, ସମାଜମଙ୍ଗଳ କାର୍ଯ୍ୟଧାରା ମାଧ୍ୟମରେ ବ୍ୟାସ ଫାଉଣ୍ଡେସନ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମୀ ସଙ୍ଗଠନ ଅଳ୍ପ କେତୋଟି ବର୍ଷରେ ସମଗ୍ର ଓଡ଼ିଶାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ବହୁ ଘାତ ପ୍ରତିଘାତ ସତ୍ତ୍ୱେ ସେବାକୁ ଆଧାର କରି ନିଜ ସେବା କାର୍ଯ୍ୟରେ ଆଗେଇ ଚାଲିଛନ୍ତି ସ୍ନେହମୟୀ । ଜଗତସିଂହପୁର ଜିଲ୍ଲାର ଗୌରବ ତଥା ପ୍ରଥମ ମହିଳା ବିଧାୟିକା, ସ୍ୱାଧୀନତା ସଂଗ୍ରାମୀ, ସାରସ୍ୱତ ସାଧିକା, ବହ୍ନି କନ୍ୟା ସରଳା ଦେବୀଙ୍କ ୧୨୨ତମ ଜନ୍ମ ଜୟନ୍ତୀ ସରଳା ଦେବୀ ମେମୋରିଆଲ ଟ୍ରଷ୍ଟ ଜଗତସିଂହପୁର ବିକାଶ ପରିଷଦ ସହଭାଗିତାରେ ଭୁବନେଶ୍ୱର ସ୍ଥିତ ଭଞ୍ଜକଳା ମଣ୍ଡପରେ ଆୟୋଜିତ ହୋଇଥିଲା । ମଞ୍ଚାସିନ ବିଶିଷ୍ଟ ଅତିଥି ଡ଼ଃ ଦିନେଶ ଷଡ଼ଙ୍ଗୀ, ପୂର୍ବତନ ମନ୍ତ୍ରୀ ମୁଖ୍ୟ ଅତିଥି ସୌମ୍ୟ ରଞ୍ଜନ ପଟ୍ଟନାୟକ, ମନୋରମା ବିଶ୍ୱାଳ, ବାଲିକୁଦା ଏରସମା ବିଧାୟକ ସାରଦା ଜେନା, ମୁଖ୍ୟବକ୍ତା ଦେବୀ ପ୍ରସାଦ ଦାସ, ନରେଶ ନାଗଥିହଲି, ବରିଷ୍ଠ ସାମ୍ବାଦିକ ତଥା 'ଓଡ଼ିଶା ଭାସ୍କର'ର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ଆଚାର୍ଯ୍ୟଙ୍କୁ ତାଙ୍କ ସମର୍ପିତ ସେବା ପାଇଁ ମାନପତ୍ର ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ । ଶ୍ରୀମତୀ ଆଚାର୍ଯ୍ୟ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖଙ୍କୁ ଏପରି ଶ୍ରଦ୍ଧା ସମ୍ମାନ ପ୍ରଦାନ କରିଥିବାରୁ କୃତଜ୍ଞତା ଜଣାଇଛନ୍ତି । ସ୍ନେହମୟୀଙ୍କ ଏପରି ସଫଳତା ପାଇଁ ବ୍ୟାସ ଫାଉଣ୍ଡେସନର କର୍ମକର୍ତ୍ତା ଓ ଶୁଭେଚ୍ଛୁ ଅଭିନନ୍ଦନ ଜଣାଇଛନ୍ତି ।

# ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦାବିରେ କଂଗ୍ରେସର ପଦଯାତ୍ରା

ନିମାପଡ଼ା(ଭାସ୍କର ନ୍ୟୁଜ): ବଳଙ୍ଗା ପୀଡ଼ିତା ମୃତ୍ୟୁ ରହସ୍ୟ ଘେରରେ ଥିବା ବେଳେ ପୋଲିସ ଏହି ରହସ୍ୟ ଭେଦ କରିପାରି ନାହିଁ । ଯାହାକୁ ନେଇ ପ୍ରତି ମୁହୂର୍ତ୍ତରେ ବୟାନ୍ ବାଜି ଆରମ୍ଭ ହୋଇଛି । ପୀଡ଼ିତା ପୋଡ଼ି ଯିବା ପରେ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ଯାଇଥିଲେ । ସେଠାରେ ପୀଡ଼ିତାଙ୍କ ପିତା କହିଥିଲେ ମୋର ନ୍ୟାୟ ଦରକାର । ମୋ ଝିଅକୁ ଯେଉଁମାନେ ଏପରି କରିଛନ୍ତି ତାଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ନିହାତି ଆବଶ୍ୟକ ବୋଲି କହିଥିଲେ । ଏପଟେ ପୀଡ଼ିତାଙ୍କ ମାଆ ଆସାମୀ ଙ୍କୁ ଧରିବା ପାଇଁ କହିଥିବା ବେଳେ ପରବର୍ତ୍ତୀ ସମୟରେ ପୀଡ଼ିତା ଦିଲ୍ଲୀ ଏମ୍‌ସ ଯିବା ପରେ ସେଠାରେ ପୀଡ଼ିତାଙ୍କ ପିତା କଥା ପରିବର୍ତ୍ତନ କଲେ । ପୀଡ଼ିତା ମାନସିକ



ସ୍ତରରେ ଠିକ୍ ନଥିଲେ, ତାଙ୍କ ମୃତ୍ୟୁ ପାଇଁ କେହି ରାଜନୀତି କର ନାହିଁ ବୋଲି କହିଥିଲେ । ଏହାକୁ ପ୍ରତିବାଦ କରି ରାଜ୍ୟ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଛି । ପୀଡ଼ିତା ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ପ୍ରଦେଶ କମିଟି କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ନୂଆଗୋପାଳପୁର ପୀଡ଼ିତାଙ୍କ ମୃତ୍ୟୁ ହେବା ପରେ ପୀଡ଼ିତାଙ୍କ ବାପାଙ୍କ କଥାରେ ତାଳମେଳ ରହୁ ନଥିବା ବେଳେ ଏହାକୁ ପ୍ରତିବାଦ କରି କଂଗ୍ରେସ ଦଳ ଆନ୍ଦୋଳନ ଡ଼ାକରା ଦେଇଛି । ରବିବାର ସକାଳ ୮ଟାରେ ଖେଲାର ବଜାରରୁ ଏକ ପଦଯାତ୍ରା ଗୋପାଳପୁର ବସ୍ତି ପର୍ଯ୍ୟନ୍ତ କଂଗ୍ରେସ ଦଳ ପକ୍ଷରୁ ଆରମ୍ଭ ହୋଇଥିଲା । ପୀଡ଼ିତାଙ୍କୁ କବର ଦିଆଯାଇଥିବା ସ୍ଥାନରେ ପିସିସି ସଭାପତି ଓ ଅନ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ପୀଡ଼ିତାଙ୍କୁ ନିଆଁ ଲଗା ଯାଇଥିବା ସ୍ଥାନରେସ୍ଥିତି ଅନୁଧ୍ୟାନ କରିଥିଲେ । ପରେ ବଳଙ୍ଗାରୁ ଏକ ଶୋଭାଯାତ୍ରା ବାହାରି ନିମାପଡ଼ାରେ ପହଞ୍ଚି ଥିଲା । ସଂଧ୍ୟାରେ ନିମାପଡ଼ା ହାଟବଜାର ଦୁର୍ଗା ମଣ୍ଡପ ସମ୍ମୁଖରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ପଦଯାତ୍ରାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, କଂଗ୍ରେସ ମୁଖପାତ୍ର ଜୟଶ୍ରୀ ପାତ୍ର, ପୁରୀ ଜିଲ୍ଲା ମହିଳା ସଭାନେତ୍ରୀ ନିରୂପମା ପାତ୍ର, ପୂର୍ବତନ ସାଂସଦ ଅର୍ଜ୍ଜୁନ ସେଠୀ, ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ରାଜେଶ ମିଶ୍ର, ନିମାପଡ଼ା ବ୍ଲକ୍ କଂଗ୍ରେସ କମିଟି ସଂଯୋଜକ କାଳନ୍ଦୀ ବାରିକ, ନିମାପଡ଼ା ନଗର କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପପୁନି ବସ୍ତିଆ, ନାରୀ ନେତ୍ରୀ ସୁରଭି ବିଶୋଇ, ସସ୍ମିତା ମେହେର ପ୍ରମୁଖ ଯୋଗ ଦେଇଥିଲେ । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ନିର୍ବାଚନ ମଣ୍ଡଳୀରେ ଏପରି ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି । ନାରୀମାନେ ସୁରକ୍ଷା ନ ପାଉଥିବା ବେଳେ ସରକାର ଗାଦିରେ ବସିବା ଉଚିତ୍ ନୁହେଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । ଯେପର୍ଯ୍ୟନ୍ତ ପୀଡ଼ିତା ନ୍ୟାୟ ନ ପାଇଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି ।

# ଗ୍ରାମାଞ୍ଚଳରେ ମାଳ ମାଳ ନକଲି ଡାକ୍ତର

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ମାଳ ମାଳ ନକଲି ଡାକ୍ତର (କ୍ୱାକ୍) ରୋଗୀଙ୍କୁ ଶୋଷଣ କରୁଛନ୍ତି । ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବିଭିନ୍ନ ଗ୍ରାମରେ ବଢ଼ି ବଢ଼ି ଚାଲିଛି । ଟିଗଲ ପଞ୍ଚାୟତ ଅନ୍ତର୍ଗତ ଏମପିଭି ୪୫ ଓ ଏମଭି ୭୮ ଗ୍ରାମର ଲୋକେ ବିଭିନ୍ନ ଗ୍ରାମରେ ନିଜକୁ ଡାକ୍ତର ଭାବେ ପରିଚୟ ଦେଇ ଶୋଷଣ କରୁଛନ୍ତି । କିନ୍ତୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ସେମାନେ ନିର୍ବିଘ୍ନରେ ନକଲି ଚିକିତ୍ସା ଜାରି ରଖିଛନ୍ତି । ଅଧିକାଂଶ ମାଟ୍ରିକ ପାସ୍ କରିନଥିବା ବେଳେ ସାଲାଇନ ଓ ଇଂଜେକସନ ଆଦି ସବୁକିଛି ଡାକ୍ତରଙ୍କ ପରି ରୋଗୀଙ୍କୁ ଦେଉଛନ୍ତି । କେତେକ ସ୍ଥାନରେ ଅପହଞ୍ଚ ସ୍ୱାସ୍ଥ୍ୟସେବାର ସୁଯୋଗ ନେଇ ନକଲି ଡାକ୍ତର ରୋଗୀଙ୍କୁ ଶୋଷଣ କରୁଛନ୍ତି । ଏପରିକି ଡାକ୍ତରଖାନା ଥିବା ଗ୍ରାମରେ ମଧ୍ୟ ରୋଗୀମାନେ ଡାକ୍ତରଖାନା ନଯାଇ ନକଲି ଡାକ୍ତରଙ୍କ ପାଖକୁ ଯାଉଛନ୍ତି । ସ୍ୱାସ୍ଥ୍ୟ ବିଭାଗ ତରଫରୁ ମାଗଣା ଚିକିତ୍ସା ଓ ଔଷଧ ଯୋଗାଇ ଦିଆଯାଉଛି । ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ଆଶାକର୍ମୀଙ୍କ ପାଖରେ ଔଷଧ ରହୁଛି । ଅସୁସ୍ଥ ହେଲେ ଡାକ୍ତରଖାନା ଆସି ଚିକିତ୍ସା ହେବାକୁ ଲୋକଙ୍କୁ ସଚେତନ କରାଯାଉଛି । ତଥାପି ଲୋକେ ଡାକ୍ତରଖାନା ନ ଯାଇ କ୍ୱାକ୍‌ଙ୍କ ଦ୍ୱାରା ଚିକିତ୍ସିତ ହୋଇ ଅସୁବିଧାର ସମ୍ମୁଖୀନ ହେବା ସହ ଖର୍ଚ୍ଚାନ୍ତ ହେଉଛନ୍ତି । କେତେକ ଲୋକଙ୍କ ମାନସିକତା ଏପରି ଅଛି ସେମାନେ ଡାକ୍ତରଖାନା ନଯାଇ କ୍ୱାକଙ୍କ ପାଖକୁ ଯାଉଛନ୍ତି ଆବଶ୍ୟକତା ନଥାଇ ସାଲାଇନ ଇଂଜେକସନ ଆଦି ନେଉଛନ୍ତି, ଅସୁବିଧାରେ ମଧ୍ୟ ପଡୁଛନ୍ତି । ଏସବୁ ତଦାରଖ ପାଇଁ ସ୍କ୍ୱାଡ୍ ପଠାଇ ଚଢ଼ଉ କରିବାର କ୍ଷମତା ସିଡ଼ିଏମଓଙ୍କ ରହିଛି । ହେଲେ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି ।ଚେଇଁ ଶୋଇଛି ସ୍ୱାସ୍ଥ୍ୟ ବିଭାଗ, ଫଳରେ ବେପରୱା ହୋଇ କ୍ୱାକ ମାନେ ମନଇଚ୍ଛା ଲୋକଙ୍କୁ ଲୁଟିବାରେ ଲାଗିଛନ୍ତି । ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ଦାବୀ ହେଉଛି ।

# ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟର ସାଧାରଣ ସଭା



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ସହକାରୀ ସାମାଜିକ କଲ୍ୟାଣ ଟ୍ରଷ୍ଟର ଏକ ସାଧାରଣ ସଭା ରବିବାର ପୂର୍ବାହ୍ନ ରେ ସ୍ଥାନୀୟ ପୋର୍ଟ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଟ୍ରଷ୍ଟର ସଭାପତି ଶଶାଙ୍କ ଶେଖର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଟ୍ରଷ୍ଟର ଅଧ୍ୟକ୍ଷ ରତ୍ନାକର ସ୍ୱାଇଁ, ମୁଖ୍ୟ ଉପଦେଷ୍ଟା ଶୁକଦେବ ଜେନା, ଉପଦେଷ୍ଟା ରତ୍ନାକର ଜେନା, ସାଧାରଣ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, କୋଷାଧ୍ୟକ୍ଷ ସନ୍ତୋଷ ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ସାମ୍ବାଦିକଙ୍କ କଲ୍ୟାଣ ନିମନ୍ତେ ପ୍ରତିଷ୍ଠିତ ଏହି ଅନୁଷ୍ଠାନର ଉଦ୍ୟକ୍ତାଙ୍କୁ ପ୍ରଶଂସା କରିଥିଲେ । ସଭାରେ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଓ ଆର୍ଥିକ ସହାୟତା ନିମନ୍ତେ ବିସ୍ତୃତ ଆଲୋଚନା କରାଯାଇ ତ୍ୱରିତ ପଦକ୍ଷେପ ଗ୍ରହଣ ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ଆଇନ ପରାମର୍ଶଦାତା ରବୀନ୍ଦ୍ର କୁମାର ଜେନା ପରିଚାଳନା କରିଥିବା ବେଳେ ସମସ୍ତ ସଭ୍ୟ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

### ପ୍ରଶାସନ କୋଳରେ ଜମି ଜବରଦଖଲକାରୀ

# ମିଳୁନି ଜିଲ୍ଲାପାଳଙ୍କ ତଦନ୍ତ ରିପୋର୍ଟ, ସନ୍ଦେହରେ ରାଜସ୍ୱ ନିରୀକ୍ଷକ




କେନ୍ଦ୍ରାପଡା (ଭାସ୍କର ନ୍ୟୁଜ): ଦିନକୁ ଦିନ ଜମି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିବାରେ । ଠାକୁରଙ୍କ ଜମି ହେଇ କି ସରକାରୀ ଜମି ତହସିଲ କର୍ମଚାରୀ ଓ ରାଜସ୍ୱ ନିରୀକ୍ଷକଙ୍କୁ ହାତ କରି ସରକାରୀ ଜମିକୁ ମନ ଇଚ୍ଛା ଜବର ଦଖଲ କରୁଛନ୍ତି ଜମି ମାଫିଆ । ସେଇଭଳି ଏକ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ତହସିଲ ଅନ୍ତର୍ଗତ ଭଗବାନପୁର ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ଯାଉଥିବା ସିଦ୍ଧଦାସ ମଠ ପାଖରେ ଲାଗିଥିବା ସରକାରୀ ଜାଗାରେ ଜବର ଦଖଲ ହେଇ ହୋଇଛି ବେଆଇନ ରାସ୍ତା । ରାସ୍ତା ସହ ଇଲେକ୍ଟ୍ରି ଲାଇଟ୍‌ଖୁଣ୍ଟ ମଧ୍ୟ ଲଗାଯାଇଛି । ଏହି ବେଆଇନ୍ ରାସ୍ତାକୁ ବିରୋଧ କରି ପ୍ରଥମେ ଗ୍ରାମବାସୀ ପୂର୍ବତନ କେନ୍ଦ୍ରାପଡା ଜିଲ୍ଲାପାଳ ରେଘୁ ଜୀଙ୍କୁ ଲିଖିତ ଅଭିଯୋଗ ଜଣାଇବା ପରେ ଜିଲ୍ଲାପାଳ ତଦନ୍ତ ରିପୋର୍ଟ୍ ଦେବା ପାଇଁ ନୋଟିସ ଜାରି କରିଥିଲେ । ତଦନ୍ତ ରିପୋର୍ଟ୍ ଆସିବା ପରେ ବେଆଇନ୍ ରାସ୍ତାକୁ ଉଚ୍ଛେଦ କରାଯାଇଥିଲା । ଜିଲ୍ଲାପାଳଙ୍କ ବଦଳି ପରେ ପୁନର୍ବାର ଜମି ଜବରଦଖଲକାରୀ କଚ୍ଚା ରାସ୍ତା ନିର୍ମାଣ କରିଥିଲେ ଯାହାର ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସେହି ସମୟରେ ତହସିଲଦାର ଥିବା ହେମଲତା ବହାଲିଆ ପୁନର୍ବାର ଜବର୍ ଦଖଲ ସମ୍ପର୍କରେ ତଦନ୍ତ ପାଇଁ ନୋଟିସ କରିବା ସହ ସେହି ଜବରଦଖଲ ସ୍ଥାନରେ ତାର ବାଡ଼ ବୁଲାଇ ଥିଲେ । ଜବରଦଖଲକାରୀ ସେତେ ବେଳେ ଦାୟିତ୍ୱରେ ଥିବା ଭଗବାନପୁର ରାଜସ୍ୱ ନିରୀକ୍ଷକ ଓ ସେହି ଜବର ଦଖଲକାରୀଙ୍କ ପାଖରୁ ଜମି ନେଇଥିବା ଜଣେ ମହିଳା ରାଜସ୍ୱ ନିରୀକ୍ଷକଙ୍କ ସହିତ ମିଶି ଜବର ଦଖଲ ସମ୍ବନ୍ଧିତ ସମ୍ପୂର୍ଣ୍ଣ ତଥ୍ୟ ନୋଟିସ ନଷ୍ଟକୁ ଗାୟବ କରିବାରେ ସକ୍ଷମ ହୋଇଛନ୍ତି । ଯାହା ଫଳରେ କେନ୍ଦ୍ରାପଡ଼ା ତହସିଲ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ସୂଚନା ଅଧିକାର ଆଇନ ଦ୍ୱାରା ସମସ୍ତ ତଦନ୍ତ ରିପୋର୍ଟ୍ ଦେବାକୁ ଅସମର୍ଥ ହେଉଛନ୍ତି ଏବଂ ସେ ନିଜେ ଅସମର୍ଥ ଯାହିର କରି ବାରମ୍ବାର ତଥ୍ୟ ଦେବାର ସମୟକୁ ଘୁଞ୍ଚାଇ ଚାଲିଛନ୍ତି । ଜବରଦଖଲକାରୀଙ୍କ ସହ କେଉଁ କେଉଁ ରାଜସ୍ୱ ନିରୀକ୍ଷକଙ୍କ ସମ୍ପୃକ୍ତି ରହିଛି ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ଦାବି କରିଛନ୍ତି । ଜବର ଦଖଲ କାରୀ ବିକ୍ରୀ କରିଥିବା ଜାଗାକୁ କେବଳ ଏହି ଗୋଟିଏ ରାସ୍ତା ଥିବାରୁ ସରକାରୀ ଜାଗା ଉପରେ ରାସ୍ତା ନିର୍ମାଣ କରିଥିବା ଜଣାପଡିଛି । ବର୍ତ୍ତମାନ ଏହି ଜାଗା ଉପରେ ଉଚ୍ଚ ନ୍ୟାୟାଳୟର ରାହିତାଦେଶ କାର୍ଯ୍ୟକାରୀ ଥିବାରୁ ଜବରଦଖଲ ଉଚ୍ଛେଦ ଏବେ ସମ୍ଭବ ହୋଇପାରୁନି ବୋଲି ଅଭିଯୋଗର ଉତ୍ତର ରଖି କେନ୍ଦ୍ରାପଡ଼ାର ତତ୍କାଳୀନ ତହସିଲଦାର୍ ପ୍ରକାଶ କରିଥିଲେ । ଏହି ଜବରଦଖଲକାରୀଙ୍କୁ ସହଯୋଗ କରୁଥିବା ରାଜସ୍ୱ ନିରୀକ୍ଷକଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ପାଇଁ ବାରମ୍ବାର ଦାବି ହେଉଛି ହେଲେ ଫଳପ୍ରଦ ଶୂନ୍ୟ । ଜମି ମାଫିଆଙ୍କ ରାଜନୈତିକ ଚାପ ଓ ଅର୍ଥବଳ ସାମ୍ନାରେ ଦୁର୍ବଳ ହେଉଛି ପ୍ରଶାସନ ।

# ଟୁରିଷ୍ଟ ବସ୍-ଟ୍ରାକ୍ଟର ମୁହାଁମୁହିଁ: ଟ୍ରାକ୍ଟର ଚାଳକ ମୃତ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଦ୍ରୁତ ଗାଡ଼ି ଚାଳନା ବିପଦ ଡ଼ାକି ଆଣେ । ଟ୍ରାକ୍ଟର ଧକ୍କାରେ ଜଣେ ଚାଳକର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଗୁରୁତର ଅବସ୍ଥାରେ ଆହତଙ୍କୁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ ମଧ୍ୟ ଡ଼ାକ୍ତର ମୃତ ଘୋଷଣା କରିଥିଲେ । ପୋଲିସ ଟୁରିଷ୍ଟ ବସ୍‌କୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଗତ ଶନିବାର ରାତ୍ରରେ ନିମାପଡ଼ା-ପିପିଲି ରାସ୍ତା ତଳଅଁଶିଆ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟିଅଛି । ଏକ ଟ୍ରାକ୍ଟରକୁ ଟୁରିଷ୍ଟ ବସ୍ ଧକ୍କା ଦେବାରୁ ଟ୍ରାକ୍ଟର ତଳେ ପଡ଼ି ଯାଇଥିବା ବେଳେ ତାଙ୍କ ଦେହରେ ଟ୍ରାକ୍ଟର ଚକା ମାଡ଼ି ଯାଇଛି । ଟୁରିଷ୍ଟ ବସ୍ ବିଳମ୍ବିତ ରାତ୍ରରେ ଯାତ୍ରୀମାନଙ୍କୁ ନେଇ ନେପାଳର ତୀର୍ଥଯାତ୍ରୀଙ୍କୁ ନେଇ କୋଣାର୍କ ଯାଉଥିଲା । ଟୁରିଷ୍ଟ ବସ୍ ଟ୍ରାକ୍ଟରକୁ ଧକ୍କା ଦେଇଥିଲା । ଟ୍ରାକ୍ଟର ଚାଳକ ଜଣକ ହେଲେ ନିମାପଡ଼ା ଏନ୍ଏସି ୮ନଂ ୱାର୍ଡ଼ ଦିପିରେଂଟା ଗ୍ରାମର ସୁଶା ଭୋଇ (୪୦) । ତାଙ୍କର ଦୁଇଟି ଛୋଟ ଛୋଟ ପୁଅ-ଝିଅ ରହିଛନ୍ତି । ଟ୍ରାକ୍ଟର ଚଳାଇ ସୁଶା ନିଜର ପରିବାର ପୋଷୁ ଥିଲେ । ବିଳମ୍ବିତ ରାତ୍ରରେ ଦ୍ରୁତ ବେଗରେ ଟୁରିଷ୍ଟ ବସ୍‌ଟି ଆସି ଧକ୍କା ଦେଇଥିଲା । ଏହି ରାସ୍ତାରେ ପ୍ରତ୍ୟେକ ଦିନ ବଳିମ୍ବିତ ରାତ୍ରରୁ ସକାଳ ପର୍ଯ୍ୟନ୍ତ ଚୋରା ବାଲି ମାଟି ବୁହା ଯାଉଛି । ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ବିଜେପିରେ ଯୋଗଦେଲେ ବିଜେଡି ଓ କଂଗ୍ରେସ ନେତୃବୃନ୍ଦ



ପାରାଦୀପ(ଭାସ୍କର ନ୍ୟୁଜ): ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦକ୍ଷ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୋଧେଇ ପଞ୍ଚାୟତର ବିଜେଡି ଓ କଂଗ୍ରେସ ଦଳର ବହୁ ନେତୃବୃନ୍ଦ ସେମାନଙ୍କର ଶତାଧିକ ସମର୍ଥକଙ୍କ ସହ ପାରାଦୀପର ଜିରୋ ପଏଣ୍ଟ ସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରେ ରବିବାର ଦିନ ବିଜେପିରେ ଯୋଗ ଦେଇଛନ୍ତି । ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସାଙ୍ଗଠନିକ ଦକ୍ଷତା ଓ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା କାର୍ଯ୍ୟକାରୀ ପାଇଁ ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ଯୋଗୁଁ ତାଙ୍କର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି । ତେବେ ଏହି ମିଶ୍ରଣ ପର୍ବ ସୂଚାଉଛି ଯେ, ରାଜ୍ୟ ତଥା ପାରାଦୀପ ନିର୍ବାଚନମଣ୍ଡଳୀ ରେ ବିଜେପି ପ୍ରତି ଜନସାଧାରଣଙ୍କ ଆସ୍ଥା, ବିଶ୍ୱାସ ଓ ଭରସା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଦଳ ପକ୍ଷରୁ ସ୍ୱାଗତ ଜଣାଇବା ସହ ସେମାନଙ୍କ ଯୋଗଦାନ ତୃଣମୂଳସ୍ତରରେ ବିଜେପି ଦଳର ସଂଗଠନକୁ ଆହୁରି ମଜବୁତ କରିବ ବୋଲି କାମନା କରିଛନ୍ତି ।

## ଦେଶୀମଦ ଜବତ, ଜଣେ ଗିରଫ

ବଡ଼ଚଣା(ଭାସ୍କର ନ୍ୟୁଜ): ରବିବାର ବଡ଼ଚଣା ଥାନା ବନ୍ଧାଳ ଗ୍ରାମର ଜଳିଆ ତିରିଆଙ୍କ ପୁତ୍ର ମଦନ ତିରିଆ ଘରୁ ୨୫ ବୋତଲ ବା (୫ଲିଟର) ଦେଶୀ ଆସ୍କା ଫର୍ଟ ମଦ ଜବତ କରିଛି ପୋଲିସ । ସୂଚନା ଅନୁଯାୟୀ, ରବିବାର ସକାଳ ୧୦ ଟାରେ ବିଶେଷ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ମଧୁସ୍ମିତା ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍ଆଇ ସୁବ୍ରତ କୁମାର ପ୍ରଧାନ, ଆର୍.କେ ଭୋଇ ସଦଳବଳେ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲେ । ତଦନ୍ତ ଅଧିକାରୀ ଭାବେ ସୁବ୍ରତ ପ୍ରଧାନ ଥାନା କେଶ୍ ନମ୍ବର ୨୬୬/୨୫ ଅବକାରୀ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି ।

### ଅଁଳ ପଞ୍ଚାୟତ ପାଲଟିଲା ଦଳୀୟ କାର୍ଯ୍ୟାଳୟ

# ମା' ସରପଞ୍ଚ, ପୁଅ ତୁଲାଉଛି କାର୍ଯ୍ୟ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ ଅଁଳ ପଂଚାୟତ ବିଭିନ୍ନ ସମୟରେ ବିବାଦରେ ରହିଆସିଛି । କେତେବେଳେ ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ ହେଉଚି ତ ଆଉ କେତେବେଳେ ବିଧାୟକଙ୍କ ସହ ବିବାଦ ହେଉ । ସେହିଭଳି କେତେବେଳେ ଜଙ୍ଗଲ ବିଭାଗର ବିନା ଅନୁମତିରେ ଗଛ କାଟିବାକୁ ନେଇ ମାମଲା ରୁଜୁ ହେଉ କି ସରକାରୀ ଅର୍ଥରେ ଖୋଳା ଯାଉଥିବା ପୋଖରୀକୁ ପୋତି ବିବାଦରେ ରହିଆସୁଛନ୍ତି । ଏବେ ପୁଣି ଏକ ବିବାଦରେ ଫସିଛନ୍ତି ଅଁଳ ସରପଞ୍ଚ କଳ୍ପନା ଜେନା । ରବିବାର ଅଁଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ଥିବା ସତ୍ତ୍ୱେ ଏକ ନିର୍ଦ୍ଦିଷ୍ଟ ରାଜନୀତିକ ଦଳୀୟ କର୍ମୀଙ୍କୁ ନେଇ ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଇଁ କରିଥିଲେ ବୈଠକ । ଏମିତିକି କିଛି କର୍ମୀ କେଉଁଠି ଠିକାଦାର କରିବେ ସେ ନେଇ ହୋଇଥିଲା ଆଲୋଚନା । ସବୁଠୁ ବଡ଼ ଘଟଣା ଦେଖିବାକୁ ମିଳିଥିଲା ସ୍ତ୍ରୀ ସିନା ସରପଞ୍ଚ ସ୍ୱାମୀ ଓ ପୁଅ ରାଜନେତା । ରବିବାର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଶ୍ରୀମତୀ ଜେନା ଉପସ୍ଥିତ ନଥିବା ବେଳେ ପୁଅ ହିଁ କରିଥିଲା ଦଳୀୟ କାର୍ଯ୍ୟକ୍ରମ । ଏହି ବୈଠକରେ ସବୁଠି ଚର୍ଚ୍ଚା ଯୋଗାଇ ଥିଲା ପଞ୍ଚାୟତରେ ଥିବା ସରପଞ୍ଚଙ୍କ ପ୍ରତିଦ୍ୱନ୍ଦ୍ୱୀ ଏକାଠି ପୁଅ ସଙ୍ଗେ ବସି ବୈଠକି କରିବା । ଏହି ପଞ୍ଚାୟତରେ ସ୍ୱାମୀ ଓ ପୁଅ ସରପଞ୍ଚ ଦାୟିତ୍ୱ ସମ୍ଭାଳୁଛନ୍ତି । ପୂର୍ବାହ୍ନରେ ପଞ୍ଚାୟତ କାର୍ଯ୍ୟାଳୟକୁ ଦଳୀୟ କାର୍ଯ୍ୟାଳୟରେ ପରିଣତି କରିଥିଲେ । ଶତାଧିକ କର୍ମୀଙ୍କୁ ନେଇ ବୈଠକ କରିଥିବାରୁ ବିଜେଡି ଓ କଂଗ୍ରେସ କର୍ମୀମାନେ ତୀବ୍ର ବିରୋଧ କରିଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ସରକାରୀ କାର୍ଯ୍ୟାଳୟକୁ ଛୁଟି ଦିନରେ ଦଳୀୟ କାର୍ଯ୍ୟାଳୟ କରିବାକୁ କିଏ ଦେଇଛି ଅନୁମତି । ଏହାକୁ ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବିରୋଧୀ ଦାବି କରିଛନ୍ତି ।

# ଧଳା ଜହର, କାର ଓ ଟଙ୍କା ଜବତ: ୮ ଗିରଫ




କେନ୍ଦୁଝର(ଭାସ୍କର ନ୍ୟୁଜ): ଚୋରା ବ୍ରାଉନ ସୁଗାର କାରବାର ଧରିବାରେ ସଦର ପୋଲିସକୁ ବଡ ସଫଳତା ମିଳିଛି । କେନ୍ଦୁଝର ସଦର ଥାନା ପୋଲିସ ଗତକାଲି ବିଭିନ୍ନ ସ୍ଥାନରେ ଚଢାଉ କରି ବ୍ରାଉନ ସୁଗାର କାରବାରରେ ଜଡ଼ିତ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଗୋବର୍ଦ୍ଧନ ଗ୍ରାମର ଅମିତ କୁମାର ସାହୁ(୩୬), ଗୋବର୍ଦ୍ଧନ ଗ୍ରାମର ସୁଧିର ଚନ୍ଦ୍ର ବେହେରା(୩୭), ବନାଯୋଡି ଗ୍ରାମର ଶାନ୍ତନୁ ବ୍ରହ୍ମ(୪୫), ଟାଉନ ଥାନା ଅନ୍ତର୍ଗତ ମାଇନିଂ ରୋଡ ନିର୍ମଳା କନଭେଣ୍ଟ ସ୍କୁଲ ନିକଟ ବିଶ୍ୱଜିତ୍ ତ୍ରିପାଠୀ(୨୬), ଭାଲୁକିପତଳାର ଶ୍ରବଣ ସାହୁ(୩୦), ବୁଲାଦୁଆର ସାହିର ସାହାରୁଖ ଖାନ(୩୨), ବାବୁଲାଲ କଲୋନୀର ଅଜନ୍ତା ହୋଟେଲ ନିକଟ ସାହିଲ ଖାନ(୨୯), ତୁରୁମୁଙ୍ଗା ଥାନା ଅଞ୍ଚଳର ତୁରୁମୁଙ୍ଗା ସାହିର ଅନିଲ କୁମାର ସାହୁ(୩୬) ବୋଲି ଜଣାପଡିଛି । ସେମାନଙ୍କ ଠାରୁ ପୋଲିସ ୧୪୬ ଗ୍ରାମର ବ୍ରାଉନ ସୁଗାର, ୪୯୦୦ ଟଙ୍କା, ଗୋଟିଏ ବୁଲେଟ ସହିତ ୩ ବାଇକ, ଓଡି୦୯-ଇ-୯୪୨୯ ନମ୍ବର ବିଶିଷ୍ଟ ଗୋଟିଏ ଟାଟା ଇଣ୍ଡିଗୋ କାର ଏବଂ ୬ ମୋବାଇଲ ଫୋନ ଜବତ କରିଛି । କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକରଙ୍କ ନିର୍ଦ୍ଦେଶକ୍ରମେ ଗତ ୮ ତାରିଖ ଦିନ ବିଶେଷ ସୂତ୍ରରୁ ଖବର ପାଇ କେନ୍ଦୁଝର ସଦର ପୋଲିସ ଓ ସ୍ପେଶାଲ ସ୍କ୍ୱାଡ ବ୍ରାଉନ ସୁଗାର କାରବାର କରୁଥିବା ଅମିତ ସାହୁ ଓ ସୁଧିର ଚନ୍ଦ୍ର ବେହେରାକୁ ବାଲିଆଗୋଡା ଛକରୁ ଧରିଥିଲେ । ପୋଲିସ ସେମାନଙ୍କ ଠାରୁ ୧୪୬ ଗ୍ରାମର ବ୍ରାଉନ ସୁଗାର ଏବଂ ଓଡି୦୯-ଏବି-୭୭୩୬ ନମ୍ବର ବାଇକ ଜବତ କରିଥିଲେ । ସେମାନଙ୍କୁ ପଚରାଉଚୁରା ବେଳେ ବ୍ରାଉନ ସୁଗାର ଅନୁଗୁଳରୁ ଆସୁଥିବା ଏବଂ ଅନ୍ୟ ଅଭିଯୁକ୍ତଙ୍କ ଜରିଆରେ ସଦର, ଟାଉନ ଏବଂ ତୁରୁମୁଙ୍ଗା ଥାନା ଅଞ୍ଚଳରେ ବିକ୍ରୀ ହେଉଥିବା କହିଥିଲେ । ଏହାର ତଦନ୍ତ କରି ଉକ୍ତ ର୍‍ୟାକେଟର ୮ ଜଣଙ୍କୁ ପୋଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ଏ ନେଇ ସଦର ଥାନାରେ କେସ ନମ୍ବର ୪୩୭/୦୮/୦୮/୨୦୨୫ରେ ମାମଲା ରୁଜୁ କରି ଏନ୍‌ଡିପିଏସ୍ ଆଇନର ଧାରା ୨୧(ବି), ୨୯ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ସଦର ଥାନା ଅଧିକାରୀ ଅମିତ୍ କୁମାର ଭୂୟାଁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି । ଜବତ ୧୪୬ ଗ୍ରାମର ବ୍ରାଉନ ସୁଗାରର ଅନୁମାନିକ ମୂଲ୍ୟ ୧୪ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି ।



କଣାସ, (ଭାସ୍କର ନ୍ୟୁଜ୍) : ସାରା ଦେଶରେ ବଳଭଦ୍ରଙ୍କର ଜନ୍ମ ଦିବସ ପାଳନ ହେବା ସହ ଭଉଣୀମାନଙ୍କର ରକ୍ଷା କବଚ ରାକ୍ଷୀ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ରାକ୍ଷୀ ପୂର୍ଣ୍ଣିମା ହେଉଛି ଏକ ପବିତ୍ର ବନ୍ଧନ। ରାକ୍ଷୀ ଭାଇ ଭଉଣୀଙ୍କର ସ୍ନେହ ଶ୍ରଦ୍ଧା ଓ ଭଲପାଇବାର ଏକ ସୁନ୍ଦର ସେତୁ। ଏହି ଛୋଟ ଡୋରିରେ ରହିଥାଏ ଭଉଣୀର ଭାଇ ପ୍ରତି ସ୍ନେହ ଓ ସମ୍ମାନ। ରାକ୍ଷୀ ପୂର୍ଣ୍ଣିମା ଅବସରରେ ସମସ୍ତଙ୍କୁ ନାରୀ ସୁରକ୍ଷାର ସନ୍ଦେଶ ଦେବା ସହ ସଚେତନତା ସୃଷ୍ଟି କରାଗଲେ ଏହା ସାମାଜିକ ପରିବର୍ତ୍ତନର ଏକ ମାଧ୍ୟମ ହୋଇପାରିବ। ଆଜିର ଏହି ପବିତ୍ର ଅବସରରେ ପୁରୀ ଜିଲ୍ଲା କଣାସ ବ୍ଲକ ଦୟା ବିହାରଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଞ୍ଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ କଲ୍ୟାଣୀ ଗୃହରେ ପାଳିତ ହୋଇଯାଇଛି ରକ୍ଷାବନ୍ଧନ ଉତ୍ସବ। ରାଜ୍ୟର ବିଭିନ୍ନ ସ୍ଥାନରେ ଜିଲ୍ଲା ପ୍ରଶାସନଙ୍କ ଦ୍ୱାରା ଉଦ୍ଧାର ହୋଇ କଲ୍ୟାଣୀ ଗୃହରେ ଥିବା ୫୭୯ ଜଣ ମହିଳା ଓ ପୁରୁଷ ମାନସିକ ଅସୁସ୍ଥ ଅନ୍ତେବାସୀ ଉତ୍ସାହର ସହ ଏହି ପର୍ବ ପାଳନ କରିଥିଲେ। ବିଭାଗର ତତ୍ତ୍ୱାବଧାରକ ନିଗମାନନ୍ଦ ବାରୀକ, ପରିଚାଳନା କରିବାବେଳେ ତପନ ଦାସ, ନୟନ ମୁର୍ମୁ, ମାନସୀ ସାଶମଲ,ସ୍ୱପ୍ନାଶ୍ରୀ ମହାନ୍ତୀ, ଲିପି ପ୍ରଧାନ, ସୁନନ୍ଦା ପାଲଟାସିଂହ, କୁଳନନ୍ଦନ ଜେନା ଓ ପାପୁନୀ ପାଲଟାସିଂହ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ପ୍ରକଳ୍ପ ସଂଯୋଜୋକ କୃଷ୍ଣଚନ୍ଦ୍ର ନିଶଙ୍କ ଏହି ଗଣପର୍ବର ମହତ୍ୱ ସମ୍ବନ୍ଧରେ ଅନ୍ତେବାସୀ ମାନଙ୍କୁ ବାର୍ତ୍ତା ଦେଇଥିଲେ।



# ବ୍ୟାଙ୍କ ଡକାୟତି ଘଟଣାରେ ୪ ଡକାୟତ ଗିରଫ




ବେଲପାହାଡ,( ଭାସ୍କର ନ୍ୟୁଜ୍ ): ରେଙ୍ଗାଲି ଥାନା ଅନ୍ତର୍ଗତ ଭିଖମପାଲି ବ୍ୟାଙ୍କ ଲୁଟ ଘଟଣାରେ ୪ଜଣ ଦୁର୍ବୃତ୍ତଙ୍କୁ ଧରିଛି ଝାରସୁଗୁଡ଼ା ପୋଲିସ। ଏନେଇ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି ଝାରସୁଗୁଡ଼ା ଏସ୍‌ପି। ସୂଚନାନୁଯାୟୀ ସେହି ଦିନ ପ୍ରାୟ ୨ଟା ସମୟରେ ତିନି ଜଣ ଦୁର୍ବୃତ୍ତ ବ୍ୟାଙ୍କ ପରିସରରେ ପ୍ରବେଶ କରି କର୍ମଚାରୀ ଏବଂ ଗ୍ରାହକମାନଙ୍କୁ ବନ୍ଧୁକ ମୁନରେ ଧମକ ଦେଇଥିଲେ ଏବଂ ୭୪,୯୫୦ ଟଙ୍କା ନଗଦ ଏବଂ ଦୁଇଟି ହାର, ଦୁଇ ଯୋଡ଼ା କାନଫୁଲ ଏବଂ ପ୍ରାୟ ୪୪.୬ ଗ୍ରାମ ଓଜନର ସାତୋଟି ସୁନା ଥିବା ଦୁଇଟି ସୁନା ଋଣ ପ୍ୟାକେଟ ଲୁଟ କରି ଦୁର୍ବୃତ୍ତମାନେ ଏକ ଲାଲ ରଙ୍ଗର ମୋଟରସାଇକେଲରେ ଘଟଣାସ୍ଥଳରୁ ଫେରାର ମାରିଥିଲେ। ଝାରସୁଗୁଡ଼ା ପୋଲିସ ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁଯାୟୀ, ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲା। ଏହି ଦଳଗୁଡ଼ିକ ବିଭିନ୍ନ ସ୍ଥାନରେ ଉପଲବ୍ଧ ମାନବ ଏବଂ ବୈଷୟିକ ପ୍ରମାଣ ଯାଞ୍ଚ କରିଥିଲେ। ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ପରେ, ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗର ସମ୍ପୃକ୍ତି ଜଣାପଡ଼ିଥିଲା। ତଦନୁସାରେ, ସ୍ୱତନ୍ତ୍ର ପୋଲିସ ଦଳଗୁଡ଼ିକ ଝାଡ଼ଖଣ୍ଡ, ବିହାର ଏବଂ ଛତିଶଗଡ଼ର ବିଭିନ୍ନ ଅଞ୍ଚଳରେ ଚଢାଉ କରି ଗ୍ୟାଙ୍ଗ ସଦସ୍ୟମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ବନ୍ଧୁକ, ଲୁଟ୍ ଟଙ୍କା ଏବଂ ଅପରାଧରେ ବ୍ୟବହୃତ ମୋଟର ସାଇକେଲ ଉଦ୍ଧାର କରାଯାଇଥିଲା। ଗିରଫ ଅଭିଯୁକ୍ତ ମାନଙ୍କୁ ଆଜି କୋର୍ଟକୁ ଚାଲାଣ କରାଯାଇଥିବା ଏସ.ପି.ସୂଚନା ଦେଇଛନ୍ତି।

# ‘ମୋ ଗୁହାଳ’ ଯୋଜନା ଦିଗହରା: ରାଜପଥରେ ଯାଉଛି ନିରୀହ ଗୋରୁଙ୍କ ଜୀବନ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) : ବଡ଼ଚଣା ଥାନା ୧୬ ଓ ୫୩ ନଂ ଜାତୀୟ ରାଜପଥ ଉପରେ ଏବେ ଗୋରୁ ଗାଇ ନିଜର ବାସସ୍ଥାନ କରିଥିବା ବେଳେ ଅଜଣା ଗାଡ଼ି ଧକ୍କାରେ ପ୍ରତିଦିନ ଅନେକ ନିରୀହ ଗାଇ ଓ ଗୋରୁଙ୍କ ଜୀବନ ଯାଉଛି। ସରକାର ଗୋପାଳକଙ୍କ ନିମନ୍ତେ ଅନେକ ଯୋଜନା ପ୍ରଣୟନ କରିଛନ୍ତି ସତ କିନ୍ତୁ ଗୋସୁରକ୍ଷା ନିମନ୍ତେ କଟକଣା ମଧ କରିବା ପାଇଁ ସରକାରୀ ଓ ପ୍ରଶାସନ ଆନ୍ତରିକତା ନାହିଁ। ଫଳରେ ଆଜି ଶହ ଶହ ଗାଇ ଓ ଗୋରୁଙ୍କ ଜୀବନ ଜାତୀୟ ରାଜପଥ ଉପରେ ଯାଉଛି। ସରକାର ଗୋସମ୍ପଦର ସୁରକ୍ଷା ଆଣିବା ପାଇଁ ‘ମୋ ଗୁହାଳ ଯୋଜନା’ ପ୍ରଣୟନ କରିଥିଲେ। ମୋ ଗୁହାଳ ଯୋଜନା ସାକାର କରିବା ନିମନ୍ତେ ପୂର୍ବ ସରକାର ଗୋପାଳନ କରୁଥିବା ହିତାଧିକାରୀଙ୍କୁ ଗୁହାଳ କରିବା ନିମନ୍ତେ ଅର୍ଥ ରାଶି ପ୍ରଦାନ କରିଥିଲେ। ହିତାଧିକାରୀ ଗୁହାଳ କରିବା ନିମନ୍ତେ ସରକାରୀ ଅର୍ଥ ନେଇଛନ୍ତି ଯାହା ସରକାରୀ ତଥ୍ୟରେ ପ୍ରକାଶ ପାଉଛି। ଏହା କେତେଦୂର ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିଛନ୍ତି ସରକାର ଅର୍ଥ ତାହାର ହିସାବ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ନଥିବା ଭଳି ମନେ ହେଉଛି। ଯୋଜନାରେ ସମୁଦ୍ରକୁ ଶଙ୍ଖ ଭଳି ହୋଇଛି। ଯାହାର ପ୍ରମାଣ ସଦୃଶ ଜାତୀୟ ରାଜପଥ ଉପରେ ସହ ସହ ଗୋରୁ ଗାଇ ମାରୁଥିବା ଦୃଶ୍ୟକୁ ଦେଖିଲେ ସହଜରେ ବାରି ହେଉଛି। ସବୁଦିନେ ଏକାଧିକ ଗୋରୁଙ୍କ ଜୀବନ ଯାଉଛି। ଗୋପାଳନ ନିମନ୍ତେ ପ୍ରୋତ୍ସାହନ ପ୍ରଦାନ କରିଦେଲେ ଯେ ସରକାର ଓ ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱ ସରିଗଲା ତାହା ନୁହଁ ବରଂ ଗୋମାତାଙ୍କୁ ସୁରକ୍ଷା ପ୍ରଦାନ କରିବା ମଧ ଉଭୟଙ୍କ ଦାୟିତ୍ୱ ରହିଛି। ଯେଉଁ ଗୋପାଳକ ଗୋମାତାଙ୍କୁ ନିଜ ସ୍ୱାର୍ଥ ହାସଲ କରିବା ଜଣେ ନିଜ ପାଖରେ ରଖନ୍ତି ଏବଂ ସ୍ୱାର୍ଥ ହାସଲ ପରେ ବାହାରେ ଛାଡ଼ି ଦେଉଛନ୍ତି ସେହିପରି ଗୋପାଳକଙ୍କ ଉପରେ ପ୍ରଶାସନିକ କ୍ଷେତ୍ରରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି। ଯଦି ପ୍ରଶାସନ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି ତେବେ ଆଗାମୀ ଦିନରେ ଗୋମାତାଙ୍କ ବଂଶ ଲୋପ ପାଇବାର ସମ୍ଭାବନା ରହିଛି। ଅପରପକ୍ଷେ ସରକାରଙ୍କ ଗୁହାଳ ଯୋଜନା ଦିଗହରା ହୋଇଛି। ପ୍ରକୃତ ହିତାଧିକାରୀ ଗୁହାଳ ପାଇଛନ୍ତି ନା ଅଯୋଗ୍ୟ ହାତେଇଛନ୍ତି ତାହା ତଦନ୍ତ ସାପେକ୍ଷ। ଦୁର୍ଘଟଣାରୁ ରକ୍ଷା ଓ ଗୋରୁ ଗାଇଙ୍କ ସୁରକ୍ଷା ପାଇଁ ପ୍ରକୃତ ଗୋପାଳନକାରୀଙ୍କୁ ମୋ ଗୁହାଳ ଯୋଜନାରେ ସାମିଲ କରିବାର ଆବଶ୍ୟକତା ରହିଛି। ଅପରପକ୍ଷେ ଗୋରୁ ମାନଙ୍କ ଚିହ୍ନଟ ପାଇଁ ସ୍ୱତନ୍ତ୍ର ନମ୍ବର କରାଯାଉଥିଲା। କିନ୍ତୁ ଷଣ୍ଢମାନଙ୍କର ସେଭଳି ଚିହ୍ନଟ କରାଯାଇ ନାହିଁ। ଯେଉଁ ଗୋରୁ ଗାଇ ମାନଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟୁଛି ସେମାନଙ୍କ ମାଲିକମାନଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ଦେଖା ଦେଇଛି। ରାଜପଥ ବିଭାଗ ଅବା ପ୍ରଶାସନ ପକ୍ଷରୁ ରାଜପଥ ଗୋରୁ ଗୁଡ଼ିକୁ ନେଇ କାଞ୍ଜିଆହୁଦା କରି ରଖାଯିବା ଉଚିତ। ଦୁର୍ଘଟଣାରେ କେବଳ ଗୋରୁଙ୍କ ପ୍ରାଣହାନୀ ହେଉନାହିଁ ତା ସହିତ ଲୋକମାନଙ୍କର ଧନ ଜୀବନ ଅକାରଣେ ଚାଲିଯାଉଛି। ରାଜପଥ ସଂଲଗ୍ନ ଗ୍ରାମ ଗୁଡ଼ିକରେ ଗୋପାଳକମାନଙ୍କୁ ସଚେତନ କରିବା ସହ ରାଜପଥକୁ ଗୋରୁ ଗାଇ ଛାଡ଼ିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ଦୃଷ୍ଟାନ୍ତ ରହିଲେ ଏ ଅବ୍ୟବସ୍ଥାର ସୁଧାର ଆସି ପାରନ୍ତା ବୋଲି ଆଲୋଚନା ହେଉଛି। ସଠିକ ଭାବେ ଓ ପାଞ୍ଚରୁ ଅଧିକ ଗୋରୁ ରଖୁଥିବା ପରିବାରକୁ ଚିହ୍ନଟ କରାଯାଇ ମୋ ଗୁହାଳ ଯୋଜନାରେ ସାମିଲ କରି ତୁରନ୍ତ ଅର୍ଥ ରାଶି ପ୍ରଦାନ କରିବାକୁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଛି।



# ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୬ ଦଫା ଦାବିପତ୍ର



ରାଇଘର, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସମେତ ଜିଲ୍ଲାର ସମସ୍ତ ବ୍ଲକରେ ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ଜିଲ୍ଲାପାଳଙ୍କ ଜରୀଆରେ ୧୬ ଦଫା ଦାବି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି। ଏଠାରେ ଉଲ୍ଲେଖ ରହିଛି ଯେ ଅବିଭକ୍ତ କୋରାପୁଟ ସମ୍ବିଧାନର ୨୪୪/୧୫ ମ ଅନୁସେଚିତ କ୍ଷେତ୍ର ଥିଲେ ସୁଦ୍ଧା ଆଦିବାସୀଙ୍କୁ ଅଣଦେଖା କରାଯିବା ସହ ସାମ୍ବିଧାନିକ ଅଧିକାର ପାଇବାରେ ଆମେ ବଞ୍ଚିତ ତେଣୁ ଆମେ ୧୬ ଦଫା ଦାବି ପ୍ରଦାନ କରୁଛୁ। ଏହି ଦାବି ଗୁଡ଼ିକ ହେଲା ପିଇସିଏ ଆଇନ ୧୯୬୬ କୁ କଡ଼ା କଡି କରିବା। ଅଗଷ୍ଟ ୯ ତାରିଖ କୁ ଜାତୀୟ ବିଶ୍ୱ ଆଦିବାସୀ ଦିବସ କୁ ଜାତୀୟ ଛୁଟି ଘୋଷଣା। ଆଦିବାସୀ ଅଧୁଷିତ ଅଞ୍ଚଳ ରେ ଜମି କୁ ବନ୍ଧକ ରଖି ଆଦିବାସୀଙ୍କୁ ଗୃହ ଋଣ ବ୍ୟବସାୟିକ ଋଣ , ଶିକ୍ଷ ଋଣ ଆଦି ଦେବା, ବର୍ତ୍ତମାନ ଏଜେନ୍ସି ଜରିଆରେ ବାହାର ନିଯୁକ୍ତି ବନ୍ଦ କରାଯାଉ। ନକଲି ଆଦିବାସୀ ଚିହ୍ନଟ କରବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ନବରଙ୍ଗପୁର ଉପ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ବର୍ଷ ବର୍ଷ ଧରି ପଡି ରହିଥିବା ମାମଲା ଗୁଡ଼ିକୁ ତୁରନ୍ତ ଫଇସଲା କରାଯିବା, ଆଦିବାସି ଉପଦେଷ୍ଟା ସଭ୍ୟ ପଦ ପାଇଁ ଆଦିବାସୀଙ୍କ ଦ୍ୱାରା ଚୟନ କରିବା , ପଞ୍ଚମ ଅନୁଶାସିତ ଅଞ୍ଚଳରେ ନିଶା କାରବାର ବନ୍ଦ କରିବା, ପଞ୍ଚମ ଅନୁସୋଚିତ ଅଞ୍ଚଳରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ଗ୍ରୁପ ସି ଆଉ ଡି ନିଯୁକ୍ତି ଜନସଂଖ୍ୟା ଭିତ୍ତିରେ ଦେବା, ପଞ୍ଚମ ଅନୁଶୋଚିତ ଅଞ୍ଚଳରେ ଖଣି ଖୋଦନ ପ୍ରାପ୍ତ ଲାଭାଂଶରୁ ୨୦ % ଆଦିବାସୀଙ୍କ ବିକାଶ ସକାଶେ ଖର୍ଚ୍ଚ କରିବା, ଆଦିବାସୀ ଗ୍ରାମ ଗୁଡ଼ିକରେ ଥିବା ଦେବା ଦେବୀ ପୀଠ କୁ ସରକାରୀ ସଂରକ୍ଷଣ ସୁରକ୍ଷା କରିବା, ଆଦିବାସୀଙ୍କ ପୈତୃକ ସମ୍ପତ୍ତିର ଅଧିକାର ପାଇଁ ଆଦିବାସି ପରମ୍ପରା ହିସାବରେ କରାଯିବା ସହ ଓଡ଼ିଶା ସରକାରଙ୍କ ଆଇନ ଆଦିବାସୀଙ୍କ ଉପରେ ନ ଲଦିବା, ପଞ୍ଚମ ଅନୁଷୋଚିତ ଅଞ୍ଚଳରେ ଘୋରୋଇ ଶିକ୍ଷାନୁଷ୍ଠାନ ବନ୍ଦ କରାଯାଉ, ବୃତ୍ତିଗତ ଶିକ୍ଷାନୁଷ୍ଠାନ ଗୁଡିକ ରେ ପଞ୍ଚମ ଅନୁସୂଚିତ କ୍ଷେତ୍ରରେ ଜନସଂଖ୍ୟା ଭିତ୍ତିରେ ସ୍ଥାନ ସଂରକ୍ଷଣ କରିବା, ଅବିଭକ୍ତ କୋରାପୁଟ ଜିଲ୍ଲାରେ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ସ୍ଥାପନା ଆଦି ଏହି ଦାବି ପତ୍ରରେ ଉଲ୍ଲେଖ ରହିଛି। ଏହି ଦାବି ପତ୍ର ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀଙ୍କୁ ପ୍ରଦାନ ବେଳେ ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ସନ୍ ରାଜ ଗଣ୍ଡ, ସୁଦର୍ଶନ ମାଝୀ, ଯତୀନ୍ଦ୍ର ଗଣ୍ଡଙ୍କ ସମେତ ବହୁ ଆଦିବାସି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା କାରାଗାରରେ ରକ୍ଷା ବନ୍ଧନ ଉତ୍ସବ ପାଳିତ



କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା କାରାଗାର ପରିସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଜିଲ୍ଲା ଶିଶୁ ମଙ୍ଗଳ କମିଟି, ଶିଶୁ ସୁରକ୍ଷା ୟୁନିଟ ଏବଂ ଜିଲ୍ଲା କାରାଗାର ସହାୟତାରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। କାରାଗାରରେ ରହୁଥିବା ଅନ୍ତେବାସୀଙ୍କ ପରିବାର ଥାଇ ମଧ ସେମାନଙ୍କଠାରୁ କୌଣସି ଏକ ପରିସ୍ଥିତିରେ ଅଲଗା ହେବାକୁ ପଡୁଥିବା ବେଳେ ଆଜି ପରି ପବିତ୍ର ଦିନରେ କାରାଗାର ଭିତରେ ରହିବାକୁ ପଡୁଛି। ଅନ୍ୟ ପକ୍ଷରେ ନିଜର ପରିଚୟ, ପିତା ମାତାଙ୍କ ପରିଚୟ ଇତ୍ୟାଦି ନ ଥିବା ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନେ ପରିବାର ପରିଭାଷାକୁ ବୁଝି ଭାତୃତ୍ୱ ବୋଧରେ ବିଶ୍ୱାସ ରଖି କାରାଗାର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶୁଭକାମନା ସହିତ ଆଶୀର୍ବାଦ ପ୍ରାପ୍ତ କରିଛନ୍ତି। ଏହି ଅବସରରେ କାରାଗାର ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସୁକାନ୍ତ କୁମାର ରାଉତ ପରିଚାଳନା କରିଥିବା ବେଳେ ମଞ୍ଜୁଳା ନାୟକ ସମସ୍ତଙ୍କୁ ରାଖୀ ଏବଂ ମିଷ୍ଟାନ ବଣ୍ଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଶିଶୁ ମଙ୍ଗଳ କମିଟି ତରଫରୁ ଲଳିତ କୁମାର ଦାସ, ବାଦଲ ଦାସ ସଂଗଠକ ଶ୍ରୀକାନ୍ତ ନାୟକ ଉପସ୍ଥିତ ଥିଲେ।

# ରାକ୍ଷୀ ପୂର୍ଣ୍ଣିମାରେ ନିଶା ନିବାରଣ ବ୍ରତ ପାଳିତ

ବେତନଟୀ, (ଭାସ୍କର ନ୍ୟୁଜ୍) : ବେତନଟୀର ଶାରଦା ଗୁରୁକୁଳ ଶିକ୍ଷା କେନ୍ଦ୍ରରେ ରାକ୍ଷୀ ପୂର୍ଣ୍ଣିମାରେ ନିଶା ନିବାରଣ ବ୍ରତ ପାଳିତ ହୋଇଯାଇଛି। ବେତନଟୀ ସାମ୍ବାଦିକ ସଂଘର ସମ୍ପାଦକ ଅନୁପ କୁମାର ଦଣ୍ଡପାଟଙ୍କ ସଂଯୋଜନା ଓ ପଦ୍ମମାଳି ମହିଳା ସଂଗଠନର ସମ୍ପାଦିକା ପ୍ରଭାତି ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପରେ ଭାରତୀୟ ରେଡ଼କ୍ରସ୍ ସୋସାଇଟିର ଆଜୀବନ ସଦସ୍ୟ ତଥା ଭାଇସ ପେଟ୍ରନ ଡାକ୍ତର ରମାକାନ୍ତ ମହାନ୍ତ ଯୋଗଦାନ ଦେଇ ନିଶାଦ୍ରବ୍ୟ ସେବନ ଦ୍ୱାରା ଶରୀରର କୋଣ ଅନୁକୋଣ କ୍ଷତି ହେଉଛି। ସେହି ବିଷୟରେ ଆଲୋଚନା କରି ସମସ୍ତଙ୍କୁ ନିଶାଦ୍ରବ୍ୟ ଠାରୁ ଦୁରେଇ ରହିବା ପାଇଁ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମମାଳି ମହିଳା ସଂଗଠନର ଅନନ୍ଦିତା ସାହୁ, ସନା ଖାତୁନ, ମିନତି ସାହୁ, କୁମୁଦିନୀ ମହାନ୍ତ, ଶିକ୍ଷକ କିଶୋର ମହାନ୍ତ, ଯୁବ ନେତା ସଂଜୀବ ଜେନା ଓ ଶାରଦା ଗୁରୁକୁଳ ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। ଶେଷରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ଉପସଭାପତି ଗତିକୃଷ୍ଣ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ହର ଘର ତ୍ରିରଙ୍ଗା’ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ



କୋରୁକୋଣ୍ଡା,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଶିକ୍ଷା ବିଭାଗ ଅଧୀନ ଏମଭି-୨୬ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଟୁଟୁ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ଦେଶାତ୍ମ ବୋଧକ ସଂଗୀତ ପରିବେଷଣ କରିବା ସହିତ, ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ନେଇ ଏକ ରଙ୍ଗୋଲି ପ୍ରତିଯୋଗୀତା ଅନୁଷ୍ଠିତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଛାତ୍ର ଛାତ୍ରୀମାନେ ବିଭିନ୍ନ ଦେଶାତ୍ମବୋଧ ସମ୍ବଳିତ ରଙ୍ଗୋଲି ମାଧ୍ୟମରେ ଚିତ୍ର ଅଙ୍କନ କରି ସମସ୍ତଙ୍କ ମନରେ ଦେଶାତ୍ମକ ଭାବନା ସୃଷ୍ଟି କରିବା ସହିତ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ରାଜେଶ ପଟ୍ଟନାୟକ ଓ କିରଣ କାନ୍ତ ସାହୁ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମଧ ଏଥିରେ ଅଂଶ ଗ୍ରହଣ କରିଥିଲେ।



ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ହରଘର ତିରଙ୍ଗା କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱାଧିନତା ଦିବସ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା ହର ଘର ତିରଙ୍ଗା କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ଅଗଷ୍ଟ ୮ ତାରିଖ ଠାରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ହର ଘର ତିରଙ୍ଗା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଡିଏସ୍‌ପି ଆନନ୍ଦ ଚନ୍ଦ୍ର ଡୁଙ୍ଗଡୁଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ବର୍ଷା ଯୋଗୁଁ ଅଟକିଲା ଶତାଧିକ ଗାଡ଼ି



ରାଜପଥର ଏକ ପୋଲ ଉପରେ ବର୍ଷା ପାଣି

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : କୋରାପୁଟ ଠାରୁ ରାୟଗଡା ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥ ସର୍ଭିଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଉକ୍ତ ରାଜପଥରେ ଚଳ ପ୍ରଚଳକୁ ନେଇ ଯାତ୍ରୀ ମାନେ ଜମାରୁ ସୁରକ୍ଷିତ ମନେ କରୁନାହାନ୍ତି। କାରଣ ଲକ୍ଷ୍ମୀପୁର ଠାରୁ କାକିରିଗୁମା ଯାଏଁ ୧୮ କିଲୋମିଟରର ରାସ୍ତା ଜମାରୁ ସୁରକ୍ଷିତ ନୁହଁ। ଜାତୀୟ ରାଜପଥ କଡରେ ରେଳ ଲାଇନର ଦୋହରୀକରଣ କାର୍ଯ୍ୟ ସକାଶେ ନାହିଁ ନଥିବା ସମସ୍ୟା ଦେଖା ଦେଇଛି। ରବିବାର ଅପରାହ୍ନ ଚାରିଟା ବେଳେ ଘଣ୍ଟାଏ ଧରି ହୋଇଥିବା ବର୍ଷା ସକାଶେ ଡୁମୁରି ପଦର ଗ୍ରାମ ନିକଟରେ ଅନେକ ଯାନବାହନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଗ୍ରାମ ନିକଟ ଦେଇ ଯାଇଥିବା ଜାତୀୟ ରାଜପଥର ଏକ ପୋଲ ଉପରେ ବର୍ଷା ପାଣି ଅତିବାହିତ କରୁଥିବାରୁ ପୋଲର ଦୁଇ ପାର୍ଶ୍ୱରେ ଶତାଧିକ ସଂଖ୍ୟାର ଯାନବାହନ ଅଟକି ରହିଥିଲା। କେବଳ ସେତିକି ନୁହେଁ ଖଣି ମନ୍ତ୍ରୀ ସେଇ ରାସ୍ତା ଦେଇ ଯାଉଥିବା ବେଳେ ସେହି ଠାରେ ତାଙ୍କୁ ବି ସ୍ୱଳ୍ପ ସମୟ ଧରି ଅଟକିବାକୁ ପଡିଥିଲା। ହେଲେ ମନ୍ତ୍ରୀଙ୍କ ଏସ୍କର୍ଟ ଟିମ ଅଟକି ରହିଥିବା ଅନ୍ୟ ଗାଡ଼ି ଗୁଡିକୁ ସାଇଡ କରି ମନ୍ତ୍ରୀଙ୍କ ଗାଡିକୁ ବାଟ କଢେଇ ନେଇ ଯାଇଥିଲେ ହେଲେ ମନ୍ତ୍ରୀ କିନ୍ତୁ ଲୋକଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ନଥିଲେ। ପରେ ଏକ ଆମ୍ବୁଲାନ୍ସ ମଧ ସେଠାରେ ଫସିଥିଲା। କିଛି ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ବାହାରକୁ ବାହାରିଥିଲା। ପରେ ଚଳ ପ୍ରଚଳ ସ୍ୱାଭାବିକ ହୋଇଥିଲା। ଉକ୍ତ ପୋଲ ଉପର ଦେଇ ବର୍ତ୍ତମାନ ଏକ ରେଳ ବ୍ରିଜ କାମ ଚାଲୁଥିବାରୁ ଏହି ସମସ୍ୟା ଉପୁଜିଥିଲା। ତଥାପି କେତେ ବେଳେ ଉକ୍ତ ପୋଲ ବର୍ଷା ପାଣିରେ ଭୁସୁଡ଼ି ପଡ଼ିବ ତାହା କହିବା ମୁସ୍କିଲ।ତେଣୁ ଆଗକୁ ବଡ଼ ଧରଣର ବିପଦ ମାଡି ଆସିବା ପୂର୍ବରୁ ବୋଭାଗୀୟ ଅଧିକାରୀ ତୁରନ୍ତ ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି।

# ବଜ୍ରାଘାତରୁ ରକ୍ଷା ପାଇଁ ୧ହଜାର ତାଳ ଝରାରୋପଣ

କଣାସ, (ଭାସ୍କର ନ୍ୟୁଜ୍) : କଣାସ ବ୍ଲକ ସିରେଇ ଗ୍ରାମପଞ୍ଚାତର ଦେଠିଆପଡା ଗ୍ରାମରେ ପ୍ରତିଷ୍ଠିତ ଦେଠିଆପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଗତକାଲି ‘ଆସ ଲଗାଇବା ତାଳ ଗଛ’ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବ୍ରଜପାତ ଜନିତ କ୍ଷୟକ୍ଷତିକୁ କମ କରିବାପାଇଁ କମିଟି ତରଫରୁ ବିଦ୍ୟାଳୟ ନିକଟସ୍ଥ ଲୁଣାନଦୀ ବନ୍ଧରେ ଦୁଇ ପାର୍ଶ୍ୱରେ ତିପୁରୀ କଳଘାଇ ଛକଠାରୁ ଜଙ୍ଗାର ଛକ ପର୍ଯ୍ୟନ୍ତ ପ୍ରାୟ ୩କିମି ରାସ୍ତାର ଦୁଇପାର୍ଶ୍ୱରେ ୧ହଜାର ତାଳ ଝରା ରୋପଣ କରାଯାଇଛି। ପ୍ରତ୍ୟେକ ବର୍ଷ ତାଳଗଛ କମ ଥିବାରୁ ବହୁ କ୍ଷୟକ୍ଷତି ବ୍ରଜପାତ ଯୋଗୁଁ ଘଟୁଛି ସରକାରଙ୍କ ପକ୍ଷରୁ ସୂଚନା ଦେବାପରେ ଏହି କ୍ଷୟକ୍ଷତିକୁ କିପରି କମାଯାଇ ପାରିବ ସେଥିପାଇଁ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କର ବଡ ଜନସଚେତନତା କାର୍ଯ୍ୟକ୍ରମ ଦେଠିଆପଡା ଓ ଏକରୁଖା ଗ୍ରାମରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିବେଶବିତ୍ ଅପର୍ତ୍ତି ମହାପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ମହାପାତ୍ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଭାପତି ଶରତ କୁମାର ମହାପାତ୍ର, କମିଟିର ସମସ୍ତ ସଭ୍ୟ ସଭ୍ୟା, ସ୍ୱଚ୍ଛାସେବୀ ଅକ୍ଷୟ କୁମାର ବିଶ୍ୱାଳ ଯୋଗଦାନ କରିଥିଲେ।

# ମା’ ମଙ୍ଗଳାଙ୍କ ଖୁଦରୁକୁଣୀ ପୂଜା ଆରମ୍ଭ



କଣାସ, (ଭାସ୍କର ନ୍ୟୁଜ୍) : ପୂରାଣ ବର୍ଣ୍ଣିତ ସାଧାବ ଝିଅ ତପଇ ଉପରେ ତାହାର ଭାଉଜମାନେ କିପରି ଅକଥନୀୟ ଅତ୍ୟାଚାର କରିଥିବା ବେଳେ ତପଇ ମା ମଙ୍ଗଳଙ୍କୁ ଆଶ୍ରୟକରି କିପରି ଉଦ୍ଧାର ହୋଇଥିଲା ସେଥିପାଇଁ ଆଜିର ଅବିବାହିତ ଯୁବତୀମାନେ ଭାଦ୍ରବ ମାସର ପ୍ରଥମ ରବିବାରରେ ମା ମଙ୍ଗଳାଙ୍କ ପୂଜା କରୁଥିବାରୁ ପ୍ରଭାତରୁ କୁଆଁରୀ ଝିଅମାନେ ନିଜ ନିଜ ପୋଖରୀ, ନଦୀ ଓ ନାଳରେ ସ୍ନାନ କରି ସାରି ନୂତନ ବସ୍ତ୍ର ପରିଧାନ କରି ନଦୀ ଓ ପୋଖରୀରୁ ବାଲି ଓ ମାଟି ସଂଗ୍ରହ କିରି ବାଲୁକାରେ ଏକ ମୂର୍ତ୍ତି ନଦୀ ଓ ପୋଖରୀ କୂଳରେ ନିର୍ମାଣ କରି ନାନା ରଂଗବେରଙ୍ଗର ଫୁଲ ଦେଇ ସଜାଇବା ପରେ ବିଭିନ୍ନ ଫଳମୂଳ ପୂଜା କରୁଥିବା ଦେଖିବାକୁ ମିଳିଥିଲା। ସଂଧ୍ୟା ସମୟରେ ଗ୍ରାମମାନଙ୍କରେ ଠାକୁ ଠାଆ ଝିଅ ମାନେ ମେଳି ହୋଇ ରଂଗବେରଙ୍ଗର ଶାଢୀମାନଙ୍କରେ ତୋରଣ ତିଆରୀକରି ମଙ୍ଗଳା ମୂର୍ତ୍ତି ବସାଇ ମଙ୍ଗଳାଙ୍କୁ ପୂଜାଆର୍ଚ୍ଚନା କରିବାସହିତ ଖୁଦରୁକୁଣୀ ପୁସ୍ତକ ପଠନ କରୁଥିବା ଦେଖିବାକୁ ମିଳିଥିଲା।

# ଲଖନପୁର ଭାଜପା ମଣ୍ଡଳର ସ୍ୱଚ୍ଛତା ଅଭିଯାନ

ବେଲପାହାଡ,( ଭାସ୍କର ନ୍ୟୁଜ୍ ):ଭାରତର ଯଶସ୍ୱି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ସ୍ୱଛ ଭାରତ ପରିପ୍ରେକ୍ଷୀରେ ରବିବାର ଲଖନପୁର ମଣ୍ଡଳ ସଭାପତି ଟିକେତ ସାହୁଙ୍କ ତତ୍ତ୍ୱାବଧାନରେ ଶୈବ ପୀଠ କୋଇଲିଘୁଘର ଠାରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି। ଏହି ସ୍ୱଚ୍ଛତା ଅଭିଯାନ ରେ ଲଖନପୁର ମଣ୍ଡଳର ଅନେକ ବିଜେପି କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ରଘୁ ନନ୍ଦନ ପଣ୍ଡା , ପୂର୍ବତନ ଲଖନପୁର ମଣ୍ଡଳ ସଭାପତି ରାଜ କୁମାର ସାହୁ, ମଣ୍ଡଳ ପ୍ରତିନିଧି କ୍ଷିତିଭୂଷଣ ପ୍ରଧାନ, ରାଜ୍ୟ ପରିଷଦ ସଭ୍ୟା ଆରତୀ ପ୍ରଧାନ (ସରପଞ୍ଚ ଲଖନପୁର) ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ଉତ୍ତମ ନେଗି, କଦମ ଡିହି ସମିତି ସଭ୍ୟ ପବିତ୍ର ବିଶ୍ୱାଳ, ବରିଷ୍ଠ କାର୍ଯ୍ୟକର୍ତ୍ତା ଉଦିତ ପଟେଲ, ତୋଫାନ ପ୍ରଧାନଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଅନ୍ଧାରରେ ବିଦ୍ୟାର୍ଥୀଙ୍କ ଭବିଷ୍ୟତ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ) : ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ପ୍ରାଥମିକ ବିଦ୍ୟାଳୟରେ ଅନେକ ଅବ୍ୟବସ୍ଥା ଦେଖାଯାଇଛି। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୮୦ ଛାତ୍ର ଛାତ୍ରୀ ପାଠ ପଢୁଥିବାବେଳେ ପିଲାମାନଙ୍କ ନିମନ୍ତେ ପର୍ଯ୍ୟାପ୍ତ ଶ୍ରେଣୀ ଗୃହ ନାହିଁ। ଏମିତିକି ବିଦ୍ୟାଳୟର ଉପର ମହଲା ଛାତରୁ ବର୍ଷା ଦିନେ ପାଣି ଗଳୁଛି। ଯଦ୍ୱାରା ପାଠ ପଢ଼ାରେ ବ୍ୟାଘାତ ହେଉ ଥିବା ଛାତ୍ର ଛାତ୍ରୀ ମାନେ ପ୍ରକାଶ କରିଛନ୍ତି। ସରକାର ମଧାହ୍ନ ଭୋଜନକୁ ସୁଷମ ଓ ସ୍ୱାସ୍ଥ୍ୟରକ୍ଷା ଭୋଜନକୁ ପ୍ରାଧାନ୍ୟ ଦେଉଥିବାବେଳେ ଏହି ବିଦ୍ୟାଳୟରେ ରୋଷେଇ ଗୃହ ମଧ ନାହିଁ। କେବଳ ଅସୁରକ୍ଷିତ ଭାବେ ଗୋଟିଏ ଭଙ୍ଗା ଟିଣ ଛପର ତଳେ ମଧାନ ଭୋଜନ ରୋଷେଇ କରିବାର ନଜିର ଆସିଛି ଯାହାକି ବର୍ଷାଦିନେ ରୋଷେୟା ମାନଙ୍କୁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ପ୍ରକାଶ କରିଛନ୍ତି। ବିଦ୍ୟାଳୟର ପରିମଳ ବ୍ୟବସ୍ଥାକୁ ଦେଖିଲେ ଏତେ ସଂଖ୍ୟକ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଶୌଚାଳୟଟିଏ ନାହିଁ ପିଲାମାନେ ବିଦ୍ୟାଳୟ ବାହାରକୁ ପରିସ୍ରା କରିବାକୁ ଯାଉଥିବା ଦେଖାଯାଇଛି। ଏସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତିକି ଶୌଚାଳୟ ନିମନ୍ତେ ଅର୍ଥ ମଞ୍ଜୁର ହୋଇଛି କିନ୍ତ ଏଯାଏଁ କାର୍ଯ୍ୟ ଆରମ୍ଭ ହୋଇନାହିଁ। କହିବାକୁ ଗଲେ ଗାଇବା ପ୍ରାଥମିକ ବିଦ୍ୟାଳୟରେ ଘୋର ଭିତିଭୂମିର ଅଭାବ ଦେଖାଦେଇଛି। ଶିକ୍ଷକ ଶିକ୍ଷୟିତ୍ରୀ ନିୟମିତ ସ୍କୁଲକୁ ଆସି ଶିକ୍ଷା ଦାନ କଲେମଧ ଭିତିଭୂମିର ଅଭାବ ଯୋଗୁଁ ଛାତ୍ରଛାତ୍ରୀ ମାନଙ୍କ ବୋହୁ ଅସୁବିଧା ହେଉଛି। ଏଣୁ ବିଦ୍ୟାଳୟର ସମସ୍ତ ସମସ୍ୟାକୁ ତୁରନ୍ତ ସମାଧାନ କରିବା ନିମନ୍ତେ ଅଭିଭାବକ ମାନେ ଓ ପ୍ରଧାନ ଶିକ୍ଷୟିତ୍ରୀ ମାର୍ଗାରୀତା ରାଇତ ବିଭାଗୀୟ ଅଧିକାରୀଙ୍କୁ ଦାବି କରିଛନ୍ତି।

# ନରୁଆ-ନଡିଆ ବରେଇ ପାଟନାଳୀ ଅବରୋଧ, ଶହ ଶହ ଏକର ଜମି ଜଳପ୍ଲାବିତ

**ଚିନ୍ତାରେ ଚାଷୀ**

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳ ଦେଇ ଯାଇଥିବା ନରୁଆ-ନଡିଆବରେଇ ପାଟନାଳୀକୁ କେତେକ ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରିବା ସହ ଜଳପଥକୁ ଅବରୋଧ କରିଥିବାର ଅଭିଯୋଗ ହୋଇଛି। ଜଳପଥ ଅବରୋଧ କାରଣରୁ ଶହ ଶହ ଏକର ଚାଷଜମି ଜଳପ୍ଲାବିତ ହୋଇଛି। ଏହାର ପ୍ରତିକାର ଦିଗରେ ଜଳ ସମ୍ପଦ ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ଚଳିତବର୍ଷ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ଚାଷୀମାନେ ଧାନଚାଷ କରିଥିଲେ। ଚାଷୀ ଭଲ ଧାନ ଉତ୍ପାଦନ କରିବ ବୋଲି ଲକ୍ଷ ରଖିଥିଲା। ଏପରିସ୍ଥଳେ କେତେକ ମୁଷ୍ଟିମେୟ ବ୍ୟକ୍ତି ଚାଷୀଙ୍କ ଆହାର ମୁହଁରେ ପାହାର ଦେବାକୁ ଯୋଜନାବଦ୍ଧଭାବେ ଉଦ୍ୟମ ଜାରି ରଖିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ଓରତି ଗ୍ରାମପଂଚାୟତ ଖଣ୍ଡାୟତ ପଟକିରା ନିକଟରେ ଏହି ପାଟନାଳୀର ଜଳକୁ ଅବରୋଧ କରାଯାଇଛି। ଫଳରେ ଉଦବୃତ ଜଳ ନିଷ୍କାସନ ହୋଇ ପାରୁନାହିଁ। ପ୍ରତିବର୍ଷ ଜଳ ସମ୍ପଦ ବିଭାଗ ତରଫରୁ ଏହି ପାଟନାଳୀ ସଫେଇ ଓ ପୁନରୁଦ୍ଧାର ନିମନ୍ତେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ବିନିଯୋଗ ହେଉଛି। ମାତ୍ର ସରକାରୀ କାଗଜକଲମରେ ପାଟନାଳୀ ସଫେଇ ଓ ପୁନରୁଦ୍ଧାର କାର୍ଯ୍ୟ କରାଯାଇ କୋଟି କୋଟି ଟଙ୍କା ଲୁଟି ନିଆଯାଉଛି। ମନ୍ତ୍ରୀ ଯନ୍ତ୍ରୀ ଓ ଠିକାଦାରଙ୍କ ଭାଗ୍ୟର ପରିବର୍ତ୍ତନ ହେଉଥିଲା ବେଳେ ଚାଷୀଙ୍କ ଭାଗ୍ୟ ପରିବର୍ତ୍ତନ ହେଉନାହିଁ। ଏପରିସ୍ଥଳେ ସ୍ଥାନୀୟ ବନ୍ଧକାଟିଆ ଗ୍ରାମପଂଚାୟତର ଦାନପୁର, କାହ୍ନୁପୁର, ହରିରାଜପୁର, ନରୁଆ, ବନ୍ଧକାଟିଆ, କେଶୁଲ, ସୁନ୍ଦରପୁର, ମୋହନପୁର ଜମରା ପଂଚାୟତର କମଳପୁର, ବିଷମପଡା, ଆଜ୍ଞାପୁର, ଜମରା ସମେତ ଓରତି ଗ୍ରାମପଂଚାୟତର ଶହ ଶହ ଏକର ଜମିରୁ ଉଦବୃତ ଜଳ ନିଷ୍କାସନ ହୋଇପାରୁନଥିବାର ଚାଷୀମହଲରେ ଅଭିଯୋଗ ହୋଇଛି । ଜଳ ନିଷ୍କାସନ ନହେବା ଯୋଗୁ ଶହ ଶହ ଏକର ଜମି ଜଳ ପ୍ଲାବିତ ହୋଇଛି। ଏପରିକି ଜଳ ନିଷ୍କାସନ ନହେବା କାରଣରୁ ଧାନ ଗଛ ମରିଯିବାକୁ ବସିଲାଣି। ଚଳିତ ବର୍ଷ ଚାଷୀମାନେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ଧାନ ଫସଲ କରିଥିଲେ। ଧାନଗଛ ପଚିଯିବା କାରଣରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ଚାଷୀ କିପରି ତାର ବର୍ଷକର ଆହାର ପାଇବ ସେଥିନେଇ ଚିନ୍ତାରେ ଭାଙ୍ଗିପଡିଛି। ଏସମ୍ପର୍କରେ ଚାଷୀମାନେ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ଅଭିଯୋଗ ତହସିଲଦାରଙ୍କ ନାଲି ଫାଇଲ ତଳେ ଚାପି ହୋଇ ରହିଯାଇଥିବାର ଅଭିଯୋଗ ହୋଇଛି। ତହସିଲଦାର ସର୍ବୋପରି ଜଳ ସମ୍ପଦ ବିଭାଗ ତରଫରୁ ଜଳ ନିଷ୍କାସନ ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା କାରଣରୁ ଚାଷୀ ଆନ୍ଦୋଳନ ନିମନ୍ତେ ସଜବାଜ ହେଉଥିବାର ଜଣାଯାଇଛି। ପ୍ରଶାସନ ତରଫରୁ ତୁରନ୍ତ ଜଳପଥ ଅବରୋଧ ହଟାଇବା ନିମନ୍ତେ ପୂର୍ବତନ ସରପଂଚ ବସନ୍ତ କୁମାର ବେହେରା , ସରପଂଚ ପ୍ରଦୀପ୍ତ କୁମାର ପରିଡା, କିଶୋର କୁମାର ସ୍ୱାଇଁ, ଅନନ୍ତ ମଳିକ, ବିଦ୍ୟାଧର ବେହେରା, ରଜତ କୁମାର ମହାନ୍ତି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଦୃଢ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଚାଷୀମାନେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି।

# ଫାଇଲେରିଆ ନିରାକରଣ ନିମନ୍ତେ ସାମୁହିକ ଔଷଧ ସେବନ ଅଭିଯାନ

ବାରିପଦା (ଭାସ୍କର ନ୍ୟୁଜ୍) : ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବାରିପଦା ପୌର ପାଳିକା ଅନ୍ତର୍ଗତ ମୁର୍ଗାବାଡି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାଇଲେରିଆ ନିରାକରଣ ନିମନ୍ତେ ସାମୁହିକ ଔଷଧ ସେବନ ଅଭିଯାନର ଶୁଭାରମ୍ଭ ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଏଡିପିଏଚଓ (ଭିବିଡି) ଡା. ବିଜୟ କୁମାର ଦାଶ, ଏଡିପିଏଚଓ( କୁଷ୍ଠ), ଡିପିଏମ୍ ଅନିଲ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ଭିବିଡି ପରାମର୍ଶଦାତା ତପନ କୁମାର ସାହୁ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ସାମୁହିକ ଔଷଧ ସେବନ ଅଭିଯାନ ବିଷୟରେ ଉଲ୍ଲେଖ କରି ଅଭିଯାନକୁ ଶତ ପ୍ରତିଶତ ସଫଳ କରିବା ପାଇଁ ‘ ଔଷଧ ବାଣ୍ଟିବାନି ଖୁଆଇବା’ ଉପରେ ପ୍ରାଧାନ୍ୟ ଦିଆଯାଉଛି ବୋଲି କହିଥିଲେ। ଏହି ଅବସରରେ ଅଗଷ୍ଟ ମାସ ୧୦ ତାରିଖ ରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୁହିକ ଔଷଧ ସେବନ ଅଭିଯାନକୁ ସଫଳ କରିବା ତଥା ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଥମେ ନିଜେ ଉକ୍ତ ଔଷଧକୁ ସେବନ କରିଥିଲେ। ଏହି ରୋଗର ନିରାକରଣ ପାଇଁ ମୁଖ୍ୟତଃ ଦୁଇଟି ଉପାୟ ଅବଲମ୍ବନ କରାଯାଉଛି। ପ୍ରଥମରେ ଗୋଷ୍ଠୀରେ ସମସ୍ତଙ୍କ ଠାରୁ ଫାଇଲେରିଆ କୀଟାଣୁ ନଷ୍ଟ କରିବା ନିମନ୍ତେ ସାମୁହିକ ଔଷଧ ସେବନ ଓ ରୋଗୀ ମାନଙ୍କ ଗୋଦର ଗୋଡ଼ର ଯତ୍ନ ସହ ଉପଚାର ଓ ଅଣ୍ଡ କୋଷର ଅସ୍ତ୍ରୋପଚାର ଆବଶ୍ୟକ। ଫାଇଲେରିଆ ନିରାକରଣ ଅଭିଯାନରେ ଅଂଶ ଗ୍ରହଣ ପୂର୍ବକ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ସଫଳ କରି ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରାନ୍ତୁ ବୋଲି ମୟୂରଭଞ୍ଜବାସୀଙ୍କୁ ପରାମର୍ଶ ଦେଇଛନ୍ତି।




ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତ ଅଧିନସ୍ଥ ମୋହନପଶି-କେନ୍ଦୁମୁଣ୍ଡା ଆଦିବାସୀ ସଂପ୍ରଦାୟ ବସ୍ତିରେ ଶନିବାର ପାଳିତ ହୋଇଯାଇଛି ବିଶ୍ୱ ଆଦିବାସୀ ଦିବସ। ଜିଲ୍ଲା ଆଦିବାସୀ ଚେତନା ସଂଗଠନ ଆନୁକୂଲ୍ୟରେ ସଂଗଠନର ସଭାପତି ଲାଲମୋହନ ମୁର୍ମୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗଣମାଧ୍ୟମ ପ୍ରତିନିଧି ନିର୍ମଳ ଗଡ଼ ନାୟକ ମୁଖ୍ୟ ଅତିଥି ଭାବେ, ଭୀମସେନ ଖଟୁଆ, ଆଦିବାସୀ ସଂଗଠନର ସମ୍ପାଦକ ଗଙ୍ଗାଧର ମୁର୍ମୁ, କାର୍ଯ୍ୟକର୍ତ୍ତା ଗଙ୍ଗାଧର ପୂର୍ତ୍ତି, ଶୋଭନ ମାର୍ଣ୍ଡି, ରେଲା ପୂର୍ତ୍ତି, ଦେବାନନ୍ଦ ଘେର୍ଷା, ଚାନ୍ଦିନୀ କଅଁର, ଗୋଲାପ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ମହାପୁରୁଷ ମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଦିବାସୀ ମାନେ ନିଜର ଭାଷା, କୌଳିକ ବୃତ୍ତି ସହ ଆଧୁନିକ ସମାଜ ସହିତ ତାଳ ଦେଇ ଆଗକୁ ଆଗେଇବା ଉପରେ ମୁଖ୍ୟ ଅତିଥି ଶ୍ରୀ ଗଡ଼ ନାୟକ ନିଜର ବକ୍ତବ୍ୟ ରଖିଥିଲେ। ଅଞ୍ଚଳର ଜଣାଶୁଣା ଯୁବ ସମାଜସେବୀ ସମୀର ସାହୁ ଆଦିବାସୀଙ୍କ ମେଳରେ ଯୋଗ ଦେଇଥିଲେ। ଆଦିବାସୀଙ୍କ ଦ୍ୱାରା ମାଦଳ ବାଦ୍ୟର ତାଳେ ତାଳେ ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା ବେଳେ, ଉକ୍ତ ସମାବେଶରେ ବିଭିନ୍ନ ପ୍ରାନ୍ତରୁ ୧୬ ଗୋଟି ମୌଜାର ଶତାଧିକ ପୁରୁଷ ଓ ମହିଳା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# ଲୁହରେ ଭିଜିଲା ସୁନ୍ଦର ଗାଁ, ସହିଦ ସ୍ୱରାଜ୍ୟଙ୍କୁ ଅଶ୍ରୁଳ ବିଦାୟ





ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ସ୍ୱରାଜ୍ୟ ଭାଇ ଅମର ରହେ, ବୀର ଯବାନ ଅମର ରହେ। ଆମ ଅସ୍ତରଙ୍ଗ ମାଟିର ଗର୍ବ ଗୌରବ ସ୍ୱରାଜ୍ୟ ଭାଇ.... ଏଭଳି ଏକ ସ୍ଲୋଗାନରେ ଶନିବାର ଦିନ ଫାଟି ପଡିଥିଲା ଅସ୍ତରଙ୍ଗରୁ ସୁନ୍ଦର ଗାଁ ପର୍ଯ୍ୟନ୍ତ। ସମସ୍ତଙ୍କ ଆଖିରେ ଥିଲା ଲୁହ। ଏକ ଶୋକାକୁଳ ପରିବେଶ ମଧ୍ୟରେ ବୀର ସହିଦ ଯବାନ ସ୍ୱରାଜ୍ୟ ସାହୁଙ୍କୁ ଦିଆଯାଇଛି ଅଶ୍ରୁଳ ବିଦାୟ। ଗାଁ ଶ୍ମଶାନରେ ସହିଦଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବାୟୁସେନା ପକ୍ଷରୁ ସହିଦଙ୍କୁ ୨୧ତୋପ ସଲାମୀ ଦିଆଯାଇଥିଲା। ହଜାର ହଜାର ଲୋକ ବିଶାଳ ଶୋଭାଯାତ୍ରାରେ ସହିଦଙ୍କୁ ଶ୍ମଶାନ ପର୍ଯ୍ୟନ୍ତ ନେଇଯାଇଥିଲେ। ଖବର ମୁତାବକ, ଆଗ୍ରା ଠାରେ ଗତ ଜୁନ ୪, ୨୦୨୫ ତାରିଖ ସକାଳ ୮ଘଟିକା ସମୟରେ କାର୍ଯ୍ୟରତ ଥିବା ବେଳେ ବିଷାକ୍ତ ଗ୍ୟାସ ଦୁର୍ଘଟଣା ହୋଇଥିବା ବେଳେ ୩ ଜଣ ବୀର ଯବାନ ଏକ ଘରୁ ନିଜକୁ ରକ୍ଷା କରିବାକୁ ବାହାରୁଥିବା ବେଳେ ଝରକା ବାଟରେ ଗୁରୁତର ଅବସ୍ଥାରେ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା ବୀର ଯବାନ ସ୍ୱରାଜ୍ୟ ସାହୁଙ୍କ ମୁଣ୍ଡରେ। ଏହା ସହ ବିଷାକ୍ତ ଗ୍ୟାସ ପ୍ରଭାବରେ ମଧ୍ୟ ଆକ୍ରାନ୍ତ ହୋଇଥିଲେ। ଯାହାକି ଆଗ୍ରାସ୍ଥିତ ମେଡିକାଲରେ ଦୀର୍ଘ ୨ମାସ ହେଲା ଚିକିତ୍ସାଧୀନ ଅବସ୍ଥାରେ ଥିଲେ ସ୍ୱରାଜ୍ୟ। କିନ୍ତୁ ଅଗଷ୍ଟ ୭, ୨୦୨୫ରେ ଦିନ ୧ଘ ୩୦ମିନିଟ ସମୟରେ ଜୀବନ ଦୀପ ଲିଭି ଯାଇଥିଲା। ଯାହାକି ସ୍ୱରାଜ୍ୟ ଜଣେ ସାହାସୀ ଯବାନ ଥିଲେ। ମାଟି ମା'ଙ୍କୁ ସୁରକ୍ଷା ପାଇଁ ସବୁବେଳେ ଚେଷ୍ଟିତ ଥିଲେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପାଟଳଦା ପଞ୍ଚାୟତ ସୁନ୍ଦର ଗ୍ରାମର ଶିକ୍ଷାବିତ୍ ତଥା ହିନ୍ଦୀ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କ ବଡ଼ପୁଅ ୦୨ଜୁନ ୧୯୯୧ମସିହାରେ ଜନ୍ମଗ୍ରହଣ କରିଥିବା ବେଳେ ମାତ୍ର ୨୦ବର୍ଷ ବୟସ ହୋଇଥିବା ବେଳେ ୨୦୧୧ ମସିହାରେ ଭାରତୀୟ ବାୟୁସେନା ସର୍ଜେଣ୍ଟ ଭାବେ ଯୋଗଦାନ କରିଥିଲେ। କିନ୍ତୁ ଦଇବ ଦାଉ ସାଧିଲା ଭଳି ବିଷାକ୍ତ ଗ୍ୟାସରେ ଆକ୍ରାନ୍ତ ହୋଇ ଅଗଷ୍ଟ ୭, ୨୦୨୫ ଦିନ ୧ଘ ୩୦ମିନିଟ ସମୟରେ ଆଖି ବୁଝିଥିଲେ। ପୂରା ପରିବାର ଭାଙ୍ଗି ପଡିଛି। କାରଣ ସ୍ୱରାଜ୍ୟ ତାଙ୍କ ବାପା-ମା'ଙ୍କର ବଡ଼ପୁଅ ଥିଲେ। ସେ ୨୦୧୮ମସିହାରେ ବିବାହ କରିଥିଲେ। ସହିଦ ହେବା ପରେ ବାପା, ମାଆ, ପତ୍ନୀ ଓ ୪ବର୍ଷର ପୁଅ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ପୁଅ ଦେଶ ପାଇଁ ଜୀବନ ଦେଇଥିବାରୁ ବାପା ଗର୍ବ ଅନୁଭବ କରୁଥିଲେ ବି ମନର ଏକ କୋଣରେ ପୁଅକୁ ହରାଇବାର ଦୁଃଖ, ଯନ୍ତ୍ରଣା ତାଙ୍କ ଆଖିରେ ଲୁହ ଆକାରରେ ଦେଖାଯାଉଛି। ସେ ପଟେ ସ୍ୱରାଜ୍ୟଙ୍କ ପତ୍ନୀ ଓ ୪ବର୍ଷର କୁନି ପୁଅ ସ୍ୱରାଜ୍ୟ ସହିଦ ଖବର ପାଇବା ପରେ ସେ ଯେପରି ପଥର ପାଲଟି ଯାଇଛନ୍ତି। ମାଆଙ୍କ କଥା ନ କହିଲେ ଭଲ। ପୁଅକୁ ହରାଇ ମାଆ ଛାତି ପିଟି କାନ୍ଦୁଛି। ପୁଅ ଫେରି ଆସିବ ଭାବି ଦାଣ୍ଡ ଦୁଆରରେ ଚାହିଁ ବସିଛି। କିନ୍ତୁ ବିଡମ୍ବନା ବିଷୟ ସ୍ୱରାଜ୍ୟ ଆଉ ଚାଲିକି ମାଆ କୋଳକୁ ଆସିବେ ନାହିଁ। ଚାରି କାନ୍ଧରେ ଜାତୀୟ ପତାକାରେ ଘୋଡାଇ ହୋଇ ଆସିଲା ତାଙ୍କର ପାର୍ଥିବ ଶରୀର। ମାତ୍ର ୩୪ବର୍ଷ ବୟସରେ କାର୍ଯ୍ୟରତ ଅବସ୍ଥାରେ ଦେଶ ପାଇଁ ସହିଦ ହୋଇଛନ୍ତି ବୀର ଯବାନ ସ୍ୱରାଜ୍ୟ। ଶନିବାର ଦିନ ପୂର୍ବାହ୍ନ ସମୟରେ ଭାରତୀୟ ବାୟୁସେନା କର୍ମଚାରୀଙ୍କ ଦ୍ୱାରା ସହିଦ ଯବାନ ସ୍ୱରାଜ୍ୟ ସାହୁଙ୍କ ମରଶରୀର ଅସ୍ତରଙ୍ଗ ଉକୁଳେଇ ସ୍ଥିତ ପୂର୍ବତନ ସାମରିକ କର୍ମଚାରୀ ସଙ୍ଘ, ଅସ୍ତରଙ୍ଗ ସଭାପତି ସୁରେଶ ଚନ୍ଦ୍ର ସ୍ୱାଇଁ, କୋଷାଧକ୍ଷ ଦ୍ୱାରିକା ନାୟକ, ସମ୍ପାଦକ ନରେନ୍ଦ୍ର ସ୍ୱାଇଁଙ୍କ ସମେତ ଶତାଧିକ ପୂର୍ବତନ ସେନା କର୍ମଚାରୀ ଶେଷ ସମ୍ମାନ ଦେଇଥିଲେ। ପରେ ଅସ୍ତରଙ୍ଗ କୁହୁଡି ଛକ ଠାରେ ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅସ୍ତରଙ୍ଗରୁ ସୁନ୍ଦର ପର୍ଯ୍ୟନ୍ତ ହଜାର ହଜାର ଲୋକ ସହିଦଙ୍କ ସହିତ ଆସି ସୁନ୍ଦର ଗାଁରେ ପହଞ୍ଚିଥିଲେ। ସୁନ୍ଦର ସ୍ଥିତ ସୁରେନ୍ଦ୍ର ନାଥ ବିଦ୍ୟାପୀଠରେ ସ୍ୱରାଜ୍ୟ ଅଧ୍ୟୟନ କରିଥିବାରୁ ବିଦ୍ୟାଳୟ ପରିସରରେ ଶିକ୍ଷକମାନେ ଶେଷ ସମ୍ମାନ ଜଣାଇଥିଲେ। ଉକୁଳେଇରୁ ଅସ୍ତରଙ୍ଗ ଦେଇ ସୁନ୍ଦର ପର୍ଯ୍ୟନ୍ତ ହଜାର ହଜାର ଜନତା ସହିଦଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସୁନ୍ଦରସ୍ଥିତ ପୈତୃକ ବାସଭବନରେ ମଧ୍ୟାହ୍ନ ୧୨ଟା ୩୦ମିନିଟ ସମୟରେ ସହିଦଙ୍କ ମରଶରୀର ପହଞ୍ଚିବା ପରେ ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ସହିଦଙ୍କ ଘର ନିକଟରେ ଶେଷ ଦର୍ଶନ କରିଥିଲେ। କିଛି ସମୟ ମରଶରୀରକୁ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ବିଜେଡି ନେତା ସୁବ୍ରତ ଛାଟୋଇ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବେହେରା, ସାଂସଦଙ୍କ ପ୍ରତିନିଧି ଦିବାକର ଛାଟୋଇ ପ୍ରମୁଖ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅପରାହ୍ନ ପ୍ରାୟ ୧ଘ ୩୫ମିନିଟ ସମୟରେ ନିଜ ଗ୍ରାମ ସୁନ୍ଦର ଗାଁ ଶ୍ମଶାନରେ ଭାରତୀୟ ବାୟୁସେନା ତରଫରୁ ଶ୍ମଶାନ ନିକଟରେ ୨୧ତୋପ ସଲାମୀ ଦିଆଯାଇଥିଲା। ସହିଦ ଯବାନ ସ୍ୱରାଜ୍ୟ ସାହୁଙ୍କ ପାର୍ଥିବ ଶରୀର ଅପରାହ୍ନ ୧ଘ ୪୫ମିନିଟ ସମୟରେ ପଞ୍ଚଭୂତରେ ଲୀନ ହୋଇଥିଲା। ସହିଦ ସ୍ୱରାଜ୍ୟଙ୍କ ସାନଭାଇ ସ୍ୱାଗତ ସାହୁ ମୁଖାଗ୍ନି ଦେଇଥିଲେ। ଏହି ବୀର ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ ବେଳେ ପରିବାର, ବନ୍ଧୁ ପରିଜନ ସମେତ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂ, ନୂଆଗଡ ସାମୁଦ୍ରିକ ଥାନାଅଧିକାରୀ ଅଚ୍ୟୁତାନନ୍ଦ ବେହେରା, ଉପନିରୀକ୍ଷକ ଅନିରୁଦ୍ଧ ଜାଲ୍ଲୀ ସମେତ ଅନ୍ୟ ପୋଲିସ କର୍ମଚାରୀ, ସ୍ଥାନୀୟ ନେତା, ବୁଦ୍ଧିଜୀବୀ ପ୍ରମୁଖ ସହ ହଜାର ହଜାର ଲୋକ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଚାଲିଗଲା ଜୀବନ

# ସକାଳେ ଭାଇକୁ ରାକ୍ଷୀ ବାନ୍ଧିଲା, ସନ୍ଧ୍ୟାରେ ମୁଖାଗ୍ନି ଦେଲା

ରଘୁନାଥପୁର (ଭାସ୍କର ନ୍ୟୁଜ୍): ରଘୁନାଥପୁର ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଘଟି ଯାଇଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ରଘୁନାଥପୁର ବ୍ଲକ ଗୁଆଲିପୁର ଗ୍ରାମର ସିଦ୍ଧାର୍ଥ ମହାପାତ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବିଳମ୍ବିତ ରାତ୍ରିରେ ଗ୍ରାମର ଏକ ଶୋକାକୁଳ ପରିବେଶ ମଧ୍ୟରେ ସିଦ୍ଧାର୍ଥଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସିଦ୍ଧାର୍ଥ ପରିବାରର ଏକମାତ୍ର ପୁଅ ଥିବାବେଳେ ତାଙ୍କର ଗୋଟିଏ ସାନ ଭଉଣୀ ଅଛନ୍ତି। ତେବେ ବିଡମ୍ବନାର ବିଷୟ ଶନିବାର ରକ୍ଷା ବନ୍ଧନ ଥିଲା। ସକାଳୁ ଭଉଣୀ ସିଦ୍ଧାର୍ଥଙ୍କ ହାତରେ ରାକ୍ଷୀ ବାନ୍ଧି ଆଶୀର୍ବାଦ ନେଇଥିଲେ ହେଲେ ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ଭାଇଙ୍କ ମୃତ୍ୟୁ ଖବର ପାଇ ତାଙ୍କ ପାଦତଳୁ ମାଟି ଖସି ଯାଇଥିଲା। ପରିବାରରେ ଅନ୍ୟକେହି ମୁଖାଗ୍ନି ଦେବା ପାଇଁ ନଥିବାରୁ ତାଙ୍କ ଭଉଣୀ ମୁଖାଗ୍ନି ଦେଇଥିଲେ। ତେବେ ଶନିବାର ୪ ଜଣ ଯୁବକ ସନ୍ଧ୍ୟାରେ ପାରାଦ୍ୱୀପ ଅଭିମୁଖେ ଏକ କାର୍ ଯୋଗେ ଯାଉଥିବା ବେଳେ ସମ୍ମୁଖ ଆଡୁ ଆସୁଥିବା ଏକ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ସିଦ୍ଧାର୍ଥଙ୍କର ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ୩ଜଣ ଯୁବକ ଗୁରୁତର ଅବସ୍ଥାରେ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# କିସମ ପରିବର୍ତ୍ତନ ନକରି ନିର୍ମାଣ ହେଉଛି ଅଟ୍ଟାଳିକା

## ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି, ବିଭାଗ ଚୁପ୍

ବଡ଼ଚଣା (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ବଡ଼ଚଣା ନିର୍ବାଚନ ମଣ୍ଡଳୀର ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଜମି କିଣିବା ପରେ ନିୟମ ଅନୁଯାୟୀ ପାଳନ ହେଉନଥିବାରୁ ତାହା ଆଗକୁ ଘୋର ଅସୁବିଧା ସୃଷ୍ଟି କରିପାରେ। ଜମି କ୍ରୟ କରୁଥିବା ମାଲିକ ମାନେ ଘରବାରି କିସମ ପରିବର୍ତ୍ତନ ନକରି ସେଥିରେ ନୂଆ ବଡ଼ ବଡ଼ ଅଟ୍ଟାଳିକା ଘର କରୁଥିବା ଅଭିଯୋଗ ହୋଇଛି। ବିନା ଘରବାରି କିସମ ପରିବର୍ତ୍ତନ କରି କିପରି କୋଠାବାଡ଼ି କରାଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଛତିଆ ଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ଜାତୀୟ ରାଜପଥରେ ବେଆଇନ ଭାବେ କିପରି ଘର ନିର୍ମାଣ ହେଉଛି ଏହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ବିଭାଗକୁ ଯିବା କଥା ତାହା ହାନୀ ହେଉଛି। ଚଣ୍ଡିଖୋଲ ଅଞ୍ଚଳର ସୁଙ୍ଗୁଡା ମୌଜା ଯାହା ବନ୍ଦୋବସ୍ତ ହୋଇନାହିଁ ଘରବାଡ଼ି କିସମ ପରିବର୍ତ୍ତନ ହୋଇପାରୁନି ସୁଯୋଗ ନେଇ ଜମି କ୍ରୟ କରୁଥିବା ମାଲିକ ମାନେ ନିୟମ ଉଲ୍ଲଙ୍ଘନ କରୁଛନ୍ତି। ଏ ବିଷୟରେ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ କହିଥିଲେ ଯେ ନିୟମ ଅନୁଯାଇ ଯେଉଁମାନେ କିସମ ପରିବର୍ତ୍ତନ କରିନାହାନ୍ତି ଅଭିଯୋଗ ମିଳିଲେ ସେମାନଙ୍କର କିସମ ପରିବର୍ତ୍ତନ କରାଯିବ ଏବଂ ଆବଶ୍ୟକ ପଡ଼ିଲେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପ୍ରଭୁ ବଳଭଦ୍ରଙ୍କ ଜନ୍ମ ଜୟନ୍ତୀ ପାଳିତ

ଫୁଲନଖରା (ଭାସ୍କର ନ୍ୟୁଜ୍) : ଭାରତୀୟ କିସାନ ସଂଘ ପକ୍ଷରୁ କଟକ ସଦର କିଶୋରନଗର ମଣ୍ଡଳର ବରଦା ପଞ୍ଚାୟତ, କନ୍ଦରପୁର ମଣ୍ଡଳର ଆଲାରପୁର, ବମ୍ଭୁରୀ ବଡ ମଠ, ୪୨ମୌଜା ମଣ୍ଡଳର ଠାକୁର ସାହି ବରାଳ ନୀଳକଣ୍ଠ ମନ୍ଦିରରେ ରକ୍ଷା ବନ୍ଧନ, ଗୋପୂଜନ, ନୃସିଂହ ଦେବତା ସଫଳ ଚାଷୀ ସମ୍ମାନ ପର୍ବ ଆଦି ପାଳିତ ହୋଇଯାଇଛି। ସଭାରେ ଭାରତୀୟ କିଶାନ ସଂଘ ରାଷ୍ଟ୍ରୀୟ ସାଧାରଣ ସଂପାଦକ ମୋହିନୀ ମୋହନ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ସ୍ୱାଇଁ, ରାଜ୍ୟ ସମ୍ପାଦକ କେନ୍ଦ୍ର ସରକାରଙ୍କ ସିଫାର ବୋର୍ଡ ସଦସ୍ୟ କୃଷକ ନେତା ଦେବୀ ପ୍ରସାଦ ପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ରାଉତରାୟ, ଦରଦି ବନ୍ଧୁ ଫାଉଣ୍ଡେସନ ସଭାପତି ସ୍ୱରୂପ ସୁମନ ଦାସ, ଓଡ଼ିଶା ସରକାରଙ୍କ ମହିଳା କମିଶନ ସଭ୍ୟା ପ୍ରତିଭା ଶତପଥୀ, ପୂର୍ବତନ ସମିତି ସଭ୍ୟ ଗୋକୁଳ ପ୍ରଧାନ, ଅଟଳ ଶିକ୍ଷା ଓ ଦକ୍ଷତା ଟ୍ରଷ୍ଟ ସଭାପତି ନିର୍ମଳ ଦାସ, ରାଷ୍ଟ୍ରୀୟ ସନାତନି ପରିଷଦ ସଭାପତି ସଞ୍ଜୟ ସାହୁ, କଟକ ଜିଲ୍ଲା ସଂଯୋଜକ ସତ୍ୟ ନାରାୟନ ମହାନ୍ତି, ଜିଲ୍ଲା କୋଷାଧକ୍ଷ ଯୁବରାଜ ପଣ୍ଡା, ଯୁବ ପ୍ରମୁଖ ରଞ୍ଜନ ନାୟକ, ବୀମା ପ୍ରମୁଖ ତାପସ ମହାପାତ୍ର, ନେତା ଅନିଲ ମହାପାତ୍ର, ନାଟ୍ୟକାର ଅଶୋକ ପଟ୍ଟନାୟକ, ଉପସଭାପତି ବିଶ୍ୱରଂଜନ ଜେନା, କଟକ ସଦର ବ୍ଲକ ସଂଯୋଜକ ରବୀନ୍ଦ୍ର ପାତ୍ର, ଦୁର୍ଗା ବାହିନୀର ଦୀପ୍ତି ସ୍ୱାଇଁ, ସମାଜସେବୀ ରବୀନ୍ଦ୍ର ମାହଲିକ, ବଳରାମ ନାୟକ, ସନ୍ତୋଷ ଜେନା, ଅଭିଜିତ ଜେନା, ରଶ୍ମିତା ଦାସ, ଦାଶରଥି ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୧୩୮ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗଜେନ୍ଦ୍ର ବେଉରା ଧନ୍ୟବାଦ ଦେଇଥିଲେ।

# ଫାଇଲେରିଆ ନିରାକରଣ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ




ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବସୋଇ ପଞ୍ଚାୟତ ସଭାଗୃହ ଠାରେ ଫାଇଲେରିଆ ନିରାକରଣ ଅଭିଯାନରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଅଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ସ୍ମୃତିରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ସମ୍ମାନିତ ଅତିଥିଭାବେ ବସୋଇ ସରପଞ୍ଚ ଯୁଗଳେଶ୍ୱର ସାହୁ, ସ୍ୱାସ୍ଥ୍ୟ ବିଭାଗର ପ୍ରୋଗ୍ରାମ ମ୍ୟାନେଜର ଲିଙ୍ଗରାଜ ମହାପାତ୍ର, ଆଶା ସୁପରଭାଇଜର ସନ୍ତୋଷ କୁମାର ନାୟକ, ମ୍ୟାଲେରିଆ ସୁପରଭାଇଜର ସୁଶାନ୍ତ ପ୍ରଧାନ, ସେକ୍ଟର ସୁପରଭାଇଜର ଶାନ୍ତନୁ କୁମାର ଧୀର ମଞ୍ଚାସୀନ ହୋଇଥିଲେ। ଏହି ଜନହିତକର କାର୍ଯ୍ୟକ୍ରମ ଚଳିତ ମାସ ଦଶ ତାରିଖରୁ ଉଣେଇଶ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ ଜାରି ରହିଥିବା ବେଳେ ମାଇକ୍ରୋ ଫାଇଲେରିଆ କିପରି ପରଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ପ୍ରତ୍ୟେକ ଗ୍ରାମରୁ ଦୂରୀକରଣ ହୋଇପାରିବ, ରୋଗର ଲକ୍ଷଣ ଓ ପ୍ରତିକାର ଉପରେ ଅତିଥିମାନେ ଦିଗ୍‌ଦର୍ଶନ ଦେଇଥିଲେ। ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଘରେ ଘରେ ଏହି ଔଷଧ ବଣ୍ଟନ ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ଏଥିପାଇଁ ସମସ୍ତଙ୍କ ସାହାଯ୍ୟ ଆବଶ୍ୟକ ବୋଲି ଡାକ୍ତର ବିଶ୍ୱାଳ ଜଣାଇଥିଲେ। ବ୍ୟକ୍ତିର ବୟସ ଓ ଉଚ୍ଚତାକୁ ନେଇ ଔଷଧ ନିରୂପଣ ସ୍ତମ୍ଭ ମୁତାବକ ଆଇଭର ମେକ୍ଟିନ ବଟିକାକୁ ସର୍ବାଧିକ ଆଠ ଗୋଟି ବଟିକା ପର୍ଯ୍ୟନ୍ତ ସମସ୍ତେ ସେବନ କଲେ ଆଗାମୀ ଦିନରେ ଫାଇଲେରିଆ ରୋଗର ମୂଳପୋଛ ହୋଇପାରିବ। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ଥିବା ଅତିଥି, ସ୍ୱାସ୍ଥ୍ୟ କର୍ମଚାରୀ, ଗ୍ରାମବାସୀ କାର୍ଯ୍ୟକ୍ରମ ହେଉଥିବା ସ୍ଥାନରେ ଉଚ୍ଚତାକୁ ମାପକରି ବଟିକା ସେବନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ସିଆର୍‌ପି, ଏମ୍‌ବିକେ, ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ମିଶନ ଶକ୍ତିର ମହିଳାମାନେ ସାମୂହିକ ଔଷଧ ସେବନ ଅଭିଯାନକୁ ସଫଳ ରୂପାୟନ ପାଇଁ ସଚେତନ କରାଇବାକୁ ସାମିଲ ହୋଇଥିଲେ।

# ଓଁ ଶାନ୍ତି ଆଶ୍ରମରେ ରକ୍ଷା ବନ୍ଧନ ଉତ୍ସବ

ଫୁଲନଖରା (ଭାସ୍କର ନ୍ୟୁଜ୍) : ୪୨ ମୌଜା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବେଣ୍ଟକାର ଶାଖା ତରଫରୁ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ଓଁ ଶାନ୍ତି ଆଶ୍ରମରେ ସମାଜସେବୀ ତଥା ଆଶ୍ରମର ଭାଇ ରୁଦ୍ର ନାରାୟଣ ଦାସଙ୍କ ପୌରାହିତ୍ୟରେ ଏକ ଆଧାତ୍ମିକ ସଭା ହୋଇଥିବା ବେଳେ ଆଶ୍ରମର ମୁଖ୍ୟ ବି.କେ. ରୀନା ଭଉଣୀ, ବି.କେ. ଶ୍ୱେତପଦ୍ମା ଭଉଣୀ ଓ ବେଣ୍ଟକାର ନୋଡାଲ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ମହାପାତ୍ର ଅତିଥି ଭାବରେ ରକ୍ଷା ବନ୍ଧନର ମହତ୍ୱ ଉଦ୍ଦେଶ୍ୟ ଓ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ଉପରେ ସମ୍ୟକ ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଆଧାତ୍ମିକ ଓ ମାନ୍ୟଗନ୍ୟ ବ୍ୟକ୍ତି ବିଶେଷ କରି ବିଜୟ କୁମାର ରାଉତରାୟ, ଇଂ ଅଶୋକ ବିଶ୍ୱାଳ, ବିନୋଦ ବିହାରୀ ବେହେରା, ଗଣେଶ୍ୱର ଦାଶ, ଡକ୍ଟର କଲିମୁଲ୍ଲା, ଅଭୟ ଦାସ, ପ୍ରଫୁଲ ଦାସ, ପ୍ରଭାତ କୁମାର ଖଟୁଆ, ନାରାୟଣ ଚନ୍ଦ୍ର ମହାନ୍ତି, ବିଶ୍ୱଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆର୍ତ୍ତ ଭାଇ ଧନ୍ୟବାଦ ପ୍ରଦାନ କରିଥିଲେ।

# ସମାଜସେବୀ ଶିଶିର ବିଶ୍ୱାଳଙ୍କୁ ବ୍ୟାସ ସେବା ସମ୍ମାନ



କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲାର ଜଣେ ଅଗ୍ରଣୀ ସମାଜସେବୀ ତଥା ରାଜନେତା ଶିଶିର କୁମାର ବିଶ୍ୱାଳଙ୍କୁ ତାଙ୍କ ଅତୁଳନୀୟ ସମାଜସେବା ପାଇଁ 'ବ୍ୟାସ ସେବା ସମ୍ମାନ' ପ୍ରଦାନ କରାଯାଇଛି। ଓଡ଼ିଶାର ଏକ ଖ୍ୟାତନାମା ଆଧାତ୍ମିକ ଅନୁଷ୍ଠାନର ସମାବର୍ତ୍ତନ ଉତ୍ସବରେ ତାଙ୍କୁ ଏହି ବିରଳ ସମ୍ମାନ ପ୍ରାପ୍ତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସଭାଟି ଅରିଲୋ ସ୍ଥିତ, ପଦ୍ମଶ୍ରୀ ବାବା ବଳିଆଙ୍କ ଶିଶୁ ଅନନ୍ତ ଆଶ୍ରମରେ, ଅନୁଷ୍ଠାନର ଅଧକ୍ଷା ସ୍ନେହାମୟୀ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ପଦ୍ମଶ୍ରୀ ପୂଜ୍ୟ ପୂଜକ ବାବା ବଳିଆ, ଜଗତସିଂହପୁରର ପୂର୍ବତନ ସାଂସଦ ଡା. କୁଳମଣି ସାମଲ, ଓଡିଶା ବିଧାନ ସଭାର ପ୍ରାକ୍ତନ ସଚିବ ଦାଶରଥି ଶତପଥୀ, ଡ଼. ସିଦ୍ଧେଶ୍ୱର ପଣ୍ଡା, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପଣ୍ଡିତ ପ୍ରଶାନ୍ତ କୁମାର ଶତପଥୀ ପ୍ରମୁଖ ଉକ୍ତ ସଭାରେ ଯୋଗଦାନ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ଶ୍ରୀଯୁକ୍ତ ବିଶ୍ୱାଳ ସମାଜସେବାରେ ଦୀର୍ଘ ତିରିଶି ବର୍ଷରୁ ଅଧିକ ସମୟ ଅତିବାହିତ କରି ଜନମାନସରେ ପ୍ରଶଂସିତ, ମହାବାତ୍ୟା ପରବର୍ତ୍ତୀ ଏରସମାର ନାରଦିଆ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ପୂର୍ଣ୍ଣ ସମର୍ପିତ। ଅଭାବୀ ଓ ଅସହାୟ ବ୍ୟକ୍ତି ବିଶେଷଙ୍କୁ ବିଭିନ୍ନ ପ୍ରକାର ସାହାଯ୍ୟ, ସହାନୁଭୂତି ପ୍ରଦର୍ଶନ କରି ସେ ଏକ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି। ଏହି ସମ୍ମାନଜନକ ସମ୍ମାନ ପ୍ରାପ୍ତି ଯୋଗୁଁ ଶ୍ରୀଯୁକ୍ତ ବିଶ୍ୱାଳଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ରେଡ଼ିଓ ଭାବଗ୍ରାହୀରେ ଅଗଷ୍ଟ କ୍ରାନ୍ତି ଦିବସ ପାଳିତ




କେନ୍ଦ୍ରାପଡ଼ା (ଓଡ଼ିଶା ଭାସ୍କର) : କେନ୍ଦ୍ରାପଡ଼ା ଜିଲ୍ଲାର ଏକ ମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ଭାବଗ୍ରାହୀର ସରୋଜିନୀ ଷ୍ଟୁଡିଓରେ ଅଗଷ୍ଟ କ୍ରାନ୍ତି ଦିବସ ଏବଂ ବିଶ୍ୱ ସଂସ୍କୃତ ଦିବସ ଉପରେ ଆଧାରିତ ଏକ ଆଲୋଚନାଚକ୍ର ଏବଂ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଏକ ସଚେତନତା ସଭା ଯଥାବିଧି ଅନୁଷ୍ଠିତ ହୋଇଯାଇଛି। ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ, ମୁଖ୍ୟ ବକ୍ତା ଭାବେ ଫୋରଡ ସ୍ଥିତ୍ ବ୍ୟାସ ଆଶ୍ରମର ମହନ୍ତ ହୃଷୀକେଶ ଦାଶ ମହାରାଜ ଏବଂ ସମ୍ମାନୀତ ଅତିଥି ଭାବରେ ପଣ୍ଡିତ ପଦ୍ମନାଭ ଦାଶ, ସତୀର୍ଥର ସଭାପତି ଅମର ପ୍ରସାଦ ରାଉତ, କବି ଗଗନ ବିହାରୀ ଜେନା, ସମାଜସେବୀ ଭବାନୀ ପ୍ରସାଦ ଓଝା, ଗ୍ରାମ୍ୟ ଉନ୍ନୟନ ସାଂସ୍କୃତିକ ଯୁବ ସଂଗଠନର ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇ ଅଗଷ୍ଟ କ୍ରାନ୍ତି ଦିବସ, ବିଶ୍ୱ ସଂସ୍କୃତ ଦିବସ, ରକ୍ଷା ବନ୍ଧନ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ସମ୍ପର୍କରେ ବିଷଦ ଭାବରେ ଆଲୋଚନା କରିଥିଲେ। ନିରୁପମା ଜେନା ସ୍ୱାଗତ ସଙ୍ଗୀତ ଗାଇଥିଲେ। ଗୀତିକାର ବିମଳ ପ୍ରସାଦ ପରିଡା ସ୍ୱାଗତ ଭାଷଣ ସମେତ ଅତିଥି ପରିଚୟ ପ୍ରଦାନ କରିଥିଲେ। ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ଇଂଜିନିୟର ବିଶ୍ୱଜିତ ପରିଡା, ସୁଶ୍ରୀ ସଙ୍ଗୀତା ଜେନା, ପ୍ରସାରଣ ସହାୟକ ଗୌରବ କୁମାର ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାସନ୍ତୀ ମହାପାତ୍ର, ଭାଗବତ ଷଡ଼ଙ୍ଗୀ, କବି ଅଶୋକ ସାହୁ, ଚିନ୍ମୟାନନ୍ଦ ମହାପାତ୍ର, ଅଜୟ ସ୍ୱାଇଁ, ବିକାଶ ବାରିକ, ଶିବରାଜ ରାଉତ, ବିକ୍ରମ କେଶରୀ ସାମଲ, ଶୁଭାଶିଷ ଜେନା, ନାଟ୍ୟକାର ଭୀମସେନ ପ୍ରଧାନ, ଅଙ୍କିତା ପରିଡା, ଅଚ୍ୟୁତାନନ୍ଦ ପରିଡା, ବିପିନ ବିହାରୀ ପରିଡା, ଉତ୍ତମ ସାହୁ ପ୍ରମୁଖ ଉପସ୍ଥିତ ରହି ଅଗଷ୍ଟ କ୍ରାନ୍ତି ଦିବସ ଏବଂ ସଂସ୍କୃତ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ଶ୍ରୀ ସିଦ୍ଧ ବଳଦେବ ଜୀଉଙ୍କ ଫଟୋଚିତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଆରମ୍ଭରେ ଶ୍ରୀ ସିଦ୍ଧ ବଳଦେବଜୀଉ, ଜାତିର ଜନକ ମହାତ୍ମାଗାନ୍ଧୀ, ଲୋକ କବି ଭାବଗ୍ରାହୀ ପରିଡା, କବି ପତ୍ନୀ ସରୋଜିନୀ ପରିଡା, ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି ଏବଂ ଭଜନ ସମ୍ରାଟ ଭିକାରୀ ବଳଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ନିରୁପମା ଜେନା ଏବଂ ବିମଳ ପରିଡା ଦେଶାତ୍ମବୋଧକ ସଙ୍ଗୀତ ଏବଂ ବଳଦେବଜୀଉଙ୍କ ଭଜନ ଗାଇଥିଲେ। ଶେଷରେ ପ୍ରବଚକ ବିକ୍ରମ କେଶରୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୭ରେ ଜିଲ୍ଲା ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଆଗାମୀ ଅଗଷ୍ଟ ୧୭ ତାରିଖ ଯଶିପୁର ସ୍ଥିତ କନକ ରେସିଡେନ୍ସି ଠାରେ ଅନୁଷ୍ଠିତ ହେବ। ଏଥିପାଇଁ ଯଶିପୁରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଉପସଭାପତି ତଥା କାର୍ଯ୍ୟକାରିଣୀ ବୈଠକର ଆବାହକ ଦିଲୀପ କୁମାର ସାହୁ, ସଦସ୍ୟ ସାମ୍ବାଦିକ ଜନାର୍ଦ୍ଦନ ମହାନ୍ତ, ଲଲାଟେନ୍ଦୁ ପାତ୍ର, ସଞ୍ଜୟ ମହାନ୍ତ, ସରୋଜ ମହାନ୍ତ, ନିହାର ମହାନ୍ତ ପ୍ରମୁଖ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ। ବିଶେଷ କରି ଜିଲ୍ଲା ସାମ୍ବାଦିକ ସଂଘକୁ ମଜବୁତ କରିବା, ସାମ୍ବାଦିକ ମାନଙ୍କ ଭତ୍ତା ଲାଗୁ କରିବା, ସ୍ୱାସ୍ଥ୍ୟବୀମା ବୃଦ୍ଧି କରିବା ସମେତ ମୟୂରଭଞ୍ଜ ଜିଲ୍ଲାର ବିକାଶ ପାଇଁ କେତେକ ଉନ୍ନତିମୂଳକ କାମ ଓ ସମସ୍ୟା ସମ୍ପର୍କୀୟ ଆଲୋଚନା ହେବ। ଉକ୍ତ କାର୍ଯ୍ୟକାରିଣୀରେ ରାଜ୍ୟସ୍ତରୀୟ କଳିଙ୍ଗ ପେଶାଦାର ସାମ୍ବାଦିକ ସଂଘର ରାଜ୍ୟ ସଭାପତି ମନୋଜ ଦାସ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେବା ସହ ଉପସଭାପତି ସୌରଭ ପଟ୍ଟନାୟକ, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓତା, ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଅଗ୍ରୱାଲଙ୍କ ସମେତ କାର୍ଯ୍ୟକାରୀ କମିଟିର ସଦସ୍ୟଗଣ ଉପସ୍ଥିତ ରହିବେ।


## ଗୁଞ୍ଜନ ସଂଗୀତାଳୟ ଲୋକାର୍ପିତ

# 'ସଙ୍ଗୀତ ହେଉଛି ଜୀବନ ଆଉ ସାଧନ'


ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ସଙ୍ଗୀତ ବିନା ଜୀବନ ଅଧୁରା। ଦୁଃଖ ସୁଖରେ ମଣିଷର ସାଥି ହୋଇ ରହିଥାଏ ସଙ୍ଗୀତ, ଆଉ ସଙ୍ଗୀତର ମୂର୍ଚ୍ଛନାରେ ହିଁ ମୃତ ଜୀବିତ ହୋଇ ଉଠେ। ଆଉ ଲୋକ ନିଜର କ୍ଳାନ୍ତ ସମୟକୁ ମନୋରଞ୍ଜନ କରିଥାନ୍ତି ବୋଲି ଗୁଞ୍ଜନ ସଂଗୀତାଳୟର ଲୋକାର୍ପଣ ଉତ୍ସବରେ ଅତିଥି ଭାବେ ଉପସ୍ଥିତ ଓଡ଼ିଶୀ ଗୀତିକାର ଅନାଥ ବନ୍ଧୁ ମୁଦୁଲି କହିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ୟୁକୋ ବ୍ୟାଙ୍କ ସାମ୍ନାରେ ସ୍ଥାନୀୟ ଅଞ୍ଚଳର କୁନି କୁନି ପ୍ରତିଭାମାନଙ୍କ ପାଇଁ ଗୀତ, ନୃତ୍ୟ, ବାଦ୍ୟ ଶିକ୍ଷା ନିମନ୍ତେ ରବିବାର ଦିନ ପୂର୍ବାହ୍ନ ସମୟରେ 'ଗୁଞ୍ଜନ ସଂଗୀତାଳୟ' ଲୋକାର୍ପଣ ସହ ଶୁଭାରମ୍ଭ ହୋଇଛି। ଏହି ଲୋକାର୍ପଣ ଉତ୍ସବରେ ଅତିଥି ଭାବେ ଡ. ହରିହର ଛାଟୋଇ, ଶିକ୍ଷାବିତ୍ ରବୀନ୍ଦ୍ର ସାମନ୍ତରାୟ, ଓଡ଼ିଶୀ ଗୀତିକାର ଅନାଥ ବନ୍ଧୁ ମୁଦୁଲି, ତବଲା ଗୁରୁ କୈଳାଶ ଚନ୍ଦ୍ର ପଲେଇ, ହାରମୋନିୟମ ଗୁରୁ ସ୍ୱୟଂ ଜ୍ୟୋତି ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନିକ ଭାବେ ଫିତା କାଟି ଉଦ୍‌ଘାଟନ କରିଥିଲେ। ଗୁଞ୍ଜନ ସଂଗୀତାଳୟ ନାମକ ଅନୁଷ୍ଠାନ କଳା ପ୍ରତି ରୁଚି ରଖୁଥିବା କଳାକାରଙ୍କ ଇଚ୍ଛା ପୂର୍ଣ୍ଣ କରିବ ବୋଲି ଅନୁଷ୍ଠାନ ପ୍ରଯୋଜକ ଶ୍ରୀ ମୁଦୁଲି କହିଛନ୍ତି।

# ରାଶିଫଳ

**ସୋମବାର, ୧୧ ଅଗଷ୍ଟ ୨୦୨୫**



**ମେଷ:** ଆଜି ଆପଣଙ୍କର ମିଶ୍ରର ଦିନ ଅଟେ। ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକ୍କାପଣ ଏବଂ ଆଳସ୍ୟତା ସହ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ। ଅଭ୍ୟାସରେ ନ୍ୟାୟ ଆଣିବାକୁ ଚେଷ୍ଟା କରନ୍ତୁ।




**ବୃଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ। ଆଜି କୌଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ।



**ମିଥୁନ:** ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ଯାନ ଆନନ୍ଦ ପାଇବେ। ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ। ମିଠା ଖାଦ୍ୟ ମିଳିପାରିବ। ସ୍ୱାସ୍ଥ୍ୟ ଭଲ ହେବ, ଆପଣ ସାମାଜିକ ସମ୍ମାନ ଏବଂ ଖ୍ୟାତି ପାଇବେ।




**କର୍କଟ:** ଆଜି ଆପଣଙ୍କର ଭଲରେ ଦିନ କଟିବ। ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ସ୍ୱାସ୍ଥ୍ୟ ଭଲ ହେବ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ। ଚାକିରିରେ ଲୋକଙ୍କୁ ଉପକୃତ କରିବେ।



**ସିଂହ:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ।




**ତୁଳା:** ଆଜି ଏକ ଖୁସିର ଦିନ ହେବ। ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ।



**କନ୍ୟା:** ଆଜି ଆପଣଙ୍କ ପାଇଁ ଭଲ ଦିନ ନୁହେଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ। ଜମି ଓ ଘରର ଦଲିଲ ସୁବିଧାରେ ରଖନ୍ତୁ।



**ବିଛା:** ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ। ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏହା ଏକ ଶୁଭଦିନ।




**ଧନୁ:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ। ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ।



**ମକର:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ।



**କୁମ୍ଭ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରି ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି। ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ। ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ।



**ମୀନ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ। ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ। ପରିବାରରେ ଖୁସିର ପରିବେଶ ରହିବ।



ଜ୍ୟୋତିଷ ଚର୍ଚ୍ଚା

ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ସହର ସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଟୁଟୁସିଙ୍ଗା ପରିସରରେ ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀ, ବୌଦ୍ଧ ଆନୁକୂଲ୍ୟରେ ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଧ୍ରୁବଚରଣ ଘିବେଲା ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଅଧିବକ୍ତା ତଥା ଉପଦେଷ୍ଟା ସୁଧୀର କୁମାର କର୍ଣ୍ଣ ମୁଖ୍ୟଅତିଥି, ସୋନପୁର ମହିଳା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ମଦନ ସୁନ୍ଦର ଖେତୀ ମୁଖ୍ୟବକ୍ତା ଏବଂ ସମ୍ମାନୀତ ଅତିଥି ଭାବରେ ସୋନପୁର ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ରାଜେନ୍ଦ୍ର ରଣା, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ପ୍ରତାପ ରଥ ଏବଂ ଅନୁଷ୍ଠାନର ସମ୍ପାଦକ ରାଧାମୋହନ ମହାରଣା, ସହସମ୍ପାଦକ କାର୍ତ୍ତିକେଶ୍ୱର ନାୟକ ମଞ୍ଚାସୀନ ଥିଲେ। ଗଙ୍ଗାଧର ମେହେରଙ୍କ ୧୬୪ତମ ଜୟନ୍ତୀ ଅବସରରେ ଗଙ୍ଗାଧର ସାହିତ୍ୟ ଆଲୋଚନା ସହିତ ଗରା ଯେପରି ନଙ୍କିଲେ ଜନପୂର୍ଣ୍ଣ ହୋଇଥାଏ ସେହିପରି ବାପା, ମାଆ ଓ ଗୁରୁଙ୍କୁ ପ୍ରତି ଆମେ ନଙ୍କିବା ଆବଶ୍ୟକ ବୋଲି ସଭାପତି ଶ୍ରୀ ଘିବେଲା ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଶ୍ରୀଯୁକ୍ତ ଖେତୀ ଗଙ୍ଗାଧର ସାହିତ୍ୟ ସହିତ ଆଲୋଚନା କରିବା ସହିତ କେତେକ ସୁନ୍ଦର ଫକ୍ତି ଆବୃତ୍ତି କରି ତପସ୍ୱିନୀ କାବ୍ୟର ବିସ୍ତୃତ ଆଲୋଚନା କରିଥିଲେ। ମଞ୍ଚାସୀନ ଅତିଥିମାନେ ଆଜିଦିବସର ତାତ୍ପର୍ଯ୍ୟ କହିବାକୁ ଯାଇ ରକ୍ଷାବନ୍ଧନ ବୃକ୍ଷରୋପଣ ଉପରେ ବକ୍ତବ୍ୟ ରଖିଥିଲେ। ହୃଷିକେଶ ପ୍ରଧାନ, ଚନ୍ଦ୍ରକାନ୍ତ ନାୟକ, ବି କେ ନିର୍ମଳ, ରାଜକୁମାର ପ୍ରଧାନ, ମଞ୍ଜୁପ୍ରଭା ପଟ୍ଟନାୟକ, ରଶ୍ମିତା କୁମାରୀ ବେହେରା ନିରୋଦ କୁମାର ମେହେରଙ୍କ ସହିତ ବିଦ୍ୟାଳୟର ବହୁତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଅନୁଷ୍ଠାନର ସାହସମ୍ପାଦକ କାର୍ତ୍ତିକେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟ ପରିବେଶରେ ବୃକ୍ଷରୋପଣ ଓ ବୃକ୍ଷ ରକ୍ଷାବନ୍ଧନ କରାଯାଇଥିଲା।

## ଗ୍ରାମବାସୀ ଦ୍ୱାରା ଅଟକ ଯୁବକକୁ ଉଦ୍ଧାର କଲା ପୋଲିସ




ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଚମ୍ପି ଗ୍ରାମରେ ମୋବାଇଲ ଛଡେଇ ନେବା ଅଭିଯୋଗରେ ତିନିଜଣଙ୍କ ମଧ୍ୟରେ ଜଣକୁ କାବୁ କରି ପୋଲିସର ଜିମା ଦେଇଛନ୍ତି ଗ୍ରାମବାସୀ। ବାକି ଦୁଇ ଜଣ ଫେରାର ହୋଇଯାଇଥିବା ବେଳେ ସମସ୍ତଙ୍କ ଘର ଲକ୍ଷ୍ମୀପୁର ବ୍ଲକ ସଦରରେ ବୋଲି ଧରାପଡ଼ିଥିବା ଯୁବକ କହିଛି। ଘଟଣାଟି ଶନିବାର ରାତିରେ ଘଟିଥିବାବେଳେ ସମ୍ପୂର୍ଣ୍ଣ ତଥ୍ୟ ଆମର ହସ୍ତଗତ ହୋଇ ପାରିନି। ଅପର ପକ୍ଷେ ଉକ୍ତ ଯୁବକ ନାମରେ ନାରାୟଣ ପାଟଣା ଥାନାରେ ମଧ୍ୟ ଏକ ମାମଲା ଥିବା ଜଣାପଡିଛି। ଖବର ପାଇ ନାରାୟଣ ପାଟଣାର ଏକ ପୋଲିସ ଟିମ ଚମ୍ପି ଗ୍ରାମରେ ପହଞ୍ଚିଥିଲେ। ହେଲେ ଗ୍ରାମବାସୀ ଯୁବକକୁ ଛାଡି ନଥିଲେ। ପରେ ରାତି ଦଶଟାବେଳେ ଲକ୍ଷ୍ମୀପୁର ପୋଲିସ ପହଞ୍ଚିବା ପରେ ଯୁବକକୁ ପୋଲିସ ଜିମାରେ ଛାଡ଼ିଥିଲେ।

## ରକ୍ଷା ବନ୍ଧନ ଓ ନିଶା ନିବାରଣ ବ୍ରତ ପାଳିତ

ଉମରକୋଟ(ଭାସ୍କର ନ୍ୟୁଜ): ଉମରକୋଟ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ ଠାରେ ଆମ ଓଡ଼ିଶା ପକ୍ଷରୁ ମହାଆଡମ୍ବର ସହକାରେ ରକ୍ଷା ବନ୍ଧନ ଓ ନିଶା ନିବାରଣ ବ୍ରତ ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବରେ ସାହିତ୍ୟ ଘର ର ୨୫ ରୁ ଉର୍ଦ୍ଧ୍ୱ ପୁରୁଷ ସଦସ୍ୟ ଯୋଗଦେଇଥିବା ବେଳେ ୩୫ରୁ ଉର୍ଦ୍ଧ୍ୱ ମହିଳା ଓ ମା' ମାନେ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ଅଧ୍ୟାପକ ରମେଶ ଚନ୍ଦ୍ର ପଟ୍ଟନାୟକ ପ୍ରଦାନ କରିଥିବା ବେଳେ ନିଶା ନିବାରଣ ଉପରେ ରାମଚନ୍ଦ୍ର ରାମ, ସମାଜସେବୀ ତଥା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଅଶୋକ କୁମାର ପ୍ରଧାନ, ସଂଯୁକ୍ତା ପଟ୍ଟନାୟକ ଦେଇ ଉପସ୍ଥିତ ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ରାକ୍ଷୀ ପୂର୍ଣ୍ଣିମା ଉତ୍ସବ ପାଳନ କରିବା ଉଦ୍ଦେଶ୍ୟ,ଭାଇମାନେ କିପରି ଭଉଣୀମାନଙ୍କ ସହ ଜୀବନ ସାରା ଗୋଟିଏ ବଡ ବଟ ବୃକ୍ଷ ପରି ଠିଆ ହେଇ ରହିବା ସହ ନିଶା ନିବାରଣ କରି ସମାଜରେ ଏକ ସୁସ୍ଥ ଜୀବନ ଯାପନ କରିବା ପାଇଁ ଭାଷଣ ମାଧ୍ୟମରେ ପ୍ରେରଣା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ଝାଡେଶ୍ୱର ମହାନ୍ତି, ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ଅଧ୍ୟାପକ ଗୋପାଳ ମହାରଣା, ଅଶୋକ କୁମାର ପ୍ରଧାନ, ରାମଚନ୍ଦ୍ର ରାମ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବେନ୍ଦ୍ର ବାଘ, ପ୍ରଧାନ ଶିକ୍ଷକ ନଗେନ୍ଦ୍ର ରାଉତ, ରାଜକିଶୋର ନାୟକ, ସାଗର କୁମାର ପରିଡ଼ା, ଗଣେଶ ପ୍ରାସାଦ ରଣା।, ବିବେକାନନ୍ଦ ପଟ୍ଟନାୟକ, ଷ୍ଟାଲିନ କୁମାର ସାମନ୍ତରାୟଙ୍କ ସମେତ ବହୁ ଆମ ଓଡ଼ିଶାର ସଦସ୍ୟ , ସଂଯୁକ୍ତା। ପଟ୍ଟନାୟକ, ଛନ୍ଦା ରାଣୀ ରାଜୁ, ସୁଜାତା ସିଂ, ସୀତା ପରିଛା, ଝୁନୁ ପାଣିଗ୍ରାହୀ, ସନ୍ତୋଷୀ ଦଲେଇ, ସୁଧା ଦାସ, ପୁଷ୍ପା ସାମଲ, ଜୟନ୍ତୀ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଧାନ ଶିକ୍ଷକ ନଗେନ୍ଦ୍ର କୁମାର ରାଉତ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ।



## ଗାଡି ଚାଳକଙ୍କୁ ରାକ୍ଷୀ ବାନ୍ଧି ସୁରକ୍ଷା କାମନା କଲା ପୋଲିସ



ବୌଦ୍ଧ(ଭାସ୍କର ନ୍ୟୁଜ): ପବିତ୍ର ରକ୍ଷାବନ୍ଧନ ଅବସରରେ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ପୋଲିସ ପକ୍ଷରୁ ଆଜି ଏହି ପବିତ୍ର ଦିନରେ ସମସ୍ତ ଙ୍କୁ ଭାଇ ର ଆଖ୍ୟା ଦେବା ସହ ଏକ ନିଆଁରା ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମ ହୋଇଥିବା ଦେଖିବାକୁ ମିଳିଥିଲା ! ଯେମିତି ଭାଇ ର ଦୀର୍ଘାୟୁ କାମନା ପାଇଁ ଭଉଣୀ ରାକ୍ଷୀ ବାନ୍ଧି ଥାଏ ସେହିପରି ରାସ୍ତା ରେ ଯାନ ବାହାନ ଚଳାଚଳ କରୁଥିବା ବାଇକ ଚାଳକ ଜୀବନ ସୁରକ୍ଷା କୁ ଦୃଷ୍ଟି ରେ ରଖି ଚାଳକ ଙ୍କ ହାତରେ ରାକ୍ଷୀ ବାନ୍ଧିଥିଲା ପୋଲିସ ! ଏପରିକି ଯେଉଁ ଚାଳକ ସଡ଼କ ସୁରକ୍ଷା ନିୟମ ମାନିବା ସହ ନିଜ ଜୀବନ କୁ ସୁରକ୍ଷା ରଖି ଯାନ ବାହାନ ଚଳାଚଳ କରୁଥିବା ଉକ୍ତ ଚାଳକ ଙ୍କ ହାତରେ ରାକ୍ଷୀ ବାନ୍ଧି ଥିବା ବେଳେ ଯିଏ ସଡ଼କ ସୁରକ୍ଷା ନିୟମ କୁ ନମାନି ତାକୁ ଫାଇନ କାଟୁଥିବା ଦେଖିବାକୁ ମିଳିଥିଲା.. ପୋଲିସ ଙ୍କ ଏଭଳି ନିଆରା ରକ୍ଷା ବନ୍ଧନ କାର୍ଯ୍ୟକ୍ରମ କୁସାଧାରଣ ରେ ବେଶ ପ୍ରଶଂସନୀୟ କରାଯଉଥିବା ଦେଖିବାକୁ ମିଳିଥିଲା !

## ରାତିରେ ଖାଇବାକୁ ନଦେବାରୁ ମାଡ଼ ସହ ହତ୍ୟା ଧମକ

**ପୋଲିସର ବର୍ବରତାକୁ ନେଇ ଢାବା କର୍ମଚାରୀଙ୍କ ଅଭିଯୋଗ**

କନ୍ଧମାଳ (ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଗୁଦଗୁଦା ଛକ ଠାରେ ଥିବା କାଳିଆ ଢାବାରେ ଗତ ୭ତାରିଖ ରାତି ୧.୩୦ ମିନିଟ ସମୟରେ କେତେ ଜଣ ପୋଲିସ କର୍ମଚାରୀ ଆସି ଢାବା କର୍ମଚାରୀଙ୍କୁ ମାଡ଼ ମାରିଥିବା ମନମୁଣ୍ଡା ଥାନା ଓ ବୌଦ୍ଧ ଏସ୍‌ପିଙ୍କ ଠାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ଗତ ୭ ତାରିଖ ରାତି ଦେଢଟା ସମୟରେ ମନମୁଣ୍ଡା ଥାନା ଅଧୀନ ଶଗଡା ଫାଣ୍ଡିର କେତେକ ପୋଲିସ କର୍ମଚାରୀ ଉକ୍ତ ଢାବାକୁ ଯାଇଥିଲେ। ସେଠାରେ ପହଞ୍ଚି କବାଟ ବାଡେଇ ଢାବା କର୍ମଚାରୀଙ୍କୁ ଉଠାଇ ଖାଇବାକୁ ମାଗିଥିଲେ । ଢାବା କର୍ମଚାରୀ ଅରାଜି ହେବାରୁ ୭ ଜଣଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇ ୬୨୦୦ ଟଙ୍କା ନେଇ ଯାଇଥିବା ନେଇ ଢ଼ାବା କର୍ମଚାରୀ କେଶନ ଭୋଇ ମନମୁଣ୍ଡା ଥାନାରେ ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏଯାଏଁ ମାମଲା ରୁଜୁ ହୋଇନଥିବା ବେଳେ ଏହାର ତଦନ୍ତ ଚାଲିଥିବା ମନମୁଣ୍ଡା ଥାନାଧିକାରୀ ଅଞ୍ଜଳି ବିଶ୍ୱାଳ କହିଛନ୍ତି।

## ଗଙ୍ଗାଧର ମେହେର ଜୟନ୍ତୀ ପାଳିତ

ବରଗଡ (ଭାସ୍କର ନ୍ୟୁଜ): ବରଗଡ ଜିଲ୍ଲା ଅତାବିରା ବ୍ଲକ ଅନ୍ତର୍ଗତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ଝିଲିମିଣ୍ଡାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ୧୬୪ତମ ଜୟନ୍ତୀ ବିପୁଳ ଉତ୍ସାହ ଉଦ୍ଦିପନା ସହ ମହାଆଡମ୍ବରରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶିଶିର କୁମାର ଭୋଇଙ୍କ ସଭାପତିତ୍ୱ ଓ ସହକାରୀ ଶିକ୍ଷକ ଧର୍ମରାଜ ପ୍ରଧାନଙ୍କ ଦ୍ୱାରା ଗଙ୍ଗାଧର ମେହେରଙ୍କର ବିଭିନ୍ନ ଗୀତ ପରିବେଷଣ କରାଯାଇଥିଲା। ଗଙ୍ଗାଧର ମେହେରଙ୍କର ସାହିତ୍ୟ ଉପରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ପାଠ୍ୟକ୍ରମ ଓ ସହ ପାଠ୍ୟକ୍ରମ ଉପରେ ଶ୍ରେଷ୍ଠ ପାରଦର୍ଶିତା କରିଥିବା



ସଂଯୋଜନାରେ ଅନୁଷ୍ଠିତ ଏହି ସାରସ୍ୱତ ଉତ୍ସବରେ ଲରମ୍ଭା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ପୁଷ୍ପ କୁମାର ମେହେର ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳଚନ୍ଦ୍ର ପଧାନ ମୁଖ୍ୟବକ୍ତା, ପୂର୍ବତନ ସରପଞ୍ଚ ମକରଧ୍ୱଜ ଭୋଇ ଓ ସମିତି ସଭ୍ୟା ମଞ୍ଜୁଲତା ବଡ଼େଇ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ହୋଇଥିଲେ। ନିମନ୍ତ୍ରିତ ଅତିଥି ଭାବରେ କାଦୋବାହାଲ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ଜୈସ୍ୱାଲ, ତାଳମେଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ମହାକୁର, ସମାଜସେବୀ ଜୟଦେବ ମେହେର, ଶିକ୍ଷାପ୍ରେମୀ ଅରବିନ୍ଦ ଦାଶ, ପୂର୍ବତନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ପ୍ରଧାନ, ଶିବାଜୀ ବିଶି, ମଧୁସୂଦନ ନାଏକ ସଭାରେ ଉପସ୍ଥିତ ଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ସେଠଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନଙ୍କ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନିକି ମହାପାତ୍ର ଗତ ଦଶମ ବୋର୍ଡ ପରୀକ୍ଷାରେ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଦିକନ୍ଦ ମହାପାତ୍ର, ବାଳଗୋବିନ୍ଦ ବାବୁ, ଡକ୍ଟର ସଞ୍ଜୟ କୁମାର ମହାପାତ୍ର, ହରିଲାଲ ମେହେର, ଜୟଦେବ ମେହେର, ଅରବିନ୍ଦ ଦାଶ, ପ୍ରମୋଦ ଚନ୍ଦ୍ର ପ୍ରଧାନ, ଦୟାନିଧି ନାୟକ, ହରେକୃଷ୍ଣ ପ୍ରଧାନ ପ୍ରଭୃତି ବଦାନ୍ୟ ବ୍ୟକ୍ତିବୃନ୍ଦଙ୍କ ପୃଷ୍ଠପୋଷକତାରେ ପୁରସ୍କାର ରାଶିମାନ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ନିରଞ୍ଜନ ପ୍ରଧାନ, ସୁଶ୍ରୀ ମୈତ୍ରୀ ସେଠ୍, ଶ୍ରୀଯୁକ୍ତ ବାବୁଲାଲ ପ୍ରଧାନ, ରୋହିତ କୁମାର ଭୋଇ, ପ୍ରତାପ କୁମାର ରଣା, ବୀରେନ୍ଦ୍ର କୁମାର ଭୋଇ ପରିଚାଳନା କରିଥିଲେ। ଶେଷରେ ସହକାରୀ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ଶୋଚନୀୟ ଅବସ୍ଥାରେ ଜଗନ୍ନାଥ ମନ୍ଦିର ରାସ୍ତା



ଉମରକୋଟ(ଭାସ୍କର ନ୍ୟୁଜ): ରାସ୍ତାରେ ଚାଲିବାକୁ କିମ୍ବା ଯାନବାହାନରେ ଯିବାକୁ ବି ଇଚ୍ଛା କରୁନାହାନ୍ତି ଲୋକେ ରାସ୍ତାର ଅବସ୍ଥାକୁ ଦେଖି। ନାମକୁ ମାତ୍ର ନିର୍ମାଣ ହୋଇଥିଲା ସିମେଣ୍ଟ କଂକ୍ରିଟ ରାସ୍ତା ଦୀର୍ଘ ବର୍ଷ ତଳେ। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଘର ଗୁଡ଼ିକର ଅସନା ପାଣି ବୋହି ରାସ୍ତାରେ ଭାସୁଛି। ଡ୍ରେନ୍ ବ୍ୟବସ୍ଥା ନଥିବାରୁ ବର୍ଷାପାଣି ଏବଂ ଘର ଗୁଡିକରୁ ପଡୁଥିବା ଅସନା ପାଣି ନିଷ୍କାସନ ହୋଇପାରୁନାହିଁ। ଲଗାଣ ବର୍ଷାରେ ଜମା ପାଣି ଯୋଗୁଁ ରାସ୍ତା ଦେଖା ଯାଉନାହିଁ। ବର୍ଷା ଛାଡିବା ପରେ ମଧ୍ୟ ଅଳ୍ପ ପରିମାଣର ଜମା ପାଣି ଶୁଖିବା ବେଳକୁ ପୁଣି ଅସନା ପାଣି ଜମା ହୋଇ ରହୁଛି । ସର୍ବଦା କଦର୍ଯ୍ୟ ଅବସ୍ଥାରେ ରହୁଛି ଏହି ରାସ୍ତା। ଏପରି ଚିତ୍ର ଦେଖିବାକୁ ମିଳିଛି ଝରିଗାଁ ସଦର ସ୍ଥିତ ଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରବେଶ ଫାଟକକୁ ଲାଗିଥିବା ରାସ୍ତା। ଝରିଗାଁ ଉମରକୋଟ ମୁଖ୍ୟ ରାସ୍ତାରେ ସଂଯୋଗ ହେଉଥିବା ବେଳେ ଏହି ରାସ୍ତା ଝରିଗାଁ ଡାବୁଗାଁ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଛି। ଲମ୍ବରେ ପ୍ରାୟ ତିନିଶହ ମିଟର ପର୍ଯ୍ୟନ୍ତ ରହିଛି ରାସ୍ତା। ଏହି ରାସ୍ତା ଦେଇ କଲେଜ ଓ ସ୍କୁଲ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଉଥିବା ବେଳେ ତହସିଲ କାର୍ଯ୍ୟାଳୟକୁ ଯିବାକୁ ହେଲେ ଅଧିକାଂଶ ଲୋକେ ମୁଖ୍ୟ ରାସ୍ତା ଭିଡ଼ ରହୁଥିବାରୁ ଏହି ରାସ୍ତା ଉପରେ ନିର୍ଭର କରି ଆସୁଛନ୍ତି। ଜଗନ୍ନାଥ ମନ୍ଦିରକୁ ଶ୍ରଦ୍ଧାଳୁ ଭକ୍ତମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ରାସ୍ତାର ଉଭୟ ପାର୍ଶ୍ୱରେ ଘର ଗୁଡ଼ିକ ରହିଥିବାରୁ ରାସ୍ତା ସଂକୀର୍ଣ୍ଣ ହୋଇ ରହିଛି। ଯାନବାହାନ ଚଳାଚଳରେ ବିପରୀତ ଦିଗରୁ ଆସୁଥିବା ଯାନବାହାନ ମୁହାଁମୁହିଁ ହେଲେ ସାଇଡ ଦେବାରେ ସମସ୍ୟା ହେଉଛି। ସ୍ଥାନୀୟ ପୂଜା ପର୍ବ ପର୍ବାଣୀ ବେଳେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ସମୟରେ ଏହି ରାସ୍ତାକୁ ବାଇପାସ୍ ରୂପେ ବ୍ୟବହୃତ ହେଉଥିବାବେଳେ ଯମଯନ୍ତ୍ରଣା ଭୋଗୁଥିବା ଦେଖିବାକୁ ମିଳୁଛି। ଛୋଟ ବଡ଼ ଗାଡ଼ି ଏବଂ ଟ୍ରାକ୍ଟର ଟ୍ରକ୍ ବସ୍ ଏହି ରାସ୍ତା ଦେଇ ଯିବାକୁ ପଡୁଛି। ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି ରାସ୍ତା। ରାସ୍ତା ପ୍ରସଙ୍ଗରେ ଝରିଗାଁ ସରପଞ୍ଚ ଯୋଗେଶ୍ୱର ପୂଜାରୀଙ୍କୁ ପଚାରିବାରୁ ପଞ୍ଚାୟତ ପାଣ୍ଠିରେ ଅର୍ଥ ଆସିଲେ ଏହି ରାସ୍ତାର ଉନ୍ନତିକରଣ କରାଯିବା ନେଇ ପ୍ରସ୍ତାବ ପଡିଥିବା କହିଛନ୍ତି ସରପଞ୍ଚ। ଅନ୍ୟପକ୍ଷେ ପ୍ରଶାସନ ପକ୍ଷରୁ ଏହି ରାସ୍ତାକୁ ଶୀଘ୍ର ନିର୍ମାଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି ପ୍ରକାଶ କରିଛନ୍ତି।

## ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନ ସୁଗର ଜବତ, ୬ ଗିରଫ



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ଓରିଏଣ୍ଟ କାଗଜ କଳର ଗୋଟିଏ ପରିତ୍ୟକ୍ତ ଘରେ ବ୍ରଜରାଜନଗର ପୋଲିସ ଚଢ଼ାଉ କରି ଗୋଟିଏ ଡ୍ରଗ୍ସ ତସ୍କରି ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ଏହି ଘଟଣାରେ ପୋଲିସ ୬ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଙ୍ଗାନଗର ଅଞ୍ଚଳର ବିଜୟ ଅଗ୍ରୱାଲ (୩୨), ରାମରକ୍ଷା ପଡ଼ାର ଛୋଟୁ ଓରଫ ବିଜୟ ସାହା (୩୩), ତେଲେନପାଲି ଶାସ୍ତ୍ରୀ ନଗର ଅଞ୍ଚଳର ଦାଦୁ ଓରଫ ଉମେଶ ଚୌହାନ (୨୨), ଦାନିସ ଓରଫ ବେଡ଼ା ଓରଫ ପୁସ୍ତମ ବନଛୋର (୨୨), ଟିକଲୁ ଓରଫ କରଣ କଲେତ (୨୪), ଅମିତ ଷଣ୍ଢ (୨୮)। ସେମାନଙ୍କ ନିକଟରୁ ପୋଲିସ ୩୨ ଗ୍ରାମ ବ୍ରାଉନ ସୁଗାର, ୩୦ଟି ପେଣ୍ଟା ଜୋସାଇନ ଲାକ୍ଟେଟ ଇଞ୍ଜେକ୍ସନ, ୨.୫ ଏମ୍ଏଲ୍ ଗୋଟିଏ ଡିସ୍ପୋ ଭାନ୍ ସିରିଞ୍ଜ, ୧ ଏମଏଲ ୪ଟି ଡିସ୍ପୋଭାନ୍ ସିରିଞ୍ଜ, ୧୫ଟି ନାଇଟ୍ରାଜେପାମ ଟାବଲେଟ୍, ଗୋଟିଏ କଇଁଚି, ପ୍ୟାକେଟ ତିଆରି ପାଇଁ ବ୍ୟବହୃତ ଗୋଟିଏ ରଙ୍ଗୀନ କାଗଜ ସିଟ, ନଗଦ ୨୦୦୦ ଟଙ୍କା ପୋଲିସ ଜବତ କରିଛି। ସେପଟେ ଜବତ ନିଶା ଦ୍ରବ୍ୟର ଆନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବୋଲି ବ୍ରଜରାଜନଗର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସଡ଼ିପିଓ ଚିନ୍ତାମଣି ପ୍ରଧାନ ସୂଚନା ଦେଇଛନ୍ତି। ଏହି ଅବସରରେ ବ୍ରଜରାଜନଗର ଥାନାଧିକାରୀ ଧବଳେଶ୍ୱର ସାହୁ ଉପସ୍ଥିତ ଥିଲେ।

## ବିଶ୍ୱ ଆଦିବାସୀ ଦିବସ ଓ ସାଥୀ କେଣ୍ଡୁକା ଅର୍ଜୁନଙ୍କ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ




ବନ୍ଧୁଗାଁ (ଭାସ୍କର ନ୍ୟୁଜ): ବନ୍ଧୁଗାଁ ବ୍ଲକ ଆଲମଣ୍ଡା ପଞ୍ଚାୟତ ଖେଳପଡିଆରେ ବ୍ଲକର ସମସ୍ତ ଗ୍ରାମରୁ ଆସିଥିବା ଚାଷୀମୂଲିଆ ଆଦିବାସୀ ସଂଘର ହଜାର ହଜାର ସମର୍ଥକଙ୍କ ଉପସ୍ଥିତିରେ ଧୁମଧାମରେ ବିଶ୍ୱ ଆଦିବାସୀ ଦିବସ ସହିତ ସାଥୀ କେ.ଅର୍ଜୁନଙ୍କ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ ହୋଇଯାଇଛି । ପ୍ରଥମେ ଜୟ କଣ୍ଡାନା ମନ୍ଦିରରୁ ହଜାର ହଜାର ଆଦିବାସୀ ଏକତ୍ରିତ ହୋଇ ଶୋଭାଯାତ୍ରାରେ ବାହାରିଥିଲେ। ପାରମ୍ପରିକ ବାଦ୍ୟ ଢ଼େମସାର ତାଳେ ତାଳେ ବିଶ୍ୱ ଆଦିବାସୀ ଦିବସ ଓ ସାଥୀ ଅର୍ଜୁନଙ୍କ ଶ୍ରଦ୍ଧାଞ୍ଜଳି ଦିବସ ଉପଲକ୍ଷେ ସ୍ଲୋଗାନ ଦେଇ ସହର ବଜାର ପରିକ୍ରମା କରି ଖେଳ ପଡିଆରେ ପହଞ୍ଚିଥିଲେ। ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## ସୁଭଦ୍ରାର ତୃତୀୟ କିସ୍ତି ପ୍ରଦାନ




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ସଦରମହକୁମା ଗଜପତି ଷ୍ଟାଡିୟମ ଠାରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରାର ତୃତୀୟ କିସ୍ତି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁମିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ପାରଳାଖେମୁଣ୍ଡି ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ କେ.ନାଗାରାଜୁ, ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି, ମୁନିନ୍ଦ୍ର ହନେଗା,ଅତିରିକ୍ତ ଜିଲ୍ଲାପାଳ ଗଜପତି, ଶଙ୍କର କେରକେଟା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି, ନିର୍ମଳା ସେଠୀ, ଅଧ୍ୟକ୍ଷ, ପୌରପରିଷଦ ପାରଳାଖେମୁଣ୍ଡି, ମନୋରମା ଦେବୀ, ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ଗଜପତି ଓ ଡାକ୍ତର ମହମ୍ମଦ ମୁବାରକ ଅଲ୍ଲୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଗଜପତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ଜିଲ୍ଲାର ଯୋଗ୍ୟ ୧ ଲକ୍ଷ ୪୩ ହଜାରରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ସୁଭଦ୍ରା ବିଷୟରେ ଅନ୍ୟମାନଙ୍କୁ ସଚେତନତା ସୃଷ୍ଟି କରିବା ଓ ନିଜର ଆର୍ଥିକ ସମସ୍ୟାକୁ ସୁଦୃଢ କରି ସଫଳତାର କାର୍ଯ୍ୟ କରିବା ପାଇଁ ଜିଲ୍ଲାପାଳ ସମସ୍ତ ମହିଳାମାନଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ସେହିପରି ମହିଳାମାନଙ୍କ ଅର୍ଥନୈତିକ, ସାମାଜିକ କ୍ଷେତ୍ରରେ ସାମିଲ କରି ଉଚିତ ସମ୍ମାନ ଦେବା ଦେବା ପାଇଁ ବିଧାୟକ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମଣ କୁମାର ମୁର୍ମୁ, ନିର୍ବାହୀ ଅଧିକାରୀ ପୌରପରିଷଦ,ପାରଳାଖେମୁଣ୍ଡି , ସୁଶାନ୍ତ ରଞ୍ଜନ ଦାସ,ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଗଜପତି, ଜିଲ୍ଲା ପ୍ରକଳ୍ପ ପରିଚାଳକ,ଓଡ଼ିଶା ଜୀବିକା ମିଶନ ତଥା ମିଶନ ଶକ୍ତି ଟିମନ ବାରା, ଜିଲ୍ଲା ଶିକ୍ଷାଧିକାରୀ ଡ଼.ମାୟାଧର ସାହୁ, ସ୍ଥାନୀୟ ତହସିଲଦାର ନାରାୟଣ ବେହେରା,ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କର୍ମଚାରୀ ସାରଳା ପାତ୍ର ଓ ମନୋଜ କୁମାର ପଣ୍ଡାଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବହୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପରେ ପରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପରିସମାପ୍ତି ପରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା ।



ନବରଙ୍ଗପୁର (ଭାସ୍କର ନ୍ୟୁଜ): ନବରଙ୍ଗପୁର ସହରର ବାଇପାସ୍ ରୋଡସ୍ଥିତ ସରୋଜିନୀ ହଲ ଠାରେ ଲାଇଭ ଷ୍ଟ୍ରିମିଙ୍ଗ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଯୋଗ ଦେଇଥିଲେ ଏବଂ ମଞ୍ଚାସୀନ ଅତିଥି ରୂପେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ, ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ,ନବରଙ୍ଗପୁର ବିଧାୟକ ପ୍ରତିନିଧି ମୃତ୍ୟୁଞ୍ଜୟ ମହାରଣା, ଡିଆଇପିଆର୍ ଓ ମନୋଜ ବେହେରା,ଡିଏସଡବ୍ଲୁଓ ଦ୍ରୌପଦୀ କହଁର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ସୁଭଦ୍ରା ଭଉଣୀ ମାନେ ଜିଲ୍ଲାପାଳ ଓ ଅନ୍ୟ ଅତିଥିମାନଙ୍କୁ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାକ୍ଷୀ ବାନ୍ଧି ଶୁଭ ମନାସିଥିଲେ।ଅତିଥି ଗଣ ସୁଭଦ୍ରା ଯୋଜନାଦ୍ୱାରା ମହିଳା ମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ ନିଜ ପରିବାରରେ ଆର୍ଥିକ ଅଭିବୃଦ୍ଧିରେ ସହାୟକ ଏବଂ ସ୍ୱାଭିମାନ ସହିତ ବଞ୍ଚିବାର ପ୍ରେରଣା ଦେଉଛି ବୋଲି କହିଥିଲେ।ସୂଚନା ଅନୁଯାୟୀ ଜିଲ୍ଲାରେ ଏ ପର୍ଯ୍ୟନ୍ତ ୩,୧୮,୯୭୭ ଜଣ ସୁଭଦ୍ରା ପାଇଁ ଆବେଦନ କରିଛନ୍ତି ଏବଂ ଏଥିମଧ୍ୟରୁ ୨,୯୯,୪୯୯ ଜଣଙ୍କ ଆବେଦନ ପତ୍ର ଅନୁମୋଦନ ଲାଭ କରିଛି। ୩,୦୬,୭୨୧ ଜଣଙ୍କର E KYC କାର୍ଯ୍ୟ ସମାପ୍ତ ହୋଇଛି।୨,୯୮,୭୦୧ ଜଣ ହିତାଧିକାରୀ ପୂର୍ବରୁ ୨ ଟି କିସ୍ତି ଅର୍ଥ ରାଶି ପ୍ରାପ୍ତ କରିଛନ୍ତି। ଏହି ଅବସରରେ ସୁଭଦ୍ରା ଅର୍ଥରେ ନିଜର ଛୋଟ ବ୍ୟବସାୟ କରି ଆର୍ଥିକ ଅଭିବୃଦ୍ଧିରେ ନିଜର ସ୍ଥାନ ସୃଷ୍ଟି କରିଥିବା ୧୧ ଜଣ ହିତାଧିକାରୀଙ୍କୁ ସମ୍ମାନୀତ କରାଯାଇଥିଲା। ସୁଭଦ୍ରା ଯୋଜନା ଉପରେ ସ୍କୁଲ ଓ କଲେଜ ସ୍ତର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସଭାରେ ପ୍ରାୟ ୫୦୦ ଜଣ ସୁଭଦ୍ରା ହିତାଧିକାରୀ ଉପସ୍ଥିତ ଥିଲେ।

## ୬ ଚୋରା ବ୍ୟାଟେରୀ ଜବତ, ୪ ଗିରଫ

ବ୍ରଜରାଜନଗର(ଭାସ୍କର ନ୍ୟୁଜ): ବ୍ରଜରାଜନଗର ଅଞ୍ଚଳରେ କିଛିଦିନ ଧରି ଟ୍ରକମାନଙ୍କରୁ ବ୍ୟାଟେରୀ ଚୋରି ହେଉଥିବା ଥାନାରେ ଅଭିଯୋଗ ହୋଇଆସୁଥିଲା। ଏହି ଅଭିଯୋଗକୁ ଭିତ୍ତିକରି ଏସଡିପିଓ ଚିନ୍ତାମଣି ପ୍ରଧାନଙ୍କ ନିର୍ଦ୍ଦେଶରେ ବ୍ରଜରାଜନଗର ପୋଲିସ ଓ ଓରିଏଣ୍ଟ ପୋଲିସ ତଦନ୍ତ କରି ବ୍ୟାଟେରୀ ଚୋରି ଅଭିଯୋଗରେ ୪ ଜଣକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରାମଗଡ଼ ଅଂଚଳର କବି ସିଂହ (୨୬), ଆଲୋକ ନାୟକ (୨୪), ମଧୁବନ ନଗରର ସୁମିତ ଟପନୋ (୨୬), ଗୁରୁବାର ବଜାର ଅଂଚଳର ଛୋଟୁ ଓରଫ ସଫି ଅହମଦ ଖାନ (୩୭)। ପୋଲିସ ସେମାନଙ୍କ ନିକଟରୁ ୬ ଚୋରା ବ୍ୟାଟେରୀ ସମେତ ଗୋଟିଏ ଅଟୋ ଜବତ କରିଥିବା ବ୍ରଜରାଜନଗର ଏସଡ଼ିପିଓ ଚିନ୍ତାମଣି ପ୍ରଧାନ ସୂଚନା ଦେଇଛନ୍ତି।




## ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନତା

ବେଲପାହାଡ(ଭାସ୍କର ନ୍ୟୁଜ):ଗତ ୨୦୨୪ ମସିହା ଜୁଲାଇ ୧ ତାରିଖରୁ ଲାଗୁ ହୋଇଥିବା ନୂତନ ଅପରାଧିକ ଆଇନର କାର୍ଯ୍ୟକାରୀତା ସମ୍ପର୍କରେ ବେଲପାହାଡ଼ ପୋଲିସ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୁରୁବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଦ୍ୱାରା ଏହି ନୂତନ ଆଇନକୁ ଲାଗୁ କରାଯାଇଛି। ଯାହା ପୂର୍ବ ଆଇନ ବ୍ୟବସ୍ଥାରୁ ଅନେକ ପରିବର୍ତ୍ତନ କରାଯାଇ ଏକ ନୂତନ ଭାରତ ନୂତନ ଆଇନ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବେଲପାହାଡ଼ କନିଷ୍ଠ ଓ ଡିଗ୍ରୀ ମହାବିଦ୍ୟାଳୟ ସମେତ ବେଲପାହାଡ଼ ପିଏମ ଶ୍ରୀ ଗିରିଧର ଲାଲ ଉଚ୍ଚ ବିଦ୍ୟାଳୟ, ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟ ମିଶି ମୋଟ ୬୬ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ବେଲପାହାଡ଼ ଥାନାଧିକାରୀ ଆଇଆଇସି କୃଷ୍ଣଚନ୍ଦ୍ର ମେହେର ନୂତନ ଅପରାଧିକ ଆଇନର କାର୍ଯ୍ୟକାରୀତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଆଲୋକପାତ କରିଥିଲେ। ବିଭିନ୍ନ ଅପରାଧ ବିରୋଧରେ କିଭଳି ଥାନାରେ ଅଭିଯୋଗ କରିପାରିବା, ସାଧାରଣ ଲୋକ କିଭଳି ନିରନ୍ତର ଭାବେ ପୋଲିସ ସେବା ପାଇପାରିବେ, ବିଭିନ୍ନ ଅପରାଧ, ଆଇନ ଅନୁଯାୟୀ ଧାରା ଓ ଦଣ୍ଡବିଧାନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଥାନାଧିକାରୀ ଶ୍ରୀ ମେହେର ସଚେତନତା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବେଲପାହାଡ଼ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଆଶିଷ କୁମାର ଦାଶ, ଜିଲା ଜୁନିଅର ରେଡକ୍ରସ୍ ଅଧିକାରୀ ତଥା ଶିକ୍ଷକ ବବନ ସିଂ, ବରିଷ୍ଠ ସାମ୍ବାଦିକ ଡ. ସୁବାସ ଚନ୍ଦ୍ର ପ୍ରଧାନ, କନିଷ୍ଠ ମହାବିଦ୍ୟାଳୟର ପୁଲିନ ଭଇଁଶାଳ, ଦୀପକ ରଞ୍ଜନ ପଶାୟତ, ପିଏମ ଶ୍ରୀ ଗିରିଧର ଲାଲ ଉଚ୍ଚ ବିଦ୍ୟାଳୟର ଅରୁଣ ପାଢ଼ୀ, ଲୋଚନ କାଣ୍ଡ୍ରା, ପାଙ୍କଜିନୀ ଭରାସାଗର, ହିମାଦ୍ରୀ ବାର୍ଲା, ବେଲପାହାଡ଼ ପୁଲିସ ଏସଆଇ ଚିତ୍ତରଞ୍ଜନ ମହାନନ୍ଦିଆ, ଏଏସଆଇ ଗଳାଇ ବାର୍ଯୋ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ପକ୍ଷରୁ ନୂତନ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା ଙ୍କ ଅଧ୍ୟକ୍ଷତାରେ ନୂତନ ଜିଲ୍ଲାପାଳ ଙ୍କୁ ସାତ ଦଫା ଦାବି ନେଇ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ପାରଳାଖେମୁଣ୍ଡି ସହର ଅତି ପୁରାତନ ଐତିହ୍ୟ ସଂପୂର୍ଣ୍ଣ ସହର ଓଡ଼ିଶାର ୨ୟ ପୌରପରିଷଦ ପାରଳାଖେମୁଣ୍ଡି ସହରରେ ଅବହେଳା ଯୋଗୁଁ ବାରମ୍ବାର ଅଭିଯୋଗ ଜଣାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଅବହେଳିତ ଅବସ୍ଥାରେ ହିଁ ପଡ଼ିରହିଛି, ଯାହା ଫଳରେ ସହରର ଜନଜୀବନ ନାହିଁ ନଥିବା ର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହି ବିଷୟରେ ବହୁବାର ଅଭିଯୋଗ ଜଣାଇଥିଲେ ସୁଦ୍ଧା ପ୍ରଶାସନିକ ପକ୍ଷରୁ କୌଣସି ପ୍ରକାରର ଉଦ୍ୟମ କାର୍ଯ୍ୟକାରୀ ହେଉନଥିବା ଯୋଗୁଁ ପୁଣି ଆଉଥରେ ଛଅ ଦଫା ଦାବିକୁ ନେଇ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଛୁ । ଯଥାଶୀଘ୍ର ଲିଖିତ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆପଣଙ୍କୁ ଅବଗତ କରାଯାଇଛି ।



ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋୟେଲଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ଜିଲ୍ଲାକୁ ମଦ ମୁକ୍ତ ଜିଲ୍ଲା ଭାବେ ଗଢି ତୋଳିବା ପାଇଁ ମଦ ମୁକ୍ତ ଅଭିଯାନ, ସଡ଼କ ସୁରକ୍ଷା ଉପରେ ଜିଲ୍ଲାର ପ୍ରତି ଥାନା ଅଞ୍ଚଳରେ ଜୋର ଗାର ଚାଲୁ ରହିଥିବା ବେଳେ ହରଭଙ୍ଗା ଥାନା ଅଧିକାରୀ ନଳିନୀକାନ୍ତ ବାଗଙ୍କ ନେତୃତ୍ୱ ଏକ ସ୍ୱତନ୍ତ୍ର ଟିମ ଚଳଣା ପଞ୍ଚାୟତରେ ଅଚାନକ ଚଢ଼ାଉ କରିଥିଲେ । ବଡ଼ଭୁରୁଡ଼ା, ଭୁରୁଡ଼ା,ପତକାବାଲି ଗାଁ ରେ ଚଢ଼ାଉ କରି ୪୦୦ଲିଟର ଦେଶୀ ମହୁଲ ପୋଚ ନଷ୍ଟ କରିଥିବା ସହ ମଦ ଭାଟି ର ବିଭିନ୍ନ ସରଞ୍ଜାମ ଜବତ କରିଥିଲେ । ସେହିପରି ହରଭଙ୍ଗା ଗଡଭାଗି ଚାରିଛକ -ସାତାଲପାଣି ପୂର୍ଣ୍ଣ ରାସ୍ତା ଛକ ଠାରେ ସଡ଼କ ସୁରକ୍ଷା ଅଭିଯାନରେ ହେଲମେଟ ବ୍ୟବହାର କରି ଗାଡିଚାଳନା କରୁଥିଲେ ଚାଳକଙ୍କୁ ହାତରେ ରଖିବାକ୍ଷି, ମିଠା ଖାଇବାକୁ ଦେଇ ସଚେତନ କରୁଥିବା ବେଳେ ବିନା ହେଲମେଟ ବ୍ୟବହାର ଗାଡିଚାଳକଙ୍କୁ ଫାଇନ କାଟିଥିବାର ଚିତ୍ର ଦେଖିବାକୁ ମିଳିଥିଲା । ଜିଲ୍ଲାରେ ପୋଲିସ ପକ୍ଷରୁ ଉକ୍ତ ସମସ୍ତ କାର୍ଯ୍ୟକ୍ରମ ନେଇ ବେଶ ପ୍ରଶଂସା ସାଉଁଟିଛି । ଏହି ଚଢ଼ାଉରେ ଥାନା ଅଧିକାରୀ ଙ୍କ ସମେତ ଏ ଏସ ଆଇ ଜିତେନ୍ଦ୍ର ମେହେର, ହାବିଲଦାର ଲୋକେଶ ଜାଗିର, କନେଷ୍ଟବଳ ନିରଞ୍ଜନ ପୃଷ୍ଟି ଓ ଆଇ ଆର ବି ଯବାନ ସାମିଲ ଥିଲେ । ଅନ୍ୟପଟେ ଚୁଡ଼ଙ୍ଗ ରାମ୍ପିଜ, ବଗୁଡ଼ା ଓ ନୂଆପଡା ଗ୍ରାମରେ ବୌଦ୍ଧ ପୋଲିସ ଓ ଅବକାରୀ ବିଭାଗ ଚଢ଼ାଉରେ ୬୦୦ଲିଟର ମହୁଲପୋଚ ନଷ୍ଟ କରିଥିବା ସୂଚନା ରହିଛି । ସେପଟେ ଚଢ଼ାଉରେ କୌଣସି ଆସାମୀ ଗିରଫ ହୋଇନଥିବା ଜଣା ପଡ଼ିଛି ।

## ମା' ଉଗ୍ରତାରା ମନ୍ଦିରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ଟାଙ୍ଗୀ (ଭାସ୍କର ନ୍ୟୁଜ) : ଖୋର୍ଦ୍ଧା ଜିଲ୍ଲାର ଭୁଷଣ୍ଡପୁର ଗ୍ରାମର ମୂକାରେ ଗଡ଼ ସ୍ଥିତ ଶକ୍ତି ପ୍ରଦାୟିନୀ ମା' ଉଗ୍ରତାରା ମନ୍ଦିରରେ ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପହଞ୍ଚି ଦେବୀଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ । ଶ୍ରୀ ପ୍ରଧାନଙ୍କ ସହିତ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ଦେବୀ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହ ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି ଓ ପ୍ରଗତି କାମନା କରିଥିଲେ । ଏହି ଅବସରରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଅନ୍‌ଲାଇନ୍‌ରେ ମହାପ୍ରସାଦ ବିକ୍ରି ଅଭିଯୋଗ

ପୁରୀ (ଭାସ୍କର ନ୍ୟୁଜ) : ଅନଲାଇନରେ ମହାପ୍ରସାଦ ବିକ୍ରି ନେଇ କଟକଣା ଥିବାବେଳେ ଏହାକୁ କିଛି ବ୍ୟକ୍ତି ମାନୁନାହାନ୍ତି । ବିଭିନ୍ନ ଫୁଡ୍ ଆପ୍ ଡେଲିଭରି ସର୍ଭିସ୍ ଭଳି ଶ୍ରୀମନ୍ଦିରର ମହାପ୍ରସାଦକୁ ମଧ୍ୟ ଅନଲାଇନରେ ଭକ୍ତଙ୍କୁ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି । ଇନ୍ଦି ଏସେନସିଆଲ୍ ନାମକ ଏକ ଫୁଡ୍ ଆପ୍ ସର୍ଭିସ୍ ପକ୍ଷରୁ ବ୍ରହ୍ମପୁର ସହରରେ ଏଭଳି ଅନଲାଇନରେ ମହାପ୍ରସାଦ ବୁକିଂ କରାଯାଇ ଲୋକଙ୍କୁ ଯୋଗାଇ ଦିଆଯାଉଛି ।ଏହି ଘଟଣା ଜଣାପଡ଼ିବା ପରେ ଶ୍ରୀମନ୍ଦିର ସେବାୟତ ଓ ଜଗନ୍ନାଥ ପ୍ରେମୀ ଏହାକୁ ଦୃଢ଼ ବିରୋଧ କରିଛନ୍ତି । ଶ୍ରୀମନ୍ଦିର ମହାପ୍ରସାଦ ଏକ ସାଧାରଣ ଖାଦ୍ୟ ପଦାର୍ଥ ନୁହେଁ । ମହାପ୍ରସାଦର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି । ଏହାକୁ ଅନଲାଇନ ମାଧ୍ୟମରେ ବିକ୍ରି ହେଲେ ମହାପ୍ରସାଦର ଘୋର୍ ଅବମାନନା ହେବ ।ବିଶେଷ କରି ଫୁଡ୍ ଆପ୍ ର ଡେଲିଭରି କରୁଥିବା କର୍ମଚାରୀମାନେ ପବିତ୍ରତା ରକ୍ଷା କରି ଲୋକଙ୍କ ନିକଟରେ ମହାପ୍ରସାଦ ପହଞ୍ଚାଇ ପାରିବେ ନାହିଁ । ସେହିପରି ଅନଲାଇନ ମାଧ୍ୟମରେ ଭକ୍ତଙ୍କୁ ଠକେଇ କରାଯିବାର ଆଶଙ୍କା ମଧ୍ୟ ରହିଛି । ଶ୍ରୀମନ୍ଦିର ମହାପ୍ରସାଦ ନାଁରେ ଅନ୍ୟ କୌଣସି ସ୍ଥାନରେ ବିଭିନ୍ନ ଅନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ମହାପ୍ରସାଦ ନାଁରେ ଲୋକମାନେ ଠକାମିର ଶିକାର ହେବା ମଧ୍ୟ ଆଶଙ୍କା ରହିଛି ।ମହାପ୍ରସାଦର ପ୍ରକୃତ ମୂଲ୍ୟ ଠାରୁ ଚଢ଼ାଦରରେ ଅନଲାଇନରେ ବିକ୍ରି କରାଯାଇ ଭକ୍ତଙ୍କୁ ଶୋଷଣ କରାଯିବାର ସମ୍ଭାବନା ରହିଥିବାରୁ ଅନଲାଇନରେ ମହାପ୍ରସାଦ ବିକ୍ରି ଆଦୌ ଗ୍ରହଣୀୟ ନୁହେଁ ବୋଲି ସେବାୟତ ମତ ରଖୁଛନ୍ତି । ଶ୍ରୀମନ୍ଦିର ମହାପ୍ରସାଦକୁ ଅନଲାଇନରେ ତୁରନ୍ତ ବିକ୍ରି ବନ୍ଦ କରାଯିବା ପାଇଁ ଦାବି କରିଛନ୍ତି ସେବାୟତ । ଏପରିକି ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ କରାଯାଇ ମହାପ୍ରସାଦକୁ ଅନଲାଇନରେ ବିକ୍ରି କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନିୟମ ରହିବା ଉଚିତ ବୋଲି ମତପ୍ରକାଶ ପାଇଛି । ପୂର୍ବରୁ ଆମାଜନ୍ ଏବଂ ପ୍ରିଣ୍ଟେଷ୍ଟ ଆପ୍ରେ ମହାପ୍ରସାଦ ନିର୍ମାଲ୍ୟ ଅନଲାଇନରେ ବିକ୍ରି ନେଇ ବିଜ୍ଞାପନ କରାଯାଇଥିଲା । ତେବେ ଏହାକୁ ଜଗନ୍ନାଥ ପ୍ରେମୀ ଏବଂ ସେବାୟତ ମହଲରେ ଦୃଢ଼ ବିରୋଧ ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନଲାଇନରେ ମହାପ୍ରଭୁଙ୍କ ମହାପ୍ରସାଦ ସହିତ ଅନ୍ୟାନ୍ୟ ଶୁଖିଲି ମହାପ୍ରସାଦ ବିକ୍ରି ଉପରେ ମଧ୍ୟ କଟକଣା ଲଗାଯାଇଥିଲା ।ସେପଟେ ଶ୍ରୀମନ୍ଦିରର ପ୍ରଚଳିତ ଆଇନକୁ ଆହୁରି କଡ଼ାକଡ଼ି କରାଯିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ । ମହାପ୍ରଭୁଙ୍କ ସମ୍ପର୍କିତ ସମସ୍ତ ସାମଗ୍ରୀଙ୍କୁ ବେଆଇନ ଭାବରେ ବ୍ୟବହାର ଏବଂ ବ୍ୟବସାୟୀକରଣ କରୁଥିବା ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ କଡ଼ା ଆଇନ ଆଣିବାକୁ ରାଜ୍ୟ ସରକାରଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି । ତେଣୁ ତୁରନ୍ତ ଶ୍ରୀମନ୍ଦିରର ପ୍ରଚଳିତ ଆଇନକୁ ସଂଶୋଧନ କରାଯାଇ ମହାପ୍ରଭୁଙ୍କ ପ୍ରତି ଅବମାନନା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ ଓ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଜଗନ୍ନାଥ ପ୍ରେମୀ ଦାବି କରିଛନ୍ତି ।

## ସେପ୍ଟେମ୍ବର ୭ରେ ଉତ୍କଳ ସାହିତ୍ୟ ସମାଜ ନିର୍ବାଚନ

କଟକ(ଭାସ୍କର ନ୍ୟୁଜ): ଉତ୍କଳ ସାହିତ୍ୟ ସମାଜର ନିର୍ବାଚନ ଆସନ୍ତା ସେପ୍ଟେମ୍ବର ୭ ତାରିଖ ରବିବାର ଅନୁଷ୍ଠିତ ହେବ । ଏ ନେଇ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହିକା ସମିତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସିନିୟର ଆଡଭୋକେଟ ନବ କିଶୋର ଦାସ ନିର୍ବାଚନ ପରିଚାଳକ ଭାବେ ମନୋନୀତ ହୋଇଛନ୍ତି । ନିର୍ବାଚନ ପରିଚାଳକଙ୍କୁ ସହଯୋଗ କରିବା ପାଇଁ ଅଧ୍ୟାପକ ତୁଷାର ପଟ୍ଟନାୟକ, ସର୍ବେଶ୍ୱର ବାରିକ ଓ ଶିକ୍ଷାବିତ୍ କଲ୍ୟାଣୀ ନାୟକଙ୍କୁ କାର୍ଯ୍ୟନିର୍ବାହିକା କମିଟି ମନୋନୀତ କରିଛି । ଆଗାମୀ ଦିନରେ ଏହି ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ସାଧାରଣ ସଂପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଓ ସଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତ ଜଣାଇଛନ୍ତି ।

## ଶିଶୁ ଭବନରେ ଅନ୍ନପୂର୍ଣ୍ଣା ଦିବସ ପାଳିତ

କଟକ(ଭାସ୍କର ନ୍ୟୁଜ): ରୋଟାରୀ କ୍ଲବ୍ କଟକ ଇଷ୍ଟ ତରଫରୁ ଶିଶୁ ଭବନଠାରେ ଅନ୍ନପୂର୍ଣ୍ଣା ଉତ୍ସବ ପାଳିତ ହୋଇଯାଇଛି । ଏହି ଅନ୍ନପୂର୍ଣ୍ଣା ଉତ୍ସବ ପାଳନ ଅବସରରେ ରବିବାର ଆହାର କେନ୍ଦ୍ର ବନ୍ଦ ଥିବାରୁ ରୋଟାରୀ କ୍ଲବ୍ କଟକ ଇଷ୍ଟ ତରଫରୁ ଶିଶୁ ଭବନର ୫୦୦ରୁ ଊର୍ଦ୍ଧ୍ୱ ରୋଗୀ ତଥା ସେମାନଙ୍କ ଦାୟିତ୍ୱରେ ଥିବା ରୋଗୀ ସମ୍ପର୍କୀୟଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା । ଉତ୍ସବରେ କ୍ଲବର ସଭାପତି ରୋଟାରୀଆନ୍ ଶରତ ଚନ୍ଦ୍ର ଦାଶ, ଉପସଭାପତି ବିନୟ ଦାଶ, ସଂପାଦକ ଡ଼ାଃ ବୀର କିଶୋର ପରିଡ଼ା, ପ୍ରାକ୍ତନ ସଭାପତି ସ୍ମୃତି ରନ ଷଡଙ୍ଗୀ, କୋଷାଧ୍ୟକ୍ଷ ଅମ୍ରିତ ରାଜ ସିଂଙ୍କ ସମେତ ଫାଉଣ୍ଡେସନ ଚେୟାରମ୍ୟାନ୍ ରୋଟାରିଆନ୍ ବିପିନ୍ ବିହାରୀ ମହାନ୍ତି, ଲର୍ଣ୍ଣିଂ ଫାସିଲିଟେଟର ଡ଼ାଃ ପି.କେ ଦାସ, ଫାଲିସିଟେସନ ଚେୟାରମ୍ୟାନ୍ ଏସ୍.କେ. ପଣ୍ଡା, ମେମ୍ବରସିପ୍ ଚେୟାରମ୍ୟାନ୍ ସଞ୍ଜୀବ ସାହୁ, ପବ୍ଲିକ ଇମେଜ ଅଧିକାରୀ ପି.ସି. ମହାନ୍ତି, ସର୍ଭିସ ପ୍ରୋଜେକ୍ଟ ଅଧିକାରୀ ଡ଼ାଃ ଜ୍ୟୋତି ରଞ୍ଜନ ଶତପଥୀ, ୟଙ୍ଗ ଲିଡରସ୍ କଣ୍ଟାକ୍ଟ ଡ଼ାଃ ସନ୍ ପଟ୍ଟନାୟକ, ବରିଷ୍ଠ ରୋଟାରୀଆନ୍ ଲକ୍ଷ୍ମୀ ନାରାୟଣ ପାଢ଼ୀ, ଦିଲ୍ଲୀପ କୁମାର ସାମଲ ପ୍ରମୁଖ ଏହି ଅନ୍ନପୂର୍ଣ୍ଣା ଉତ୍ସବ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ଜିଲ୍ଲା ସୈନିକ ବୋର୍ଡ ପରିସରରେ ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ

କଟକ(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ କଟକ ଆନୁକୂଲ୍ୟରେ ଏକ ଆଇନ ସାହାଯ୍ୟତା କେନ୍ଦ୍ର କଟକ ବକ୍ସି ବଜାରସ୍ଥିତ ଜିଲ୍ଲା ସୈନିକ ବୋର୍ଡ ପରିସରରେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ ଦାୟିତ୍ୱରେ ଥିବା ରାଜ କିଶୋର ମହାପାତ୍ର ଉପସ୍ଥିତ ରହି ଏହି ସହାୟତା କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । ଏହି ଆଇନ ସହାୟତା କେନ୍ଦ୍ରରେ ଆମ ଦେଶକୁ ସୁରକ୍ଷା ଦେଉଥିବା ସୈନିକ ମାନେ ଏବଂ ସେମାନଙ୍କ ପାରିବାରକୁ ଆଇନ ସହାୟତା ଦେବାରେ ସାହାଯ୍ୟକ ହେବ । ଏହି ଉଦଘାଟନ ଉତ୍ସବରେ ସୈନିକ ବୋର୍ଡର ଲେଫଟ୍‌ନାଣ୍ଟ ବି.ଏନ ପାତ୍ର ଯୋଗଦେବା ସହିତ ବୋର୍ଡର ଅନ୍ୟାନ୍ୟ କର୍ମଚାରୀ, ପ୍ୟାନେଲ ଆଇନଜୀବୀ, ପି.ଏଲ.ଭି. ଓ ପ୍ରାଧିକରଣ କର୍ମଚାରୀ ଉପସ୍ଥିତ ଥିଲେ । କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଜଗଦୀଶ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପୁଣି ନବବଧୂକୁ ହତ୍ୟା

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଯୌତୁକ ନିର୍ଯାତନା ପାଇଁ ଝୁଲିପଡିଲେ ନବବଧୂ । ଭୁବନେଶ୍ୱରରେ ଘଟିଛି ଘଟଣା । ମଞ୍ଚେଶ୍ୱର ଥାନା ଅଧୀନ ଧୂଳିକୁଟି ସାହିର ଏକ ଘର ଭିତରୁ ନବ ବିବାହିତଙ୍କ ଝୁଲନ୍ତା ମୃତଦେହ ମିଳିଥିଲା । ମୃତକ ହେଉଛନ୍ତି ଭୁବନେଶ୍ୱର ଅନ୍ଧାରୁଆ ଗ୍ରାମର ସୁବାସ ନାୟକଙ୍କ ଝିଅ ତୃପ୍ତି ନାୟକ । ଏହି ମାମଲାରେ ମୃତା ତୃପ୍ତିଙ୍କ ସ୍ୱାମୀ ଓ ପରିବାର ଲୋକଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିଲା ପୋଲିସ୍ । ପରେ ସ୍ୱାମୀ ବିକ୍ରମ ନାୟକଙ୍କୁ ଗିରଫ କରିଛି ପୋଲିସ । ପରିବାର ଲୋକଙ୍କ ଅଭିଯୋଗ ଶାଶୂଘର ଲୋକ ଆମ ଝିଅକୁ ସୁପ୍ରକଳ୍ପିତ ଭାବେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଛନ୍ତି ।

## ପୋଲିସକୁ ରାଜନୈତିକ କାର୍ଯ୍ୟରେ ଲଗାଉଥିଲା ବିଜେଡ଼ି: ସୁରଥ ବିଶ୍ୱାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୋଲିସର ମନୋବଳ ଭାଙ୍ଗିବା ପ୍ରସଙ୍ଗରେ ବିଜେଡିକୁ ଜବାବ ଦେଲା ବିଜେପି । ପୋଲିସର ମନବଳ ଭାଙ୍ଗିବା କଥା ବିଜେଡ଼ି କହୁଛି, ଯିଏ ଗତ ୨୪ ବର୍ଷ ଭିତରେ ପୋଲିସର ମନୋବଳ ଭାଙ୍ଗିବା ପାଇଁ ଗୋଟିଏ ବି ଦିଗ ବାକି ରଖିନଥିଲା । ପୋଲିସକୁ ରାଜନୈତିକ କାର୍ଯ୍ୟରେ ଲଗାଉଥିଲା ବିଜେଡ଼ି । ଏପରିକି ଆଇପିଏସ, ଅଫିସର ତ ଟିକେଟ ବାଂଟିବାର ମଧ୍ୟ ନଜିର ରହିଛି । ନେତାଙ୍କୁ ଉଠାଇ ନେବା, ଧମକାଇବା, ସେହିପରି ନବ ଦାସଙ୍କୁ ଯଦି ଗୋପାଳ ମାରିଥାଏ, ତାହେଲେ ବିଜେଡ଼ିର ପ୍ରଶ୍ନର ଉତ୍ତର ସେଇଠି ହିଁ ଅଛି । ପୋଲିସ କଣ, ସେତେବେଳର ସରକାର କଣ ଏବଂ ଘଟଣା କଣ ? ଅନ୍ତତଃ ବିଜେପି ସରକାରରେ ତାହା ଦେଖିବାକୁ ମିଳି ନାହିଁ କି ମିଳିବ ନାହିଁ । ମମିତା ମେହେର, ସ୍ମିତା ବିଶ୍ୱାଳ ଘଟଣାରେ ବିଜେଡି ନେତାଙ୍କ ପ୍ରତ୍ୟକ୍ଷ ସଂପୃକ୍ତି ରହିଥିଲା । ସେଠି ପୋଲିସ ବାଟବଣା ହୋଇଛି । କାର୍ଯ୍ୟାନୁଷ୍ଠାନ ନେଇନି କିମ୍ବା ତଦନ୍ତ ମଧ୍ୟ କୌଣସି ସିଦ୍ଧାନ୍ତରେ ପହଂଚିନାହିଁ । ଏହା ଗୋଟିଏ ଗୋଟିଏ ଉଦାହରଣ । ପୋଲିସକୁ ନିୟନ୍ତ୍ରଣ କରୁଥିଲା ସେତେବେଳର ବିଜେଡି ସରକାର । ହେଲେ ବିଜେପି ସରକାର ସେସବୁରେ ସୁଧାର ଆସିଛି । ଆଗକୁ ପୁରା ସୁଧୁରିବ । ଯେଉଁ ପୋଲିସ ମାନମନି କରିବ ତା ଉପରେ କାର୍ଯ୍ୟାନୁଷ୍ଠାନ ନେବ ଏ ସରକାର । କାହାକୁ ଛଡ଼ା ଯିବ ନାହିଁ । ବିଜେଡି ସରକାର ଅରାଜକତାର ପୁନରାବୃତ୍ତି ହେବ ନାହିଁ ବିଜେପି ସରକାର ସମୟରେ ବୋଲି ରାଜ୍ୟ ବିଜେପି ଓବିସି ମୋର୍ଚ୍ଚର ସଭାପତି ସୁରଥ ବିଶ୍ୱାଳ ।

## ଆବାସ ଯୋଜନା ଘର ସାତସପନ
## ପର ଘରେ କଟୁଛି ଅସହାୟ ବୃଦ୍ଧା ସଇତଙ୍କ ରାତି

ବୌଦ୍ଧ(ଭାସ୍କର ନ୍ୟୁଜ): ରାଜ୍ୟ ଓ କେନ୍ଦ୍ର ସରକାର ଆଗାମୀ ୨୦୨୫ ସୁଦ୍ଧା ପ୍ରତ୍ୟେକ କଚ୍ଚା ଘରକୁ ପକ୍କା ଘର କରିବା ପାଇଁ ଯୋଜନା ରଖିଥିବା ବେଳେ ଏଥିପାଇଁ ଗରିବ ଖଟିଖିଆଙ୍କ ମନରେ ଖୁସି ସଞ୍ଚାର ହୋଇଥିଲା । ହେଲେ ଯେଉଁ ପ୍ରକ୍ରିୟାରେ ଏହି ତାଲିକା ପ୍ରକାଶ ପାଇଛି ସେଥିରେ କେବଳ ଧନୀ ଓ ପକ୍କା ଘରଥିବା ଲୋକ ଘର ପାଉଥିବା ବେଳେ ଗରିବ ଲୋକ ଏଥିରେ ପ୍ରଭାବିତ ହେଉଛନ୍ତି । ଏଭଳି ଏକ ଜ୍ୱଳନ୍ତ ଉଦାହରଣ ବୌଦ୍ଧ ବ୍ଲକ ଖୁଂଟବନ୍ଧ ପଞ୍ଚାୟତ ଜହ୍ନକ୍ଷପଙ୍କ ଗାଁର ସଇତ ପ୍ରଧାନଙ୍କୁ ଦେଖିଲେ ସ୍ପଷ୍ଟ ବାରି ହେଉଛି । ସଇତଙ୍କ ବୟସ ୭୮ । ସ୍ୱାମୀ ମାଧବ ପ୍ରଧାନ ୧୨ ବର୍ଷ ପୂର୍ବେ ଆରପାରିରେ । ତିନି ପୁଅ ବାହା ହୋଇ ସାରିଛନ୍ତି । ମଝିଆଁ ପୁଅ ହରି ଅନ୍ୟତ୍ର ରହୁଥିବା ବେଳେ ବଡ଼ ପୁଅ ମୋହନ ଓ ଭଗବାନ ଗାଁ ରେ ରୁହନ୍ତି । କିଛି ବର୍ଷ ସାନ ପୁଅ ଖାଇବାକୁ ଦେଲା ପରେ ଏବେ ସଇତ ଅଲଗା ରହୁଛନ୍ତି ।



ସଇତଙ୍କୁ ବାର୍ଦ୍ଧକ୍ୟ ଭତ୍ତା ୧୦୦୦ ଟଙ୍କା ଓ ୫ କିଲୋ ଚାଉଳ ମିଳୁଛି । ଏତିକିରେ ବହୁ କଷ୍ଟେମଷ୍ଟେ ଚଳୁଥିଲେ ।ତେବେ ଗତ ୬ ମାସ ହେଲା ଭତ୍ତା ମିଳୁନ ଥିବାରୁ ସେ ଭାରି କଷ୍ଟରେ ଚଳୁଛନ୍ତି । ସେ ରହୁଥିବା ଘରେ କେବଳ ରୋଷେଇ କରି ଖାଆନ୍ତି କିନ୍ତୁ ମୁଣ୍ଡ ଗୁଞ୍ଜିବାକୁ ଜାଗା ନ ଥିବାରୁ ପର ଘରେ ରାତି କଟେ । ସୌଭାଗ୍ୟ ଯୋଜନାରେ ଗାଁ ରେ ସମସ୍ତ ପରିବାର ଙ୍କୁ ବିଦ୍ୟୁତ୍ ସଂଯୋଗ ହୋଇ ଥିବା ବେଳେ ତାଙ୍କୁ ସଂଯୋଗ ମିଳିନାହିଁ ।ଫଳରେ ରାତି ଟର୍ଚ୍ଚ ଆଲୁଅରେ ଖାଉଥିବା ବେଳେ ବାକି ସମୟ ଅନ୍ଧାର ରେ ବିତୁଛି । ତେବେ ଜୁଲାଇ ୨୦୨୧ ମସିହାରେ ଗାଁ ରି କିରୋସିନି ଡିଲର ଉଠିଯିବାରୁ କିରୋସିନି ମିଳୁ ନାହିଁ । ପରିତାପର ବିଷୟ ଗାଁରେ ପକ୍କା ଘର ଥିଲା ବାଲାକୁ ଘର ମିଳୁଥିବା ବେଳେ ଗରିବଙ୍କ ପାଇଁ ଆକାଶ କଇଁଆ ଚିଲିକା ମାଛ ସଦୃସ ହୋଇଛି ।ତେବେକେଉଁ କାରଣରୁ ତାଙ୍କୁ ଆବାସ ଯୋଜନାରେ ଘର ମିଳିନାହିଁ ତାର ଖିଅ ସେ ଖୋଜି ପାଆନ୍ତି ନାହିଁ ।ଅନ୍ୟ ପକ୍ଷରେ ଗାଁରେ ଘର ନକରି ବିଲ ଉଠଇ ନେଇଥିବା, ସମାନ ହିତାଧିକାରି ଘର ହାତେଇଥିବା ଭଳି ବୌଦ୍ଧ ବିଡ଼ିଓ,ପିଡ଼ିଡ଼ିଆରଡିଏ, ଜିଲ୍ଲାପାଳଙ୍କଠାରେ ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରଶାସନ ତଦନ୍ତ ହେଉଥିବା ନାଁ ରେ ବିଭାଗୀୟ ଅଧିକାରୀଙ୍କ ଢାଲ ସାଜିଛି ।

## ହର ଘର ତିରଙ୍ଗା ଓ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ

କେନ୍ଦୁଝର (ଭାସ୍କର ନ୍ୟୁଜ): ଜନସାଧାରଣଙ୍କ ମଧ୍ୟରେ ଦେଶଭକ୍ତି ଏବଂ ଜନ ଭାଗୀଦାରୀକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ, କେନ୍ଦୁଝର ଜିଲ୍ଲା ପ୍ରଶାସନ ସମଗ୍ର ଜିଲ୍ଲାରେ ହର ଘର ତିରଙ୍ଗା ଓ ସ୍ୱଚ୍ଛତା ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରୁଛି । ଏହି ପରିପ୍ରେକ୍ଷୀରେ ଆଜି କଲେକ୍ଟରେଟ୍ କ୍ୟାମ୍ପସରେ ବିଭିନ୍ନ ଅଧିକାରୀ, କର୍ମଚାରୀ ଏବଂ ସ୍ୱେଚ୍ଛାସେବକମାନେ ଏକ ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଜନସାଧାରଣଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ସ୍ୱାଗତଯୋଗ୍ୟ ପରିବେଶ ସୁନିଶ୍ଚିତ କରିଥିଲେ । ଆହୁରିମଧ୍ୟ ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ କେନ୍ଦୁଝରର ପ୍ରମୁଖ ପର୍ଯ୍ୟଟନ ସ୍ଥଳଗୁଡ଼ିକର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ବିଶେଷ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ସଫେଇ କାର୍ଯ୍ୟକ୍ରମରେ କେନ୍ଦୁଝରଗଡ଼ ପୌରାଧକ୍ଷା ନିକୁ ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାଏକ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ, ଲଳିତ ନାଏକ ପ୍ରମୁଖଙ୍କ ସମେତ କେନ୍ଦୁଝରଗଡ଼ ପୌରପାଳିକାର ସମସ୍ତ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନ ତରଫରୁ ଏହି ଅଭିଯାନର ଅଂଶ ସ୍ୱରୂପ ନାଗରିକମାନଙ୍କୁ ସେମାନଙ୍କ ଘରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଏକତା ଏବଂ ଗର୍ବର ବାର୍ତ୍ତା ପ୍ରସାର କରିବା ପାଇଁ ତ୍ରିରଙ୍ଗା ସହିତ ସେଲ୍ଫି ଅପଲୋଡ୍ କରିବାକୁ ଅନୁରୋଧ କରାଯାଇଛି । ସୂଚନାଯୋଗ୍ୟ ଆମ କେନ୍ଦୁଝରର ସ୍ଥାନୀୟ କାରିଗରୀର ସ୍ପର୍ଶ ଯୋଡ଼ି, ମିଶନ ଶକ୍ତି ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସକ୍ରିୟ ଭାବରେ ଜାତୀୟ ପତାକା ପ୍ରସ୍ତୁତ କରୁଛନ୍ତି, ଯାହା ଦେଶପ୍ରେମ ଏବଂ ମହିଳା ସଶକ୍ତିକରଣ ଉଭୟର ପ୍ରତୀକ । କେନ୍ଦୁଝର ଜିଲ୍ଲା ପ୍ରଶାସନ ହର ଘର ତିରଙ୍ଗା ଅଭିଯାନକୁ ସଫଳ କରିବା ପାଇଁ ପୂର୍ଣ୍ଣ ପ୍ରୟାସ ଚଳାଇବା ସହ ସ୍ୱାଧୀନତା ଦିବସ ପୂର୍ବରୁ ପ୍ରତ୍ୟେକ ଘର, କାର୍ଯ୍ୟାଳୟ ଏବଂ ସାର୍ବଜନୀନ ସ୍ଥାନ ସ୍ୱାଧୀନତା ଏବଂ ପରିଷ୍କାରତାର ଭାବନା ସହିତ ପ୍ରତିଧ୍ୱନିତ କରିବା ପାଇଁ କେନ୍ଦୁଝର ଜିଲ୍ଲାବାସୀଙ୍କୁ ନିବେଦନ କରିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୁରୁଷ ବନ୍ଧୁ...

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଛନ୍ତି । ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ପୁଅଙ୍କ ସହ ଛାତ୍ରୀଙ୍କର ପ୍ରେମ ସଂପର୍କ ରହିଥିଲା । ଛାତ୍ରୀଙ୍କ ଘରଲୋକେ ତାଙ୍କୁ ମାରପିଟ କରୁଥିବା ମଧ୍ୟ ଏତଲାରେ ଉଲ୍ଲେଖ କରାଯାଇଛି । ନିଜ ପୁଅକୁ ନିର୍ଦ୍ଦୋଷ ବୋଲି ଦାବି କରି ପଟ୍ଟାମୁଣ୍ଡାଇ ଥାନା ଆଗରେ ଧାରଣାରେ ବସିଛନ୍ତି ପରିବାର । ଏପରିକି ତାଙ୍କ ପୁଅକୁ ନ ଛାଡ଼ିଲେ ପରିବାର ସମୂହ ଆତ୍ମାହୂତି ଦେବେ ବୋଲି ଧମକ ଦେଇଛନ୍ତି । ପ୍ରମୋଦଙ୍କ ବାପା ଗଣେଶ୍ୱର ବେହେରା କହିଛନ୍ତି ଯେ ତାଙ୍କ ପୁଅକୁ କେନ୍ଦ୍ରାପଡ଼ା ପୋଲିସ ବିନା କାରଣରେ ଚେନ୍ନାଇରୁ ଉଠାଇ ଆଣିଛି । ଛାତ୍ରୀଙ୍କୁ ତାଙ୍କ ପରିବାର ଲୋକେ ମାରି ଦେଇଥିବା ସେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ ଗତ ୬ ତାରିଖ ଦିନ ଛାତ୍ରୀଜଣକ ଏକ ବନ୍ଦ କୋଠରୀରେ ନିଜ ଘରେ ଜଳି ଯାଇଥିଲେ । ତେବେ ପୋଷ୍ଟମର୍ଟମ ରିପୋର୍ଟ ଆସିଲେ ଘଟଣାର ସତ୍ୟାସତ୍ୟ ଅଧିକ ଫିଟିବ ବୋଲି କୁହାଯାଉଛି ।

### ବିକାଶ ସହ...

ରୋଗୀମାନଙ୍କ ପାଇଁ ଯେପରି ଅକ୍ସିଜେନର ଅଭାବ ନହେବ ସେଥିନିମନ୍ତେ ସ୍ୱତନ୍ତ୍ର ଅକ୍ସିଜେନ୍ ପ୍ଲାଣ୍ଟ ବସାଯାଉଛି । ଏହି ହସ୍‌ପିଟାଲ ସଂଲଗ୍ନ ୨ ଏକର ପରିମିତ ଜାଗାରେ କ୍ୟାନ୍ସର ଚିକିତ୍ସା ହସ୍‌ପିଟାଲ ମଧ୍ୟ ନିର୍ମାଣ କରାଯାଉଛି । ଏଥିପାଇଁ ଆମ ସରକାର ପ୍ରାୟ ୪୧ କୋଟି ୧୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି ବୋଲି ସେ କହିଥିଲେ । ଆମ ସରକାର ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଗୁ କରିଛନ୍ତି । ବର୍ତ୍ତମାନ ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ କାର୍ଯ୍ୟ କରୁଛି । ଏହା ମାଧ୍ୟମରେ ଆମ ରାଜ୍ୟର ୩ କୋଟି ୪୬ ଲକ୍ଷ ଅର୍ଥାତ୍ ୮୦ ପ୍ରତିଶତ ଲୋକ ଉପକୃତ ହେଉଛନ୍ତି । ବର୍ତ୍ତମାନ ସୁଦ୍ଧା ଏହି ଦୁଇଟି ଯୋଜନାରେ ରାଜ୍ୟର ପ୍ରାୟ ୩ ଲକ୍ଷ ୯୧ ହଜାର ହିତାଧିକାରୀମାନଙ୍କ ପାଇଁ ୯୦୦ କୋଟି ଟଙ୍କାର ଚିକିତ୍ସା ସୁବିଧା ପ୍ରଦାନ କରାଯାଇଛି । ସେହିଭଳି ଧନୀ, ଗରିବ ନିର୍ବିଶେଷରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ୮୬୪୪ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୩୫ କୋଟି ୬୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ନିରନ୍ତର ବିକାଶ ଧାରାରେ ଆଜି କୋରାପୁଟ ଜିଲ୍ଲା ମଧ୍ୟ ସାମିଲ ହୋଇଛି । ବର୍ତ୍ତମାନ ରାଜ୍ୟର ଜନସାଧାରଣଙ୍କ ସହିତ ଆମ କୋରାପୁଟବାସୀ ମଧ୍ୟ ଦେଶର ବଡ଼ ବଡ଼ ସହରରେ ଥିବା ପ୍ରାୟ ୨୯ ହଜାରରୁ ଊର୍ଦ୍ଧ୍ୱ ତାଲିକାଭୁକ୍ତ ଘରୋଇ ହସ୍‌ପିଟାଲରେ ମାଗଣା ସ୍ୱାସ୍ଥ୍ୟସେବା ପାଉଛନ୍ତି । ପ୍ରତି ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟମାନଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ବ୍ୟବସ୍ଥା କରାଯାଇଛି । କୋରାପୁଟ ଜିଲ୍ଲାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା - ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅନ୍ତର୍ଗତ ଏପର୍ଯ୍ୟନ୍ତ ୩ ଲକ୍ଷ ୫୪୭ଟି କାର୍ଡ ବଣ୍ଟନ କରାଯାଇଛି । ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଅଧୀନରେ ୯ ହଜାର ୬ ଜଣ ହିତାଧିକାରୀ ମାନେ ଏପର୍ଯ୍ୟନ୍ତ ପଂଜୀକୃତ ହୋଇଛନ୍ତି । ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମାତ୍ର ଏକ ବର୍ଷର ସରକାରରେ ଅନେକ କିଛି କାର୍ଯ୍ୟ ହୋଇଛି ସବୁ କ୍ଷେତ୍ରରେ । ଏହି କାର୍ଯ୍ୟ ଆହୁରି ଅଧିକ ଗତିରେ ତ୍ୱରାନ୍ୱିତ ହେବ । ଆମ ସରକାର ହେଉଛି ଲୋକଙ୍କ ସରକାର । ୨୦୩୬ ମସିହାରେ ସମୃଦ୍ଧ ଓଡ଼ିଶା ଗଠନ ସହ ୨୦୪୭ ମସିହା ବେଳକୁ ବିକଶିତ ଭାରତ ଗଠନରେ ଓଡ଼ିଶାକୁ ଅଗ୍ରଣୀ ସ୍ଥାନରେ ପହଞ୍ଚାଇବା ପାଇଁ ଆମ ସରକାର ଅହରହ ପ୍ରଚେଷ୍ଟା ଜାରି ରଖିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ଶିଳ୍ପ, ନୂଆ ରୋଜଗାର ସୁବିଧା ସୃଷ୍ଟି, ନିରନ୍ତର ଆର୍ଥିକ ବିକାଶ ଆଦି କ୍ଷେତ୍ରରେ ସାରା ଓଡ଼ିଶାରେ ନୂଆ ଯୁଗର ଆରମ୍ଭ ହୋଇଛି । ଏ ସବୁଥିରେ କୋରାପୁଟ ଜିଲ୍ଲାକୁ ସାମିଲ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ ଅବସରରେ ସ୍ୱାସ୍ଥ୍ୟ ତଥା ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେଯେ, କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ ସେବା ବିକାଶ ଇତିହାସରେ ଆଜି ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ି ହେଉଛି । ଆଜିର ଏହି ଶୁଭ ଅବସରରେ ୨୮୦ କୋଟି ଟଙ୍କା ବ୍ୟୟରେ ୬୫୦ ଶଯ୍ୟା ବିଶିଷ୍ଟ ନୂଆ ହସ୍‌ପିଟାଲ ଉଦ୍‌ଘାଟନ ଅବିଭକ୍ତ କୋରାପୁଟ ଜିଲ୍ଲାର ସ୍ୱାସ୍ଥ୍ୟ ସେବା ପାଇଁ ଏକ ଅନନ୍ୟ ପ୍ରାରମ୍ଭ । ସମସ୍ତ ସ୍ୱାସ୍ଥ୍ୟସେବା କେନ୍ଦ୍ର, ସରକାରୀ ଡାକ୍ତରଖାନା, ମେଡ଼ିକାଲ୍ କଲେଜ ଏବଂ ହସ୍‌ପିଟାଲ ଆଦିରେ ନୂଆ ଭିତ୍ତିଭୂମି ସହ ରୋଗୀ-କୈନ୍ଦ୍ରିକ ସେବା ବ୍ୟବସ୍ଥା ସୃଷ୍ଟି କରାଯାଉଛି । ହସ୍‌ପିଟାଲଗୁଡ଼ିକର ନବୀକରଣ କରାଯାଉଛି । ଏ ସବୁ ପାଇଁ ଆମ ସରକାର ଅଙ୍ଗୀକାରବଦ୍ଧ । ଏହି ପଦକ୍ଷେପ ଫଳରେ ରାଜ୍ୟର ସବୁ ଆଞ୍ଚଳର ବିକାଶ ସନ୍ତୁଳିତ ଭାବେ ହୋଇ ପାରିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା - ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ ସେବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ସମାରୋହରେ କୋରାପୁଟ ବିଧାୟକ ରଘୁରାମ ମାଛ ସ୍ୱାଗତ ଭାଷଣ ଦେଇଥିଲେ । ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ରକ୍ତଦାନ ଶିବିର ଉଦ୍‌ଘାଟିତ



ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ସଦରମହକୁମା କେସି ମଣ୍ଡପରେ ଶନିବାର ଦିନ ବିଧାୟକ ଧ୍ରୁବ ସାହୁଙ୍କ ସଂଯୋଜନାରେ ତାଙ୍କର ସ୍ୱର୍ଗତ ପିତା ଧନେଶ୍ୱର ସାହୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମେଘା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି ।ଏହି ଶିବିରକୁ ରାଜନଗର ଥାନା ଆଇଆଇସି ନରେଶ କୁମାର ସାହୁ ଶିବିରକୁ ଉଦଘାଟନ କରିଥିବା ବେଳେ ବିଧାୟକ ଶ୍ରୀଯୁକ୍ତ ସାହୁ ରକ୍ତଦାନ ଶିବିରକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ତଦାରଖ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।ଏହି ଶିବିରରେ ୧୦୫ ଇଉନିଟ ରକ୍ତ ସଂଗ୍ରହ କରାଯାଇଥିଲା ।ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀ ରଶ୍ମିରଞ୍ଜନ ମହାନ୍ତି,ଡାକ୍ତର ବିଶ୍ୱଜିତ ବେହେରା, ଡାକ୍ତର ସମ୍ରାଟ ଜେନା ପ୍ରମୁଖ ରକ୍ତ ଦାତାଙ୍କ ଠାରୁ ରକ୍ତ ସଂଗ୍ରହ କୁ ତଦାରଖ କରିଥିଲେ ।ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଗୁଡ଼ିଆ, ବିଜେଡି ବ୍ଲକ ସଭାପତି ନିରଞ୍ଜନ ରାଉତ, ଛାତ୍ର ନେତା ବୈବର୍ତ୍ତ ବିଶ୍ୱାଳ, ବିଜେଡି ମହିଳା ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ, ସରପଞ୍ଚ ସସ୍ମିତା ମହାନ୍ତି,ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ପଟାମୁଣ୍ଡାଇ ପୈ।ରାଧ୍ୟକ୍ଷ ହେମନ୍ତ କୁମାର ସାହୁ ଉପସ୍ଥିତ ରହି ଉକ୍ତ ଶିବିରକୁ ପରିଚାଳନା କରିଥିଲେ ।ଏଥି ସହିତ ସମ୍ବାଦ ପକ୍ଷରୁ ମିଳିତ ଭାବେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।ଏହି ପରିପ୍ରେକ୍ଷୀରେ ଟ୍ରଷ୍ଟ ପକ୍ଷରୁ କୃତି ଛାତ୍ର ଛାତ୍ରୀ ଓ ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ESAF
ESAF SMALL FINANCE BANK
REGD. OFFICE: ESAF Bhavan, Mannuthy, Thrissur- 680 651, Kerala.

GOLD AUCTION NOTICE

Notice is hereby given for the information of all concerned that Gold ornaments pledged with ESAF Small Finance Bank and not redeemed by borrowers, despite repeated reminders and notices, of our branches, are listed below. This will be auctioned as per the details given below:

DATE OF AUCTION: 20-08-2025 TIME: 2 PM TO 5 PM
AUCTION VENUE: THROUGH E-AUCTION
AUCTION ADDRESS: https://gold.matexnet.org/
Contact No: 9944171360 / 9843312694

To register as bidder for the e-Auction with terms and conditions, and full details of e-Auction please visit the above site.

BRANCHES & LOAN ACCOUNT NUMBERS

BALANGIR: 63240000346156, 359612, 63250000233370, 235816, 260278, 329620, 363785, 366399, 381800, 437056, 452237, 75240001260043, 1956904, 2003771, 4789885, BHUBANESHWAR: 63240000181165, 63250000227612, 409260, CUTTACK: 63240000385902, 386350, 760896, 63250000394505, 75240002186844, 2542925, JAJPUR: 63250000329530, JEYPORE: 63230000516496, 63250000312772, 388137, 75230001614187, 75240002246983, 3740785, NABRANGPUR: 63240000385322, NAYAGARH: 63250000204805, 264561, 284093, 340048, 344341, 404669, 75240004845141, TALCHER: 63250000289994, 324459, 398668, 442266, 75240002212867, 4483131, 4630715.

Customers who are interested to release the ornaments by paying the total due amount may do so, at the respective branches, on or two days before the date of the auction.
Bidders who wish to participate in the auction shall produce their KYC documents. GST No. is mandatory for registered firms/companies. Bidders shall deposit a sum of **Rs.50,000** as EMD before participating in the auction.

Place: Thrissur
Date: 11-08-2025
Sd/-
Authorized Signatory

## ଜଳେଶ୍ୱର ସବ୍‌ଜେଲରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ




ଜଳେଶ୍ୱର(ଭାସ୍କର ନ୍ୟୁଜ):ଭାରତ ସରକାରଙ୍କର ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଦ୍ୱାରା ଆୟୋଜିତ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଜଳେଶ୍ୱର ବିକାଶ ପରିଷଦ ସହଯୋଗରେ ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଜଳେଶ୍ୱର ସବ୍ ଜେଲ ପରିସରରେ ଜେଲର ଅନ୍ତେବାସୀ ମାନଙ୍କୁ ରାକ୍ଷୀ, ଜାତୀୟ ପତାକା ଓ ମିଷ୍ଟାନ୍ନ ବଣ୍ଟନ ସହିତ ସମୂହ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜଳେଶ୍ୱର ବିକାଶ ପରିଷଦର ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ପାଦକ ମନୋରଞ୍ଜନ ଦାସ୍, ଉପସଭାପତି ଅଶୋକ ଦାସ୍, କୋଷାଧ୍ୟକ୍ଷ ସୌଭିକ୍ ଜେନା, ସମାଜ ସେବୀ ମଧୁସୂଦନ ଜେନା, ସିଦ୍ଧେଶ୍ୱର ବେହେରା, ଶିକ୍ଷକ ସୁଶାନ୍ତ କୁମାର ଦାସ୍, ଶ୍ରୀପତି ଘୋଷ, ଗାର୍ଗୀ ବେହେରା, ଗୀତାଞ୍ଜଳି ବେହେରା ଓ ସାବିତ୍ରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।ସବ୍ ଜେଲର ପ୍ରକାଶ କୁମାର ରଣା ଏବଂ ସମସ୍ତ ଜେଲ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମକୁ ତଦାରକଖ କରିଥିଲେ ।

**ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍**
IDFC FIRST Bank
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୍୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆର୍‌ଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬ ୪୦୦୦ । ଫାକ୍ସ: +୯୧ ୪୪ ୪୫୬୪ ୪୦୨୨

**ସର୍ବସାଧାରଣ ନୋଟିସ୍**
**ସୁନା ନିଲାମ ତଥା ଆମନ୍ତ୍ରଣ ନୋଟିସ୍**

ନିମ୍ନଲିଖିତ ରଣଗ୍ରହୀତାମାନେ ଆଇଡିଏଫ୍‌ସି ଫାଷ୍ଟବ୍ୟାଙ୍କ ଲିମିଟେଡରୁ ସୁନା ବଦଳରେ ନେଇଥିବା ଋଣ ବାରମ୍ବାର ନୋଟିସ୍ ସତ୍ତ୍ୱେ ପରିଶୋଧ କରୁନାହାନ୍ତି । ଯେହେତୁ ଋଣଗ୍ରହୀତା ଏହି ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ତେଣୁ ଆମେ ଆସନ୍ତା ୧୯.୦୮.୨୦୨୫ରେ ସେହି ସୁନାଗହଣାଗୁଡ଼ିକୁ ନିଲାମ କରିବା ପାଇଁ ନିଷ୍ପତ୍ତି ନେଇଛୁ । ଯଦି ନିଲାମ ସମୟରେ ଅଧିକ ଅର୍ଥ ମିଳେ ତେବେ ଋଣଗ୍ରହୀତାଙ୍କୁ ବଳକା ଅର୍ଥ ଫେରସ୍ତ କରାଯିବ, ଯଦି ନିଲାମ ଅର୍ଥରେ କମ୍ ଆସେ ତେବେ ବାକିତକ ଅର୍ଥ ଆଇନଗତ ଉପାୟରେ ଋଣଗ୍ରହୀତାଙ୍କଠାରୁ ଆଦାୟ କରାଯିବ । ଆଇଡିଏଫସି ଫାଷ୍ଟବ୍ୟାଙ୍କ କୌଣସି ବିନା ସୂଚନାରେ ତାଙ୍କର ଏକାଉଣ୍ଟକୁ ରିମୁଭ୍ କରିପାରନ୍ତି । ସେହିପରି ଆଇଡିଏଫସି ଫାଷ୍ଟବ୍ୟାଙ୍କ ବିନା ନୋଟିସରେ ନିଲାମ ତାରିଖକୁ ପରିବର୍ତ୍ତନ କରିବାର ଅଧିକାର ରଖିଛନ୍ତି ।

| ଋଣ ଏକାଉଣ୍ଟ ନଂ | ଋଣଗ୍ରହୀତାଙ୍କ ନାମ | ଶାଖାର ନାମ |
|---|---|---|
| ୧୬୬୨୦୧୩୧୦ | ମନୋରଞ୍ଜନ ସାହୁ | ବରମୁଣ୍ଡା ଶାଖା |

୧୯.୦୮.୨୦୨୫ ପୂର୍ବାହ୍ନ ୧୨ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନିଲାମ ପ୍ରକ୍ରିୟା https://idfcegold.auctiontiger.net/ ଏବଂ ୧୯.୦୮.୨୦୨୫ ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ http://gold.samil.in ମାଧ୍ୟମରେ କରାଯିବ । ତେଣୁ ଏହି ନୋଟିସ ପ୍ରକାଶନ ଜରିଆରେ ଋଣଗ୍ରହୀତାମାନଙ୍କୁ ଶେଷ ନୋଟିସ ଓ ଶେଷ ସୁଯୋଗ ପ୍ରଦାନ କରାଯାଉଅଛି ଯେ ସେମାନେ ଋଣ ପରିଶୋଧ କରିବାର ସୁବିଧା ନିଅନ୍ତୁ, ଯାହାକି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ସହ ରହିଛି । ତେବେ ଯଦି ଋଣଗ୍ରହୀତା ବିଫଳ ହୁଅନ୍ତି ତାଙ୍କ ବନ୍ଧକ ଗହଣାକୁ ନିଲାମ କରାଯିବ । ଦୟାକରି ନୋଟ୍ କରନ୍ତୁ: ଯଦି କୌଣସି କାରଣ ପାଇଁ ଉକ୍ତଦିନ ଏହି ନିଲାମ ସଂପୂର୍ଣ୍ଣ ହୋଇନପାରେ ତେବେ ପରବର୍ତ୍ତୀ ୭ଦିନ ମଧ୍ୟରେ ସମାନ ନିୟମ ଓ ସର୍ତ୍ତ ଅନୁଯାୟୀ ଆଉଥରେ ନିଲାମ ତାରିଖ ଘୋଷଣା କରାଯିବ । ଯଦି ଋଣଗ୍ରହୀତାଙ୍କର ମୃତ୍ୟୁ ହୋଇଥାଏ ତେବେ ଏହି ସମସ୍ତ ନିୟମ ତାଙ୍କର ଉତ୍ତରାଧିକାରୀଙ୍କ କ୍ଷେତ୍ରରେ ଲାଗୁ କରାଯିବ ।
**ତାରିଖ: ୧୧.୦୮.୨୦୨୫, ସ୍ଥାନ: ବରମୁଣ୍ଡା**



ନୂଆଦିଲ୍ଲୀ: ସିବିଏସଇ ଏବେ ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷାର ଉତ୍ତର ଖାତା ଡିଜିଟାଲ ଭାବରେ ମୂଲ୍ୟାଙ୍କନ କରିବ। ଏଥିପାଇଁ ଗୋଟିଏ କିମ୍ବା ଅଧିକ ଏଜେନ୍ସି ଚୟନ କରାଯିବ ବୋଲି ସିବିଏସଇର ପରିଚାଳନା ପରିଷଦ ବୈଠକରେ ଏଭଳି ନିଷ୍ପତ୍ତି ହୋଇଛି। ନିଆଯାଇଥିବା ଏହି ନିଷ୍ପତ୍ତିରେ, ବୋର୍ଡର ବିଭିନ୍ନ ଆଞ୍ଚଳିକ କାର୍ଯ୍ୟାଳୟରେ କିଛି ବିଷୟରେ ପାଇଲଟ୍ ପ୍ରୋଜେକ୍ଟ ସମାପ୍ତ ହେବା ପରେ ହିଁ ଦଶମ-ଦ୍ୱାଦଶର ସମସ୍ତ ବିଷୟରେ ମୂଲ୍ୟାଙ୍କନ କାର୍ଯ୍ୟକାରୀ କରାଯାଇପାରିବ ବୋଲି ସଦସ୍ୟମାନେ ପରାମର୍ଶ ଦେଇଛନ୍ତି। ସିବିଏସଇ ନିଷ୍ପତ୍ତି ନେଇଛି ଯେ, ଉତ୍ତର ପତ୍ରର ଡିଜିଟାଲ୍ ମୂଲ୍ୟାଙ୍କନ ପାଇଁ, ଏପରି ଏଜେନ୍ସିଗୁଡ଼ିକୁ ଚୟନ କରାଯିବ ଯାହାଙ୍କ ପାଖରେ ସ୍କୁଲ ବୋର୍ଡ, ବିଶ୍ୱବିଦ୍ୟାଳୟ କିମ୍ବା କେନ୍ଦ୍ର/ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ପରୀକ୍ଷା ସଂସ୍ଥା ଦ୍ୱାରା ପରିଚାଳିତ ପରୀକ୍ଷାରେ ଉତ୍ତର ପତ୍ରର ଡିଜିଟାଲ୍ ମୂଲ୍ୟାଙ୍କନର ଭଲ ଅଭିଜ୍ଞତା ରହିଥିବ।

## ନବନିର୍ମିତ ଫ୍ଲାଟ୍ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ସକାଳ ପ୍ରାୟ ୧୦ଟାରେ ନୂଆଦିଲ୍ଲୀର ବାବା ଖରକ ସିଂହ ମାର୍ଗରେ ସାଂସଦ ମାନଙ୍କ ପାଇଁ ୧୮୪ଟି ନବନିର୍ମିତ ଟାଇପ୍-VII ବହୁତଳ ଫ୍ଲାଟ୍ ଉଦଘାଟନ କରିବେ। ଏହି ଅବସରରେ, ପ୍ରଧାନମନ୍ତ୍ରୀ ଆବାସିକ ପରିସରରେ ଏକ ସିନ୍ଦୁର ଚାରା ରୋପଣ କରିବେ। ଶ୍ରମଜୀବୀମାନଙ୍କ ସହ ପ୍ରଧାନମନ୍ତ୍ରୀ ଏହି ଅବସରରେ ଆଲୋଚନା କରିବେ । ଏଥିସହିତ ପ୍ରଧାନମନ୍ତ୍ରୀ ସମାବେଶକୁ ମଧ୍ୟ ସମ୍ବୋଧିତ କରିବେ। ଏହି କମ୍ପ୍ଲେକ୍ସକୁ ସ୍ୱୟଂପରିପୂର୍ଣ୍ଣ ହେବା ପାଇଁ ଡିଜାଇନ୍ କରାଯାଇଛି ଏବଂ ଏଥିସହିତ ସଂସଦର ସଦସ୍ୟଙ୍କ କାର୍ଯ୍ୟକାରୀ ଆବଶ୍ୟକତାକୁ ପୂରଣ କରିବା ପାଇଁ ସମ୍ପୂର୍ଣ୍ଣ ଆଧୁନିକ ସୁବିଧା ସହ ଏହା ସଜ୍ଜିତ । ସବୁଜ ପ୍ରଯୁକ୍ତି ଆଧାରରେ ପ୍ରକଳ୍ପଟି ଏଜଓଐଇ ୩-ତାରକା ରେଟିଂର ମାନଦଣ୍ଡ ପାଳନ କରୁଛି ଏବଂ ଜାତୀୟ ଭବନ ସଂହିତା (ଘଈଉ) ୨୦୧୬ ସହିତ ମଧ୍ୟ ସମନ୍ୱୟ ରକ୍ଷା କରୁଛି । ଏହି ପରିବେଶଗତ ସ୍ଥାୟୀ ବୈଶିଷ୍ଟ୍ୟଗୁଡ଼ିକ ଶକ୍ତି ସଂରକ୍ଷଣ, ନବୀକରଣୀୟ ଶକ୍ତି ଉତ୍ପାଦନ ଏବଂ ପ୍ରଭାବଶାଳୀ ବର୍ଜ୍ୟ ପରିଚାଳନାରେ ଯୋଗଦାନ ଦେବ ବୋଲି ଆଶା କରାଯାଉଛି । ସଂସଦ ସଦସ୍ୟଙ୍କ ପାଇଁ ପର୍ଯ୍ୟାପ୍ତ ବାସଗୃହ ଅଭାବ ହେତୁ ଏହି ପ୍ରକଳ୍ପ ବିକାଶର ଆବଶ୍ୟକ ହୋଇଥିଲା । ସୀମିତ ଜମି ଉପଲବ୍ଧତା ଯୋଗୁଁ, ଭୂମି ବ୍ୟବହାରକୁ ଉନ୍ନତ କରିବା ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚକୁ ହ୍ରାସ କରିବା ଲକ୍ଷ୍ୟରେ ଭୂଲମ୍ବ ଗୃହ ବିକାଶ ଉପରେ ନିରନ୍ତର ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ଆବାସିକ ୟୁନିଟ୍ ପ୍ରାୟ ୫,୦୦୦ ବର୍ଗଫୁଟ କାର୍ପେଟ କ୍ଷେତ୍ର ପ୍ରଦାନ କରୁଛି, ଯାହା ଆବାସିକ ଏବଂ ସରକାରୀ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ସ୍ଥାନ ପ୍ରଦାନ କରୁଛି । କାର୍ଯ୍ୟାଳୟ, କର୍ମଚାରୀ ବାସସ୍ଥାନ ଏବଂ ଏକ ଗୋଷ୍ଠୀ କେନ୍ଦ୍ର ପାଇଁ ସମର୍ପିତ କ୍ଷେତ୍ର ରହିଥିବାରୁ ସଂସଦର ସଦସ୍ୟମାନେ ଜନ ପ୍ରତିନିଧି ଭାବରେ ସେମାନଙ୍କର ଦାୟିତ୍ୱ ପାଳନ କରିବାରେ ସମର୍ଥ ହୋଇପାରିବେ। ଆଧୁନିକ ଗଠନାତ୍ମକ ଡିଜାଇନ୍ ମାନଦଣ୍ଡ ଅନୁଯାୟୀ, କମ୍ପ୍ଲେକ୍ସ ମଧ୍ୟରେ ସମସ୍ତ କୋଠା ଭୂମିକମ୍ପ-ନିରୋଧୀ ଅଟେ । ସମସ୍ତ ବାସିନ୍ଦାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ବ୍ୟାପକ ଏବଂ ସୁଦୃଢ଼ ସୁରକ୍ଷା ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ କରାଯାଇଛି ।

## ଉପମୁଖ୍ୟମନ୍ତ୍ରୀଙ୍କର ଦୁଇଟି ଭୋଟର କାର୍ଡ- ତେଜସ୍ୱୀ

ନୂଆଦିଲ୍ଲୀ: ବିହାରରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଭୋଟର ତାଲିକାର ଏସଆଇଆର (ସ୍ୱତନ୍ତ୍ର ପୁଙ୍ଖାନୁପୁଙ୍ଖ ପୁନଃନିରୀକ୍ଷଣ) କାର୍ଯ୍ୟକାରୀ କରାଯିବା ପରେ ଶାସକ-ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ନିକଟରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବଙ୍କୁ ନିର୍ବାଚନ ଆୟୋଗ ଚେତାବନୀ ଦେଇ ନକଲି ଭୋଟର କାର୍ଡ ଦାଖଲ କରିବାକୁ କହିଥିଲେ। ଏହାପରେ ତେଜସ୍ୱୀ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ବିଜୟ ସିହ୍ନାଙ୍କୁ ଟାର୍ଗେଟ କରିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କର ବି ନକଲି ଭୋଟର କାର୍ଡ ଥିବା ତେଜସ୍ୱୀ ଅଭିଯୋଗ କରିଛନ୍ତି। ରବିବାର ତେଜସ୍ୱୀ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କ ନାମରେ ଦୁଇଟି ଅଲଗା ଅଲଗା ଜାଗାରେ ଭୋଟର କାର୍ଡ ରହିଛି।

ବିଶ୍ୱ ସିଂହ ଦିବସ ୨୦୨୫ ସମାରୋହ

## 'ପ୍ରୋଜେକ୍ଟ ଲାୟନ'ର ସଫଳତା ପଛରେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ : କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ: ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଗୁଜରାଟ ସରକାରଙ୍କ ଜଙ୍ଗଲ ଏବଂ ପରିବେଶ ବିଭାଗ ସହିତ ମିଳିତ ଭାବରେ ଆଜି ଗୁଜରାଟର ଦେବଭୂମି ଦ୍ୱାରକା ଜିଲ୍ଲାର ବରଦା ବନ୍ୟପ୍ରାଣୀ ଅଭୟାରଣ୍ୟରେ ବିଶ୍ୱ ସିଂହ ଦିବସ – ୨୦୨୫ ପାଳନ କରିଛି। ଏହି ଉତ୍ସବରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ଗୁଜରାଟର ଜଙ୍ଗଲ ମନ୍ତ୍ରୀ ମୂଳୁଭାଇ ବେରା, ରାଜ୍ୟର ସାଂସଦ, ବିଧାୟକ ଏବଂ ଅନ୍ୟାନ୍ୟ ଜନପ୍ରତିନିଧିମାନେ ଯୋଗ ଦେଇଥିଲେ। ସମାବେଶକୁ ସମ୍ବୋଧିତ କରି କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଭାରତରେ ସିଂହଙ୍କ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ପାଇଁ ଖୁସି ପ୍ରକାଶ କରିଥିଲେ, ଯାହା ୨୦୨୦ ମସିହାରେ ୬୭୪ ରୁ ୮୯୧ କୁ ବୃଦ୍ଧି ପାଇଛି। କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯାଦବ ପ୍ରୋଜେକ୍ଟ ଲାୟନ ଅଧିକାରୀ, ବନ୍ୟପ୍ରାଣୀ ପ୍ରେମୀ ଏବଂ ପରିବେଶ ପ୍ରେମୀଙ୍କୁ ଏହି ସଫଳତା କାହାଣୀରେ ସେମାନଙ୍କର ଭୂମିକା ପାଇଁ ଅଭିନନ୍ଦନ ଜଣାଇଥିଲେ। 'ଏହା ହୃଦୟସ୍ପର୍ଶୀ ଯେ ଏହି ଉଲ୍ଲେଖନୀୟ ଅଗ୍ରଗତି କେବଳ ସାମୂହିକ ଇଚ୍ଛାଶକ୍ତି, ସମର୍ପଣ ଏବଂ ସହ-ଅସ୍ତିତ୍ୱ ଉପରେ ଆଧାରିତ ନୀତି ଦ୍ୱାରା ସମ୍ଭବ ହୋଇଛି,' ବୋଲି କହିଛନ୍ତି। ଶ୍ରୀ ଯାଦବ ଏହା ମଧ୍ୟ କହିଛନ୍ତି, 'ଏହା ଏକ ବିଶାଳ ଜାତୀୟ ଗର୍ବର ବିଷୟ ଯେ ଯଦି ଆଜି ବିଶ୍ୱର କୌଣସି ସ୍ଥାନରେ ଏସୀୟ ସିଂହ ଅଛନ୍ତି, ତାହା କେବଳ ଗୁଜରାଟରେ ଗିର। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏସୀୟ ସିଂହ ସଂଖ୍ୟାର ସଂରକ୍ଷଣ ଏବଂ ବୃଦ୍ଧି ପାଇଁ ଗୁଜରାଟର ପ୍ରତିବଦ୍ଧତାକୁ ଦୋହରାଇଲେ ଏବଂ କହିଲେ ଯେ ସମଗ୍ର ବିଶ୍ୱରେ ଗୁଜରାଟ ହିଁ ଏହି ଐତିହାସିକ ପ୍ରଜାତିର ଗୃହ ଭାବରେ କାର୍ଯ୍ୟ କରି ଚାଲିବ। ଭାରତ ସରକାର ବରଦା ସଫାରି ପାର୍କ ଏବଂ ଚିଡ଼ିଆଖାନାର ବିକାଶ ପାଇଁ ନୀତିଗତ ଅନୁମୋଦନ ମଧ୍ୟ ଦେଇଛନ୍ତି, ଯାହା ଏହି ଅଞ୍ଚଳରେ ପରିବେଶ ପର୍ଯ୍ୟଟନକୁ ସୁଦୃଢ଼ କରିବା ସହିତ ବରଦା ଭୂଦୃଶ୍ୟରେ ସିଂହ ସଂରକ୍ଷଣ ପ୍ରୟାସକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ଦେବ। ଏହି କାର୍ଯ୍ୟକ୍ରମରେ ସାଟେଲାଇଟ୍ ଯୋଗାଯୋଗ ମାଧ୍ୟମରେ ଗ୍ରେଟର ଗିର୍ ଲାୟନ୍ ଅଂଚଳର ୧୧ ଟି ଜିଲ୍ଲାର ସ୍କୁଲ ଏବଂ କଲେଜର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ମଧ୍ୟ ଯୋଗ ଦେଇଥିଲେ। ୨୦୨୪ ମସିହାରେ ବିଶ୍ୱ ସିଂହ ଦିବସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୮.୬୩ ଲକ୍ଷ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଛତିଶଗଡର ଦୁର୍ଗମ ଅଞ୍ଚଳରେ ବ୍ୟାଙ୍କ ସେବାକୁ ପ୍ରାଥମିକତା




ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ରାଜ୍ୟ ଏବଂ ଜିଲ୍ଲାର ଗ୍ରାମାଞ୍ଚଳରେ ଯେଉଁଠାରେ ବ୍ୟାଙ୍କିଂ ସୁବିଧା ଉପଲବ୍ଧ ନାହିଁ ସେ ସବୁ ଅଞ୍ଚଳରେ ଏହା ଯୋଗାଇଦେବା ସରକାରର ପ୍ରାଥମିକତା ବୋଲି କହିଛନ୍ତି। ସେ କହିଛନ୍ତି ଏହା ଫଳରେ କୃଷକ, ବ୍ୟବସାୟୀ ଏବଂ ସାଧାରଣ ଲୋକେ ଗାଁ ଗହଳିରେ ବ୍ୟାଙ୍କ ସେବା ପାଇପାରିବେ। ଏହା କେବଳ ଆର୍ଥିକ ଗତିବିଧି ପାଇଁ କାର୍ଯ୍ୟ କରିବ ନାହିଁ ବରଂ ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଭାବି କାର୍ଯ୍ୟାନ୍ୱୟନ କରିବ ବୋଲି ଶ୍ରୀ ସାଏ କହିଛନ୍ତି। ରବିବାର ଯଶପୁର ଜିଲ୍ଲାର ବାଗିଆ ଗ୍ରାମରେ ଥିବା ମୁଖ୍ୟମନ୍ତ୍ରୀଙ୍କ କ୍ୟାମ୍ପ କାର୍ଯ୍ୟାଳୟରୁ ଭର୍ଚୁଆଲ ମାଧ୍ୟମରେ ଯଶପୁରର ଆରା, ପନ୍ଥଲ ଗାଁ, କୁଡେଗେଲା ଏବଂ ବଗିଆରେ ଗ୍ରାମୀଣ ବ୍ୟାଙ୍କର ନୂଆ ଶାଖା ଲୋକାର୍ପଣ କରିଥିଲେ। ଏଥିସହ ଛତିଶଗଡ ରାଜ୍ୟ ଗ୍ରାମୀଣ ବ୍ୟାଙ୍କର ୧୨ତମ ବାର୍ଷିକ ସମ୍ମିଳନୀକୁ ମଧ୍ୟ ଶ୍ରୀ ସାଏ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଏହାଫଳରେ ଯଶପୁର ଜିଲ୍ଲାର ୨୩ଟି ଗ୍ରାମପଞ୍ଚାୟତର ୪୪ହଜାର ଲୋକେ ସିଧାସଳଖ ଉପକୃତ ହେବେ। ବର୍ତ୍ତମାନ ବ୍ୟାଙ୍କ ସେବା ପାଇଁ ଲୋକମାନେ ବହୁ ଦୂରକୁ ଯାଉଛନ୍ତି। ତେଣୁ ଗାଁ ଗହଳିରେ ଏହି ସେବା ଯୋଗାଇ ଦିଆଗଲେ ସେମାନଙ୍କ ସମୟ ବଞ୍ଚିବା ସହ କାର୍ଯ୍ୟ ମଧ୍ୟ ସୁରୁଖୁରୁରେ ହୋଇପାରିବ। ସେ ଆହୁରି କହିଥିଲେ ଯେ, ଯଶପୁର ଜିଲ୍ଲାର ୨୬୮ ପଞ୍ଚାୟତରେ ଅଟଳ ଡିଜିଟାଲ ସୁବିଧା କେନ୍ଦ୍ର ସ୍ଥାପନ କରାଯାଇଛି। ଯାହା ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ୧୫କୋଟି ଟଙ୍କାର କାରବାର ହୋଇଛି। ଆସନ୍ତା ପଞ୍ଚାୟତ ଦିବସ ପର୍ଯ୍ୟନ୍ତ ସମସ୍ତ ପଞ୍ଚାୟତରେ ଏହି ସୁବିଧା କେନ୍ଦ୍ର ସ୍ଥାପନ ପାଇଁ ଉଦ୍ୟମ ଜାରି ରହିଛି। ଯଶପୁର ଜିଲ୍ଲାର ଚିଛଲି ଗ୍ରାମର ସରପଞ୍ଚ ଅନୀମା ମିଞ୍ଜ, ଆର୍ଆର୍ ସରପଞ୍ଚ ମନୋଜ ଭଗତ ଏବଂ କୁଡେକେଲାର ସରପଞ୍ଚ ଶଶୀକାନ୍ତା ଟେକେରା ଏହି ନୂଆ ବ୍ୟାଙ୍କ ଶାଖା ଖୋଲାଯିବାକୁ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମାଟିକଳା ବୋର୍ଡର ଅଧ୍ୟକ୍ଷ ସମ୍ଭୁନାଥ ଚକ୍ରବର୍ତ୍ତି, ଜିଲ୍ଲା ପଞ୍ଚାୟତ ସଦସ୍ୟ ବେଦ ପ୍ରକାଶ ଭଗତ୍, ଉପେନ୍ଦ୍ର ଯାଦବ, ସୁନୀଲ ଗୁପ୍ତା, ଜିଲ୍ଲା ପଞ୍ଚାୟତ ସିଇଓ ଅଭିଷେକ କୁମାର, ଛତିଶଗଡ ରାଜ୍ୟ ଗ୍ରାମୀଣ ବ୍ୟାଙ୍କର ଅଧ୍ୟକ୍ଷ ବିନୋଦ ଆରୋରା ପ୍ରମୁଖ ଉପସ୍ଥିତ ଥିଲେ।

## ମୋହନଲାଲ ସୁଖାଡିଆ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଦୁଇବର୍ଷ କାର୍ଯ୍ୟକାଳ ସମାପ୍ତ



ଜୟପୁର, (ଭାସ୍କର ନ୍ୟୁଜ୍): ମୋହନଲାଲ ସୁଖାଡିଆ ବିଶ୍ୱବିଦ୍ୟାଳୟର ଭାଇସ୍ ଚାନସେଲର ପ୍ରଫେସର ସୁନିତା ମିଶ୍ରଙ୍କ ଦୁଇ ବର୍ଷର କାର୍ଯ୍ୟକାଳ ମଧ୍ୟରେ, ବିଶ୍ୱବିଦ୍ୟାଳୟ ଶିକ୍ଷାଗତ, ଗବେଷଣା ଏବଂ ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ତାଙ୍କ ନେତୃତ୍ୱରେ, ବିଶ୍ୱବିଦ୍ୟାଳୟ କେବଳ ଶିକ୍ଷାଗତ ଉତ୍କର୍ଷତା ଆଡକୁ ପଦକ୍ଷେପ ନେଇନାହିଁ, ବରଂ ଗବେଷଣା, ନବସୃଜନ ଏବଂ ସମ୍ପ୍ରଦାୟ ବିକାଶରେ ନୂତନ ଶିଖରକୁ ଛୁଇଁଛି। ପ୍ରଫେସର ମିଶ୍ରଙ୍କ କାର୍ଯ୍ୟକାଳ ମଧ୍ୟରେ ଅନେକ ନୂତନ ପଦକ୍ଷେପ ନିଆଯାଇଛି, ଯାହା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାକୁ ଆହୁରି ମଜବୁତ କରିଛି। ପ୍ରଥମ ଥର ପାଇଁ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ। ତାଙ୍କ ନେତୃତ୍ୱରେ, ବିଶ୍ୱବିଦ୍ୟାଳୟ ଜାତୀୟ ମୂଲ୍ୟାଙ୍କନ ଏବଂ ପ୍ରତ୍ୟାହାର ପରିଷଦର ମୂଲ୍ୟାୟନରେ ଇ ଗ୍ରେଡ୍ ପାଇଥିଲା, ଯାହା ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିର ଶୈକ୍ଷିକ ଗୁଣବତ୍ତା ଏବଂ ଶକ୍ତିର ପ୍ରମାଣ। ଏହା ବ୍ୟତୀତ, ବିଶ୍ୱବିଦ୍ୟାଳୟ ଖାଦ୍ୟ ଏବଂ ପୁଷ୍ଟିସାର ବିଭାଗ ପ୍ରତିଷ୍ଠା କରିଛି, ଯେଉଁଠାରେ ଛାତ୍ରଛାତ୍ରୀମାନେ ଏମଏସସି ଡିଗ୍ରୀ ପାଇପାରିବେ। ଶିକ୍ଷକମାନଙ୍କ ପାଇଁ କ୍ୟାରିଅର ଆଡଭାନ୍ସମେଣ୍ଟ ଯୋଜନା ଅଧୀନରେ ପର୍ଯ୍ୟାୟ ପଦୋନ୍ନତି ପ୍ରକ୍ରିୟା ସମାପ୍ତ ହୋଇଛି ଏବଂ ଖୁବ୍ ଶୀଘ୍ର ପ୍ରଫେସର ଏବଂ ସହଯୋଗୀ ପ୍ରଫେସର ପଦବୀ ପାଇଁ ସାକ୍ଷାତକାର ନେଇ ଅବଶିଷ୍ଟ ଶିକ୍ଷକଙ୍କ ପଦୋନ୍ନତି ପ୍ରକ୍ରିୟା ମଧ୍ୟ ସମାପ୍ତ ହେବ। ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ଆର୍‌ୟୁଏସ୍ଏ) ୨.୦ ଅଧୀନରେ, ବିଶ୍ୱବିଦ୍ୟାଳୟ ଅନୁମୋଦିତ ୫୦ କୋଟି ଟଙ୍କା ମଧ୍ୟରୁ ୨୯ କୋଟି ଟଙ୍କା ଗବେଷଣା, ନବସୃଜନ ଏବଂ ଉଦ୍ୟମିତା କ୍ୟାରିଅର ହବ୍ ପାଇଁ ବ୍ୟବହାର କରିଛି। ବର୍ତ୍ତମାନ ୭୦ ଟି ପ୍ରକଳ୍ପ ଚାଲିଛି, ଯାହା ମଧ୍ୟରୁ ୫୬ ଟି ଗବେଷଣା ନବସୃଜନ ଏବଂ ୧୪ ଟି କ୍ୟାରିଅର ହବ୍ ସହିତ ଜଡିତ। ଏହି ପ୍ରକଳ୍ପ ଅଧୀନରେ, ୧୦୬ଟି ଗବେଷଣା ପତ୍ର, ୪ଟି ପୁସ୍ତକ ଏବଂ ୬ଟି ପୁସ୍ତକ ଅଧ୍ୟାୟ ପ୍ରକାଶିତ ହୋଇଛି। ଆର୍‌ୟୁଏସ୍ଏ ପ୍ରକଳ୍ପ ଅଧୀନରେ, ବିଶ୍ୱବିଦ୍ୟାଳୟ ଏନ୍ଏମ୍ଆର୍ ଜିସି-ଏମ୍ଏସ୍, ଆର୍ଟି-ପିସିଆର୍, ଫ୍ଲୋରେସେନ୍ସ ସ୍ପେକ୍ଟ୍ରୋଫୋଟୋମିଟର, ସୋଲାର ସିମୁଲେଟର, ଏବଂ ଫ୍ଲାସ୍ କ୍ରୋମାଟୋଗ୍ରାଫି ସିଷ୍ଟମ ଇତ୍ୟାଦି ଅତ୍ୟାଧୁନିକ ଉପକରଣ କ୍ରୟ କରିଛି। ଏହା ସହିତ, ଜନସ୍ୱାସ୍ଥ୍ୟ ଏବଂ ମନୋରଞ୍ଜନ କେନ୍ଦ୍ର (ପ୍ରାଣି ବିଜ୍ଞାନ), ଭର୍ମିକଲ୍ଚର ସେଣ୍ଟର, ତାଲିମ ଏବଂ ପ୍ଲେସମେଣ୍ଟ କମ୍ପ୍ୟୁଟର ଲ୍ୟାବ, ଫିନିସିଂ ସ୍କୁଲ, ଆକାଉଣ୍ଟିଂ ଲାବୋରେଟୋରୀ, ଜିଓସ୍ପାଟିଆଲ୍ ଟେକ୍ନୋଲୋଜି ସେଣ୍ଟର ଏବଂ ବିଜ୍ଞାନ ବିକାଶ ଏବଂ କ୍ୟାରିଅର ସେଣ୍ଟର ଭଳି ଭିତ୍ତିଭୂମି ବିକଶିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ ବିଶ୍ୱବିଦ୍ୟାଳୟର ୪୦ଟି ବିଭାଗରେ ପ୍ରାୟ ୧୯,୦୦୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି।

# ବାଣିଜ୍ୟ



ନୂଆଦିଲ୍ଲୀ: ରେଳଯାତ୍ରୀଙ୍କ ପାଇଁ ଏକ ଖୁସି ଖବର। ଆଗାମୀ ପର୍ବପର୍ବାଣୀରେ ଯାତ୍ରୀଙ୍କ ଭିଡ଼ ହ୍ରାସ କରିବା ଏବଂ ଯାତ୍ରାକୁ ସହଜ କରିବା ପାଇଁ ରେଳ ମନ୍ତ୍ରଣାଳୟ ଏକ ନୂତନ ପରୀକ୍ଷାମୂଳକ 'ରାଉଣ୍ଡ ଟ୍ରିପ୍ ପ୍ୟାକେଜ୍ ଫର୍ ଫେଷ୍ଟିଭ୍ ରଶ୍' ଯୋଜନା ଘୋଷଣା କରିଛି। ଖବର ଅନୁଯାୟୀ, ୮ ଅଗଷ୍ଟ ୨୦୨୫ରେ ରେଳ ବୋର୍ଡ ଦ୍ୱାରା ଜାରି କରାଯାଇଥିବା ସର୍କୁଲାର ଅନୁଯାୟୀ, ଏହି ଯୋଜନା ଅଧୀନରେ, ଯଦି ଯାତ୍ରୀ ସମାନ ଶ୍ରେଣୀ, ସମାନ ମୂଳ ସ୍ଥାନ (ଯେଉଁଠାରୁ ଯାତ୍ରା ଆରମ୍ଭ ହେବାକୁ ଅଛି) ଏବଂ ଗନ୍ତବ୍ୟସ୍ଥଳ (ଯେଉଁଠାକୁ ଯିବାକୁ ଅଛି) ପାଇଁ ଉଭୟ ପଥ ପାଇଁ ଏକ ନିଶ୍ଚିତ ଟିକେଟ୍ ବୁକ୍ କରନ୍ତି, ତେବେ ତାଙ୍କୁ ଫେରିବା ଯାତ୍ରାର ମୂଳ ଭଡ଼ାରେ ୨୦% ରିହାତି ମିଳିବ। ଖବର ଅନୁଯାୟୀ, 'ରାଉଣ୍ଡ ଟ୍ରିପ୍ ପ୍ୟାକେଜ୍ ଫର୍ ଫେଷ୍ଟିଭ୍ ରଶ୍' ଯୋଜନା ଅଧୀନରେ, ଏପରି ଟ୍ରେନ୍ ଟିକେଟ୍ ବୁକିଂ ୧୪ ଅଗଷ୍ଟ ୨୦୨୫ରୁ ଆରମ୍ଭ ହେବ, ଯେଉଁଥିରେ ଯାତ୍ରା ୧୩ ଅକ୍ଟୋବରରୁ ୨୬ ଅକ୍ଟୋବର ୨୦୨୫ ମଧ୍ୟରେ ହେବା ଉଚିତ। ଫେରିବା ଯାତ୍ରା 'କନେକ୍ଟିଂ ଜର୍ନି' ବୈଶିଷ୍ଟ୍ୟ ମାଧ୍ୟମରେ ୧୭ ନଭେମ୍ବରରୁ ୧ ଡିସେମ୍ବର ୨୦୨୫ ମଧ୍ୟରେ ବୁକ୍ କରିବାକୁ ପଡିବ। ଏହି ସୁବିଧା ଅନଲାଇନ ଏବଂ କାଉଣ୍ଟର ମାଧ୍ୟମରେ ଉପଲବ୍ଧ।

## ସୋମନ ଅଗରବତୀର ୧୯ ବର୍ଷ ପୂର୍ତ୍ତି ଅବସରରେ ନୂଆ ଘୋଷଣା




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ନିଜ ଘରେ ମିଳିବ ରୋଜଗାର, ନିଜ ଘରେ ହେଇପାରିବେ ମାଲିକ। ସୁଯୋଗ ଅଛି ଚେଷ୍ଟା ଆବଶ୍ୟକ। ଚେଷ୍ଟାକଲେ କିଛି ବି କରିବା ସମ୍ଭବ। ଏପରି କହି ଯୁବପିଢ଼ି ଓ ଗୃହିଣୀ ମହିଳାଙ୍କୁ ଉତ୍ସାହିତ କରିଛନ୍ତି ଓଡ଼ିଆ ସୁପରଷ୍ଟାର ଅନୁଭବ ମହାନ୍ତି। ସୋମନ ଅଗରବତୀର ୧୯ ବର୍ଷ ପୂର୍ତ୍ତି ପରିପେକ୍ଷିରେ ଏକ ତାରକା ହୋଟେଲରେ ଅୟୋଜିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ପୂର୍ବତନ ଏମପି ତଥା ସୁପରଷ୍ଟାର ଅନୁଭବ ମହାନ୍ତି କହିଛନ୍ତି ସୋମନ ଅଗରବତୀର ବ୍ୟବସାୟ ଶୈଳୀ ବେଶ୍ ଆକର୍ଷଣୀୟ। ଯାହା ଯୁବପିଢ଼ି ଓ ରାଜ୍ୟର ଗୃହିଣୀ ମହିଳାଙ୍କୁ ଭଲ ସୁହାଇବ। କାରଣ ଏଠାରୁ କିଣିବେ ଏଇଠି ବିକ୍ରିକରିବେ ଆଉ ଲାଭବାନ ହେବେ। ତେଣୁ ଯୁବପିଢ଼ି ଓ ଗୃହିଣୀ ମହିଳା ଘରେ ନ ବସି ରୋଜଗାର ଦିଗରେ ଅଗ୍ରସର ହୁଅ। ନିଜ ଘରେ ପରିବାର ସାଥିରେ ରହି କରିପାରିବେ ରୋଜଗାର। କାର୍ଯ୍ୟକ୍ରମରେ ପୂର୍ବ ବର୍ଷ ଘୋଷଣା ମୁତାବକ ପ୍ରାଇଜ୍ ବଣ୍ଟନ କରାଯାଇଥିଲା। ଏବଂ ଆସନ୍ତା ବର୍ଷ ପାଇଁ ଅଫର ଘୋଷଣା ବି କରାଯାଇଛି। ଏଠାରୁ ମେସିନ୍ ନେଇ ଏଇଠି ମାଲ୍ ବିକ୍ରିକରି ଜିତି ପାରିବେ ଇଭି ସ୍କୁଟର। ରାଜ୍ୟ ତଥା ଦେଶରେ ରୋଜଗାର ଏବେ ସବୁଠାରୁ ବଡ ସମସ୍ୟା ହେଇ ଉଭା ହୋଇଛି। ଯୁବକ ହୁଅନ୍ତୁ ଅବା ଯୁବତୀ, ବିବାହିତ ହୁଅନ୍ତୁ ଅବା ଅବିବାହିତ। ରୋଜଗାର ଏବେ ସଭିଙ୍କ ଜୀବନରେ କଣ୍ଟା ସାଜିଛି। ଏହି ଅସୁବିଧାକୁ ଦୂର କରିବା ପାଇଁ ଦିର୍ଘ ୧୯ ବର୍ଷ ଧରି ପ୍ରଚେଷ୍ଟା କରି ଆସିଛି ସୋମନ ଅଗରବତୀ। ଦୀର୍ଘ ୧୯ ବର୍ଷ ଧରି କମ୍ପାନୀ ଲୋକଙ୍କ ସୁଖରେ ଦୁଃଖରେ ରହି ନୂଆ ନୂଆ ଟେକ୍ନୋଲୋଜିକୁ ଆପଣେଇ ଅଗ୍ରଣୀ କମ୍ପାନୀ ଭାବେ ଉଭା ହୋଇ ପାରିଛି। ଏପରିକି ସାଧାରଣ ଲୋକ ହିଁ କମ୍ପାନୀର ମେରୁଦଣ୍ଡ ବୋଲି ବାରମ୍ବାର କମ୍ପାନୀ କର୍ତ୍ତୃପକ୍ଷ କୁହନ୍ତି। ଗ୍ରାହକଙ୍କ ଉନ୍ନତି ହିଁ କମ୍ପାନୀ ପ୍ରଗତିର ମାଇଲ ଖୁଣ୍ଟ। ଗ୍ରାହକ ଆଗକୁ ବଢ଼ିଲେ କମ୍ପାନୀ ସମାନ୍ତରାଳ ଭାବେ ବଢିବ ବୋଲି ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି।

## ମାଲକାନଗିରିରେ ବିଜୁଳି ଯୋଗାଣକୁ ଅଧିକ ବିଶ୍ୱସନୀୟ କରୁଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ଦକ୍ଷିଣ ଓଡ଼ିଶାର ଗ୍ରାମୀଣ ଓ ଆଭ୍ୟନ୍ତରୀଣ ଅଞ୍ଚଳକୁ ଗୁଣାତ୍ମକ ବିଜୁଳି ସେବା ପହଞ୍ଚାଇବା ଲକ୍ଷ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି। ବର୍ଦ୍ଧିତ ବିଜୁଳି ଚାହିଦାକୁ ଦୃଷ୍ଟିରେ ରଖି ଟିପିଏସ୍‌ଓଡିଏଲ୍ ମାଲକାନଗିରିର ଦୂରନ୍ତ ଗ୍ରାମଗୁଡ଼ିକରେ ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର ସ୍ଥାପନ କରିଛି । ଏମଭି-୭ ଗ୍ରାମରେ ୧୧ କେଭି ଓ ଏଲଟି ଲାଇନ ସହ ନୂଆ ୧୦୦ କେଭି ଡିଟିଆର୍ କାର୍ଯ୍ୟକ୍ଷମ କରାଯାଇଛି। ସମୃଦ୍ଧ ଆଦିବାସୀ ଐତିହ୍ୟ, ଘଞ୍ଚ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ ପାଇଁ ଜଣାଶୁଣା ମାଲକାନଗିରି ଜିଲ୍ଲାରେ ବିଜୁଳି ଯୋଗାଣ ଏକ ଆହ୍ୱାନପୂର୍ଣ୍ଣ କାର୍ଯ୍ୟ ହୋଇଥିଲେ ସୁଦ୍ଧା ଟିପିଏସ୍‌ଓଡିଏଲ୍ ଭିତ୍ତିଭୂମି ବିକାଶ ଉପରେ ଲଗାତାର ଧ୍ୟାନ ଦେବା ସହ ଗୁଣାତ୍ମକ ସେବାକୁ ସୁନିଶ୍ଚିତ କରିବା ଦିଗରେ ପ୍ରୟାସ ଜାରି ରଖିଛି। ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, 'ଦକ୍ଷିଣ ଓଡ଼ିଶାର ସୀମାନ୍ତ ଓ ଦୁର୍ଗମ ଜିଲ୍ଲାଗୁଡ଼ିକରେ ବିଦ୍ୟୁତ ଭିତ୍ତିଭୂମି ବିକାଶ ଓ ସେବା ବିଶ୍ୱସନୀୟତା ବୃଦ୍ଧି କରିବା ଦିଗରେ ପ୍ରୟାସ ଜାରି ରହିଛି। ଏହି ଭିତ୍ତିଭୂମି ଉନ୍ନତିକରଣ କେବଳ ବର୍ତ୍ତମାନର ବିଜୁଳି ଚାହିଦାକୁ ପୂରଣ କରିବାକୁ ଉଦ୍ଦିଷ୍ୟ ନୁହେଁ ବରଂ ଏହି ଅଞ୍ଚଳବାସୀମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଓ ସମଗ୍ର ଅଞ୍ଚଳର ଅନ୍ତର୍ଭୁକ ବିକାଶ ଦିଗରେ କାର୍ଯ୍ୟ କରିବା ଏହାର ଲକ୍ଷ୍ୟ ଅଟେ।'

## ହେନ୍ନା କ୍ରିମେ ହେୟାର କଲର ଟିଭିସିର ଶୁଭାରମ୍ଭ



ମୁମ୍ବାଇ : ଭାସମଲ, ଭାରତର ଏକ ସବୁଠାରୁ ବିଶ୍ୱାସଯୋଗ୍ୟ ହେୟାର କଲର ବ୍ରାଣ୍ଡ ଦୀର୍ଘ ୬୦ ବର୍ଷରୁ ଅଧିକ ସମୟ ଧରି ଏହାର ବଂଶାନୁକ୍ରମିକତାକୁ ପ୍ରଶସ୍ତ କରିବା ସହିତ, ଏହାର ଏଇ ନିକଟରେ ଉପସ୍ଥାପିତ ବୈଶିଷ୍ଟ୍ୟକାରୀ ବ୍ରାଣ୍ଡ ଆମ୍ବାସାଡ଼ର ବିଦ୍ୟା ବାଲାନ୍‌ଙ୍କ ସହିତ ଭାସମଲ ହେନ୍ନା କ୍ରିମେ ହେୟାର କଲର ର ଏକ ନୂତନ ଟିଭିସିର ଶୁଭାରମ୍ଭ ହୋଇଛି। ବିଜ୍ଞାପନଟି ସମସ୍ତ ମୌଳିକ ସୌନ୍ଦର୍ଯ୍ୟକାରୀତା ଜରିଆରେ ପାରମ୍ପରିକତା ତଥା ସହଯୋଗୀ କାହାଣୀକୁ ଆବଦ୍ଧ କରିପାରିଛି। ଏହା ହେନ୍ନାର ପ୍ରାକୃତିକ ଉପକାରୀତାର ସହଜ କ୍ରିମ ଫର୍ମାଟ ଉପରେ ଆଲୋକପାତ କରିବା ସହିତ ଐତିହ୍ୟ ଏବଂ ନବୀନତାର ଭାବପ୍ରବଣ ମହକତା ପ୍ରଦାନ କରିଅଛି। ଏହି ଡ଼ିଭିସିର ଅନ୍ତର୍ନିହିତା ସହିତ ନିଜକୁ ସାମିଲ କରି ଧିରଜ ଅରୋରା, ଏମଡ଼ି ଓ ସିଇଓ ଏଚ୍‌ଆରଆଇପିଏଲ, ମତବ୍ୟକ୍ତ କରି କହିଛନ୍ତି, 'ଏହି ଅଭିଯାନ ଭାସମଲର ଜୟଯାତ୍ରାରେ ଆମର ବ୍ରାଣ୍ଡ-ପ୍ରତିଷ୍ଠା ପାଇଁ ଏକ ପ୍ରମୁଖ ମାଇଲଖୁଣ୍ଟ ଅଟେ। ଟିଭିସି ଏବଂ ଏହାର ଭାସମଲ ସହିତ ସହଯୋଗୀତା ଉପରେ ମତବ୍ୟକ୍ତ କରି, ପ୍ରିୟଙ୍କା ପୁରୀ, ବରିଷ୍ଠ ଭିପି ମାର୍କେଟିଙ୍ଗ ଏଚ୍‌ଆର ଆଇପିଏଲ କହିଛନ୍ତି, 'ବିଦ୍ୟା ବାଲାନ ଜଣେ ପ୍ରତିଷ୍ଠିତ କଳାକାରଙ୍କ ଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ ରହିଛନ୍ତି ଯେ କି ସାଂସ୍କୃତିକ ଆଇକନ ସହିତ ନିଜକୁ ସଠିକ୍ ଭାବରେ ଏକାଠି କରିବା ସହିତ ରହିଥିବା ଉତ୍ସୁକତା ଏବଂ ଦୃଢ଼ତା, ଏବଂ ଭାସମଲ ଯାହାକି ଯେଉଁ ଦୃଢ଼ ମୂଲ୍ୟଯୁକ୍ତ ମିଶ୍ରଣକୁ ନେଇ ଉପସ୍ଥିତ ହୋଇଛି ଏହା ସହିତ ମିଶିକରି ରହିଛନ୍ତି। ଟିଭିସି ଏବଂ ଏହାର ଭାସମଲ ସହିତ ସହଯୋଗୀତା ଉପରେ ମତବ୍ୟକ୍ତ କରି, ବିଦ୍ୟା ବାଲାନ କହିଛନ୍ତି, 'ଅନେକଗୁଡ଼ିଏ ପ୍ରତିଷ୍ଠାନ ରହିଛନ୍ତି ଯେଉଁମାନେ କି ପେଷାଦାରୀତା ଠାରୁ ଅଧିକ ଅଟନ୍ତି ଏବଂ ସେମାନେ ଏହାର ଅଂଶବିଶେଷ ଭାବରେ ନିଜକୁ ସାମିଲ କରିବାକୁ ଚାହାଁନ୍ତି। ଭାସମଲ ସେହିଭଳି ଏକ ନାମ ଅଟେ ଯାହାକି ମତେ ଏହି ଜୟଯାତ୍ରା ପାଇଁ ଉତ୍ସାହିତ କରିଛି। ଭାସମଲ ହେନ୍ନା କ୍ରିମେ ହେୟାର କଲର ର ଟିଭିର ଅଭିଯାନ ହିନ୍ଦୀ, ଓଡ଼ିଆ, ବଙ୍ଗଳା, ଆସାମୀ ଏବଂ ଭୋଜପୁରୀ ଭାଷାରେ ଉନ୍ମୋଚିତ ହୋଇଛି।

## ଏବିଡି ପକ୍ଷରୁ ଷ୍ଟର୍ଲିଂ ରିଜର୍ଭ ବି୭ର ଉନ୍ମୋଚନ

ନୂଆଦିଲ୍ଲୀ: ଆଧୁନିକ ଭାରତୀୟ ଉପଭୋକ୍ତାଙ୍କ ବିକଶିତ ଆଶାକୁ ପୂରଣ କରିବା ପାଇଁ ପ୍ରସ୍ତୁତ ଭାରତର ସର୍ବବୃହତ ସ୍ପିରିଟ୍ କମ୍ପାନି ଆଲାଇଡ୍ ବ୍ଲେଣ୍ଡର୍ସ ଆଣ୍ଡ ଡିଷ୍ଟିଲର୍ସ (ଏବିଡି) ପକ୍ଷରୁ ନବୀକରଣ କରାଯାଇଥିବା ଷ୍ଟର୍ଲିଂ ରିଜର୍ଭ ବି୭ (ଏସଆରବି୭) ମିଶ୍ରଣକୁ ଉନ୍ମୋଚନ କରାଯାଇଛି । ଏହାର ଭିନ୍ନ ସ୍ୱାଦ ଏବଂ ନବୀକରଣ ହୋଇଥିବା ମିଶ୍ରଣ ଫିନିସ୍ ସହିତ, ଏସଆରବି ୭ ବର୍ତମାନ ସରଳତା ପ୍ରଦାନ କରେ ଯାହା ନୂତନ ଯାଦୁଠାରୁ କମ୍ ନୁହେଁ! ଆଜିର ବୁଦ୍ଧିମାନ ଗ୍ରାହକଙ୍କ ପାଇଁ ଡିଜାଇନ୍ କରାଯାଇଥିବା ଏକ ସାହସିକ, ପୂର୍ଣ୍ଣ ଶରୀର ଅନୁଭୂତି ସହିତ ମିଶ୍ରଣ। ଭୁବନେଶ୍ୱର ସହରର ଅତ୍ୟାଧୁନିକ ଓ ବିକଶିତ ଅଂଚଳକୁ ପ୍ରତିଫଳିତ କରିବା ସହ ଦ୍ରୁତ ଗତିରେ ବଢୁଥିବା ଓ ପ୍ରିମିୟମ୍ ହ୍ୱିସ୍କିର ଏକ ବୁଦ୍ଧିମାନ ବଜାର ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିବା ସହିତ ହ୍ୱିସ୍କି ପ୍ରେମୀଙ୍କ ପାଇଁ ଏକ ଜୀବନ୍ତ କେନ୍ଦ୍ର ଭାବରେ ନିଜକୁ ଦୃଢ଼ ଭାବରେ ପ୍ରତିଷ୍ଠିତ କରିଥିଲା । ଷ୍ଟର୍ଲିଂ ରିଜର୍ଭ ବି୭ ଓଡ଼ିଶାରେ ୭୫୦ ଏମଏଲ ପାଇଁ ୭୮୦ ଟଙ୍କାରେ ଉପଲବ୍ଧ। ନୂଆ ମିଶ୍ରଣକୁ ଜୀବନ୍ତ କରି 'ବି-୭ ମ୍ୟାଜିକ୍ ବାର୍ ଟୁର ହେଉଛି ଏକ ଉଚ୍ଚ ଶକ୍ତିସମ୍ପନ୍ନ, ବହୁ-ସହରସକ୍ରିୟତା ଯେଉଁଥିରେ ସ୍ଥାନୀୟ ଷ୍ଟ୍ରିଟ୍ ଯାଦୁଗର, ଅପ୍ରତ୍ୟାଶିତ ସ୍ଥାନରେ ପପ୍-ଅପ୍ ବାର୍ ଏବଂ ଆଶ୍ଚର୍ଯ୍ୟର ଅବିସ୍ମରଣୀୟ ମୁହୂର୍ତ୍ତ ରହିଛି। ଦୈନନ୍ଦିନ ସ୍ଥାନଗୁଡ଼ିକୁ ଆକର୍ଷଣୀୟ ସ୍ୱାଦିଷ୍ଟ ଅନୁଭୂତିରେ ପରିଣତ କରିବା, ଯେଉଁଠାରେ ସମ୍ପ୍ରଦାୟମାନେ ବି୭ର ଯାଦୁକୁ ଏକାଠି କରନ୍ତି, ପୁନଃ ସଂଯୋଗ କରନ୍ତି ଏବଂ ପୁନଃ ଆବିଷ୍କାର କରନ୍ତି ସେଠାରେ ଏହି ଭ୍ରମଣ ଆଶ୍ଚର୍ଯ୍ୟ ଏବଂ ଆନନ୍ଦ ପାଇଁ ଡିଜାଇନ୍ କରାଯାଇଛି। ଏବିଡିର ପରିଚାଳନା ନିର୍ଦ୍ଦେଶକ ଆଲୋକ ଗୁପ୍ତା କହିଛନ୍ତି, ଆଜିର ଭାରତୀୟ ଉପଭୋକ୍ତାମାନେ ପରମ୍ପରା ସହ ଜଡ଼ିତ ହୋଇ ନୂତନତା ଚାହୁଁଛନ୍ତି ଏବଂ ଷ୍ଟର୍ଲିଂ ରିଜର୍ଭ ବି୭ ସେହି ପ୍ରତିଶ୍ରୁତି ପୂରଣ କରୁଛି। ପ୍ରଥମେ ମହାରାଷ୍ଟ୍ରରେ ଆରମ୍ଭ ହୋଇଥିବା ଏବଂ ପରବର୍ତୀ ସମୟରେ କୋଲକାତା ଓ ହାଇଦ୍ରାବାଦରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଏବେ ଭୁବନେଶ୍ୱରରେ ରିଫ୍ରେସ୍ ଷ୍ଟର୍ଲିଂ ରିଜର୍ଭ ବି-୭ର ଉନ୍ମୋଚନ ସହ ପହଂଚିଛି।

## ଫିଲିପାଇନ୍ସରେ ନିବେଶ କରିବ ହିନ୍ଦୁଜା ଗ୍ରୁପ୍



ନୂଆଦିଲ୍ଲୀ: ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଭାରତ ପରିଦର୍ଶନରେ ଥିବା ଫିଲିପାଇନ୍ସର ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ ଜୁନିଅର୍ ହିନ୍ଦୁଜା ଗ୍ରୁପ୍ ପ୍ରତିନିଧି ଦଳଙ୍କୁ ଭେଟିଛନ୍ତି। ଏହାର ଶୋମ୍ ହିନ୍ଦୁଜା ନେତୃତ୍ୱ ଦେଇଥିଲେ ଏବଂ ଗ୍ରୁପ୍ ସହିତ କୌଶଳଗତ ଭାଗୀଦାରୀକୁ ଆହୁରି ମଜଭୁତ କରିବାକୁ ଚେଷ୍ଟା କରିଥିଲେ। ରାଷ୍ଟ୍ରପତି ମାର୍କୋସ ଜୁନିଅର୍ ଏବଂ ତାଙ୍କ ଦଳ ହିନ୍ଦୁଜା ଗ୍ରୁପ୍‌କୁ ପ୍ରତିରକ୍ଷା, ଶକ୍ତି, ଅଟୋମୋଟିଭ୍ ଏବଂ ଡିଜିଟାଲ୍ ଟେକ୍ନୋଲୋଜି କ୍ଷେତ୍ରରେ ଉଭା ହୋଇଥିବା ସୁଯୋଗଗୁଡ଼ିକରେ ନିବେଶ ବୃଦ୍ଧି କରିବାକୁ ନିମନ୍ତ୍ରଣ କରିଥିଲେ। ହିନ୍ଦୁଜା ଗ୍ରୁପର ଆଲ୍ଟରନେଟିଭ୍ ଏନର୍ଜି ଏବଂ ସଷ୍ଟେନେବିଲିଟି ଏବଂ ଗଲ୍‌ଫ ଅଏଲ ଲୁବ୍ରିକାଂଟ୍ ଏବଂ ଆଶୋକ୍ ଲେଲାଣ୍ଡର ବୋର୍ଡ୍ ସଦସ୍ୟ ସୋମ୍ ହିନ୍ଦୁଜା କହିଛନ୍ତି ଯେ, 'ରାଷ୍ଟ୍ରପତି ମାର୍କୋସ ଜୁନିଅର୍ ଫିଲିପାଇନ୍ସରେ ଏକ ନୂଆ ନିବେଶ ପରିବେଶ ଗଢ଼ିବାକୁ ଯାଉଛି ଯାହା ଆମ ଗ୍ରୁପ୍ ପାଇଁ ପ୍ରତିରକ୍ଷା କ୍ଷେତ୍ର, ଡିଜିଟାଲ୍ ଟେକ୍ନୋଲୋଜି, ଶକ୍ତି, ଏବଂ ଅଟୋମୋଟିଭ୍ କ୍ଷେତ୍ରରେ ନୂଆ ସୁଯୋଗ ଖୋଲିବ। ଏଥିରେ ଗମନାଗମନରେ ଇଲେକ୍ଟ୍ରିକ୍ ଯାନ ଏବଂ ଗଲ୍‌ଫ ଅଏଲ ପାଇଁ ଚାର୍ଜିଂ ଭିତିଭୂମି ଅନ୍ତର୍ଭୁକ୍ତ ଯାହା ଫିଲିପାଇନ୍ସରେ ଇଲେକ୍ଟ୍ରିକ୍ ଯାନର ବୃଦ୍ଧିକୁ ସମର୍ଥନ କରିବ। ଆମେ ରାଷ୍ଟ୍ରପତିଙ୍କୁ ଆମର ଭାରତୀୟ ପ୍ରତିଷ୍ଠାନ ଆଶୋକ୍ ଲେଲାଣ୍ଡ ଦ୍ୱାରା ଫିଲିପାଇନ୍ସରେ ସ୍ଥାନୀୟ ଭାବରେ ଆସେମ୍ବଲ୍ କରାଯାଇ ପ୍ରଥମ ବ୍ୟାଚ୍ ୫୦ଟି ଏଲସିଭି (ଲାଇଟ୍ କମର୍ସିଆଲ୍ ଭେହିକଲ୍) ବିତରଣ କରାଯିବା ବିଷୟରେ ଜଣାଇଥିଲୁ। ହିନ୍ଦୁଜା ଗ୍ଲୋବାଲ୍ ସୋଲ୍ୟୁସନ୍ (ଏଚଜିଏସ) ଫିଲିପାଇନ୍ ସରକାରଙ୍କ ସହିତ ଏକ ଲେଟର୍ ଅଫ୍ ଇଂଟେଂଟ୍ (ଏଲ୍‌ଓଆଇ) ସ୍ୱାକ୍ଷର କରିଛି ଯାହା ତାହାର ସ୍ଥାନୀୟ ବ୍ୟବସାୟ ପରିଚାଳନାକୁ ବିସ୍ତାର କରିବାକୁ ଗୁରୁତ୍ୱପୂର୍ଣ୍ଣ ନିବେଶ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛି ଏବଂ ଫିଲିପାଇନ୍ସକୁ ତାହାର ବିଶ୍ୱସ୍ତରୀୟ ପରିଚାଳନା ପାଇଁ ଏକ କୌଶଳଗତ ବୃଦ୍ଧି ବଜାର ଭାବରେ ପୁନର୍ବାର ପ୍ରତିଷ୍ଠା କରିଛି।' ହିନ୍ଦୁଜା ଗ୍ରୁପ୍ ଏହାର ବିଶ୍ୱସ୍ତରୀୟ ପ୍ରତିଷ୍ଠାନ ଗଲ୍‌ଫ ଅଏଲ୍ ଇଂଟରନ୍ୟାସନାଲ୍ ମାଧ୍ୟମରେ ୧୯୯୮ରୁ ଫିଲିପାଇନ୍ ନ୍ୟାସନାଲ୍ ଅଏଲ୍ କମ୍ପାନି ସହିତ ଏକ ଯୌଥ ଉଦ୍ୟୋଗ ସହଯୋଗରେ ଗଲ୍ଫ ଅଏଲ୍ ଫିଲିପାଇନ୍ସ ଇଂକ୍ ପରିଚାଳନା କରୁଛି ଯାହା ଏକ ଆଧୁନିକ କାରଖାନା ସହ ବିଭିନ୍ନ ପ୍ରମୁଖ ଗଲ୍ଫ ବ୍ରାଣ୍ଡେଡ୍ ଲୁବ୍ରିକାଂଟ୍ ଏବଂ ଅନ୍ୟ ସମ୍ବନ୍ଧିତ ଉତ୍ପାଦ ଉତ୍ପାଦନ ଏବଂ ବିତରଣ କରୁଛି। ୨୦୦୩ରେ ହିନ୍ଦୁଜା ଗ୍ଲୋବାଲ୍ ସଲ୍ୟୁସନ୍ସ ଫିଲିପାଇନ୍ସରେ ଏହାର କାରବାର ଆରମ୍ଭ କରିଥିଲା। ମାନିଲା ଏନସିଆର, ଇଲୋଇଲୋ ଓ ସେବୁରେ ଏହାର ଡେଲିଭରି କେନ୍ଦ୍ର ରହିଛି ଏବଂ ୩୫୦୦ରୁ ଅଧିକ କର୍ମଚାରୀ କାମ କରୁଛନ୍ତି। ଏଲ୍‌ଓଆଇ ସ୍ୱାକ୍ଷର କରାଯିବା ପରେ ଫିଲିପାଇନ୍ସରେ କମ୍ପାନି ଏହାର ଗ୍ରାହକ ଅନୁଭୂତି ଓ ବଜେନସ୍ ପ୍ରକ୍ରିୟା ପରିଚାଳନା ଉପସ୍ଥିତିର ସମ୍ପ୍ରସାରଣ କରିବାକୁ ଲକ୍ଷ୍ୟ ରଖିଛି। ଏହି ପ୍ରତିବଦ୍ଧତାର ଅଂଶ ସ୍ୱରୂପ ଏହା ଫିଲିପାଇନାନ୍ସରେ ଆସନ୍ତା କିଛି ବର୍ଷରେ ବ୍ୟାପକ ନିବେଶ କରିବ।

## ଟାଟା ଟି ପ୍ରିମିୟମର 'ଦେଶ କା ଗର୍ବ' ଅଭିଯାନ

ନୂଆଦିଲ୍ଲୀ: ଟାଟା କଂଜ୍ୟୁମର ପ୍ରଡକ୍ଟସ ଲିମିଟେଡର ପ୍ରମୁଖ ଚା' ବ୍ରାଣ୍ଡ୍ ଟାଟା ଟି ପ୍ରିମିୟମ ପକ୍ଷରୁ 'ଦେଶ କା ଗର୍ବ' ଅଭିଯାନର ୨୦୨୫ ସଂସ୍କରଣ ଘୋଷଣା କରାଯାଇଛି। ପାରମ୍ପରିକ କଳାକୃତି ସହ ଦୈନନ୍ଦୀନ ଚା' ପରମ୍ପରାକୁ ଯୋଡ଼ି କିଛି ବର୍ଷ ଧରି ଟାଟା ଟି' ପ୍ରିମିୟମ ସ୍ୱାଧୀନତା ଦିବସକୁ ପାଳନ କରୁଛି। ଚଳିତ ବର୍ଷ ଭାରତର କିଛି ପ୍ରସିଦ୍ଧ କଳାକୃତିରୁ ଅନୁପ୍ରାଣିତ ହୋଇ ହାତରେ ଚିତ୍ରାଙ୍କନ କରାଯାଇଥିବା କେଟିଲକୁ ଏହି ଅଭିଯାନରେ ଉପସ୍ଥାପନ କରାଯାଇଛି। ଦୈନନ୍ଦୀନ ଚା' ପରମ୍ପରା ସହ ଜଡ଼ିତ ଜିନିଷ ଯଥା କୁଲଡ ହେଉ କିମ୍ବା ଚଳିତ ବର୍ଷର କେଟିଲ ଜରିଆରେ ବ୍ରାଣ୍ଡ ପକ୍ଷରୁ ଭାରତର ସମୃଦ୍ଧ ଲୋକକଳା ଓ ଆଂଚଳିକ କଳାକୁ ଉପସ୍ଥାପନ କରାଯାଉଛି। ପ୍ରତି ସଂସ୍କରଣର ଉତ୍ପାଦ ସୌନ୍ଦର୍ଯ୍ୟଠାରୁ ଆଗକୁ ବଢ଼ି ସଂରକ୍ଷଣ, ପ୍ରସାର ଓ ଭାରତର କଳାକୃତି ପରମ୍ପରାକୁ ଉଭୟ ଆଧୁନିକ ଓ ଅର୍ଥପୂର୍ଣ୍ଣ ଢଙ୍ଗରେ ଆଗକୁ ବଢ଼ାଉଛି। ଚଳିତ ବର୍ଷଭାରତୀୟ ଲୋକକଳାର ସଂରକ୍ଷଣ କରୁଥିବା ସଂସ୍ଥା କୌଶଳମ ସହଯୋଗରେ 'ଦେଶ କା ଗର୍ବ' ଅଭିଯାନରେ ପାରମ୍ପରିକ କଳାକୃତିରୁ ଅନୁପ୍ରାଣିତ ହାତରେ ଚିତ୍ରାଙ୍କନ କରାଯାଇଥିବା କେଟିଲ ଉପସ୍ଥାପନ କରାଯାଇଛି। ଓଡ଼ିଶାର ପଟ୍ଟଚିତ୍ରରୁ ଅନୁପ୍ରାଣିତ ହୋଇ କେଟିଲକୁ ପ୍ରସ୍ତୁତ କରାଯାଇଛି। ସେଥିରେ କୋଣାର୍କ ମନ୍ଦିରର ଚକ, ନୃତ୍ୟ କରୁଥିବା ଓଡ଼ିଶୀ ନୃତ୍ୟଶିଳ୍ପୀ, ପୁରୀର ବୋଟ ଓ ବେଳାଭୂମି ଆଦିକୁ ସ୍ଥାନିତ କରାଯାଇଛି। ପାରମ୍ପରିକ ଧଡ଼ି ମୋଟିଫ ଏବଂ ଆକର୍ଷଣୀୟ ରଙ୍ଗ ତାହାକୁ ଅସଲି ଓ ଚମତ୍କୃତ କରିପାରିଛି। ଚଳିତ ବର୍ଷର ଅଭିଯାନକୁ ସମସାମୟିକ ଭାବ ପ୍ରଦାନ କରିବା ଲାଗି ଏଆଇ ସହଯୋଗରେ ଏକ ସିନେମା ପ୍ରସ୍ତୁତ କରାଯାଇଛି ଯାହା ଆଜିର ଯୁବପିଢ଼ିଙ୍କୁ ଭାରତୀୟ କଳାର ନିକଟତର କରିବ। ଏହି ବ୍ରାଣ୍ଡ ସିନେମା ପାଇଁ ସେଲିବ୍ରିଟି ଗାୟକ ପୀୟୂଷ ମିଶ୍ର ନିଜ ସ୍ୱର ଦେଇଛନ୍ତି। ଏ ସମ୍ପର୍କରେ ଟାଟା କଂଜ୍ୟୁମର ପ୍ରଡକ୍ଟର ସଭାପତି (ପ୍ୟାକେଜଡ ବେଭେରେଜେସ-ଭାରତ ଓ ଦକ୍ଷିଣ ଏସିଆ) ପୁନୀତ ଦାସ କହିଛନ୍ତି ଯେ, 'ଭାରତର ସମୃଦ୍ଧ ବିବିଧତାରେ ଏହାର ଦୃଢ଼ତା ଅନ୍ତର୍ନିହିତ ଥିବା ଉପରେ ଆମର ରହିଥିବା ବିଶ୍ୱାସ ହେଉଛି ଟାଟା ଟି ପ୍ରିମିୟମରେ ଆମ ହାଇପରଲୋକାଲ ରଣନୀତିର ମୂଳ କେନ୍ଦ୍ର। 'ଦେଶ କା ଗର୍ବ, ପ୍ରଦେଶ କି କଳା' ଜରିଆରେ ଆମେ କେବଳ କଳାର ଉତ୍ସବ ପାଳନ କରୁନାହୁଁ, ବରଂ ଭାରତର ସମୃଦ୍ଧ କଳାକୃତିକୁ ସଂରକ୍ଷଣ କରି ପ୍ରତିଟି ଚା' କେଟିଲକୁ ଏକ ଗର୍ବିତ କାହାଣୀରେ ପରିଣତ କରିଛୁ ଯାହାକୁ ଗ୍ରାହକମାନେ ହାସଲ କରିପାରିବେ। ତ୍ରି ଡିଜାଇନର ଡିଜାଇନ ମୁଖ୍ୟ ଅର୍ଣ୍ଣବ ଚାଟାର୍ଜୀ କହିଛନ୍ତି ଯେ, 'ଆମ ଦେଶରେ ଅନେକ କଳାକାର ଅଛନ୍ତି ଯେଉଁମାନେ ହାତରେ ଚିତ୍ର ଅଙ୍କନ ମାଧ୍ୟମରେ ପୁରାତନ କାହାଣି କହିବାର ପରମ୍ପରାକୁ ଜୀବିତ ରଖିଛନ୍ତି। ଆମେ ଭାରତର ବିବିଧ କଳାକୁ ପ୍ରଦର୍ଶିତ କରିବା ପାଇଁ ଏହାକୁ ବ୍ୟବହାର କରିଛୁ ଏବଂ ଚା' ପାନର ପରମ୍ପରାକୁ ସମ୍ମାନ ଜଣାଇବା ପାଇଁ ଚା କେଟିଲ୍ ଉପରେ ଏହାକୁ ଜୀବନ୍ତ କରିଛୁ।' କ୍ରିଏଟିଭଲ୍ୟାଣ୍ଡ ଏସିଆର ଗ୍ରୁପ୍ ଚିଫ୍ କ୍ରିଏଟିଭ୍ ଅଫିସର୍ ଆଜାଜୁଲ୍ ହକ୍ କହିଛନ୍ତି ଯେ, 'ଏହି ଫିଲ୍ମ ଏକ ଅନନ୍ୟ ପ୍ରକାରର ବ୍ରାଣ୍ଡେଡ୍ ବିଷୟବସ୍ତୁ ଯାହା କେବଳ ଏଆଇ ଏବଂ ଭିଏଫଏକ୍ସ ବ୍ୟବହାର କରି ହାଇପରଲୋକାଲ୍ ବିଷୟବସ୍ତୁ ସୃଷ୍ଟି କରିଛି ଏବଂ ଭାରତର ସଂସ୍କୃତି ଏବଂ କଳାକୁ ଗର୍ବର ସହିତ ପ୍ରଦର୍ଶିତ କରିଛି।

ଓଡ଼ିଶା ଭାସ୍କର
ODISHA BHASKAR
ଖେଳ ଖବର





ନୂଆଦିଲ୍ଲୀ: ଶ୍ରେୟସ ଆୟର ଆଇପିଏଲ-୨୦୨୫ରେ ଦମ୍‌ଦାର ପ୍ରଦର୍ଶନ କରି ୬୦୪ ରନ୍ କରିଥିଲେ। ଉକ୍ତ ପ୍ରଦର୍ଶନ ସତ୍ତ୍ୱେ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଲାଗି ଭାରତୀୟ ଦଳରେ ସ୍ଥାନ ମିଳିନଥିଲା। ତେନ୍ଦୁଲକର-ଆଣ୍ଡରସନ ଟ୍ରଫି ଟେଷ୍ଟ ଶୃଙ୍ଖଳାରେ ଭାରତ ୩ ନମ୍ବର ସ୍ଥାନ ବ୍ୟାଟିଂକୁ ନେଇ ସଙ୍କଟରେ ପଡ଼ିବା ସହିତ ସମସ୍ୟା ଭୋଗିଥିଲା। ୩ ନମ୍ବର ସ୍ଥାନକୁ ନେଇ ସମସ୍ୟା ସୃଷ୍ଟି ହେବା ପରେ ଶ୍ରେୟସ ଆୟରଙ୍କ ପାଇଁ ଭାରତୀୟ ଟେଷ୍ଟ ଦଳର ରାସ୍ତା ମଧ୍ୟ ଫିଟିଛି। ଶ୍ରେୟସ ସେପ୍ଟେମ୍ବରରେ ଖେଳାଯିବାକୁ ଥିବା ଏସିଆ କପ୍ ଟ୍ୱେଣ୍ଟି୨୦ କ୍ରିକେଟ ଓ ଘରୋଇ ଗ୍ରାଉଣ୍ଡରେ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ଦଳରେ ସ୍ଥାନ ପାଇବା ନେଇ ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଛି। ଏକ ରିପୋର୍ଟ ଅନୁଯାୟୀ, ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ଭାରତ ଭଲ ପ୍ରଦର୍ଶନ କରି ଶୃଙ୍ଖଳାକୁ ୨-୨ ଡ୍ର ରଖିଥିଲେ ମଧ୍ୟ ୩ ନମ୍ବର ସ୍ଥାନରେ ବ୍ୟାଟିଂକୁ ନେଇ ସମସ୍ୟା ଲାଗି ରହିଥିଲା। କରୁଣ ନାୟର ଓ ସାଇ ସୁଦର୍ଶନ ୩ ନମ୍ବର ସ୍ଥାନରେ ଖେଳିବାକୁ ସୁଯୋଗ ପାଇଥିଲେ ମଧ୍ୟ ଭଲ ପ୍ରଦର୍ଶନ କରି ପାରିନଥିଲେ। ଟେଷ୍ଟ କ୍ରିକେଟରେ ଏବେ ଉକ୍ତ ସ୍ଥାନକୁ ନେଇ ବିସିସିଆଇ ସିନିୟର ମନୋନୟନ କମିଟି ଚିନ୍ତାରେ ପଡ଼ିଛି। ଶ୍ରେୟସ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବାର ମଧ୍ୟ ଦକ୍ଷତା ରଖିଛନ୍ତି। ଏହି ଦୃଷ୍ଟିରୁ ଆଗାମୀ ଟେଷ୍ଟ ଶୃଙ୍ଖଳାରେ ଶ୍ରେୟସ ୩ ନମ୍ବର ସ୍ଥାନ ପାଇଁ ପ୍ରଥମ ପସନ୍ଦର ଖେଳାଳି ହେବେ। ଟ୍ୱେଣ୍ଟି୨୦ରେ ତିଳକ ବର୍ମା ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିଥାନ୍ତି। ଆଇପିଏଲରେ ତିଳକଙ୍କ ପ୍ରଦର୍ଶନ ଭଲ ନଥିବାରୁ ଶ୍ରେୟସଙ୍କୁ ଉକ୍ତ ସ୍ଥାନରେ ସୁଯୋଗ ମିଳିବା ନେଇ ଆଶା କରାଯାଉଛି। ଏବେ ଟେଷ୍ଟ କିମ୍ବା ଟ୍ୱେଣ୍ଟି୨୦ରେ ୩ ନମ୍ବର ସ୍ଥାନକୁ ନେଇ ସାଇ ସୁଦର୍ଶନ, ସର୍ଫରାଜ ଖାନ, ଧ୍ରୁବ ଜୁରେଲ, କରୁଣ ନାୟର ଓ ଶ୍ରେୟସ ଆୟରଙ୍କ ମଧ୍ୟରେ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହେବ।

## ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ

# ଭୁବନେଶ୍ୱର ହେବ ବିଶ୍ୱସ୍ତରୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ









ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ହେବ ବିଶ୍ୱସ୍ତରୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ। ରବିବାର କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ବ୍ରୋଞ୍ଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ଆଗାମୀ ଦିନରେ ଟୁର ଗୋଲ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହେବା ପାଇଁ ପ୍ରୟାସ ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେ କହିଛନ୍ତି କ୍ରୀଡାର ବିକାଶ ପାଇଁ ରାଜ୍ୟ ସରକାର ଜୋରଦାର ପ୍ରୟାସ ଆରମ୍ଭ କରିଛନ୍ତି। କ୍ରୀଡାର ବିକାଶ ପାଇଁ ବାର୍ଷିକ ହଜାରେ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ ମଧ୍ୟ ସ୍ପଷ୍ଟ କରିଛନ୍ତି। ଆସନ୍ତା ୪ବର୍ଷ ମଧ୍ୟରେ ୪ହଜାର ୧୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରବିବାର ଟୁର ବ୍ରୋଞ୍ଜ ପ୍ରତିଯୋଗିତାରେ ୧୮ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ୧୬୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଭାରତର ପ୍ରମୁଖ ମହିଳା ଜାଭେଲିନ୍ ଥ୍ରୋଅର ଅନୁ ରାଣୀ, ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ସ୍ତରୀୟ ପ୍ରତିଯୋଗିତାର ପୂର୍ବ ସନ୍ଧ୍ୟାରେ ତାଙ୍କର ସିଜନର ସର୍ବୋତ୍ତମ ୬୨.୫୯ ମିଟର ଦୂରତାକୁ ଆହୁରି ଉନ୍ନତ କରି ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି। ୨୫,୦୦୦ ଡଲାର ପୁରସ୍କାର ରାଶି ବିଶିଷ୍ଟ ଏକଦିବସୀୟ କଣ୍ଟିନେଣ୍ଟାଲ ଟୁର୍ ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ପ୍ରଦେଶର ୩୨ ବର୍ଷ ବୟସ୍କା ଅଭିଜ୍ଞ ଥ୍ରୋଅର୍ କହିଛନ୍ତି ଯେ ଏହି ସପ୍ତାହର ଆରମ୍ଭରେ (ଅଗଷ୍ଟ ୬) ୟୁରୋପରେ ତାଙ୍କର ୬୦ ମିଟରରୁ ଅଧିକ ଦୂରତା ତାଙ୍କ ଆତ୍ମବିଶ୍ୱାସକୁ ଏକ ବଡ଼ ବୃଦ୍ଧି ଦେଇଛି। ୨୦୨୩ ଏସୀୟ ଗେମ୍ସ ଚାମ୍ପିଅନ୍ ବିଶ୍ୱାସ କରନ୍ତି ଯେ ଜାପାନରେ ସେପ୍ଟେମ୍ବର ୧୩ ରୁ ୨୧ ପର୍ଯ୍ୟନ୍ତ ଟୋକିଓ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନ୍ସିପ୍ ପାଇଁ ତାଙ୍କର ପ୍ରସ୍ତୁତି ଟ୍ରାକ୍‌ରେ ଅଛି। ରବିବାର ସେ ୬୦ ମିଟର ଅତିକ୍ରମ କରିବାକୁ ଆଶାବାଦୀ ଥିଲେ। ଅନୁ କହିଛନ୍ତି ଯେ, 'ମୁଁ ଭୁବନେଶ୍ୱରର ସ୍ଥାନୀୟ ପାଗ ପରିସ୍ଥିତିରେ ଅଭ୍ୟସ୍ତ। ମୁଁ ରବିବାର ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ସ୍ତରୀୟ ପ୍ରତିଯୋଗିତାରେ ମୋର ସର୍ବୋତ୍ତମ ପ୍ରଦର୍ଶନ କରିପାରିଛି।' ଅନୁଙ୍କ ପୋଲାଣ୍ଡ ପ୍ରଦର୍ଶନ ତାଙ୍କୁ ରୋଡ୍ ଟୁ ଟୋକିଓ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପରେ






୩୦ତମ ସ୍ଥାନରେ ରଖିଛି। ସେପ୍ଟେମ୍ବରରେ ବିଶ୍ୱରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ଶ୍ରେଷ୍ଠ ୩୬ ଜଣ ଥ୍ରୋଅରଙ୍କ ମଧ୍ୟରୁ ୧୧ ଜଣ ଆଥଲେଟ୍ ଏପର୍ଯ୍ୟନ୍ତ ମହିଳା ଜାଭେଲିନ୍ ଥ୍ରୋରେ ୬୪ ମିଟର ସ୍ୱୟଂଚାଳିତ ଯୋଗ୍ୟତା ମାର୍କ ହାସଲ କରିଛନ୍ତି। ବିଶ୍ୱ ଆଥଲେଟିକ୍ସ ଯୋଗ୍ୟତା ନିର୍ଦ୍ଦେଶାବଳୀ ଅନୁଯାୟୀ ବାକି ୨୫ ଜଣ ଆଥଲେଟ୍ ବିଶ୍ୱ ରାଙ୍କି କୋଟା ସିଷ୍ଟମ ମାଧ୍ୟମରେ ଯୋଗ୍ୟତା ମାର୍କ ହାସଲ କରିଛନ୍ତି। ଅଗଷ୍ଟ ୨୪, ୨୦୨୫ ହେଉଛି ଜାପାନରେ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ ପାଇଁ ସେମାନଙ୍କ ନିଜ ନିଜ ଇଭେଣ୍ଟରେ ସ୍ୱୟଂଚାଳିତ ଯୋଗ୍ୟତା ସମୟ କିମ୍ବା ମାର୍କ ହାସଲ କରିବା ପାଇଁ ଆଥଲେଟସ୍‌ଙ୍କ ପାଇଁ ଶେଷ ତାରିଖ। ଆଥ୍ଲେଟସ୍ ବିଶ୍ୱ ରାଙ୍କିଂ କୋଟା ସିଷ୍ଟମ ମାଧ୍ୟମରେ ବିଶ୍ୱ ପାଇଁ ଟିକେଟ ମଧ୍ୟ ପାଇପାରିବେ। ପୁରୁଷମାନଙ୍କ ୨୦୦ ମିଟର ଦୌଡ଼ରେ କୁଜୁରଙ୍କ ବିଶ୍ୱ ରାଙ୍କିଂ ଏପର୍ଯ୍ୟନ୍ତ ୪୨। ଜାପାନରେ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପରେ ପ୍ରତିଯୋଗିତା କରିବାକୁ ଶ୍ରେଷ୍ଠ ୪୮ ଜଣ ଖେଳାଳି ଯୋଗ୍ୟ। ପୁରୁଷମାନଙ୍କ ୨୦୦ ମିଟରରେ ସ୍ୱୟଂଚାଳିତ ଯୋଗ୍ୟତା ୨୦.୧୬ ସେକେଣ୍ଡ। ତାଙ୍କର ଜାତୀୟ ରେକର୍ଡ ୨୦.୩୨ ରହିଛି। ପ୍ରତିଶ୍ରୁତିବଦ୍ଧ ଜାଭେଲିନ୍ ଥ୍ରୋଅର୍ ସଚିନ୍ ଯାଦବ, ଲମ୍ବା ଜମ୍ପର୍ ମୁରଲୀ ଶ୍ରୀଶଙ୍କର ଏବଂ ଶୈଳୀ ସିଂହ ମଧ୍ୟ ମୂଲ୍ୟବାନ ବିଶ୍ୱ ରାଙ୍କିଂ ପଏଣ୍ଟ ଅର୍ଜନ କରିବାକୁ ଲକ୍ଷ୍ୟ ରଖିବେ। ରବିବାର ଦିନ ମାଲେସିଆ ଏବଂ ଶ୍ରୀଲଙ୍କା ସମେତ ୧୫ରୁ ଅଧିକ ଦେଶର ଖେଳାଳିଙ୍କୁ ଏକ ଦିବସୀୟ କଣ୍ଟିନେଣ୍ଟାଲ ମିଟ୍‌ରେ ଦେଖିବାକୁ ମିଳିଥିଲା। ସକାଳ ଅଧିବେଶନରେ ହିଟ୍ସ ପରିଚାଳନା କରାଯିବା ସହ ମୁଖ୍ୟ ଇଭେଣ୍ଟ ସନ୍ଧ୍ୟାରେ ହୋଇଥିଲା। ଓଡ଼ିଶାର କମିଶନର ତଥା ସଚିବ କ୍ରୀଡ଼ା, ସଚିନ ଜାଦବ କହିଛନ୍ତି ଯେ, ଏହି ମେଗା ଇଭେଣ୍ଟ ପାଇଁ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି। ଜାଦବ ଆହୁରି ମଧ୍ୟ କହିଛନ୍ତି ଯେ, 'ଭୁବନେଶ୍ୱରରେ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜର ପ୍ରଥମ ସଂସ୍କରଣ ଆୟୋଜନ କରିବାକୁ ଓଡ଼ିଶା ସରକାର ଉତ୍ସାହିତ। ଆମେ ଭବିଷ୍ୟତରେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଆୟୋଜନ ଜାରି ରଖିବୁ।' ଏଏଫ୍‌ଆଇ ସଭାପତି ବାହାଦୁର ସିଂହ ସାଗୁ କହିଛନ୍ତି ଯେ, କଣ୍ଟିନେଣ୍ଟାଲ ଟୁର୍ ଖେଳାଳିମାନଙ୍କ ପାଇଁ ସେମାନଙ୍କର ପ୍ରଦର୍ଶନ ପ୍ରଦର୍ଶନ କରିବା ଏବଂ ଜାପାନରେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିବା ପାଇଁ ଏକ ଭଲ ପ୍ଲାଟଫର୍ମ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଜାପାନରେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ୧୦ରୁ ଅଧିକ ଖେଳାଳି ପୂର୍ବରୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଆମେ ଆଶା କରିଥିଲୁ ଯେ ସେପ୍ଟେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ଅଧିକ ଖେଳାଳି ସ୍ଥାନ ପାଇବେ।

## ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜ୍

# ଅଷ୍ଟ୍ରେଲିଆ ୧୭ରନ୍‌ରେ ବିଜୟୀ




ଡାରଓ୍ୱିନ୍ : ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ରବିବାର ଅନୁଷ୍ଠିତ ଟି-୨୦ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୧୭ରନ୍ ବିଜୟୀ ହୋଇଛି। ସାଉଥ ଆଫ୍ରିକା ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଯାହାଫଳରେ ଅଷ୍ଟ୍ରେଲିଆକୁ ବ୍ୟାଟିଂ କରିବାକୁ ପଡିଥିଲା। ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ଓଭରରେ ୧୦ୱିକେଟ ହରାଇ ୧୭୮ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟକ ମିଚେଲ ମାର୍ସ ୧୩, ହେଡ୍ ୨, ୱିକେଟକିପର ଜୋସ ଇଂଲିଶ ୦, ଗ୍ରିନ୍ ୩୫, ଟିମ୍ ଡାଭିଡ୍ ୮୩, ମିଚେଲ ଓ୍ୱନ ୨, ମାକ୍ସୱେଲ ୧, ଦ୍ୱାରସ୍ୱିସ୍ ୧୭, ନାଥନ ଇଲିସ୍ ୧୨, ଜାମ୍ପା ୧ ରନ୍ କରିବାକୁ ସକ୍ଷମ ହୋଇଥିଲେ। ସାଉଥ ଆଫ୍ରିକା ପକ୍ଷରୁ ଲୁଙ୍ଗି ନିଗିଡି, ଜର୍ଜ ଲିଣ୍ଡେ, ସେନୁରାମ୍ ମାଥୁ୍ୟସ୍‌ମେ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିବା ବେଳେ ରାବଡା ୨ଟି ଓ କେଓ୍ୱନ ମହାପାକା ୪ଟି ୱିକେଟ ଅକ୍ତିଆର କରିଥିଲେ। ୧୭୯ରନ୍‌ର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା ଦକ୍ଷିଣ ଆଫ୍ରିକା। ଦଳ ନିର୍ଦ୍ଧାରିତ ୨୦ଓଭରରେ ୯ୱିକେଟ ହରାଇ ୧୬୧ରନ୍ କରି ମ୍ୟାଚ୍ ହାରିଯାଇଥିଲା। ଦଳ ପକ୍ଷରୁ ୱିକେଟ କିପର ରିଆନ୍ ରିକ୍ଲେଟନ ୭୧ରନ୍ କରିଥିବା ବେଳେ ଅନ୍ୟ ଖେଳାଳି ସେଭଳି ଆଖି ଦୃଶିଆ ରନ୍ କରି ପାରି ନଥିଲେ। ଅନ୍ୟ ପକ୍ଷରେ ଅଧିନାୟକ ଆଡାନ୍ ମ୍ୟାକ୍‌ରମ ୧୨, ଲୁହାନ-ଡ୍ରେ ପେଟ୍ରିସ୍ ୧୨, ଡିଓ୍ୱାଲ୍ଡ ବ୍ରେଭିସ୍ ୨, ଟ୍ରିଷ୍ଟାନ ଷ୍ଟୁବସ୍ ୩୭, କୋରବିନ୍ ବୋସ୍ ୨, କାଗିସୋ ରାବଡା ୧୦, କେଓ୍ୱେନ୍ ମାଫାକା ୩ ରନ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଜୋସ୍ ହାଜିଉଡ୍ ୩ୱିକେଟ, ଗ୍ଲିନ୍ ମ୍ୟାକ୍ସୱେଲ ୧, ବେନ୍ ଦ୍ୱାରସିସ୍ ୩, ଆଦାମ୍ ଝାମ୍ପା ୨ୱିକେଟ ଅକ୍ତିଆର କରିଥିଲେ।

# ରାୟଗଡା ଓ ଗୁଣପୁର ଉପଖଣ୍ଡ କ୍ଷେତ୍ର କର୍ମଚାରୀଙ୍କ ମଧ୍ୟରେ କ୍ରିକେଟ ମ୍ୟାଚ୍

ଗୁଣପୁର (ଭାସ୍କର ନ୍ୟୁଜ୍): ଗୁଣପୁର ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ଗୁଣପୁର ଓ ରାୟଗଡା ଉପଖଣ୍ଡ ରାଜସ୍ୱ କ୍ଷେତ୍ର କର୍ମଚାରୀ ଦଳ ମଧ୍ୟରେ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଗୁଣୁପୁର ଉପଖଣ୍ଡ ଦଳ ରାଜସ୍ୱ ପରିଦର୍ଶକ ଶିବାନନ୍ଦ ଦାସଙ୍କ ନେତୃତ୍ୱରେ ଏବଂ ରାୟଗଡା ଉପଖଣ୍ଡ ଦଳ ରାଜସ୍ୱ ନିରୀକ୍ଷକ ବାଳକୃଷ୍ଣ ରଥଙ୍କ ନେତୃତ୍ୱରେ ଖେଳିଥିଲେ। ରାୟଗଡା ଦଳ ଟସ୍ ଜିତି ପ୍ରଥମେ ୧୨୫ ରନର ଟାର୍ଗେଟ ରଖିଥିଲେ ଏବଂ ଶିବାନନ୍ଦ ଦାସଙ୍କ ଚମତ୍କାର ଅଧିନାୟକତ୍ୱରେ ଗୁଣୁପୁର ଦଳ ଏହାକୁ ପିଛା କରି ୪ ୱିକେଟ୍ ବାକି ରଖି ବିଜୟୀ ହୋଇଥିଲେ ଏବଂ ସ୍ୱୟଂ ଅଧିନାୟକ ଗୋଟିଏ ପାର୍ଶ୍ୱରେ ନଟ୍ ଆଉଟ୍ ରହିଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ମୋନଜ ରଥ ଏବଂ ଶ୍ରେଷ୍ଠ ବୋଲର ଭାବେ ବୋମନା ଆନନ୍ଦ ବିବେଚିତ ହୋଇଥିଲେ। ଶେଷରେ ବିବେଚିତ ଦଳ ଓ ଶ୍ରେଷ୍ଠ ଖେଳାଳିଙ୍କୁ ଅତିଥି ତହସିଲଦାର, ରାମନାଗୁଡ଼ା ପ୍ରାଣ କୃଷ୍ଣ ପାଣିଗ୍ରାହୀଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡମ୍ବରୁଧର ଗୌଡ ପରିଚାଳନା କରିଥିଲେ।

## ଏସିଆନ ସର୍ଫିଙ୍ଗ ଚାମ୍ପିୟନଶିପ୍

# ପଦକ ଜିତିଲେ ରମେଶ ବୁଢ଼ିଆଲ

ଚେନ୍ନାଇ: ରମେଶ ବୁଢ଼ିଆଲ ପ୍ରଥମ ଭାରତୀୟ ଭାବେ ଏସିଆନ ସର୍ଫିଙ୍ଗ ଚାମ୍ପିୟନଶିପ୍‌ରେ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି। ସେ ଓପନ ପୁରୁଷ କାଟେଗୋରିରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ବୁଢ଼ିଆଲ ଆହୁରି ମଧ୍ୟ ଦେଶର ପ୍ରଥମ ଭାବେ ଇଭେଣ୍ଟର ପଦକ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ସେ ୧୨.୬୦ ପଏଣ୍ଟ ସହ ବ୍ରୋଞ୍ଜ ପଦକ ଲାଭ କରିଥିଲେ। କୋରିଆର କାନୋଆ ହିଜାଏ ୧୫.୧୭ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିବାବେଳେ ଇଣ୍ଡୋନେସିଆର ପାଜାର ଆରିୟାନା (୧୪.୫୭ ପଏଣ୍ଟ)ଙ୍କୁ ରୌପ୍ୟ ମିଳିଛି। ଓପନ ମହିଳା କାଟେଗୋରିରେ ଜାପାନର ଆନ୍‌ରି ମାଷ୍ଟୁନୋ (୧୪.୯୦ ପଏଣ୍ଟ) ଏକ କଡ଼ା ମୁକାବିଲାରେ ତାଙ୍କ ଦେଶର ସୁମୋକୋ ସାତୋ (୧୩.୭୦)ଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ଜିତିଥିଲେ। ଥାଇଲାଣ୍ଡର ଇସାବଲେ ହିଗ୍ସ (୧୧.୭୫ ପଏଣ୍ଟ) ବ୍ରୋଞ୍ଜ ପଦକ ପାଇଛନ୍ତି। ପୂର୍ବରୁ ୧୮ ବର୍ଷରୁ କମ୍ ବାଳକ କାଟେଗୋରିରେ କୋରିଆର କାନୋଆ ହିଜାଏ ୧୪.୩୩ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଚାଇନାର ଶିଡଙ୍ଗ୍ ଉ' (୧୩.୧୦) ଓ ଶୁଲୋଉ ଜିଆଙ୍ଗ (୮) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ। ୧୮ବର୍ଷରୁ କମ୍ ବାଳିକା ବିଭାଗରେ ଚାଇନାର ସିକି ୟାଙ୍ଗ୍ ଆଧିପତ୍ୟ ବିସ୍ତାର କରି ୧୪.୫୦ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ତାଙ୍କ ଦେଶର ଶୁହାନ୍ ଜିନ୍ (୧୦.୩୩) ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ଜିତିଥିଲେ। ଥାଇଲାଣ୍ଡର ଇସାବେଲ (୮.୧୦ ପଏଣ୍ଟ)ଙ୍କୁ ବ୍ରୋଞ୍ଜ ପଦକ ମିଳିଛି।


# କରଡାପଲ୍ଲି ଫୁଟବଲ୍ ଓ ପଙ୍କାଳ ଭଲିବଲ୍ ଚାମ୍ପିଅନ୍



ତିଗିରିଆ (ଭାସ୍କର ନ୍ୟୁଜ୍) : ତିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳ ଗ୍ରାମରେ ଚାଲୁ ରହିଛି, ଦୁଇ ଦିବସୀୟ ଜିଲ୍ଲା ସ୍ତରୀୟ ଯୁବ ସଂଗଠନ ମଜଲିସ ଖୁଦ୍ଦାମୁଲ ଅହମଦୀୟାର ବାର୍ଷିକ ଇଜତେମା। ଏହି ଅବସରରେ କ୍ରୀଡାଗତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସକାଳ କାର୍ଯ୍ୟକ୍ରମ ଅନୁଯାଇ ମାରାଥନ ଦୌଡ, ୧୦୦ ମିଟର ଦୌଡ, ଲମ୍ଫ ଡିଆଁ, ଦୌଡିଟଣା, ଫୁଟବଲ ଓ ଭଲିବଲ ଖେଳ ହୋଇଥିଲା। ବ୍ୟକ୍ତିଗତ ଖେଳ ମାରାଥନ ଦୌଡରେ ପ୍ରଥମ ସ୍ଥାନ ଗୁଣ୍ଡିଚାପଡା ଗ୍ରାମର ହମିଦ ଅହମଦ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନ କରଡାପଲ୍ଲି ଗ୍ରାମର ଜମାଲ ଖାନ୍ ଏବଂ ତୃତୀୟ ସ୍ଥାନ ପଙ୍କାଳ ଗ୍ରାମର ଜାଫର ଅହମଦ ଓସିମ ହୋଇଥିଲେ। ୧୦୦ ମିଟର ଦୌଡରେ ପ୍ରଥମ ସ୍ଥାନ ଗୁଣ୍ଡିଚାପଡା ଗ୍ରାମର ସେକ ଅତାଉଲ ଇସଲାମ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନ ପଙ୍କାଳ ଗ୍ରାମର ସାଜିଦ ଖାନ୍ ଏବଂ ତୃତୀୟ ସ୍ଥାନ କରଡାପଲ୍ଲି ଗ୍ରାମର ସାହିଲ ଖାନ୍ ହୋଇଥିଲେ। ଲମ୍ଫଡିଆଁରେ ପ୍ରଥମ ସ୍ଥାନ ପଙ୍କାଳ ଗ୍ରାମର ରମଜାନ ଖାନ୍ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନ ଗୁଣ୍ଡିଚାପଡା ଗ୍ରାମର ହମିଦ ଅହମଦ ଏବଂ ତୃତୀୟ ସ୍ଥାନ ମୁକ୍ତାଦେଇପୁର ଗ୍ରାମର ଫରିଦ ଖାନ୍ ଅଧିକାର କରିଥିଲେ । ସେହିଭଳି ଦଳଗତ ଖେଳ ମଧ୍ୟରେ ଦୌଡିଟଣା ଖେଳରେ ଛଅ ଗୋଟି ଦଳ ଭାଗ ନେଇଥିଲେ । ଫାଇନାଲ ଖେଳ ପଙ୍କାଳ ଓ କରଡାପଲ୍ଲି ଦଳ ମଧ୍ୟରେ ହୋଇଥିଲା । ଏଥିରେ କରଡାପଲ୍ଲି ଦଳ ୨-୧ରେ ବିଜୟୀ ହୋଇ ଦୌଡିଟଣାରେ ଚାମ୍ପିୟନ ହୋଇଥିଲା । ସେହିଭଳି ଭଲିବଲରେ ଆଠଗୋଟି ଦଳ ଭାଗ ନେଇଥିଲେ । ଶେଷ ଫାଇନାଲ ପଙ୍କାଳ ଓ ଧୂଆଁସାହି (ସୁଙ୍ଗୁଡା) ଗ୍ରାମ ମଧ୍ୟରେ ହୋଇଥିଲା । ଏଥିରେ ପଙ୍କାଳ ଦଳ ୨୪-୨୧, ୨୩-୨୪ ଏବଂ ୨୪-୨୦ରେ ବିଜୟ ହାସଲ କରି ଭଲିବଲ ଚାମ୍ପିୟନ ହୋଇଛି । ସେହିଭଳି ଫୁଟବଲ ଖେଳରେ ସାତଗୋଟି ଦଳ ପଙ୍କାଳ, ଗୁଣ୍ଡିଚାପଡା, ତାଳବରକୋଟ, କୋଟପଲ୍ଲୀ, କରଡାପଲ୍ଲି, ମୁକ୍ତାଦେଇପୁର ଏବଂ ରେଷ୍ଟ ଅଫ୍ କଟକ ଭାଗ ନେଇଥିଲେ । ଏହି ଖେଳରେ ଗୁଣ୍ଡିଚାପଡା ଏବଂ କରଡାପଲ୍ଲି ଦଳ ଫାଇନାଲକୁ ଉନ୍ନିତ ହୋଇଥିଲେ । ଫାଇନାଲ ଖେଳ ଖୁବ ସଂଘର୍ଷ ପୂର୍ଣ୍ଣ ହୋଇଥିଲା। ଖେଳର ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗରେ କେହି କାହାରିକୁ ଗୋଲ ଦେଇ ପାରିପାରି ନଥିଲେ । ପରିଶେଷରେ ଲେଫେରି ଟ୍ରାଇବ୍ରେକରର ସହାୟ୍ୟ ନେଇଥିଲେ। ଟ୍ରାଇବେକର ୫-୪ ଗୋଲରେ କରଡାପଲ୍ଲି ଦଳ ବିଜୟ ହୋଇ ଫୁଟବଲ ଚାମ୍ପିୟନ ହୋଇଥିଲେ। କ୍ରୀଡାଗତ ସମସ୍ତ ଖେଳକୁ ଇସମାଇଲ ଖାନ, ଲୋକମାନ ଖାନ, ମହମୁଦ ଖାନ, ବେଶାରତ ଖାନ, ସଲାତ ଖାନ, ମମ୍ମଦ ସୋଲେମାନ ଏବଂ କମାଲୁଦ୍ଦିନ ଖାନ ପରିଚାଳନା କରିଥିଲେ।

# ବିରେନ୍ଦ୍ର କୁମାର ମେମୋରିଆଲ୍ ଫୁଟବଲ୍ ଉଦ୍‌ଘାଟିତ

କନ୍ଧମାଳ (ଭାସ୍କର ନ୍ୟୁଜ୍): କନ୍ଧମାଳ ଆଥଲେଟିକ ଆସୋସିଏସନ୍ କନ୍ଧମାଳ ଦ୍ୱାରା ପ୍ରଥମ ବିରେନ୍ଦ୍ର କୁମାର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବର ପ୍ରଥମ ମ୍ୟାଚ କନ୍ଧମାଳ ଆଥଲେଟିକ ଏସୋସିଏସନ୍ ଓ ବୌଦ୍ଧ ଗିରାସିଙ୍ଗା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ପାରିନଥିଲେ ଫଳରେ ଟ୍ରାଇବେକର ଜରିଆରେ କନ୍ଧମାଳ ଦଳ ୩-୦ ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବରେ ସେମିଫାଇନାଲରେ ପ୍ରବେଶ କରିଥିଲା। ଉଦଘାଟନୀ ଉତ୍ସବରେ ଆଇନଜିବି ମୋନଜ ଶର୍ମା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ରାଧାବଲବ ପ୍ରଧାନ, ସଦାଶିବ ମହାନନ୍ଦ, ଶୁକଦେବ ମଙ୍ଗରାଜ, ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ରବିବାର ଦ୍ୱିତୀୟ ଦିବସର ଖେଳରେ ଫୁଲବାଣୀ ଓ ଆଥଲେଟିକ ଆସୋସିଏସନ୍ କନ୍ଧମାଳ ମଧ୍ୟରେ ହୋଇଥିଲା କନ୍ଧମାଳ ଦଳ ୪-୦ ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି। ବିକାଶ କୁମାର ସାହୁ ଖେଳ ପରିଚାଳନା କରିଥିଲେ ଏବଂ ଲାଇନରେ ସୁଜିତ୍ ଖଟୁଆ ଓ ଅନିଲ କୁଦେଇ ଦାୟିତ୍ୱ ତୁଲାଇ ଥିଲେ। ଆଥଲେଟିକ ଆସୋସିଏସନ୍ କନ୍ଧମାଳର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



# ବ୍ୟାଡ୍‌ମିଣ୍ଟନ୍ ର୍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଢେଙ୍କାନାଳ (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ହଲ୍ ଠାରେ ତିନିଦିନ ଧରି ଚାଲିଥିବା ସବ୍‌ଜୁନିୟର ୧୭ବର୍ଷରୁ କମ୍ ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଂଟନ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ସମାପ୍ତ ହୋଇଯାଇଅଛି । ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ସମସ୍ତ ଜିଲ୍ଲାରୁ ସର୍ବମୋଟ୍ ୧୯୦ଜଣ ପ୍ରତିଯୋଗୀ ଭାଗନେଇଥିଲେ । ପ୍ରଥମଥର ପାଇଁ ଢେଙ୍କାନାଳ ଜିଲ୍ଲା ବ୍ୟାଡ୍‌ମିଂଟନ୍ ଆସୋସିଏସନ୍‌କୁ ଏଭଳି ଏକ ର୍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ପାଇଁ ଓଡିଶା ବ୍ୟାଡ୍‌ମିଂଟନ ଆସୋସିଏସନ୍ ସୁଯୋଗ ଦେଇଥିବାରୁ ଜିଲ୍ଲା ବ୍ୟାଡ୍‌ମିଂଟନ ଆସୋସିଏସନ୍‌ର ସମସ୍ତ କର୍ମକର୍ତ୍ତା ବହୁତ ଉତ୍ସାହ ସହ ଓଡିଶା ବ୍ୟାଡ୍‌ମିଂଟନ ଆସୋସିଏସନ୍‌କୁ ଧନ୍ୟବାଦ ଜ୍ଞାପନ କରୁଛନ୍ତି। ଏହି ଉଦ୍‌ଯାପନୀ ସଭାରେ ଢେଙ୍କାନାଳର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଡା. ଅବିନାଶ ସାମଲ ଓ ଯୁବରାଜ ଅମରଜ୍ୟୋତି ସିଂହଦେଓଙ୍କ ସମେତ ଓଡିଶା ବାଡ୍‌ମିଂଟନ୍ ଆସୋସିଏସନ୍ ତରଫରୁ ଟୁର୍ଣ୍ଣାମେଂଟ୍ ପର୍ଯ୍ୟବେକ୍ଷକ କମଳ ଦାସ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଅଜିତ୍ ମହାନ୍ତି ଓ ତାରାକାନ୍ତ ଦାସ ଓ ଜିଲ୍ଲା ବ୍ୟାଡ୍‌ମିଂଟନ ଆସୋସିଏସନ୍ ତରଫରୁ ସଭାପତି ଦୀପକ କୁମାର ଦଳାଇ, କାର୍ଯ୍ୟକାରୀ ସଭାପତି ଅମୀତ୍ ଶତପଥୀ, ସଂପାଦକ ଟଙ୍କଧର ବେହେରା, ସହ-ସମ୍ପାଦକ ପ୍ରଦୀପ କୁମାର ମିଶ୍ର, ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ଜିଲ୍ଲା ସଂଘ ସଦସ୍ୟ ରଶ୍ମି ପ୍ରକାଶ ପଟ୍ଟନାୟକ, ସୁଶାନ୍ତ କୁମାର ସାହୁ, ତାରେଣୀ ମାଝି, ବିଜେସ୍ ମିଶ୍ର, ପ୍ରିୟବ୍ରତ ପ୍ରଧାନ, ସାରଦା ପ୍ରସନ୍ନ ହୋତା, ଅନିଲ୍ ସାହୁ, କୃପାସିନ୍ଧୁ ବେହେରା, ସମୀର ସାମଲ, ମାନସ ମଲ୍ଲିକ, ପ୍ରମୋଦ ସିଂହ, ଉଦୟଭାନୁ ସିଂହ, ଅମୀତ୍ ଛୋଟରାୟ ପ୍ରମୁଖ ଉପସ୍ଥିତ ରହି ସଭାକାର୍ଯ୍ୟ ସମ୍ପାଦନ କରିଥିଲେ।

# ବିବିଧବର୍ଣ୍ଣା



ବଦଳୁଛି ପାଣିପାଗ ଆଉ ଜଳବାୟୁରେ ହେଉଛି ପରିବର୍ତ୍ତନ । ଦେଖିବାକୁ ମିଳୁଛି ବର୍ଷା, ପବନ ଓ ସନ୍ତସନ୍ତିଆ ପାଗ । ବର୍ଷା ଦିନିଆ ପବନ ଦେହ ପାଇଁ ଖୁବ୍ ଭଲ ହୋଇଥାଏ । ବର୍ଷା ହୋଇ ବାୟୁମଣ୍ଡଳର ଧୂଳିକଣା ଧୋଇ ହୋଇ ଯାଇଥିବା ହେତୁ ଆମକୁ ସ୍ୱଚ୍ଛ ପବନ ମିଳିଥାଏ । ହେଲେ ବର୍ଷା ଦିନ ସବୁ ଦିଗରୁ ମଙ୍ଗଳମୟ ନୁହେଁ । ଏହି ଋତୁରେ ଶରୀର ଅସୁସ୍ଥ ହେବାର ଅନେକଗୁଡ଼ିଏ କାରଣ ରହିଛି। ତେବେ, ଚାଲନ୍ତୁ ଜାଣିବା କ'ଣ ସବୁ ଏହି ଦିନେ ନଖାଇବା ଦ୍ୱାରା ଆମେ ଆମ ସ୍ୱାସ୍ଥ୍ୟକୁ ନିୟନ୍ତ୍ରଣରେ ରଖିପାରିବା । ଖାସ୍ କରି ବର୍ଷା ଦିନିଆ ରାସ୍ତାକଡ଼ ଖାଦ୍ୟ ଖାଆନ୍ତୁ ନାହିଁ । ବିଶେଷ କରି ରାସ୍ତା କଡ଼ରେ ମିଳୁଥିବା ଦୋକାନମାନଙ୍କରେ ତେଲଭାଜି ଖାଇବା ଦ୍ୱାରା ଶରୀର ଅସୁସ୍ଥ ହେବାର ବହୁ ସମ୍ଭାବନା ରହିଛି । ବର୍ଷା ଦିନିଆ ବନ୍ଧା କୋବି ଆଦୌ ଖାଆନ୍ତୁ ନାହିଁ । ବନ୍ଧା କୋବିର ପତ୍ରରେ ବହୁ କୁନି କୁନି ପୋକ ସବୁ ଲାଗି କରି ରହିଥାନ୍ତି । ଏହା ପେଟକୁ ଗଲେ ଖାଦ୍ୟକୁ ବିଷାକ୍ତ କରିପକାନ୍ତି । ବର୍ଷା ଦିନେ ଅତିରିକ୍ତ ଖଟା କିମ୍ବା ଆଚାର ଖାଇବା ଆଦୌ ଦେହ ପକ୍ଷେ ସୁସ୍ଥକର ନୁହେଁ । ଏସବୁ ଖାଦ୍ୟରୁ ନିଜକୁ ଦୂରେଇ ରଖିଲେ ଭଲ । କୌଣସି ବି ପରିବା କିମ୍ବା ଫଳ କାଟିକି ରଖି ପରବର୍ତ୍ତୀ ମୁହୂର୍ତ୍ତରେ ଖାଆନ୍ତୁ ନାହିଁ । କଟା ଫଳ କିମ୍ବା ପରିବା ବର୍ଷା ଦିନେ କିଛି କ୍ଷଣ ବାହାରେ ରହିବା ପରେ ବିଷାକ୍ତ ହୋଇଯାଏ ।

## ମନ ଜିଣୁଛି ସ୍ମୃତିଙ୍କ ତୁଳସୀ

ରାଜନୀତିରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପରେ ଛୋଟ ପରଦାକୁ ପୁଣି ଫେରିଛନ୍ତି ଅଭିନେତ୍ରୀ ସ୍ମୃତି ଇରାନୀ। ଚର୍ଚ୍ଚିତ ଧାରାବାହିକ 'କ୍ୟୁକି ସାସ୍ ଭି କଭି ବହୁ ଥି'ର ଦ୍ୱିତୀୟ ସିଜନରେ ସେ ନଜର ଆସୁଛନ୍ତି। ପୁଣିଥରେ 'ତୁଳସୀ' ଚରିତ୍ରରେ ନଜର ଆସୁଛନ୍ତି। ଏହାକୁ ନେଇ ପ୍ରଶଂସକମାନେ ବେଶ ଖୁସି ହୋଇଛନ୍ତି। ଫଳରେ ଲୋକପ୍ରିୟତାକୁ ନେଇ ଏହା ଟିଆରପି ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଲୋକପ୍ରିୟ ଶୋ' 'ଅନୁପମା'କୁ ପଛରେ ପକାଇ ସ୍ମୃତି ଇରାନୀ ଏହି ସିରିଏଲ ସହିତ ଟେଲି ପରଦାର ସର୍ବାଧିକ ପାରିଶ୍ରମିକ ନେଉଥିବା ଅଭିନେତ୍ରୀ ହେବାର ମାନ୍ୟତା ହାସଲ କରିଛନ୍ତି। ରିପୋର୍ଟ ଅନୟାୟୀ, 'କ୍ୟୁଙ୍କି ସାସ ଭି କଭି ବହୁ ଥି ୨'ରେ ତୁଳସୀ ଚରିତ୍ର ପାଇଁ ସ୍ମୃତି ଇରାନୀ ପ୍ରତି ଏପିସୋଡ୍ ପିଛା ୧୪ ଲକ୍ଷ ଟଙ୍କା ପାରିଶ୍ରମିକ ନେଉଛନ୍ତି। ଏହି ପାରିଶ୍ରମିକ ସହିତ ସେ ଟିଭି ଇଣ୍ଡଷ୍ଟ୍ରିର ଅନ୍ୟ ସମସ୍ତ ଅଭିନେତ୍ରୀଙ୍କୁ ପଛରେ ପକାଇ ଦେଇଛନ୍ତି। ତୁଳନା କଲେ, ହିନା ଖାନ ପ୍ରତି ଏପିସୋଡ୍ ପଛା ୨ ଲକ୍ଷ ଟଙ୍କା ଏବଂ 'ଅନୁପମା' ପାଇଁ ରୂପାଲୀ ଗାଙ୍ଗୁଲୀ ପ୍ରତି ଏପିସୋଡ୍ ପିଛା ୩ ଲକ୍ଷ ଟଙ୍କା ପାରିଶ୍ରମିକ ନେଉଛନ୍ତି। ନିକଟରେ ଏକ ସାକ୍ଷାତକାରରେ ସ୍ମୃତି ଏହି ଚର୍ଚ୍ଚାକୁ ନିଶ୍ଚିତ କରିଛନ୍ତି। କହିରଖୁଛୁ, ୨୦୦୦ରେ ସ୍ମୃତି ତୁଳସୀ ଭୂମିକାରେ ନଜର ଆସିଥିଲେ।



## ବିଗ୍ ବସ୍'କୁ ଏଲ୍‌ନାଜଙ୍କ ନା

ରିୟଲିଟି ଟିଭି ଶୋ' ବିଗ୍‌ବସ୍-୧୯' ଆସନ୍ତା ୨୪ ତାରିଖରୁ ପ୍ରସାରିତ ହେବ। ନିକଟରେ ଶୋ'ର ଟ୍ରେଲର୍ ରିଲିଜ୍ ହୋଇଥିବା ବେଳେ ସେଥିରେ ବିଗ୍ ବସ୍‌ର ଥିମ୍ ଦେଖିବାକୁ ମିଳିଥିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗୀଙ୍କ ନାଁ ଅଦ୍ୟାବଧି ସାମ୍ନାକୁ ଆସିନାହିଁ । ଇତିମଧ୍ୟରେ ଶୋ'କୁ ନେଇ ଏକ ନୂଆ ଖବର ଆସିଛି । 'ବିଗ୍ ବସ୍-୧୯' ପାଇଁ ଅଭିନେତ୍ରୀ ଏଲ୍‌ନାଜ ନୋରୋଜୀଙ୍କ ସହ ସମ୍ପର୍କ କରାଯାଇଥିଲା । ଶୋ'ରେ ସାମିଲ ହେବା ପାଇଁ ତାଙ୍କୁ ମୋଟା ଅଙ୍କ ମଧ୍ୟ ଅଫର୍ ହୋଇଥିଲା । କିନ୍ତୁ ଏଲ୍‌ନାଜ ମନା କରିଦେଲେ । ରିପୋର୍ଟ ଅନୁସାରେ, ଏଲ୍‌ନାଜଙ୍କୁ ଶୋ'କୁ ଆସିବା ପାଇଁ ୬ କୋଟି ଟଙ୍କା ଅଫର ହୋଇଥିଲା । ପୂର୍ବରୁ ଅନ୍ୟ ପ୍ରୋଜେକ୍ଟ ପାଇଁ କରିଥିବା ଚୁକ୍ତି ଯୋଗୁ ସେ ଏହି ଅଫର ଛାଡ଼ିଥିବା ଚର୍ଚ୍ଚା ହେଉଛି । ସେ ଏବେ ଲଣ୍ଡନ୍‌ରେ ନିଜର ଅପ୍‌କମିଙ୍ଗ ଫିଲ୍ମ 'ମସ୍ତି-୪'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଖୁବ୍‌ଶୀଘ୍ର ଜନ୍ ଆବ୍ରାହମ୍‌ଙ୍କ ସହ ଓ୍ୱେବ୍ ଫିଲ୍ମ 'ତେହରାନ୍'ରେ ତାଙ୍କୁ ଦେଖିବାକୁ ମିଳିବ । ଏଲ୍‌ନାଜ ଏବେ କାଳେ କାମର ସଂଖ୍ୟା କିମ୍ବା ଟଙ୍କା ପଛରେ ଗୋଡ଼ାଉ ନାହାନ୍ତି, ବରଂ ଭଲ କାମ ଉପରେ ଧ୍ୟାନ ଦେଉଛନ୍ତି । ଏହି କାରଣରୁ ସେ ବିଗ୍ ବସ୍-୧୯ରେ ସାମିଲ ହୋଇପାରି ନଥିବା ଚର୍ଚ୍ଚା ଜୋର ଧରିଛି । ତେବେ ତାଙ୍କର ପୂରା ଧ୍ୟାନ ଏବେ ସିନେମା ଉପରେ ।



## ୱାଇଆର୍‌ଏଫ୍ ସହ ସମ୍ପର୍କ ଭାଙ୍ଗିଲେ ରଣବୀର ସିଂ

ବଲିଉଡ୍‌ର ସିମ୍ବା ତଥା ବାଜିରାଓ ରଣବୀର ସିଂ । ୨୦୧୦ ମସିହାରେ ରଣବୀର ତାଙ୍କର ଅଭିନୟ କ୍ୟାରିଅର ଆରମ୍ଭ କରିଥିଲେ। ଅଭିନେତା ଅନୁଷ୍କା ଶର୍ମାଙ୍କ ସହ ଫିଲ୍ମ 'ବ୍ୟାଣ୍ଡ ବାଜା ବାରାତ' ମାଧ୍ୟମରେ ଡେବ୍ୟୁ କରିଥିଲେ। ଏହା YRFର ଫିଲ୍ମ ଥିଲା। ଯାହା ବକ୍ସ ଅଫିସରେ ଭଲ ପ୍ରତିକ୍ରିୟା ମିଳିଥିଲା। ରଣବୀରଙ୍କୁ ଯଶ ରାଜ ଫିଲ୍ମସର କାଷ୍ଟିଂ ନିର୍ଦ୍ଦେଶକ ଶାନୁ ଶର୍ମା ଫିଲ୍ମ ଦୁନିଆକୁ ଆଣିଥିଲେ। ୧୦ ବର୍ଷରୁ ଅଧିକ ସମୟ ଧରି ଏକାଠି କାମ କରିବା ପରେ, ଏବେ ରଣବୀର ପ୍ରଡକ୍ସନ ହାଉସ ସହିତ ସମ୍ପର୍କ ଭାଙ୍ଗି ଦେଇଥିବା ନେଇ ଆଲୋଚନା ହେଉଛି। ଏକ ସାକ୍ଷାତକାରରେ, ଶାନୁ କହିଛନ୍ତି, "କ'ଣ ରଣବୀରଙ୍କ ଯିବା ଦ୍ୱାରା ଣଜରର ମ୍ୟାନେଜମେଣ୍ଟ ଉପରେ ପ୍ରଭାବ ପଡିଲା ନା ଷ୍ଟୁଡିଓ ସହିତ ତାଙ୍କର ସମ୍ପର୍କକୁ ଖରାପ ହୋଇଗଲା। ରଣବୀର ସିଂହ ଯିବା ପରେ ମ୍ୟାନେଜମେଣ୍ଟ ଉପରେ ବିଶେଷ ପ୍ରଭାବ ପଡିନାହିଁ। ତାଙ୍କ ଯିବାରେ କେହି ଦୁଃଖି ନାହାଁନ୍ତି। ସେ ତାଙ୍କ ଜୀବନରେ ଆଗକୁ ବଢୁଛନ୍ତି। ମୁଁ ତାଙ୍କୁ ଶୁଭକାମନା ଜଣାଉଛି। ତାଙ୍କ ବିଦାୟର ପ୍ରଡକ୍ସନ ହାଉସର କୌଣସି ଅସୁବିଧା ନାହିଁ। ଶାନୁ ଆହୁରି କହିଛନ୍ତି, ଜିନିଷଗୁଡ଼ିକ ଏହିପରି ଚାଲିଥାଏ ଓ ତା'ପରେ ମଳିନ ହୋଇଯାଏ। ଏହା ସେମାନଙ୍କ ବ୍ୟବସାୟର ଚକ୍ର। ସେ ମୋର ସବୁଠାରୁ ଭଲ ବନ୍ଧୁ ମଧ୍ୟ, ତେଣୁ ଏହି କ୍ଷେତ୍ରରେ କୌଣସି ସମସ୍ୟା ନାହିଁ।' ୱାର୍କଫ୍ରଣ୍ଟ ବିଷୟରେ କହିବାକୁ ଗଲେ, ନିକଟରେ ରଣଭୀର ସିଂ ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ସିଙ୍ଘମ ଅଗେନ୍' ରେ ନଜର ଆସିଥିଲେ, ଯେଉଁଥିରେ ତାଙ୍କର ଏକ ସ୍ୱତନ୍ତ୍ର କ୍ୟାମିଓ ଥିଲା। ତାଙ୍କର ପରବର୍ତ୍ତୀ ଫିଲ୍ମ ହେଉଛି 'ଧୁରନ୍ଧର'। ଯାହାର ନିର୍ଦ୍ଦେଶନା ଆଦିତ୍ୟ ଧର ଦେଉଛନ୍ତି।

## ଚାପରୁ ଦୂରେଇ ରଖିବ ଏହି ୭ ଟି ଜିନିଷ

## ଆଜିଠୁ ନିଜ ଡାଏଟ୍‌ରେ କରନ୍ତୁ

*କେତେବେଳେ ସମ୍ପର୍କର ଜଟିଳତା ତ ଆଉ କେତେବେଳେ ଭବିଷ୍ୟତର ଚିନ୍ତା, ସମସ୍ତଙ୍କ ଜୀବନରେ କିଛି ନା କିଛି ଟେନସନ୍ ରହିଥାଏ। କିନ୍ତୁ ଆପଣଙ୍କ ପ୍ଲେଟରେ ଥିବା କିଛି ଜିନିଷ କ'ଣ ଆପଣଙ୍କ ଚାପକୁ ବହୁ ପରିମାଣରେ କମ କରିପାରିବ କିଛି ପ୍ରାକୃତିକ ଖାଦ୍ୟ ଅଛି ଯେଉଁଥିରେ ଏପରି କିଛି ପୋଷକ ତତ୍ତ୍ୱ ରହିଥାଏ ଯାହା ସ୍ନାୟୁତନ୍ତ୍ରକୁ ଶାନ୍ତ କରିଥାଏ ଏବଂ ମନୋଭାବକୁ ଉନ୍ନତ କରିଥାଏ...*



### ଆଭାକାଡୋ

ଆଭାକାଡୋରେ ହେଲ୍‌ଦି ଫ୍ୟାଟ୍, ପୋଟାସିୟମ ଏବଂ ଫୋଲେଟ୍ ଥାଏ, ଯାହା ମସ୍ତିଷ୍କର କାର୍ଯ୍ୟକୁ ଉନ୍ନତ କରିଥାଏ। ଏହା ଡୋପାମିନ୍ ଭଳି ହରମୋନକୁ ବୃଦ୍ଧି କରେ । ପ୍ରତିଦିନ ଗୋଟିଏ ଆଭାକାଡୋ ଖାଇବା ଦ୍ୱାରା ଆପଣ ଅଧିକ ଶାନ୍ତ ଏବଂ ସତେଜ ଅନୁଭବ କରିବେ।



**କଦଳୀ:** କଦଳୀରେ ଟ୍ରିପ୍ଟୋଫାନ୍ ନାମକ ଏକ ଆମିନୋ ଏସିଡ୍ ଥାଏ, ଯାହା ସେରୋଟୋନିନ୍ ନାମକ ଖୁସି ହରମୋନକୁ ବୃଦ୍ଧି କରେ। ଏହା ସହିତ, ଏଥିରେ ଥିବା ଭିଟାମିନ୍ B୬ ଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। କଦଳୀ ଖାଇବା ଏକ ଭଲ ବିକଳ୍ପ ହୋଇପାରେ।









**ବାଦାମ:** ବାଦାମ ମ୍ୟାଗ୍ନେସିୟମର ଏକ ଭଲ ଉତ୍ସ ଯାହା ସ୍ନାୟୁତନ୍ତ୍ରକୁ ଶାନ୍ତ କରିବାରେ ସାହାଯ୍ୟ କରେ । ଏଥିରେ ଥିବା ଭିଟାମିନ୍ ଇ ମାନସିକ ଥକାପଣ ଦୂର କରେ ଏବଂ ମନୋଭାବକୁ ସ୍ଥିର ରଖେ । ୫ଟି ଭିଜା ବାଦାମ ସହିତ ଦିନ ଆରମ୍ଭ କରନ୍ତୁ।

**ଡାର୍କ ଚକୋଲେଟ୍:** ଡାର୍କ ଚକୋଲେଟ୍‌ରେ ଫ୍ଲାଭୋନଏଡ୍ସ ଏବଂ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ, ଯାହା ମନୋଭାବକୁ ଉନ୍ନତ କରିଥାଏ। ଏହା କର୍ଟିସୋଲ ଭଳି ଚାପ ହରମୋନକୁ ହ୍ରାସ କରିବାରେ ସାହାଯ୍ୟ କରେ। ଯେତେବେଳେ ଆପଣ ବିଷାଦ ଅନୁଭବ କରନ୍ତି, ସେତେବେଳେ ଡାର୍କ ଚକୋଲେଟ୍ ଖାଇବା ଉଚିତ।

**ବ୍ଲୁବେରୀ:** ବ୍ଲୁବେରୀରେ ଆନ୍ଥୋସାୟାନିନ୍ ଭଳି ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ମସ୍ତିଷ୍କର କାର୍ଯ୍ୟକୁ ଉନ୍ନତ କରେ ଏବଂ ଚାପ ହ୍ରାସ କରେ। ପ୍ରତିଦିନ ଅଳ୍ପ ପରିମାଣରେ ବ୍ଲୁବେରୀ ଖାଇବା ଆପଣଙ୍କୁ ମାନସିକ ଭାବରେ ସକ୍ରିୟ ଏବଂ ଶାନ୍ତ ରଖେ ।

### ପାଳଙ୍ଗ

ପାଳଙ୍ଗରେ ମ୍ୟାଗ୍ନେସିୟମ୍, ଆଇରନ୍ ଏବଂ ଫୋଲେଟ୍ ଭଳି ପୋଷକ ତତ୍ତ୍ୱ ଭରପୂର ହୋଇଥାଏ, ଯାହା ମସ୍ତିଷ୍କ ରସାୟନକୁ ସନ୍ତୁଳିତ କରିଥାଏ। ଏହା ଆପଣଙ୍କ ମାନସିକ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିଥାଏ ଏବଂ ଚିନ୍ତାରୁ ମୁକ୍ତି ଦେଇଥାଏ।





## ଛେନା ମସଲା

କ୍ଷୀର, କଞ୍ଚା ଲଙ୍କା, ଟମାଟୋ କଟା, ପିଆଜ କଟା, ଅଦା ପେଷ୍ଟ, ରସୁଣ ପେଷ୍ଟ, ଗୋଟା ଜିରା, ଗରମ ମସଲା (ଡାଲଚିନି, ଗୁଜୁରାତି ଓ ଜିରାରେ ପ୍ରସ୍ତୁତ), ରିଫାଇନ୍ ତେଲ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ, ଲେମ୍ବୁ, ପାଣି ଓ ଧନିଆ ପତ୍ର

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଛେନା ପ୍ରସ୍ତୁତ କରିବା ପାଇଁ ଏକ ପାତ୍ରରେ କ୍ଷୀର ଢାଳି ଚୁଲିରେ ବସାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। କ୍ଷୀର ଫୁଟିଯିବା ପରେ ସେଥିରେ ଲେମ୍ବୁ ରସ ପକାନ୍ତୁ। କ୍ଷୀର ଛିଣ୍ଡି ଛେନା ପ୍ରସ୍ତୁତ ହୋଇଯିବା ପରେ ସେହି ଛେନାକୁ ଛାଣି ଏକ ପାତ୍ରରେ ରଖନ୍ତୁ। ଏବେ ଚୁଲିରେ ଏକ କଡ଼େଇ ବସାଇ ସେଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ଜିରା ପକାନ୍ତୁ। ତା'ପରେ ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ବାଦାମି ରଙ୍ଗ ହୋଇ ଆସିଲେ ସେଥିରେ କଞ୍ଚା ଲଙ୍କା ଓ ଟମାଟୋ ପକାଇ ଭାଜନ୍ତୁ। ଏହାପରେ ସେଥିରେ ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଅଦା ଓ ରସୁଣ ପେଷ୍ଟ ପକାଇ ଭଲଭାବେ କଷନ୍ତୁ। ମସଲା କଷି ହୋଇଯିବା ପରେ ସେଥିରେ ସ୍ୱାଦ ଅନୁସାରେ ଲୁଣ ଓ ଗରମ ମସଲା ପକାଇ ଗୋଳାଇ ଦିଅନ୍ତୁ ଓ ୨ ମିନିଟ୍ ସେମିତି ଛାଡ଼ି ଦିଅନ୍ତୁ। ମସଲା କଡ଼େଇରେ ନ ଲାଗିବା ପାଇଁ ଅଳ୍ପ ପାଣି ଦେବେ। କିନ୍ତୁ ମସଲା ପାଣିଆ କରିବେନି ଶୁଖିଲା ହିଁ ରଖିବେ। ମସଲା ପ୍ରସ୍ତୁତ ହୋଇଯିବା ପରେ ସେଥିରେ ଛେନାକୁ ଗୁଣ୍ଡକରି ପକାନ୍ତୁ। ତା'ପରେ ତାକୁ ଭଲଭାବେ ଗୋଳାଇ ଦିଅନ୍ତୁ। ମସଲାରେ ଛେନା ଭଲ ଭାବେ ମିଶିଯିବା ପରେ ଚୁଲିରୁ କଡ଼େଇ ଓହ୍ଲାଇ ଦିଅନ୍ତୁ। ତା'ପରେ ତାକୁ ଏକ ପାତ୍ରରେ କାଢ଼ି ଦେଇ ଉପରେ ଅଳ୍ପ ଧନିଆ ପତ୍ର ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଛେନା ମସଲା'। ଏହି ରେସିପିଟିକୁ ରୁଟି କିମ୍ବା ନାନ୍ ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଦେରାବିଶ, (ଭାସ୍କର ନ୍ୟୁଜ୍): ଦେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ନିଳିକଣ୍ଠ ସ୍ଥିତ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜିଉ ଗୋମଙ୍ଗଳ ସମିତିରେ ଆଜି ଗୋସେବା ଓ ଗୋପୂଜନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆଜି ପ୍ରତ୍ୟୁଷରୁ ସମିତି ପରିସରରେ ରହିଥିବା ସମସ୍ତ ଗୋମାତାଙ୍କୁ ସ୍ନାନାଦି କାର୍ଯ୍ୟ କରାଯିବା ସହିତ ପୂଜାର୍ଚ୍ଚନା କରାଯାଇଥିଲା। ସମସ୍ତ ଗୋମାତାଙ୍କୁ ଚନ୍ଦନ, ସିନ୍ଦୁର ପୁଷ୍ପ ପ୍ରଦାନ ସହ ବନ୍ଦାପନା କରାଯାଇଥିଲା। ପରେ ଉପସ୍ଥିତ ଗୋପ୍ରେମୀମାନେ ଗୋମାତାଙ୍କୁ 'ଳ, ପିଠା, ମିଠା ଆଦି ସ୍ୱାଦିଷ୍ଟ ଖାଦ୍ୟ ପ୍ରଦାନ କରିବା ସହ ଗୋମାତାଙ୍କୁ ରକ୍ଷା ବାନ୍ଧିଥିଲେ। ଏହି କାର୍ଯ୍ୟକ୍ରମକୁ 'କିର ଖଟୁଆ, ବିଧୁଭୂଷଣ ମହାପାତ୍ର, ସୁଶିଲ କୁମାର ସାମଲ, ତରୁଣ ରଞ୍ଜନ ପ୍ରଧାନ, ଶାରଦା ପ୍ରସାଦ ସିଂ, ନାରାୟଣ ପ୍ରଧାନ, ପ୍ରଶାନ୍ତ କୁମାର ପ୍ରଧାନ, ଶ୍ରୀନିବାସ ବରାଳ, ବିଶ୍ୱମୋହନ ଦାସ, ଭାରତୀ ସାହୁ, ଶ୍ରୀକାନ୍ତ ଗାଗରାଇ ପ୍ରମୁଖ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଦୀର୍ଘ ୨୨ ବର୍ଷ ତଳେ ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି ନିଳିକଣ୍ଠ ଠାରେ ଏହି ଗୋମଙ୍ଗଳ ସମିତିକୁ ପ୍ରତିଷ୍ଠା କରିଥିଲେ। ଏଠାରେ ଏବେ ମୋଟ ୩୬ଟି ଗୋମାତା ରହିଛନ୍ତି।



# ଅବ୍ୟବସ୍ଥା ଘେରରେ ମିନି ଷ୍ଟାଡିୟମ ଖେଳପଡ଼ିଆ





ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ନିବାସକୁ ଲାଗି ଥିବା ମିନି ଷ୍ଟାଡିୟମ ଅବ୍ୟବସ୍ଥା ମଧ୍ୟରେ ରହିଛି। ଆଜକୁ ପ୍ରାୟ ତିନି ବର୍ଷ ତଳେ ପୂର୍ବ ସରକାରଙ୍କ ସମୟରେ ବ୍ଲକରେ ଏକ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଅନୁଦାନ ଅର୍ଥ ଆସିଥିଲା। ବ୍ଲକ ନିକଟକୁ ଲାଗି ଏକ ସରକାରୀ ଜମି ଚିହ୍ନଟ କରି ସେଠାରେ ମିନି ଷ୍ଟାଡିୟମ ନିର୍ମାଣ କରିବା ପାଇଁ ପ୍ରାବଧାନ ରହିଥିଲା। ସ୍ଥାନୀୟ ଠିକାଦାର ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଟେଣ୍ଡର ପାଇବା ପରେ ଜମି ଚିହ୍ନଟ କାମ କରିବାକୁ ଆଗ୍ରହ ପ୍ରକାଶ ନ କରି ବ୍ଲକ ପ୍ରଶାସନ ସହ ଭିତିରି ସଲାସୁତୁରା କରି ଛାତ୍ରଛାତ୍ରୀ ନିବାସକୁ ଲାଗି ଥିବା ଜମିରେ ମିନି ଷ୍ଟାଡିୟମ ନିର୍ମାଣ କରିଥିଲେ। ଷ୍ଟାଡିୟମ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ଥିଲେ ମଧ୍ୟ କେବଳ ଗେଟ ଓ ଚାରୋଟି ନିମ୍ନ ମାନର ବସିବା ଗ୍ୟାଲେରୀ ନିର୍ମାଣରେ ସମସ୍ତ ଟଙ୍କା ଶେଷ ହୋଇଯାଇଛି। ମିନି ଷ୍ଟାଡିୟମକୁ ଲାଗି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଆବାସ ରହିଛି, ଯେଉଁ ଛାତ୍ରୀ ନିବାସରେ ୨୦୦ ଛାତ୍ରୀଛାତ୍ର ରହୁଛନ୍ତି। ଷ୍ଟାଡିୟମକୁ ସବୁ ଦିନ ସକାଳ ଓ ସନ୍ଧ୍ୟା ସମୟରେ ଅନେକ ସ୍ଥାନୀୟ ଯୁବକ ଆସିଥାନ୍ତି। ଯେଉଁଥିପାଇଁ ଛାତ୍ରୀମାନଙ୍କ ସୁରକ୍ଷା ପ୍ରତି ଆଗମୀ ଦିନରେ ବିପଦ ଥିବା ଜାଣିବାକୁ ମିଳିଛି। ଛାତ୍ର ନିବାସର ଛାତ୍ରଙ୍କ ରୋଷେଇ ଘର ବିପଦ ସଙ୍କୁଳ ଅବସ୍ଥାରେ ଥିବାବେଳେ ରୋଷେଇ ଘରର ଭାତ ଗାଳିବା ଗେଞ୍ଜି ପାଣି, ଅଳିଆ ଆବର୍ଜ୍ଜନା ପାଣି ଷ୍ଟାଡିୟମ ପଡିଆ ଭିତରକୁ ଚାଲି ଆସୁଛି। ଯାହା ଫଳରେ ଅଧା ଖେଳ ପଡିଆ କାଦୁଅ ପଚ୍ ପଚ୍ ରହିବା ସହ ଦୁର୍ଗନ୍ଧ ବାହାରୁଛି। ପିଲାମାନେ ପଡିଆ ମଧ୍ୟରେ ଖେଳିବା ମଧ୍ୟ ବିପଦ ରହିଛି। ପୁଣି ଏହି ଦୁର୍ଗନ୍ଧ ଯୋଗୁଁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପ୍ରତି ଝାଡ଼ାବାନ୍ତି କିମ୍ବା ଅନ୍ୟ କିଛି ରୋଗ ବ୍ୟାପିବା ଆଶଙ୍କା ରହିଛି। ଅତି ଶୀଘ୍ର ସ୍ଥାନୀୟ ବ୍ଲକ ଓ ଜିଲ୍ଲା ପ୍ରଶାସନ ତରଫରୁ କିଛି ପଦକ୍ଷେପ ନେବାକୁ ବ୍ଲକର ବୁଦ୍ଧିଜୀବୀ, ଅବିଭାବକ ଓ ଜନସାଧାରଣ ଅନୁରୋଧ କରିଛନ୍ତି।

# କେନ୍ଦୁଝରଗଡ଼ ମ୍ୟୁନିସିପାଲିଟି ରାସ୍ତା ଶୋଚନୀୟ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଟାଉନ ମ୍ୟୁନିସିପାଲିଟି ରାସ୍ତା ଅବସ୍ଥା ଖୁବ୍ ଶୋଚନୀୟ ହୋଇପଡ଼ିଛି ଯେଉଁଠାରେ ଏହା ହେଉଛି ଏହା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିଜ ନିର୍ବାଚନ ମଣ୍ଡଳୀ ସଦର ଟାଉନ ଏରିଆ। ଏଠାରେ ଅଳ୍ପ ବର୍ଷା ହେଲେ ଲୋକମାନେ ନାହିଁ ନଥିବା ଅବସ୍ଥା ଭୋଗୁଛନ୍ତି। ପ୍ରଶାସନକୁ ଏହି ସବୁ ରାସ୍ତା ନେଇ ବାରମ୍ବାର କହିବା ସତ୍ତ୍ୱେ କିଛି ପଦକ୍ଷେପ ନାହିଁ। ଏଠାରେ ଏକ ରାସ୍ତା ମ୍ୟୁନିସିପାଲିଟିର ୧୨ ନମ୍ବର ୱାର୍ଡ଼ ମାଇନିଂ ରୋଡ଼ଦେଇ ଯାଇଥିବା ନୂଆ କଲୋନୀ ରାସ୍ତା ଯାହାକି ପୁରୁଣା ଜାତୀୟ ରାଜପଥକୁ ଜାମୁହୋତା ପାଖରେ ସଂଯୋଗ କରିଛି। ଏହି ରାସ୍ତାଟିକୁ ଦେଖିଲେ ଜଣାପଡେ କେନ୍ଦୁଝର ସହରରେ କେତେ ଉନ୍ନତ କାମ ହୋଇଛି। ସାମାନ୍ୟ ବର୍ଷାରେ ଏହି ରାସ୍ତା ଅବସ୍ଥା ପୁରା ବେହାଲ, ରାସ୍ତାରେ ଚାଲିକି ଯିବା ସମ୍ଭବ ହୁଏନି। ଏହି ରାସ୍ତାକୁ ନେଇ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଗତବର୍ଷ ଅକ୍ଟୋବର ମାସରେ ଅଭିଯୋଗ ପତ୍ର ଦିଆଯାଇଥିଲା କିନ୍ତୁ ଏଥି ପ୍ରତି ପ୍ରଶାସନ ପୁରା ଅବହେଳା କରି ନୀରବ ଅଛି। ଏହି ରାସ୍ତା ଜଣେ ଆଦିବାସୀଙ୍କ ପଟ୍ଟା ଜାଗା କିନ୍ତୁ ପ୍ରଶାସନ ଏହି ରାସ୍ତା ଜମି ଅଧିକରଣ କରିବା କଥା କିନ୍ତୁ ଜମି ଅଧିକାର ନ କରି ଚୁପଚାପ ବସିବା ସ୍ଥାୟୀ ବାସିନ୍ଦାଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ରାସ୍ତା ଦେଇ ସ୍କୁଲ ଛାତ୍ରଛାତ୍ରୀ ସଦାସର୍ବଦା ଯାତାୟାତ କରନ୍ତି ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପ୍ରଶାସନ ପାଖରେ ଜନସାଧାରଣ ନିବେଦନ କରିଛନ୍ତି କି ତୁରନ୍ତ ନଗରପାଳିକା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାସ୍ତା କରାଯାଉ।

## ଖାଲିପଡିଛି ଉପଖଣ୍ଡ ଅଧିକାରୀ ପଦବୀ

ମୋତ, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲାର ଚାନ୍ଦବାଲି ଉପଖଣ୍ଡ ଅଧିକାରୀ ପଦବୀ ଆଜକୁ ୯ ମାସ ଧରି ଖାଲିପଡ଼ିଛି। ଏନେଇ ଚାନ୍ଦବାଲି, ବାଂଶଡା, ପୀରହାଟ, ଧାମରା, ତିହିଡି ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବିଗିଡିବାରେ ଲାଗିଛି। ସୂଚନା ମୁତାବକ ପୂର୍ବତନ ଉପଖଣ୍ଡ ଅଧିକାରୀଙ୍କ ବଦଳିକୁ ୯ ମାସ ବିତିଥିଲେ ମଧ୍ୟ ମୁରବିଶୂନ୍ୟ ହୋଇପଡିଛି ୬ ଥାନା। ନୂତନ ଉପଖଣ୍ଡ ଅଧିକାରୀଙ୍କୁ ନିଯୁକ୍ତ ବିଫଳକୁ ନେଇ ସାଧାରଣରେ ଚର୍ଚ୍ଚା ଜୋରଧରିଛି। ଏହି ଦୀର୍ଘ ଶୂନ୍ୟସ୍ଥାନ ପାଇଁ ଲୋକମାନଙ୍କର କାଗଜପତ୍ର ପ୍ରମାଣୀକରଣ, ମାମଲା ନିଷ୍ପତ୍ତି ଓ ସରକାରୀ ସହାୟତା ସମ୍ବନ୍ଧୀୟ କାମ ଅଟକିଯାଇଛି। ଅଧିକାରୀ ନ ଥୁବାରୁ ଧାମନଗର ଉପଖଣ୍ଡ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟ ଚଳାଇବାକୁ ପଡୁଛି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ କହିବା କଥା ଚାନ୍ଦବାଲି ପରି ଗୁରୁତ୍ୱ ପୂର୍ଣ ଅଞ୍ଚଳରେ ୯ ମାସ ଧରି ଉପଖଣ୍ଡ ଅଧିକାରୀ ନଥିବା ଅତି ଦୁଃଖର ବିଷୟ। ତୁରନ୍ତ ଚାନ୍ଦବାଲି ଉପଖଣ୍ଡ ଅଧିକାରୀ ପଦବୀ ପୂରଣ କରିବା ପାଇଁ ଚାନ୍ଦବାଲି ବାସୀ ଦାବି କରିଛନ୍ତି।

## ବଜ୍ରପାତରେ ଜଣେ ମୃତ, ୨ ଆହତ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସଦର ବ୍ଲକ କୋଡିପଶା ଡ୍ୟାମ ତଟରେ ଗାଧୋଇବାକୁ ଯାଉଥିବା ବେଳେ ବଜ୍ରପାତ ହେବାକୁ ଜଣେ ମୃତ୍ୟୁବରଣ କରିଥିବାବେଳେ ୨ ଜଣ ଆହତ ହୋଇଛନ୍ତି। କେନ୍ଦୁଝର ସହରରୁ ୩ଜଣ ସାଙ୍ଗ ଏକ ସ୍କୁଟିରେ ଗାଧୋଇବାକୁ କୋଡିପଶା ଡ୍ୟାମକୁ ଯାଇଥିଲେ। ଡ୍ୟାମ ତଟରେ ସ୍କୁଟି ଗାଡି ରଖି ଗାଧୋଇବାକୁ ଯିବାବେଳେ ମଧାହ୍ନ ପ୍ରାୟ ୧୨ଟା ୩୦ ମିନିଟ ସମୟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଜନାର୍ଦ୍ଦନପୁର ଗ୍ରାମର ତେଜସ କୁମାର ସାହୁ(୧୫) ମୃତ୍ୟୁବରଣ କରିଥିବାବେଳେ ବୈଦରାଜ ସାହିର ସମୀତ ରଣସିଂହ (୧୭) ଏବଂ ଡାଙ୍କୁଣିଆ ସାହିର ଅଂଶୁ ନାଏକ(୧୬) ଆହତ ହୋଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅଛନ୍ତି। ଏ ନେଇ ଟାଉନ ଥାନାରେ କେସ ନମ୍ବର ୮୦/୨୦୨୫ରେ ଏକ ମାମଲା ରୁଜୁ ହୋଇଛି।

# ଶତୃଘ୍ନ ଭୁତିଆଙ୍କ ଜୟନ୍ତୀ ପାଳିତ




ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ ପରିସରରେ ସଂସଦର ସଭାପତି ବସନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଶତୃଘ୍ନ ଭୁତିଆଙ୍କ ୮୨ ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ୱର୍ଗତ ଭୂତିଆ ଥିଲେ ଜଣେ ନୀର୍ଲିପ୍ତ, ନିର୍ବିକାର, ସ୍ୱାଭିମାନୀ, ଆଦର୍ଶ ଶିକ୍ଷକ, କବି ଓ ପ୍ରାବନ୍ଧିକ ତଥା ସମୟକୁ ପରଖି ଥିବା ମଣିଷଟିଏ ବୋଲି ସଭାପତି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥିରୂପେ ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରହ୍ଲାଦ ତ୍ରିପାଠୀ ସ୍ୱର୍ଗତ ଭୂତିଆ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରେ ସାହିତ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ଲୁକ୍କାୟିତ ପ୍ରତିଭା ମାନଙ୍କୁ ଲୋକ ଲୋଚନକୁ ଆଣିବା ପାଇଁ ତାଙ୍କର ପ୍ରଚେଷ୍ଟା ଥିଲା ଅନବଦ୍ୟ ଥିଲା ବୋଲି ଉଦ୍‌ବୋଧିତ କରିଥିଲେ। ମୁଖ୍ୟ ବକ୍ତା ରୂପେ ଆଡଭୋକେଟ ଦିପ୍ତିଶ ପ୍ରସାଦ ପଟ୍ଟନାୟକ ଯୋଗଦାନ କରି ସ୍ୱର୍ଗତଃ ଭୁତିଆ ଜଣେ ଆଦର୍ଶ ବିଜ୍ଞାନ ଶିକ୍ଷକ ରୁପେ ଓ ଏନସିସି ଶିକ୍ଷକ ରୂପେ ଢେଙ୍କାନାଳ ଶତାଧିକ ଛାତ୍ର ଛାତ୍ରୀମାନଙ୍କ ହୃଦୟରେ ସ୍ୱତନ୍ତ୍ର ଭାବେ ସ୍ଥାନିତ ବୋଲି କହିଥିଲେ। ଡଃ ଦେବିପ୍ରସାଦ ମିଶ୍ର ସମ୍ମାନୀତ ବାକ୍ତାରୁପେ ଯୋଗଦାନ କରି ପୂଜ୍ୟ ଶିକ୍ଷକଙ୍କ ସାହିତ୍ୟ କୃତି ତଥା ଜୀବନୀ ସମ୍ବନ୍ଧରେ ଉଦବୋଧନ ଦେଇଥିଲେ। ସ୍ୱର୍ଗତଃ ଭୂତିଆଙ୍କ ଜ୍ୟେଷ୍ଠା କନ୍ୟା ଜ୍ୟୋତ୍ସ୍ନା ଭୁତିଆ ପିତା ସ୍ୱର୍ଗତ ଭୁତିଆଙ୍କ ଆଦର୍ଶତା ସମ୍ବନ୍ଧରେ ଆଲୋଚନା କରିଥିଲେ। ସ୍ୱର୍ଗତ ଭୂତିଆଙ୍କ ପରିବାରର ତିନି ପୁଅ, ତିନି ବୋହୂ ଓ ନାତି ନାତୁଣୀମାନେ ଯୋଗଦାନ କରି ପୂଜ୍ୟ ପିତାଙ୍କ ସ୍ମୃତି ଚାରଣ କରିଥିଲେ। ପ୍ରାରମ୍ଭରେ କବିତା ପାଠ କରାଯାଇଥିଲା। ସୁକାନ୍ତି ସାହୁ ଓ ବୈଜୟନ୍ତୀ ପଟ୍ଟନାୟକ କବିତା ସଂଯୋଜନା କରିବା ସହିତ ଭୁତିଆ ସାରଙ୍କ ନାତୁଣୀ ଶ୍ରଦ୍ଧା ସମର୍ପିତା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ହୃଦାନନ୍ଦ ଦ୍ୱିବେଦୀ ସଂଯୋଜନା କରିଥିଲେ ଓ ପରିଚାଳନା ସମ୍ପାଦକ ଅଞ୍ଜନ ସାହୁ ଧନ୍ୟବାଦ୍ ପ୍ରଦାନ କରିଥିଲେ ବୋଲି ସଂସଦର ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ସହିଦ ମିନାର ଗସ୍ତରେ ଉପମୁଖ୍ୟମନ୍ତ୍ରୀ



ପାପଡାହାଣ୍ଡି, (ଭାସ୍କର ନ୍ୟୁଜ୍): ପାପଡାହାଣ୍ଡି ଗସ୍ତ କରି ରବିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସ୍ଥାନୀୟ ସହିଦ ମିନାର ପରିଦର୍ଶନ କରିଥିଲେ। ସହିଦ ମିନାର ସହ ଏହାର ପରିସରରେ ଥିବା ମହାମାନବମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାର ଐତିହ୍ୟ ସମ୍ପର୍କରେ ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା ଉପମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଦଳୀୟ କର୍ମୀ ଓ ବ୍ଲକ ପ୍ରଶାସନ ତରଫରୁ ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏମିପି ବଳଭଦ୍ର ମାଝୀ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ବିଡ଼ିଓ କପିଲ ଦେବ ସାହୁ, କାହ୍ନୁ ଦାସ ସହ ବହୁ ଦଳୀୟ କର୍ମୀ ଯଥା ଜିଲ୍ଲା ସଭାପତି ଜଗଦୀଶ ବିଷୋୟୀ, ଜିଲ୍ଲା ଯୁବ ସଭାପତି ସୁବ୍ରତ ପାଣିଗ୍ରାହୀ, ପାପଡାହାଣ୍ଡି ମଣ୍ଡଳ ସଭାପତି ମନୋଜକୁମାର ଅଗ୍ରୱାଲ, ତ୍ରିନାଥ ଆମନାତ୍ୟ, ଡମ୍ବରୁ ଯାନୀ, ବଳି ଯାନୀ ପ୍ରଭୁତି ବହୁ ସଂଖ୍ୟା ଉପସ୍ଥିତ ଥିଲେ। ଏହି ଅବସରରେ ସହିଦ ମିନାର ପରିସରରେ ବୃକ୍ଷ ରୋପଣ କରାଯାଇଥିଲା।

## ୧୨ରେ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଡାକ୍ତରଖାନାରେ ଏକ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆସନ୍ତା ଅଗଷ୍ଟ ୧୨ ତାରିଖ ମଙ୍ଗଳବାର ଦିନ ଅନୁଷ୍ଠିତ ହେବ। ବେତନଟୀ ରୋଗୀକଲ୍ୟାଣ ସମିତି ଓ 'ସମ୍ବାଦ-ଆମ ଓଡ଼ିଶା' ମିଳିତ ସହଯୋଗରେ ସକାଳ ୮ ଟାରୁ ଦିନ ୩ ଟା ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଏହି ଶିବିର ସଫଳ ଆୟୋଜନ ପାଇଁ ବେତନଟୀ ଡାକ୍ତରଖାନାରେ ଆଜି ଭାରପ୍ରପ୍ତ ଡାକ୍ତରଖାନା ଅଧିକାରୀ ସିପୁନ କୁମାର ପଣ୍ଡା ଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିର ରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେବେ ବଡ଼ସାହି ବିଧାୟକ ସନାତନ ବିଜୁଳି ବୋଲି ସ୍ଥିର ହୋଇଛି। ଏହି ବୈଠକରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ମଞ୍ଜୁଶ୍ରୀ ଦାସ, ବିପିଓ ସସ୍ମିତା ଦାଶ, ଅମିତାଭ ଦାଶ, ସନ୍ତୋଷ ଗିରି , ବିପିନ୍ ବିହାରୀ ପଣ୍ଡା, ସଦାନନ ପରିଡା, ସୁଭଦ୍ରା ଗାଆଣ, ରଞ୍ଜୀତା ବିଶୋଇ ପ୍ରମୁଖ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ।

## ମିନି ଷ୍ଟାଡିୟମ ପାଇଁ ୩ କୋଟି ୨୦ଲକ୍ଷ ଅନୁଦାନ

# ଷ୍ଟାଡିୟମ ନିର୍ମାଣ ନେଇ ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କୁ ଧନ୍ୟବାଦ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ କୁବେରା ପଞ୍ଚାୟତ ଅଧୀନ ଦେଉଳା ସପ୍ତା ପଡ଼ିଆ ମିନି ଷ୍ଟାଡିୟମ ହେବ। ଏଥିପାଇଁ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ସପ୍ତା ପଡ଼ିଆକୁ ମିନି ଷ୍ଟାଡିୟମ କରାଯିବା ପାଇଁ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଷ୍ଟାଡିୟମ ନିର୍ମାଣ ପାଇଁ ୩କୋଟି ୨୦ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ଏନେଇ ଐଶାନ୍ୟ ଚଣ୍ଡି ମଣ୍ଡଳ ପକ୍ଷରୁ ଓ ଦେଉଳା ଜୟ ଜଗନ୍ନାଥ ସ୍ପୋର୍ଟସ ଆନୁକୂଲ୍ୟରେ ଦେଉଳା ପ୍ରକଳ୍ପ ପ୍ରାଥମିକ ସ୍କୁଲ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଶିକ୍ଷାବିତ ଧୀରେନ କୁମାର ସ୍ୱାଇଁ ଏଥିରେ ପୌରୋହିତ୍ୟ କରିଥିବା ବେଳେ ବରିଷ୍ଠ ବିଜେପି ନେତା ଶରତ କୁମାର ନାୟକ ସଞ୍ଚାଳନ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ସରପଞ୍ଚ କୀର୍ତ୍ତି ଚନ୍ଦ୍ର ସେଠୀ, ଐଶାନ୍ୟ ଚଣ୍ଡି ମଣ୍ଡଳ ସଭାପତି ସାଇଶରଣ ବେହେରା, ସମିତିସଭ୍ୟ ପ୍ରତିନିଧି ଅନୀଲ କୁମାର ନାୟକ, ବିଜେପି ରାଜ୍ୟପରିଷଦ ସଦସ୍ୟ ଦେବେନ୍ଦ୍ର ପୁହାଣ, ସମାଜସେବୀ ପ୍ରାଣବନ୍ଧୁ ରାଉତ ପ୍ରମୁଖ ଯୋଗଦେଇ ଦେଉଳା ସପ୍ତା ପଡ଼ିଆରେ କ୍ରିକେଟ, ଫୁଟବଲ, ଭଲିବଲ ସହିତ ବିଭିନ୍ନ ଖେଳ ହୋଇ ଆସୁଛି। ଏହି ପଡ଼ିଆକୁ ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀ ଷ୍ଟାଡିୟମ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାଙ୍କ ସମୟକାଳ ମଧ୍ୟରେଏହା ସମ୍ଭବପର ହୋଇପାରି ନଥିଲା। ପରେ ତାଙ୍କ ସୁପୁତ୍ର ମନ୍ତ୍ରୀ ସୂର୍ଯ୍ୟବଂଶୀ ଏହି ପଡ଼ିଆକୁ ମିନି ଷ୍ଟାଡିୟମ କରାଯିବା ପାଇଁ ୩ କୋଟି ୨୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। ଏହି ପଡ଼ିଆ ମିନି ଷ୍ଟାଡିୟମ ହେଲେ ସମସ୍ତ ପ୍ରକାର ଖେଳ ଖେଳାଯାଇପାରିବ। ଏଥିସହିତ ଆଖାପାଖ ପଞ୍ଚାୟତ ମଧ୍ୟ ଖେଳରେ ଉପକୃତ ହୋଇପାରିବେ। ଏହି ପଡ଼ିଆରେ ଖେଳି ଅନେକ ଖେଳାଳି ସୁନାମ ଅର୍ଜନ କରିଛନ୍ତି। ପଡ଼ିଆରେ ରାଜ୍ୟସ୍ତରୀୟ ଓ ଆଞ୍ଚଳିକ ସ୍ତରରେ ଟୁର୍ଣ୍ଣାମେଣ୍ଟ ହୋଇ ଆସୁଅଛି। ତେବେ ଏହି ପଡ଼ିଆଟି ମନି ଷ୍ଟାଡିୟମ ହେବାକୁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇ ଅନୁଦାନ ଯୋଗାଇ ଦିଆଯାଇଥିବାରୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜୟ ଜଗନ୍ନାଥ ସ୍ପୋର୍ଟସ୍ ଆସୋସିଏସନ୍‌ର ସଭାପତି ପ୍ରଦୀପ କୁମାର ଦାସଙ୍କ ସମେତ ଶ୍ରୀକାନ୍ତ ବେହେରା, ସନ୍ଦୀପ କୁମାର ଦାସ, ରାଜେଶ ରାଉତ, ଚାରୁଚନ୍ଦ୍ର ସେଠୀ, ଅଜୟ ଜେନା, କ୍ଷୀରୋଦ ଜେନା, ସଞ୍ଜୀୟ ପଣ୍ଡା, ରବି ନାରାୟଣ ନାୟକ, ଶ୍ରୀକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଗାପୂଜା ପାଇଁ ପ୍ରଥମ ବୈଠକ

କୋଷାଗୁମୁଡା, (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ କୋଷାଗୁମୁଡା ସଦର ମହକୁମାର ଦୁର୍ଗା ପୂଜା ତଥା ଦଶହରା ପର୍ବ ପାଳନ ପାଇଁ ସ୍ଥାନୀୟ ଜନସାଧାରଣ ଓ କମିଟି ସଦସ୍ୟଙ୍କ ଉପସ୍ଥିତିରେ ରବିବାର ସନ୍ଧ୍ୟା ୬:୩୦ରେ ପ୍ରଥମ ବୈଠକ ଦୁର୍ଗା ପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବବର୍ଷର ଖର୍ଚ୍ଚ ବିବରଣୀର ଉପସ୍ଥାପନ ସହ ଚଳିତବର୍ଷର ମା' ଦୁର୍ଗାଙ୍କ ମୂର୍ତ୍ତି, ମଣ୍ଡପ, ପେଣ୍ଡାଲ, ମୁଖ୍ୟ ଆକର୍ଷଣ ଫାଟକ, ରଙ୍ଗୀନ ଆଲୋକ, ତୋରଣ, ବାଦ୍ୟ, ଡିଜେ, ରାବଣ ପୋଡି, ମେଲୋଡି, ଆଦିବାସୀ ନାଟକ ପରିବେଷଣ, ପ୍ରସାଦ ସେବନ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ଉପରେ ଆଲୋଚନା ହୋଇଥିଲା। ଏହି ପୂଜାର ପରିଚାଳନା ପାଇଁ ନୂତନ କମିଟିକୁ କାର୍ଯ୍ୟଭାର ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ପୂଜାକମିଟିର ସଭାପତି ହରିବନ୍ଧୁ ମାଝୀ, ମଧୁସୂଦନ ଭତ୍ରା, ସୁରେଶ ପାତ୍ର, ଟୁଟୁ ପରିଡ଼ା, ଏମ ମୋହନ ରାଓ, ସନ୍ତୋଷ କୁମାର, ତ୍ରିଲୋଚନ ଧାକୋଡ଼, ଚନ୍ଦନ ସାହୁ, ବାଲାଜୀ ପଟ୍ଟନାୟକ, ହୋଟେଶ୍ୱର ବେହେରା, ରବି ନାୟକ, ବଳବାନ ସିଂ, ସନ୍ତୋଷ ଅଗ୍ରୱାଲ, କିଶୋର ସାହୁ,ପ୍ରସାଦ ବିଶୋଇ, ସତ୍ୟ ନାରାୟଣ ଚୌଧୁରୀ ପ୍ରମୁଖଙ୍କ ସହ ସ୍ଥାନୀୟ ମିସ୍ତ୍ରୀ ସଂଘ ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ମା' ମହିଷାମର୍ଦ୍ଦିନୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା



ବୋଲଗଡ, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଡ଼କୁମାରୀ ପଞ୍ଚାୟତର ଡିହଖଉରୁଣୀ ଓ ବିଲ ଖଉରୁଣୀଠାରେ ମା' ମହିଷା ମର୍ଦ୍ଦିନୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଶୁକ୍ଳପକ୍ଷ ଗହ୍ମା ପୂର୍ଣ୍ଣମୀ ତିଥିରେ ମା'ଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ପ୍ରାତଃ ସମୟରେ ମା'ଙ୍କ ପୂଜାନୀତି ଉପଚାର ସମ୍ପନ୍ନ କରଯାଇଥିଲା। ଗ୍ରାମର ସଭାପତି ଓ ତାଙ୍କ ସହଧର୍ମିଣୀ କର୍ତ୍ତାକର୍ତ୍ତୀ ଭାବେ ଉପସ୍ଥିତ ଥିଲେ। ବଡ଼କୁମାରୀ ଗ୍ରାମ ପଞ୍ଚାୟତର ଯୁବ ସମାଜସେବୀ ବାସୁଦେବ ସାହୁଙ୍କ ପ୍ରଚେଷ୍ଟାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳାପୁରୁଷ ୧୦୮ କଳସ ଯାତ୍ରାରେ ସାମିଲ ହୋଇ ସାହି ପରିକ୍ରମା କରିଥିଲେ। ୭ ଜଣ ବ୍ରାହ୍ମଣମାନଙ୍କୁ ନେଇ ରୀତି ନୀତି ଅନୁଯାୟୀ ହୋମକାର୍ଯ୍ୟ ହୋଇଥିଲା। ସନ୍ଧ୍ୟାରେ ଶକ୍ତିପୀଠ ଲୋକାରଣ୍ୟ ତଥା ଶ୍ରଦ୍ଧାଳୁମୟ ପରିବେଶ ମଧ୍ୟରେ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। ଯୁବ ସମାଜସେବୀ ବାସୁଦେବ ସାହୁଙ୍କୁ ଗ୍ରାମବାସୀମାନେ ଫୁଲମାଳ ଦେଇ ଉତ୍ତରୀୟ ପ୍ରଦାନ କରି ବାଜା ବଜାଇ ଗ୍ରାମ ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣକୁ ପାଛୋଟି ଆଣିଥିଲେ। ସମାଜସେବୀ ସାହୁ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଡ଼ କୁମାରୀ ଗ୍ରାମପଞ୍ଚାୟତର ବିଲ ଖଉରୁଣୀ, ଡିହ ଖଉରୁଣୀ, ସାନକୁମାରୀ, ବଡ଼କୁମାରୀ, କୋଟପଲ୍ଲୀ, ହାଟବେଷ୍ଟ, ହରିକେଶର ଆଦି ଗ୍ରାମଗୁଡିକରୁ ପ୍ରାୟ ତିନି ହଜାରରୁ ବହୁ ଶ୍ରଦ୍ଧାଳୁ ଭକ୍ତମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ଯୁବକଓ ଗ୍ରାମବାସୀ ମାନେ ସହଯୋଗ କରି ପରିଚାଳନା କରିଥିଲେ। ଏହି ଉତ୍ସବ ଅବସରରେ ନବରଙ୍ଗ ପୌରାଣିକ ଶୀର୍ଷକ ନାଟକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଯୁବ ସମାଜସେବୀଙ୍କ ଗ୍ରାମ ପ୍ରତି ଅତୁଳନୀୟ ଅବଦାନ ପାଇଁ ଗ୍ରାମବାସୀ ଓ ପଞ୍ଚାୟତ ବାସୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ



କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ର, ସୁରେନ୍ଦ୍ର କୁମାର ମାଣିକ, ରତିକାନ୍ତ ବେହେରା, ପ୍ରମୋଦ କିଶୋର ପୃଷ୍ଟି ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ। କୁନିକୁନି ଭାଇମାନଙ୍କୁ କୁନି ଭଉଣୀମାନେ ରାକ୍ଷୀ ବାନ୍ଧି ମିଠା ଖୁଆଇଥିଲେ। ପରେ ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ,ଗୁରୁମାମାନେ ଛାତ୍ର ଛାତ୍ରୀମାନଙ୍କୁ ଏକ ଶୋଭାଯାତ୍ରାରେ ନେଇ ଅଞ୍ଚଳରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ଥାନା, ବ୍ଲକ, ସ୍ୱାସ୍ଥ୍ୟ କେନ୍ଦ୍ର ତହସିଲ, ଓ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ତଥା ବିଭିନ୍ନ ଅନୁଷ୍ଠାନରେ ରାକ୍ଷୀ ବାନ୍ଧିବା ସହ ମିଷ୍ଟାନ୍ନ ବାଣ୍ଟିଥିଲେ। ଶିଶୁ ବିଦ୍ୟାମନ୍ଦିରର ସହ ପ୍ରଧାନ ଆଚାର୍ଯ୍ୟା ଜୟନ୍ତୀ ବାଳା ନନ୍ଦ, ଅନ୍ନଦା କୁମାର ବେହେରା ଉତ୍ସବକୁ ପରିଚାଳନା କରିଥିଲେ।

# ଗହ୍ମାପୂର୍ଣ୍ଣିମା ଓ ବଳଭଦ୍ରଙ୍କ ଜନ୍ମୋତ୍ସବ ପାଳିତ



ଉମରକୋଟ, (ଭାସ୍କର ନ୍ୟୁଜ୍): ପବିତ୍ର ଗହ୍ମାପୂର୍ଣ୍ଣିମା ଓ ପ୍ରଭୁ ବଳଭଦ୍ରଙ୍କ ଜନ୍ମୋତ୍ସବ। ଆଜି ଦିନରେ ଭଉଣୀ ନିଜ ଭାଇ ହାତରେ ରାକ୍ଷୀ ବାନ୍ଧି ନିଜର ସୁରକ୍ଷା ମନାସିଥାଏ। ଭାଇ ଭଉଣୀର ସମ୍ପର୍କକୁ ଦୁନିଆର ସବୁଠୁ ପବିତ୍ର ସମ୍ପର୍କ ବୋଲି କୁହାଯାଏ। ଏହି ରାକ୍ଷୀ ପ୍ରତ୍ୟେକ ଭାଇ-ଭଉଣୀ ପାଇଁ ସ୍ନେହ ଓ ଭଲ ପାଇବାର ସାକ୍ଷୀ। ଭାରତୀୟ ପରମ୍ପରା ଅନୁସାରେ ଆଜିର ଦିନକୁ ରାକ୍ଷୀ ପୂର୍ଣ୍ଣମା ବା ଗହ୍ମା ପୂର୍ଣ୍ଣମୀ ବୋଲି କୁହାଯାଏ। ତେବେ ଏହି ଦିନଟି ପାଇଁ ଭଉଣୀ ଟିଏ ତା ଭାଇକୁ ରାକ୍ଷୀ ବାନ୍ଧିବ ବୋଲି ଚାତକ ଭଳି ଅନେଇ ବସିଥାଏ। ରାକ୍ଷୀର କିଛି ଦିନ ପୂର୍ବରୁ ଆରମ୍ଭ ହୋଇଥାଏ ପ୍ରସ୍ତୁତି। ବଜାରରେ ବିଭିନ୍ନ ପ୍ରକାର ରାକ୍ଷୀର ସମ୍ଭାର ନେଇ ଖୋଲେ ଦୋକାନ ମାନ। ଆଉ ଭଳିକି ଭଳି ରାକ୍ଷୀ ହୁଏ ବିକ୍ରି। ଆଉ ଆଜି ଏନେଇ ଉତ୍ସବ ମୁଖର ହୋଇଉଠିଛି ଗାଁରୁ ସହର। ଘରେ ଘରେ ପିଠା ପଣାର ଆସର। ପରିବାର ଭିତରେ ବନ୍ଧୁବାନ୍ଧବଙ୍କ ଗହଣରେ ଏହି ଦିନଟି ବିତିଥାଏ। ଭାଇର ଦୀର୍ଘାୟୁ ଏବଂ ସଫଳତା କାମନା କରି ପ୍ରତିଟି ଭଉଣୀ ତା ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ। ଆଉ ଭାଇ ତାର ସର୍ବଦା ରକ୍ଷା କବଚ ହେଇ ତା ସହିତ ଜୀବନ ଯୁଦ୍ଧରେ ରହିଥାଉ ବୋଲି ଭଉଣୀ କାମନା କରିଥାଏ। ଏହି ପର୍ବଟି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ୍ପରା ସହ ମଧ୍ୟ ଜଡିତ ରକ୍ଷା ବନ୍ଧନ ପର୍ବ। ଏଥିପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ। ମଧ୍ୟାହ୍ନଧୂପ ପରେ ଭଉଣୀ ସୁଭଦ୍ରା ଦୁଇଭାଇ ପ୍ରଭୁ ବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କୁ ରାକ୍ଷୀ ପିନ୍ଧାଇଥାନ୍ତି। ତେବେ ଭାଇ ଭଉଣୀର ପବିତ୍ର ସମ୍ପର୍କର ନିଦର୍ଶନ ସାକ୍ଷୀ ଓ ସ୍ୱରୁପ ହେଉଛି ରାକ୍ଷୀ। ରକ୍ଷା ବନ୍ଧନ ପାଇଁ ଚଳଚଞ୍ଚଳ ହୋଇ ଉଠିଛି ଉମରକୋଟ ସହର। ରାକ୍ଷୀ ପୂର୍ଣ୍ଣିମା ପାଇଁ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଗହଳି ପରିଲକ୍ଷିତ ହୋଇଛି ରାକ୍ଷୀ ଦୋକାନ ଠାରୁ ଆରମ୍ଭ କରି ମିଠା ଦୋକାନ ସବୁଠି ଜମୁଛି ଭିଡ଼।

## ପାଣିରେ ବୁଡ଼ି ଯୁବକ ମୃତ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଶିମିଳି ପଦର ଗାଁରେ ପାଣିରେ ବୁଡି ଜଣକଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକ ଜଣକ ହେଲେ ଗୁରୁ ଗରିଆ। ତାଙ୍କ ନିଜ ଗାଁ' ସିଗାଡି ହୋଇ ଥିବା ବେଳେ ସେ ଶିମିଳି ପଦର ଗାଁ ରେ ଘର ଜ୍ୱାଇଁ ହୋଇ ରହି ଆସୁଥିଲେ। ତାଙ୍କ ପରିବାର ଗରିବ ଖଟିଖିଆ ଶ୍ରେଣୀର ହୋଇ ଥିବାରୁ ପୁଅ ବାହାର ରାଜ୍ୟକୁ କାମ କରିବା ପାଇଁ ଯାଇଛନ୍ତି। ସେ ନିଜେ ମିସ୍ତ୍ରୀ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ରବିବାର ସକାଳୁ ପୋଖରୀକୁ ଗାଧେଇ ଯିବାବେଳେ ତାଙ୍କ ଗୋଡ଼ ଖସି ଯାଇଥିଲା। ସେ ପାଣିରେ ଭାସୁଥିବା ବେଳେ ଗାଁ'ର କିଛି ଯୁବକ ଦେଖି ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଗଭୀର ଆଘାତ ଲାଗି ପାଣି ଭିତରେ ଅଚେତ ଅବସ୍ଥାରେ ପଡ଼ି ରହିଥିଲେ। ତାଙ୍କର ସ୍ତ୍ରୀ, ଭାଇ ଗାଁ' ର କିଛି ଲୋକ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସୋନପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଙ୍ଗରେ ଶିମିଳି ପଦର ୱାର୍ଡ ମେମ୍ବର ମୁନା ଖେତୀ, କଳାକାହ୍ନୁ ମାଟରୀ, ଶିବୁ, ମଦନ ଏବଂ କୃପା ସିନ୍ଧୁ ସୁନା ପ୍ରମୁଖ ଡାକ୍ତରଖାନାରେ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ସୋନପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ କଲା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି। ଗରିବ ପରିବାର ହୋଇ ଥିବାରୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପରିବାର ସହ ଗ୍ରାମବାସୀ ଦାବି କରିଛନ୍ତି।

## ଦଶମ ଶ୍ରେଣୀ ଛାତ୍ର ନିଖୋଜ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ସାତଶୋଳା ଗ୍ରାମର ଦଶମ ଶ୍ରେଣୀର ଛାତ୍ର ଗୁରୁଶେଖର ଆଲଦା (୧୫) ଗତ ଜୁଲାଇ ୧୭ ତାରିଖରେ ଘରୁ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ଓଡ଼ିଆ ଓ କୁହ୍ଲ ଭାଷାରେ କହୁଥିବା ଛାତ୍ରର କକା ରଘୁନାଥ ଆଲଦା ଏ ସମ୍ପର୍କରେ ଫାଣ୍ଡିରେ ଅଭିଯୋଗ କରିଥିବା ଜଣାଯାଇଛି। ଛାତ୍ରର ଉଚ୍ଚତା ୪ଫୁଟ ୪ ଇଞ୍ଚ ଓ ନୀଳ ରଙ୍ଗରଟି ସାର୍ଟ ସହ ଟ୍ରାକ ପ୍ୟାଣ୍ଟ ପିନ୍ଧିଥିଲା। ଏ ସମ୍ପର୍କରେ ସୂଚନା ମିଳିଲେ ମଞ୍ଜୁରୀ ରୋଡ ଫାଣ୍ଡି କିମ୍ବା ନିକଟସ୍ଥ ପୁଲିସକୁ ଜଣାଇବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି।



ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ଜିଲ୍ଲାକୁ ମଦମୁକ୍ତ ଜିଲ୍ଲା ଭାବେ ଗଢିତୋଳିବା ପାଇଁ ମଦ ମୁକ୍ତ ଅଭିଜାନ, ସଡ଼କ ସୁରକ୍ଷା ଉପରେ ଜିଲ୍ଲାର ପ୍ରତି ଥାନା ଅଞ୍ଚଳରେ ଜୋରଦାର ଚାଲୁ ରହିଥିବା ବେଳେ ହରଭଙ୍ଗା ଥାନା ଅଧିକାରୀ ନଳିନୀ କାନ୍ତ ଦାଶଙ୍କ ନେତୃତ୍ୱ ଏକ ସ୍ୱତନ୍ତ୍ର ଟିମ ତଳଙ୍ଗା ପଞ୍ଚାୟତରେ ଅଚାନକ ଚଢ଼ାଉ କରିଥିଲେ। ବଡଭୁରୁଡା, ଭୁରୁଡା, ପତକାବାଲି ଗାଁ'ରେ ଚଢ଼ାଉ କରି ୪୦୦ଲିଟର ଦେଶୀ ମହୁଲ ପୋଚ ନଷ୍ଟ କରିଥିବା ସହ ମଦ ତିଆରିର ବିଭିନ୍ନ ସରଞ୍ଜାମ ଜବଦ କରିଥିଲେ। ସେହିପରି ହରଭଙ୍ଗା ଗତ କାଲି ଚାରିଛକ -ସୀତାଳପାଣି ପୂର୍ତ୍ତ ରାସ୍ତା ଛତ୍ରଙ୍ଗ, କୁସଙ୍ଗ ଠାରେ ସଡ଼କ ସୁରକ୍ଷା ଅଭିଯାନ ରେ ହେଲମେଟ ବ୍ୟବହାର କରି ଗାଡିଚାଲନ କରୁଥିଲେ ଚାଳକଙ୍କୁ ହାତରେ ରଖିବାନ୍ଧି, ମିଠା ଖାଇବାକୁ ଦେଇ ସଚେତନ କରୁଥିବା ବେଳେ ବିନା ହେଲମେଟ ବ୍ୟବହାର ଗାଡିଚାଳକଙ୍କୁ ଫାଇନ କାଟିଥିବାର ଚିତ୍ର ଦେଖିବାକୁ ମିଳିଥିଲା। ହରଭଙ୍ଗା ପୋଲିସ ପକ୍ଷରୁ ଉକ୍ତ ସମସ୍ତ କାର୍ଯ୍ୟକ୍ରମ ନେଇ ବେଶ ପ୍ରଶଂସା ସାଉଁଟିଛି ଏହି ଚଢ଼ାଉରେ ଥାନା ଅଧିକାରୀ ସମେତ ଏଏସଆଇ ଜିତେନ୍ଦ୍ର ମେହେର, ହାବିଲଦାର ସନ୍ତୋଷ କହଁର, କନେଷ୍ଟବଳ ନିରଞ୍ଜନ ପୁଷ୍ଟି ଓ ଆଇଆରବି ଯବାନ ସାମିଲ ଥିଲେ। ଅନ୍ୟପଟେ ବ୍ଲକର ରାମ୍ପିକଟା, ଚଣ୍ଡୀପୁର ଓ ନୂଆପଡା ଗ୍ରାମରେ ବୌଦ୍ଧ ପୋଲିସ ଓ ଅବକାରୀ ବିଭାଗ ଚଢ଼ାଉରେ ୬୦୦ଲିଟର ମହୁଲପୋଚ ନଷ୍ଟ କରିଥିବା ସୂଚନା ରହିଛି।

# ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମୀକ୍ଷା ବୈଠକ



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସର୍କିଟ ହାଉସ ସ୍ଥିତ ସମ୍ମିଳନୀ ଗୃହରେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ନିଜସ୍ୱ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗ ସହ ରାସ୍ତା ଓ ଗୃହ ନିର୍ମାଣ, ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ୯ ଅଗଷ୍ଟରେ ଉପ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲା ଗସ୍ତ ପୂର୍ବକ ସହର ନିକଟସ୍ଥ ହାଲିଡଙ୍ଗରୀ ପର୍ଯ୍ୟଟନ ସ୍ଥଳୀକୁ ପରିଦର୍ଶନ ସହ ସହରର ଅଧିଷ୍ଠାତ୍ରୀ ଦେବୀ ମା'ଭଣ୍ଡାରଘରଣୀଙ୍କୁ ଏବଂ ମନ୍ଦିର ପରିସରରେ ମାଆ ପେନ୍ତ୍ରାଣୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ସମୀକ୍ଷା ବୈଠକରେ ଲୋକସଭା ସାଂସଦ ବଳଭଦ୍ର ମାଝି, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ପ୍ରମୁଖ ଯୋଗ ଦେଇଥିଲେ। ଉପ ମୁଖ୍ୟମନ୍ତ୍ରୀ ପୋଷଣ ଅଭିଯାନ ଉପରେ ଗୁରୁତ୍ୱ ଦେଇ ଜିଲ୍ଲାରେ ମହିଳା ଓ ଶିଶୁ ବିକାଶ ଏବଂ ସ୍ୱାସ୍ଥ୍ୟ ବିଭାଗ ସମ୍ମନ୍ୱୟରେ ଶୀଘ୍ର ଗୋଟିଏ କୁପୋଷଣ ମୁକ୍ତ ବ୍ଲକ୍ ଗଠନ ପୂର୍ବକ ଏକ ଆଦର୍ଶ ଉଦାହରଣ ସୃଷ୍ଟି କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମିଶନ ବାତ୍ସଲ୍ୟରେ ଶିଶୁମାନଙ୍କୁ ସହାୟତା ପ୍ରଦାନ ଯଥା ସମୟରେ ପ୍ରଦାନ ପାଇଁ ଡିସିପି ଓ ଏବଂ ସିଡବ୍ଲୁସିକୁ କହିଥିଲେ। ଜିଲ୍ଲାରେ ସୁଭଦ୍ରା ଯୋଜନାରେ ହିତାଧିକାରୀ ଅନ୍ତର୍ଭୁକ୍ତ ସଫଳତା ହାର ୧୦୦ ପ୍ରତିଶତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଙ୍ଗନବାଡି କେନ୍ଦ୍ରରେ ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ୍ ସୁବ୍ୟବସ୍ଥା, ଅସମ୍ପୂର୍ଣ୍ଣ ଅଙ୍ଗନବାଡି କେନ୍ଦ୍ରର ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ, ଅସମ୍ପୂର୍ଣ୍ଣ କେନ୍ଦ୍ରର ବର୍ଷ ଯାରି ତାଲିକା ଓ ନୂଆ ଅଙ୍ଗନବାଡି କେନ୍ଦ୍ର ପ୍ରସ୍ତାବ ତାଲିକା ଦେବା ପାଇଁ ଡିଏସଡବ୍ଲୁଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଭଳି ଜିଲ୍ଲାରେ ବାଲ୍ୟ ବିବାହ ରୋକିବା ପାଇଁ ବହୁଳ ପ୍ରଚାର ପ୍ରସାର କରିବା ସହ ପ୍ରତିରୋଧକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିଶୁ ମୃତ୍ୟୁ ହାର କମାଇବା, ମା ଗୃହରେ ପ୍ରସବ ପାଇଁ ଅନୁପ୍ରାଣିତ, ଜିଲ୍ଲାରେ ୧୦୦ ପ୍ରତିଶତ ଆନୁଷ୍ଠାନିକ ପ୍ରସବ ଉପରେ ଗୁରୁତ୍ୱ ଦେଇ ସିଡିଏମଓ ଏବଂ ଡିଏସଡବ୍ଲୁଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାନ୍ୟବର ସାଂସଦ ଜିଲ୍ଲାରେ ଜିନ କ୍ରମ ଉପରେ ବିଶେଷ ଭାବରେ ଗବେଷଣା ପାଇଁ ଜୀବ ବିଜ୍ଞାନ ପ୍ରତିଷ୍ଠାନ ସହ ଯୋଗାଯୋଗ କରି ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ଏକ ଗବେଷଣା କେନ୍ଦ୍ର ଖୋଲିବ ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ସିଡିଏମଓଙ୍କୁ କହିଥିଲେ। ସେଭଳି ସହରରେ ମିଶନ ଶକ୍ତି ଭବନ ଓ ମିଶନ ଶକ୍ତି ବଜାରର ନିର୍ମାଣ କାର୍ଯ୍ୟ ଉପରେ ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହନିର୍ମାଣ ବିଭାଗଙ୍କୁ ପଚାରି ଥିଲେ। ଅଧିକ୍ଷଣ ଯନ୍ତ୍ରୀ ଏହାର ଉତ୍ତରରେ ଏହି ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି ଏବଂ ଅତିଶିଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନୀ ସ୍ଥଳର ବିକାଶ, ନିଆଯାଇଥିବା ପଦକ୍ଷେପ ଓ ନୂତନ ପ୍ରସ୍ତାବିତ ପର୍ଯ୍ୟଟନ ପ୍ରୋଜେକ୍ଟ ଉପରେ ବିଶେଷ ଭାବରେ ଡିଟିଓଙ୍କୁ ପଚାରିଥିଲେ। ଜିଲ୍ଲାରେ ଖରିଫ୍ ଧାନ ବିକ୍ରୟ ପାଇଁ ଚାଷୀ ପଞ୍ଜିକରଣ, ମଣ୍ଡିର ସୁବ୍ୟବସ୍ଥା, ଧାନ ସଂଗ୍ରହଣ ଉପରେ ସିଏସଓ ଉପ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। ସମୀକ୍ଷା ବୈଠକରେ ଡିପିଏମ, ଓଏଲଏମ, ଡିପିସି, ମିଶନ ଶକ୍ତି, ୧୦ ଟି ବ୍ଲକର ସିଡିପିଓ, ଓ୍ୱାନ ଷ୍ଟପ ସେଣ୍ଟରର ଆଇନ ପରାମର୍ଶଦାତା, ସିଡବ୍ଲୁସି ଅଧ୍ୟକ୍ଷ, ଡିପିସି, ମମତା ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ନବନିର୍ମାଣ ଯୁବଛାତ୍ର ପକ୍ଷରୁ ଛାତ୍ର ଜାଗୃତି ଅଭିଯାନ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ସହୀଦ ସୌମ୍ୟାଶ୍ରୀ ସ୍ମୃତିରେ ନାରୀ ସୁରକ୍ଷା ଦାବିରେ ନବନିର୍ମାଣ ଯୁବଛାତ୍ର ସଙ୍ଗଠନ ପକ୍ଷରୁ ବାଲେଶ୍ୱର ଠାରୁ ଭୁବନେଶ୍ୱର ପଦଯାତ୍ରା ଆରମ୍ଭ ହୋଇଛି। ଚଳିତ ମାସ ୪ ତାରିଖରୁ ଆରମ୍ଭ ହୋଇଥିବା ଏହି ପଦ ଯାତ୍ରା ଭଣ୍ଡାରିପୋଖରୀରେ ରବିବାର ଅନୁଷ୍ଠିତ ହୋଇଥିଲା। ସଙ୍ଗଠନ ଆବାହକ ଅକ୍ଷୟ କୁମାରଙ୍କ ସମତେ ସଦସ୍ୟମାନେ ପଦଯାତ୍ରାରେ ଯୋଗ ଦେଇଥିଲେ। ଏଥିରେ ବିଜୁ ଜନତା ଦଳ ଶ୍ରମିକ




ସଙ୍ଗଠନ ମୁଖ୍ୟ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ସବୁସ୍ତରରେ ଆନ୍ଦୋଳନ ହୋଇଛି। ଏହା ହାସଲ ନହେବା ଯାଏ ଓ ରାଜ୍ୟରେ ନାରୀ ସୁରକ୍ଷା ନିଶ୍ଚିତ ହେବା ପାଇଁ ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ପ୍ରକାଶ କରିଥିଲେ।

## ଗଛରେ ରାଖୀ ବାନ୍ଧି ପରିବେଶ ସୁରକ୍ଷା ପାଇଁ ବାର୍ତ୍ତା



ମାଥିଲ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ରେଞ୍ଜରେ ଜଙ୍ଗଲ ସୁରକ୍ଷାରେ ନିୟୋଜିତ ଭିଏସ୍ଏସ୍ (ବନ ସୁରକ୍ଷା ସମିତି)ର ମହିଳାମାନେ ଗଛକୁ ରାକ୍ଷୀ ବାନ୍ଧି ଦାୟିତ୍ୱବୋଧ ତୁଲାଇଛନ୍ତି ରକ୍ଷାବନ୍ଧନ ଅବସରରେ ମାଥିଲି ବନାଞ୍ଚଳ ମୁଣ୍ଡାଗୁଡା ବନ ସୁରକ୍ଷା ସମିତିର ସଭ୍ୟାମାନେ ଓ ସୃଷ୍ଟି ଅନୁଷ୍ଠାନ କର୍ମୀଙ୍କ ସହଯୋଗରେ ଗଛକୁ ରାକ୍ଷୀବାନ୍ଧି ଜଙ୍ଗଲ ସୁରକ୍ଷାର ବାର୍ତ୍ତା ଦେବା ପାଇଁ ପ୍ରୟାସ କରିଛନ୍ତି। ଗ୍ରାମର ଯୁବତୀ ଓ ମହିଳାମାନେ ମିଶି ଗ୍ରାମ ନିକଟ ଜଙ୍ଗଲକୁ ଯାଇ ଜଣେ ଜଣେ ଗୋଟିଏ ଗୋଟିଏ ଗଛମାନଙ୍କୁ ପୂଜା କରିବା ସହ ଗଛମାନଙ୍କୁ ରାକ୍ଷୀ ବାନ୍ଧିଛନ୍ତି। ଏହା ଦେଖି ଗ୍ରାମ ବାସି ଓ ସ୍କୁଲ ଛାତ୍ରଛାତ୍ରୀଙ୍କ ମୁହଁରେ ହସ ଫୁଟାଇଛି ଓ ଉତ୍ସାହିତ ହୋଇ ଗ୍ରାମର କୁନିକୁନି ଝିଅମାନେ ମଧ୍ୟ ଗଛରେ ରାଖି ବାନ୍ଧି ପରିବେଶ ସୁରକ୍ଷା ବାର୍ତ୍ତା ଦେଇଛନ୍ତି। ସେହିପରି କାଲିମେଳା, ମୋଟୁ ଓ ଚିତ୍ରକୋଣ୍ଡା ବନାଞ୍ଚଳ ଲରେ ମଧ ବନବିଭାଗ ଓ ସୃଷ୍ଟି ଅନୁଷ୍ଠାନ କର୍ମୀମାନଙ୍କ ସହ ଅନେକ ବନ ସୁରକ୍ଷା ସମିତିର ମହିଳା ସଭ୍ୟ ଓ ଝିଅମାନେ ଗଛକୁ ରାକ୍ଷୀ ବାନ୍ଧି ଏକ ନିଆରା ଢଙ୍ଗରେ ଜଙ୍ଗଲ ସୁରକ୍ଷା ପାଇଁ ସମାଜକୁ ବାର୍ତ୍ତା ଦେଇଥିଲେ ଯାହା ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଛି।

## ରକ୍ଷା ବନ୍ଧନ ଉତ୍ସବ ପାଳିତ



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ସ୍ଥିତ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ଣରେ ପ୍ରତିବର୍ଷ ଭଳି ନିର୍ମାଣ ଶ୍ରମିକ ମିନତୀ ସେଠୀ, ଝରଣା ପରିଡ଼ା ଓ ମଞ୍ଜୁ ନାୟକଙ୍କ ନେତୃତ୍ୱରେ ଶତାଧିକ ମହିଳା ନିର୍ମାଣ ଶ୍ରମିକ ଉପସ୍ଥିତ ହୋଇ ପ୍ରଥମେ ସଂଘର ପ୍ରତିଷ୍ଠାତା ତଥା ରାଜ୍ୟସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀଙ୍କୁ ପୁଷ୍ପ, ଚନ୍ଦନ, ଚର୍ଚ୍ଚିତ ପୂର୍ବକ ରାଖି ବାନ୍ଧି ବନ୍ଦାପନା କରିଥିଲେ। ପରେ ଗରଦପୁର ବ୍ଲକର ସଭାପତି ନିତ୍ୟାନନ୍ଦ ସାମଲ, ପ୍ରଦୀପ୍ତ ସାମଲ, ମନୋଜ ପରିଡ଼ାଙ୍କ ସମେତ ସଂଘର ଅନ୍ୟ ପୁରୁଷ ଶ୍ରମିକମାନଙ୍କ ହାତରେ ରାଖିବାନ୍ଧି ସେମାନଙ୍କର ମଙ୍ଗଳକାମନା କରିଥିଲେ। ପ୍ରତିକ୍ରିୟାରେ ରାଜ୍ୟ ସମ୍ପାଦକ ତ୍ରିପାଠୀଙ୍କ ସମେତ ଅନ୍ୟ ଶ୍ରମିକମାନେ ସଂଘବଦ୍ଧ ହୋଇ ମହିଳା ଶ୍ରମିକମାନଙ୍କ ଉନ୍ନତି କଳ୍ପେ ଉଦ୍ୟମ କରିବେ ବୋଲି କହିଥିଲେ। ଏହା ପରେ ପରସ୍ପରଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର



ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଗନା ପଞ୍ଚାୟତ ଅନ୍ତର୍ଗତ କୁଡୁମ୍ ଦୋରା ଗ୍ରାମର ଦନମତି ଜାନି ବୟସ ୫୫ ଭାଲୁ ଆକ୍ରମଣରେ ଗୁରୁତର ହୋଇ ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ଖବର ନେବାରେ ଜଣାଯାଇଛି ଯେ ଦନମତିଙ୍କ ପରିବାର ମକ୍କା ଜମିକୁ ଯାଇଥିବା ସମୟରେ ରବିବାର ଦିନ ୪ଟା ସମୟରେ ଭାଲୁ ଆକ୍ରମଣ ର ଶିକାର ହୋଇଥିଲେ। ଭାଲୁକୁ ଘଉଡ଼ାଇବା ସହ ପରିବାର ଲୋକେ ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ବର୍ତ୍ତମାନ ଦନମତି ଅବସ୍ଥା ସ୍ଥିର ଥିବା ଦେଖିବାକୁ ମିଳିଛି।

## ସ୍କୁଲ ବସ୍‌ର କାଗଜପତ୍ର ଓ ଫିଟନେସ୍ ଯାଞ୍ଚ ଦାବି

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାରେ ସ୍କୁଲପିଲାଙ୍କୁ ବୋହି ନେଉଥିବା ବସ ଗୁଡିକର ଯାଞ୍ଚ କରାଯାଉ ନଥିବା ନେଇ ଅଭିଯୋଗ ହେଉଛି। ଏହି ସ୍କୁଲ ବସ ଗୁଡିକରେ ନିର୍ଦ୍ଧାରିତ ସଂଖ୍ୟାଠାରୁ ଅଧିକ ସଂଖ୍ୟକ ପିଲା ନେବାଆଣିବା କରୁଥିବା ଅଭିଭାବକମାନେ ଅଭିଯୋଗ କରୁଛନ୍ତି। ଏପରିକି ଅନେକ ସ୍କୁଲ, କଲେଜ ପିଲା ବସରେ ଠିଆ ହୋଇ ଯାଉଥିବା ମଧ ନଜରକୁ ଆସୁଛି। ସ୍କୁଲ ବସଗୁଡିକ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଜନଗହଳି ପୂର୍ଣ୍ଣ ଭିଡ଼ ରାସ୍ତାରେ ମଧ ନିର୍ଦ୍ଧାରିତ ଗତି ଠାରୁ ଅଧିକ ଗତିରେ ଚଳାଚଳ କରୁଥିବା ଦେଖାଯାଉଛି। କେନ୍ଦୁଝର ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଯାଞ୍ଚ ନାମରେ କେବଳ ନିର୍ଦ୍ଦିଷ୍ଟ କିଛି ଘରୋଇ ବସଗୁଡିକୁ ଯାଞ୍ଚ କରି ଜୋରିମାନା ଆଦାୟ ଭିତରେ ସୀମିତ ରହିଛି। ତେବେ ସ୍କୁଲ ବସଗୁଡିକର ଯାଞ୍ଚ ହେଉନଥିବା ବେଳେ ସେମାନେ ଆବଶ୍ୟକତା ଠାରୁ ଅଧିକ ପିଲା ନେଉଥିବା, ସ୍କୁଲ ପିଲାଙ୍କୁ ବସ ଭିତରେ ଠିଆ କରେଇ ନେଉଥିବା, ଅନେକଙ୍କର ଫିଟନେସ ନଥିବା, ଅନେକ ବସ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ପାଳନ କରି ଚଳାଉନଥିବା ଅଭିଯୋଗ ହେଉଛି। ତେବେ କେନ୍ଦୁଝରରେ ସ୍କୁଲ ବସଗୁଡିକର ଯାଞ୍ଚ କାହା ସ୍ୱାର୍ଥରେ କରାଯାଉ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଅନେକ ସ୍କୁଲ ପିଲାଙ୍କୁ ନେବାଆଣିବା କରୁଥିବା ସ୍କୁଲ ବସର ତ୍ରୁଟିପୂର୍ଣ୍ଣ କାଗଜପତ୍ର ସହ ଫିଟନେସ ନଥିବା ସନ୍ଦେହ ହେଉଛି। ଛୁଆଙ୍କ ଜୀବନ ସହ ଖେଳୁଥିବା ସ୍କୁଲ କର୍ତ୍ତୃପକ୍ଷଙ୍କ ସ୍କୁଲ ବସଗୁଡିକୁ କାହିଁକି ଯାଞ୍ଚ କରାଯାଉ ନାହିଁ ବୋଲି ଅନେକ ଅଭିଭାବକ ପ୍ରଶ୍ନ ଉଠାଇଛନ୍ତି। ସେପଟେ ଅନେକ ସ୍କୁଲର ନାବାଳକ ଛାତ୍ରଛାତ୍ରୀମାନେ ଏବେ ମଧ ବିନା ହେଲମେଟ ଓ ବିନା ଲାଇସେନ୍ସରେ ଦୁଇରୁ ଅଧିକ ପିଲା ଖୁବ ଦ୍ରୁତ ଗତିରେ ନିର୍ବିଘ୍ନରେ ଗାଡି ଚଳାଇ ସ୍କୁଲ କଲେଜକୁ ଯାଉଛନ୍ତି। ବିଭିନ୍ନ ସ୍ଥାନରେ ପରିବହନ କାର୍ଯ୍ୟାଳୟ ତରଫରୁ ଚେକିଂ ଜୋରଦାର ଚଳାଉଥିବା ବେଳେ କେନ୍ଦୁଝରରେ କେବେ ପ୍ରଶ୍ନ ଉଠୁଛି। ଏ ବିଷୟରେ ପରିବହନ କାର୍ଯ୍ୟାଳୟ ଷ୍ଟାଫଙ୍କ ଅଭାବ ଯୋଗୁଁ ସବୁ ସମୟରେ ଯାଞ୍ଚ ହୋଇ ପାରୁନାହିଁ ବୋଲି କହିଛି। ଏ ବିଷୟରେ ସଜାଗ ରହି କେନ୍ଦୁଝର ପୋଲିସ ଓ ପରିବହନ ବିଭାଗ ମିଳିତ ଭାବେ ଯାଞ୍ଚ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି।

## ଶ୍ରୀଶ୍ରୀ ଦଧିବାମନ ଜିଉଙ୍କ ଝୁଲଣ ଯାତ୍ରା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ଅଧୀନ ତିହିଡ଼ି ଗ୍ରାମର ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କ ଝୁଲଣ ଯାତ୍ରା ଗହ୍ମା ପୂର୍ଣ୍ଣମୀ ଅବସରରେ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଚଳିତ ଶ୍ରାବଣ ମାସ ଶୁକ୍ଳ ତ୍ରୟଦଶୀ ତିଥି ଠାରୁ ମହାପ୍ରଭୁଙ୍କର ପ୍ରସିଦ୍ଧ ଝୁଲଣଯାତ୍ରା ଆରମ୍ଭ ହୋଇ ଗହ୍ମା ପୂର୍ଣ୍ଣମୀରେ ଶେଷ ହୋଇଛି। ଦୀର୍ଘଦନରୁ ଏହି ଝୁଲଣ ଉତ୍ସବ ଗ୍ରାମବାସୀଙ୍କ ସହଯୋଗରେ ମହାସମାରୋହରେ ପାଳିତ ହୋଇ ଆସୁଅଛି। ପ୍ରଚଳିତ ପ୍ରଥା ଅନୁସାରେ ଚଳିତ ବର୍ଷ ତ୍ରୟଦଶୀ ସନ୍ଧ୍ୟାରେ ମଣ୍ଡପରେ ଆଲୋକମାଳା ସୁସଜ୍ଜିତ ହୋଇଥିଲା। ସୁସଜ୍ଜିତ ମଣ୍ଡପରେ ରାଧାକୃଷ୍ଣଙ୍କୁ ଝୁଲଣରେ ବସାଯାଇ ଯଥା ରୀତି ନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଝୁଲଣ ଉତ୍ସବରେ ଶ୍ରଦ୍ଧାଳୁମାନେ ସଂକୀର୍ତ୍ତନ, ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି ସହିତ ରାଧାକୃଷ୍ଣଙ୍କ ବିଗ୍ରହକୁ ମନ୍ଦିର ପୂଜକ ଲକ୍ଷ୍ମୀଧର କରଙ୍କ ଦ୍ୱରା ମଣ୍ଡପକୁ ନଆଯାଇଥିଲା। ମଣ୍ଡପରେ ଶ୍ରୀ ଜୀଉଙ୍କୁ ସ୍ଥାପନ ପରେ ଝୁଲଣରେ ଝୁଲା ଯାଇଥିଲା। ଝୁଲଣ ଯାତ୍ରାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଶରତ କର, ପାର୍ଥସାରଥୀ ନାୟକ, ବିଷ୍ଣୁ ଚନ୍ଦ୍ର ଦାଶ, ବିବେକାନନ୍ଦ ନାୟକ, ମହେନ୍ଦ୍ର ଓଝା, ବାଇଧର ହାତୀ, କେଶବ ବେହେରା, ସୁକାନ୍ତ ଓଝା, ଦୟାନିଧି ସାହୁ, ସପନ ନାୟକ, କୈଳାସ ପାତ୍ର, ତାରାକାନ୍ତ ଜେନା, ମନୋରଂଜନ ବେହେରା, ରାଜେଶ ନୟକ ପ୍ରମୁଖ ବହୁ ଶ୍ରଦ୍ଧାଳୁ ଯୋଗ ଦାନ କରିଥିଲେ।

## ୧୪୦୦ ଲିଟର ମହୁଲ ପୋଚ ଓ ମଦ ନଷ୍ଟ



କନ୍ଧମାଳ, (ଭାସ୍କର ନ୍ୟୁଜ୍): କନ୍ଧମାଳ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୨ଟି ମାମଲା ରୁଜୁ ହୋଇଛି। ସୂଚନା ପ୍ରକାରେ କନ୍ଧମାଳ ଥାନା ଅନ୍ତର୍ଗତ ବରଗାଁ ପଞ୍ଚାୟତ ଅଧିନ ଘୁଚାଙ୍ଗି ଗ୍ରାମ ରାସ୍ତାରେ ୮ ଲିଟର ମଦ ଜବତ କରିବା ସହିତ ଗ୍ରାମର ଲକ୍ଷ୍ମୀ ରଣା(୩୦) କୁ ଗିରଫ କରାଯାଇଛି। ପରେ ସର୍ଭିସ ନୋଟିସ ଦେଇ ଅଭିଯୁକ୍ତକୁ ଛାଡି ଦିଆଯାଇଛି। ସେହିପରି ଘୁଚାଙ୍ଗି ଗ୍ରାମରେ ଆଉ ଏକ ଦାବିହୀନ ମାମଲା ଚିହ୍ନଟ କରାଯାଇଛି। ଘୁଚାଙ୍ଗି ଗ୍ରାମ ନାଲରୁ ୧୪୦୦ ଲିଟର ମହୁଲ ପୋଚ ଏବଂ ୨୦ ଲିଟର ମଦ ଜବତ କରାଯାଇ ନଷ୍ଟ କରାଯାଇଛି। ଏନେଇ କନ୍ଧମାଳ ଅବକାରୀ ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

## କରଞ୍ଜିଆ ବନଖଣ୍ଡକୁ ପ୍ରବେଶ କଲେ ୩୦ ଟିକିଆ ଝାଡଖଣ୍ଡି ହାତୀପଲ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ୩୦ ଟିକିଆ ଝାର୍ଡଖଣ୍ଡି ହାତୀପଲ ରବିବାର ଦିନ କରଞ୍ଜିଆ ବନଖଣ୍ଡ ଅଧିନ ବଡଦେଉଳି ନିକଟରେ ପହଁଚିବା ପରେ ଚାଷୀକୁଳ ଓ ସ୍ଥାନୀୟ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଆଜି ବନଖଣ୍ଡର ୬ ଗୋଟି ସ୍ଥାନରେ ସମୁଦାୟ ୫୫ ଗୋଟି ହାତୀ ପୃଥକ୍ ପୃଥକ୍ ଭାବେ ଡେରା ପକାଇଛନ୍ତି। ବଡଦେଉଳୀ ସଂରକ୍ଷିତ ଜଙ୍ଗଲରେ ୩୦ ଟିକିଆ ଝାଡ଼ଖଣ୍ଡୀ ହାତୀପଲ, ପଡେଇଧୁଡା ସଂରକ୍ଷିତ ଜଙ୍ଗଲରେ ଗୋଟିଏ ଦନ୍ତା, ବାଦାମପାହାଡ ସଂରକ୍ଷିତ ଜଙ୍ଗଲରେ ୬ ଗୋଟି, ତରାମରା ସଂରକ୍ଷିତ ଜଙ୍ଗଲରେ ତିନିଗୋଟି, ସାତକୋଶିଆ ସଂରକ୍ଷିତ ଜଙ୍ଗଲ କଣ୍ଟେନମେଣ୍ଟ ନମ୍ବର ୩ ସଂରକ୍ଷିତ ଜଙ୍ଗଲରେ ୧୨ଗୋଟି ଓ ସାତକୋଶିଆ ସଂରକ୍ଷିତ ଜଙ୍ଗଲରେ ତିନିଗୋଟି ହାତୀଙ୍କ ମଧ୍ୟରୁ ୨୦ ଟି ଦନ୍ତା, ୨୩ ଟି ମାଇ ଓ ୧୨ ଟି ଛୁଆ ହାତୀ ରହିଛନ୍ତି। ବିଶେଷ ଭାବେ ଝାର୍ଡଖଣ୍ଡି ହାତୀପଲଙ୍କ ଉପଦ୍ରବ ଯୋଗୁଁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। କରଞ୍ଜିଆ ବନଖଣ୍ଡ ସଂଲଗ୍ନ ପାଟଣା ବନାଞ୍ଚଳର ଏରେଣ୍ଡେଇ, କୋଠାଘର, କୁଦରସାହି, ଅସନବାହାଳି, କଟାବେଡା, ମିରଗିଖୋଜି, ରେଙ୍ଗାଲବେଡା ପ୍ରଭୃତି ଗ୍ରାମରେ ଏହି ହାତୀପଲ ବହୁ ଘରଦ୍ୱାର ଭାଙ୍ଗି କ୍ଷୟକ୍ଷତି କରିବା ସହିତ ବ୍ୟାପକ ଧାନତଳି ନଷ୍ଟ କରିଥିଲେ। ଆଜି ଏହି ହାତୀପଲ କରଞ୍ଜିଆ ସୀମାରେ ପ୍ରବେଶ କରିବା ପରେ ବନଖଣ୍ଡ ଅଧିକାରୀ ବୈଦ୍ୟନାଥ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ବନବିଭାଗର ଏକ ଦଳ ହାତୀ ଗତିବିଧି ଉପରେ ନଜର ରଖିବାକୁ ନିୟୋଜିତ ରହି ଲୋକଙ୍କୁ ହାତୀ ନିକଟକୁ ଯିବାକୁ ବାରଣ କରିଛନ୍ତି।

## ବୌଦ୍ଧର ବିଭିନ୍ନ ସ୍ଥାନରେ ମା'ଖୁଦରୁକୁଣୀ ଓଷା ପାଳିତ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ସହରର ବିଭିନ୍ନ ସ୍ଥାନରେ ମା'ଖୁଦୁରୁକୁଣୀଙ୍କ ପୂଜା ଆରମ୍ଭ ହୋଇଯାଇଛି। ଏହି ଓଷାର ବିଶେଷତ୍ୱ ହେଲା ଭଉଣୀମାନେ ଭାଇମାନଙ୍କ ଶୁଭମନାସୀ ମା ମଙ୍ଗଳାଙ୍କୁ ପୂଜା କରିଥାନ୍ତି। ଭାଇମାନଙ୍କ ସୁସ୍ଥ ଶରୀର ଓ ଉନ୍ନତି ପାଇଁ ଭଉଣୀମାନେ ମା'ମଙ୍ଗଳାଙ୍କ ଠାରେ ଗୁହାରି କରନ୍ତି। ଏଥିପାଇଁ ସକାଳୁ ନଦୀରେ ସମସ୍ତ ଭଉଣୀମାନେ ଏକତ୍ରିତ ହୋଇ ଗାଧୋଇସାରି ବାଲୁକା ସ୍ତୁପ ତିଆରି କରିଥିଲେ। ବାଲୁକାସ୍ତୁପକୁ ଧୂପ, ଦୀପ ଓ ନୈବେଦ୍ୟ ଦେଇ ପୂଜାକରି କଳସରେ ଜଳ ବୁଡାଇ ପୂଜାସ୍ଥାନକୁ ଆସି କଳସ ସ୍ଥାପନ କରିଥାନ୍ତି। ଏହାପରେ ବ୍ରାହ୍ମଣଙ୍କ ଦ୍ୱାରା ମା'ମଙ୍ଗଳାଙ୍କ ମୂର୍ତ୍ତି ସ୍ଥାପନ କରି ମା'ଙ୍କୁ ଜୀବଦାନ ଦେଇ ହୋମ କରାଯାଏ। ଏହି ପରିପ୍ରେକ୍ଷୀରେ ବୌଦ୍ଧ ସହରର ସୁଦସାହି ଠାରେ ପୂଜକ ବବଲୁ ପାଢୀ ପୂଜାକାର୍ଯ୍ୟ କରିଥିବା ବେଳେ ଉପବାସ କରିଥିବା ଝିଅମାନେ ପୂଜାରେ ସାମିଲ ହୋଇ ପୂଜାପରେ ପ୍ରସାଦ ସେବନ କରିଥିଲେ।

## 'ଅସମ୍ପୂର୍ଣ୍ଣ ହୋଇ ପଡି ରହିଛି ପ୍ରସୂତୀ ଗୃହ'


ବୌଦ୍ଧ, (ଭାସ୍କର ନ୍ୟୁଜ୍): ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ସେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିର ବିକାଶ ପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜହ୍ନାପଙ୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରରେ ୨୦୧୫ ମସିହାରେ ପ୍ରସୂତୀ ଗୃହ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ଏହି ଘର ହେବା ଦ୍ୱାରା ଅଞ୍ଚଳରେ ପ୍ରସୂତୀ ମହିଳାମାନେ ଉପକୃତ ହେବେ ବୋଲି ଆଶା କରିଥିଲେ। କିନ୍ତୁ ଆଜକୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ ଏହା ଅସମ୍ପୂର୍ଣ୍ଣ ହୋଇ ପଡିଛି। ଫଳରେ ପୁରୁଣା ଓଟିରେ ପ୍ରସବ କରାଯାଉଛି। ଅନ୍ୟପକ୍ଷରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ କମ ରୋଗୀ ଓ ପ୍ରସୂତୀ ଆସୁଥିବା ଏବଂ ଅଭିଜ୍ଞ ଡାକ୍ତର ନଥିବା ମୁଣ୍ଡାପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସୂତୀ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ କେଉଁ ଉଦ୍ଦେଶ୍ୟ ନେଇ ଜହ୍ନାପଙ୍କର ପ୍ରସୂତୀ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ ତାହା ତଦନ୍ତ ସାପେକ୍ଷ। ତୁରନ୍ତ ଏହି ପ୍ରସୂତୀ ଗୃହ ଉଚ୍ଚ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନନେଲେ ଆଗାମୀ ଦିନରେ ୫ ଟି ପଞ୍ଚାୟତର ଜନପ୍ରତିନିଧି ମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କାଇବାକୁ ଚେତାବନୀ ଦେଇଛନ୍ତି।

## କିଡ୍‌ନୀ ରୋଗର ଚିକିତ୍ସା ପାଇଁ ଆକୁଳ ନିବେଦନ



କାଳିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଏମ୍‌ଭି ୭୯ ଗାଁର ଅଶାନ୍ତ ମଣ୍ଡଳ। ବହୁ ଦିନ ହେଲା ଶେଯରୁ ଉଠି ପାରୁନାହାନ୍ତି। କିଡ୍‌ନୀ ଜନିତ ରୋଗରେ ଗୁରୁତର ହୋଇପଡ଼ିବା ପରେ କେବଳ ଯନ୍ତ୍ରଣା ହିଁ ଯନ୍ତ୍ରଣା । ଉଚ୍ଚଚିକିତ୍ସା ଲାଗି ପ୍ରମେଣ୍ଟ ପାଖରେ ଅର୍ଥ ନାହିଁ । ବାଧହୋଇ ଘରର ଚାରିକାନ୍ଥ ଭିତରେ ପଡ଼ି ରହି ଜୀବନ ସହ ସଂଘର୍ଷ କରୁଛନ୍ତି। ପ୍ରଶାସନକୁ ନେହୁରା ହୋଇଛନ୍ତି, ତାଙ୍କ ଚିକିତ୍ସା ଲାଗି ସହାୟତାର ହାତ ବଢାଇବାକୁ। ମିଳିଥିବା ସୂଚନା ଅନୁଯାୟୀ, କିଛିମାସ ତଳେହଠାତ୍ ଅସୁସ୍ଥ ଅନୁଭବ କରିଥିଲେ ଅଶାନ୍ତ। ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ କିଡ଼ନୀଜନିତ ରୋଗରେ ଆକ୍ରାନ୍ତ ଥିବା ଜଣାପଡ଼ି ଥିଲା। ରୋଗ ଚିହ୍ନଟ ହେବାପରେ ପ୍ରଥମେ ଆନ୍ଧ୍ରର ଭଦ୍ରାଚଳମ ଏବଂ ପରେ ଗୁଣ୍ଟୁର ଯାଇ ଚିକିତ୍ସତ ହୋଇଥିଲେ। ରୋଗ କମିବା ବଦଳରେ ଦିନକୁ ଦିନ ବଢି ଚାଲିଛି। ଗରିବ ପରିବାର ପାଖରେ ଯାହା କିଛି ପଇସା ଥିଲା ତାଙ୍କ ଚିକିତ୍ସାରେ ସବୁ ସରିଯାଇଛି। ଅଧିକ ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିନପାରି ନିରାଶ ହୋଇ ଘରକୁ ଫେରି ଆସିଛନ୍ତି। ଏବେ ସେ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ। ତାଙ୍କର ଏଭଳି ଅବସ୍ଥାରେ ଦୁଃଖରେ ଭାଙ୍ଗିପଡିଛନ୍ତି ପୂରା ପରିବାର। ଅଶାନ୍ତଙ୍କ ଜୀବନ ରକ୍ଷା ଲାଗି ଆକୁଳ ନିବେଦନ କରିଛନ୍ତି। ୨ ଝିଅ ଓ ଗୋଟିଏ ପୁଅକୁ ନେଇ ଅଶାନ୍ତଙ୍କ ପରିବାର। ଗୋଟିଏ ଝିଅ ବାହା ହୋଇସାରିଥିବା ବେଳେ ଏବେ ଅନ୍ୟ ଦୁଇ ପୁଅଝିଅ ପାଖରେ ରହୁଛନ୍ତି। ପରିବାରର ଆର୍ଥିକ ସ୍ଥିତି ଆଦୌ ଭଲ ନୁହେଁ। ଅଶାନ୍ତ କହିଛନ୍ତି, ସେ ବଞ୍ଚିବାକୁ ଚାହାନ୍ତି। ଜିଲ୍ଲା ପ୍ରଶାସନ ସନ ତାଙ୍କ ଚିକିତ୍ସା ମାଗଣାରେ ରେ କରୁ ନହେଲେ ତାଙ୍କ ପରିବାର ଉଜୁଡ଼ି ଯିବ। ଦେଖାଯାଉ, ପ୍ରଶାସନିକ କଳ ତାଙ୍କ ଚିକିତ୍ସା ଦିଗରେ କେବେ ସହାୟତାର ହାତ ବଢାଉଛି।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋବିନ୍ଦପୁରରେ ବସ୍ତାନି ବିହୀନ ଦିବସ ପାଳିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସହର ନିକଟସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରରେ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ବସ୍ତାନି ବିହୀନ ଦିବସ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ନାୟକ ଙ୍କ ନେତୃତ୍ୱରେ ୧୫୦ରୁ ଉର୍ଦ୍ଧ୍ୱ ରାକ୍ଷୀ ପ୍ରସ୍ତୁତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ସାହୁ ଓ ଇକୋ କ୍ଲବ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ମାର୍ଗଦର୍ଶନରେ ପ୍ଲାଷ୍ଟିକର ବ୍ୟବହାର ନକରି ବିଭିନ୍ନ ରାକ୍ଷୀଗୁଡିକୁ ପ୍ରସ୍ତୁତ କରାଯାଇ ଥିଲା। ଏହି ରାକ୍ଷୀ ପ୍ରସ୍ତୁତିରେ ବିଭିନ୍ନ ଶିକ୍ଷଣୀୟ ଉପାଦାନ ଗୁଡିକୁ ଯୋଡିବା ସହ ଭବିଷ୍ୟତରେ ପିଲାମାନେ ଏହାକୁ କିପରି ନିଜର ଜୀବନ ଜୀବିକାରେ ଗ୍ରହଣ କରିପାରିବେ ତାଙ୍କୁ ଅବଗତ କରାଯାଇଥିଲା। ଏହି ପ୍ରସ୍ତୁତି ଶିବିରରେ ଶିକ୍ଷୟିତ୍ରୀ ସୁସ୍ମିତା ପ୍ରିୟମ୍ବଦା ରାଉତ, ଶୁଭଶ୍ରୀ ମହାନ୍ତ, ରଞ୍ଜିତା ରାଣୀ ମଲ୍ଲିକ ଓ ବିଦ୍ୟାଳୟ ପରିଚାଳନା କମିଟି ତଥା ପଞ୍ଚସଖା ଶିକ୍ଷା ସେତୁର କର୍ମକର୍ତ୍ତାଗଣ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏହି ପ୍ରକାର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଭାବେ ସଦର ବ୍ଲକ ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳ ଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ରୂପେ ଶିରୀଶପାଳ ସିଆରସିସି ରଶ୍ମିତା ଦାଶ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରନ୍ଦର ମହାନ୍ତ ଯୋଗଦେଇ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ରାକ୍ଷୀ ଖୁବ ଆକର୍ଷଣୀୟ ଓ ପରିବେଶ ଅନୁକୂଳ ପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ ପ୍ରଶଂସା କରିଥିଲେ। ବିଜୟ କୁମାର ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ଅତିଥିଗଣ ଛାତ୍ରଛାତ୍ରୀଙ୍କୁ ରାକ୍ଷୀ ବାନ୍ଧିଥିଲେ ଏବଂ ସମସ୍ତ ଅତିଥି ଛାତ୍ରଛାତ୍ରୀ ତଥା ବିଦ୍ୟାଳୟରେ ଥିବା ବିଭିନ୍ନ ବୃକ୍ଷ ଦେହରେ ରାକ୍ଷୀ ବାନ୍ଧି ବୃକ୍ଷର ମାହାତ୍ମ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗାଁ'ରେ ପହଞ୍ଚାଇ ଗ୍ରାମବାସୀଙ୍କ ମଧ୍ୟରେ ପ୍ଲାଷ୍ଟିକର ବ୍ୟବହାର କମାଇବା ତଥା ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ବିଦ୍ୟାଳୟ ତରଫରୁ ପ୍ରୟାସ ଜାରି ରହିବ ବୋଲି ଶିକ୍ଷକ ବିଜୟ କୁମାର ମିଶ୍ର କହିଛନ୍ତି।

## କିସ୍‌ରେ ବିଶ୍ୱ ଆଦିବାସୀ ଦିବସ ପାଳିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ବାଦିଲି ଠାରେ ଥିବା କିସ୍ ଆବାସିକ ବିଦ୍ୟାଳୟରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଶୋକ ପଟ୍ଟନାୟକ କାର୍ଯ୍ୟ ନିର୍ବାହୀଅଧିକାରୀ କର୍ତ୍ତବ୍ୟ ଜୁନାଗଡ଼, ସମ୍ମାନିତ ଅତିଥି ହରି ସିଂ ମାଝୀ ଅତିରିକ୍ତ ତହସିଲଦାର କେସିଙ୍ଗା, ସତ୍ୟନାରାୟଣ ପଟ୍ଟନାୟକ ସଚିବ ସେବା ଜଗତ ମ. ରାମପୁର, ଦିଲୀପ ଦାସ ଅଧ୍ୟକ୍ଷ ଅନ୍ତୋଦୟ ଥି. ରାମପୁର, କିସ୍ ବିଦ୍ୟାଳୟର ଉପ-କାର୍ଯ୍ୟ ନିର୍ବାହୀଅଧିକାରୀ ଦୁଷ୍ମନ୍ତ କୁମାର ପଧାନ, ଉପ-ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପରେ ଉପ-କାର୍ଯ୍ୟନିର୍ବାହୀ ଅଧିକାରୀ ପଧାନ ସ୍ୱାଗତ ଅଭିଭାଷଣ ସହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କୁ କିସ୍‌ର ଛାତ୍ରୀ ମାନେ ଗୋଟିଏ ଗୋଟିଏ ଗଛ ସହିତ ଉତ୍ତରୀୟ ପ୍ରଦାନ କରି ସମ୍ମାନୀତ କରିଥିଲେ। ମୁଖ୍ୟଅତିଥି ଶ୍ରୀ ପଟ୍ଟନାୟକ ମୁଁ କର୍ତ୍ତବ୍ୟ ସଂସ୍ଥାରେ ଅଛି ସତ କିନ୍ତୁ ଆଜି ଏ କୁନି କୁନି ଛାତ୍ରୀମାନେ ଏତେ କମ୍ ବୟସରେ ଯେମିତି ନିଜ ନିଜ କର୍ତ୍ତବ୍ୟ ନିର୍ବାହ କରୁଛନ୍ତି ତାହା ଅକଳ୍ପନୀୟ ଓ ସବୁ ଶ୍ରେୟ ଯିବ କିସ୍ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଯିଏ କି ଏହି କୁନି କୁନି ଛାତ୍ରୀ ମାନଙ୍କୁ ଆଣି ଗୁଣାତ୍ମକ ଶିକ୍ଷା ସହିତ ଭଲ ମଣିଷ ପରି ମଣିଷ ଟିଏ ଗଢୁଛନ୍ତି। ସେହିପରି ଅତିରିକ୍ତ ତହସିଲଦାର ଶ୍ରୀ ମାଝୀ ଆଦିବାସୀ ମାନଙ୍କ ପୂର୍ବ କଳାର ଅନ୍ଧବିଶ୍ୱାସକୁ ବିଶ୍ୱାସ ନ କରି ଆମ ସଂସ୍କୃତି ଓ ପରମ୍ପରାକୁ ମନେ ରଖିବା ସହିତ ବର୍ତ୍ତମାନ ଯୁଗ ସହ ତାଳ ଦେଇ ଚାଲିବା ଏବଂ ଭଲ ପାଠ ପଢି ଆଦିବାସୀଙ୍କ ନାଆଁ ରଖିବା ସହ ଡ. ଅଚ୍ୟୁତ ସାମନ୍ତଙ୍କ ନାଁ ରଖିବା ବୋଲି କହିଥିଲେ। ସେହିପରି ଅନ୍ୟ ବକ୍ତାମାନେ ମଧ ଛାତ୍ରୀ ମାନଙ୍କ ଶାନ୍ତିଶୃଙ୍ଖଳା ଓ ଧୈର୍ଯ୍ୟକୁ ଦେଖି ଭୂୟସୀ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କିସ୍‌ର କାର୍ଯନିର୍ବାହୀ ପ୍ରଶିକ୍ଷକ ସିଦ୍ଧାନ୍ତ ମାଝୀ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ସୁପ୍ରିୟା ପଣ୍ଡା ଓ ଅଭିପ୍ସା ସାହୁ ସହଯୋଗ କରିଥିଲେ। ଶେଷରେ ଉପ-କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାକ୍ଷୀ ପୂର୍ଣ୍ଣିମା ସହିତ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କର୍ଲାମୁଣ୍ଡା ବ୍ଲକରେ ସମସ୍ତ ଶିଶୁମନ୍ଦିରରେ ବଳଦେବ ଜିଙ୍କ ଜନ୍ମ ଉତ୍ସବ ସହିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା ସେହିପରି କର୍ଲାମୁଣ୍ଡା ସ୍ଥିତ ଶିଶୁମନ୍ଦିରରେ ମହାଆଡ଼ମ୍ବରେ ରାକ୍ଷୀ ପୂର୍ଣ୍ଣିମା ପାଳିତ ହୋଇଥିଲା ଓ ଏଥିରେ ଅତିଥି ଭାବରେ ପୂଜକ ଗୋବର୍ଦ୍ଧନ ତ୍ରିପାଠୀ ଅନୁଷ୍ଠାନ ସମ୍ପାଦକ କାହ୍ନୁ ଚରଣ ସାହୁ ଖବରଦାତା କୁଞ୍ଜ ସାହୁ, ପ୍ରଧାନ ଗୁରୁଜୀ ଶାନ୍ତନୁ ମିଶ୍ର ଓ ଗୁରୁଜୀ ତୁମେଶ୍ୱର ସାହୁ ବଳଦେବ ଜନ୍ମ ଓ ଗଙ୍ଗାଧର ମେହେରଙ୍କ ବିଷୟରେ ଶିଶୁ ଭାଇ ଭଉଣୀ ମାନଙ୍କୁ ବର୍ଣ୍ଣନା କରିଥିଲେ ଓ ସମସ୍ତ ଭଉଣୀ ଭାଇ ମାନଙ୍କୁ ରାକ୍ଷୀ ବାନ୍ଧିବା ସହିତ ନଗର ପରିକ୍ରମା କରି ସମସ୍ତ ଦୋକାର ବଜାର ଭାଇ ମାନଙ୍କୁ ରାକ୍ଷୀ ବାନ୍ଧି ଥିଲେ।



## ଅଭାସୀ ମାଧ୍ୟମରେ ସୁଭଦ୍ରାର ତୃତୀୟ କିସ୍ତି ବଣ୍ଟନ
## ଜିଲ୍ଲାର ୩ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ହେଲେ ଉପକୃତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ପବିତ୍ର ରାକ୍ଷୀ ବନ୍ଧନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋରାପୁଟ ଜିଲ୍ଲାର ଜୟପୁରଠାରୁ ସିଧା ପ୍ରସାରଣ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ଏକ କୋଟି ମହିଳା ମାନଙ୍କୁ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କରିଛନ୍ତି। ମହିଳା ମାନଙ୍କୁ ଆତ୍ମ ନିର୍ଭର ଓ ସଶକ୍ତ କରିବା ଉଦେଶ୍ୟରେ ଅନନ୍ୟ ଯୋଜନା ସୁଭଦ୍ରାର ଆଜି ତୃତୀୟ କିସ୍ତି ୫୦୦୦ଟଙ୍କା ପ୍ରଦାନ କରିଛନ୍ତି। ଭବାନୀପାଟଣା ଟାଉନ୍ ହଲ୍ ଠାରେ ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଧାୟକ ଧର୍ମଗଡ଼, ସୁଧୀର ରଞ୍ଜନ ପାଟଯୋଷୀ, ସମ୍ମାନିତ ଅତିଥି, ଜିଲ୍ଲାପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ, ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧରେ ମୁଖ୍ଯ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡା,ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ନିର୍ବାହୀ ଅଧିକାରୀ ପୌରପାଳିକା ଚିନ୍ମୟ କୁମାର ନାୟକ, ବିଡିଓ ଚନ୍ଦନ ଭୋଇ ସମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ମୁଖ୍ୟ ଅତିଥି ଶ୍ରୀ ପାଟଯୋଷୀ ନିଜର ବକ୍ତବ୍ୟରେ କହିଲେ ଯେ ସୁଭଦ୍ରା ଯୋଜନା ହେଉଛି ମହିଳା ମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ଓ ଆତ୍ମନିର୍ଭରଶୀଳ କରିବା ମୁଖ୍ୟ ଉଦେଶ୍ୟ। ସରକାର ଦେଉଥିବା ୫ହଜାର ଟଙ୍କାକୁ ସଠିକ ବିନିଯୋଗ କରି ଅଧିକରୁଅଧିକ ଉନ୍ନତି ହେବା ପାଇଁ କାମନା କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ସିଂହଦେଓ ସୁଭଦ୍ରା ଯୋଜନା ଦ୍ୱାରା ମହିଳା ମାନେ କିପରି ଉପକୃତ ହେଇପାରିବେ ସେ ଦିଗରେ ଯତ୍ନବାନ୍ ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ତୃତୀୟ କିସ୍ତିର ସୁଇଚ ଟିପି ଶୁଭକ୍ଷରମ୍ଭ କରିବା ମାତ୍ରେ ଯୋଗ୍ୟ ହିତାଧିକାରୀ ମହିଳାଙ୍କ ବ୍ୟାଙ୍କ ଖାତାରେ ସିଧା ସଳଖ ଜମା ହୋଇଯାଇଛି। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲା ବେଳେ କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର ପରିଚାଳନା କରିଥିଲେ, ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାର ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପାଢ଼ି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟୋଲ ବ୍ରାହ୍ମଣୀ ଗାଁର ମହିମା ଆଶ୍ରମରେ ନୂଆଁଖାଇ ପରବ ପାଳିତ



ନର୍ଲା (ଭାସ୍କର ନ୍ୟୁଜ୍): ଶ୍ରାବଣ ମାସକୁ ବିଦାୟ ଦେଇ ଭାଦ୍ରବ ମାସ ପ୍ରବେଶ କରିଛି। ଏହି ମାସରେ ପଶ୍ଚିମ ଓଡ଼ିଶାରେ 'ନୂଆଁଖାଇ' ପର୍ବକୁ ଗଣ ପର୍ବ ଭାବେ ପାଳନ କରାଯାଏ। ସେଥିପାଇଁ ଗାଁ ଠୁ ସହର ଉତ୍ସବ ମୁଖର ହୋଇ ଥାଏ। ଉକ୍ତ ପର୍ବକୁ ବିଭିନ୍ନ ସମ୍ପ୍ରଦାୟର ଲୋକେ ଭିନ୍ନ ଭିନ୍ନ ତିଥିରେ ପାଳନ କରିଥାନ୍ତି। ସମଗ୍ର ପଶ୍ଚିମ ଓଡ଼ିଶାରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ପରେ ପଞ୍ଚମୀ ଦିନରେ 'ନୂଆଁଖାଇ' ପର୍ବ ପାଳନ ହେଉଥିବା ବେଳେ କଳାହାଣ୍ଡି ଜିଲ୍ଲାର ଟୋଲ୍ ବ୍ରାହ୍ମଣୀ ଗାଁରେ ଥିବା ମହିମା ପୀଠରେ ଭାଦ୍ରବ ମାସର ପ୍ରଥମ ଦିନରେ ହିଁ 'ନୂଆଁଖାଇ' ପର୍ବକୁ ପାଳନ କରି ନବାନ୍ନ ଭକ୍ଷଣ କରିଥାନ୍ତି। ଏହି ପର୍ବକୁ ପାଳନ କରିବା ପାଇଁ ଆଖପାଖ ଅଞ୍ଚଳର ଶହ ଶହ ମହିମା ଧର୍ମୀ ମହିଳା ଓ ପୁରୁଷ ମହିମା ପୀଠରେ ଏକତ୍ରିତ ହୋଇ ପ୍ରଥମେ ଶୂନ୍ୟ ବ୍ରହ୍ମଙ୍କୁ ନବାନ୍ନ ଅର୍ପଣ କଲାପରେ ସାମୁହିକ ନବାନ୍ନ ଭକ୍ଷଣ କରିଥିଲେ। ଚଳିତବର୍ଷ କଳାହାଣ୍ଡି ଜିଲ୍ଲା ନର୍ଲା ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଚାଷୀଙ୍କ ଚାଷ କାମ ଆଗେଇ ପାରୁ ନ ଥିବାରୁ ଚାଷୀଙ୍କ ମୁହଁରେ ହସ ନାହିଁ। ସେଥିପାଇଁ ନୂଆଁଖାଇ ପର୍ବ ଟିକେ ଫିକା ଫିକା ପରି ମନେ ହେଉଛି।

## ଦଧିବାମନ ମନ୍ଦିରରେ ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଜୁନାଗଡ ସହର ସ୍ଥିତ ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ଶନିବାର ରାକ୍ଷୀ ପୂର୍ଣ୍ଣିମାରେ ଚଳିତବର୍ଷ ନୂଆଁଖାଇ ପାଇଁ ଏକ ପଣ୍ଡିତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆସନ୍ତା ଅଗଷ୍ଟ ୨୮ ତାରିଖ ଭାଦ୍ରବ ଶୁକ୍ଳ ପଞ୍ଚମୀ ଗୁରୁବାର ସକାଳ ୯ଟା ୪୮ ମିନିଟରୁ ୧୦ ଟା ୩ ମଧ୍ୟରେ ବିଶୁଦ୍ଧ ତୁଳା ଲଗ୍ନର ଧନୁ ନବାଂଶେ ନବାନ୍ନ ଭକ୍ଷଣ ପାଇଁ ଲଗ୍ନ ଧାର୍ଯ୍ୟ କରାଯାଇଛି। ଏହି ସଭାରେ ଜ୍ୟୋର୍ତିବିଦ ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ, ଫକୀର ମୋହନ ପଟ୍ଟଯୋଶୀ,ମଧୁସୁଦନ ପୁରୋହିତ, ଫକୀର ମୋହନ ପାତ୍ର, ନଳିନୀ ରଞ୍ଜନ ବଡ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ



କେସିଙ୍ଗା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ସ୍ଥିତ ଅଗ୍ରଣୀ ଚେତାବନୀ ସାହିତ୍ୟ ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୩ ତମ ଜୟନ୍ତୀ ସମାରୋହରେ ଅନୁଷ୍ଠାନର ସଭାପତି ଗାଲ୍ପିକା ଜାଜ୍ଞସେନୀ ସାହାଙ୍କ ନେତୃତ୍ୱରେ ଜୟନ୍ତୀ ଉତ୍ସବ କେସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ବିଜ୍ଞାନ ପ୍ରକୋଷ୍ଠରେ ଶନିବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ହୋଇଥିଲା। ଏହି ଜୟନ୍ତୀ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଡା. ହେମସାଗର ସାହା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କବି ହରିଶଙ୍କର ଭୋଇ, ମୁଖ୍ୟ ବକ୍ତା ଭାବେ ଟିଜିଟି ଆୟୁଧ ନିର୍ମାଣ ବିଦ୍ୟାଳୟ, ପ୍ରତିରକ୍ଷା ବିଭାଗ ବଡ଼ମାଳର ରାଜମଣି ସାହୁ ଯୋଗଦେଇ ମା ସରସ୍ୱତୀ ଓ କବି ଗଙ୍ଗାଧର ମେହେର ଫଟୋ ଚିତ୍ରରେ ଧୂପ, ଦୀପ ଓ ପୁଷ୍ପମାଲ୍ୟ ଅର୍ପଣ କରି ଜୟନ୍ତୀର ସମାରୋହ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇ ଥିଲା। ସାଂଗଠନିକ ସମ୍ପାଦକ ଜାଦବେନ୍ଦ୍ର ସାହା ମଞ୍ଚାସିନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ରଞ୍ଜନ କୁମାର ପଣ୍ଡା ସ୍ୱାଗତ ସମ୍ଭାଷଣ ଦେଇଥିଲେ। ବିଶେଷ କାର୍ଯ୍ୟକ୍ରମରେ ଗୀତରେ ଗୀତରେ ଗଙ୍ଗାଧର ଅନୁଷ୍ଠିତ ହୋଇଥିଲା ଏଥିରେ ସରକାରୀ ହାଇସ୍କୁଲ କେସିଙ୍ଗା, ମା ସରସ୍ୱତୀ ଜ୍ଞାନ ମନ୍ଦିର, ବାଳିକା ହାଇସ୍କୁଲ, ୟଙ୍ଗ ବ୍ଲଡ ପବ୍ଲିକ ସ୍କୁଲ ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ଡ. ସାହା ଗଙ୍ଗାଧର ମେହେରଙ୍କ ଆଦର୍ଶ ସମ୍ବନ୍ଧରେ ଆଲୋକପାତ କରି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୀବନୀ, ଆଦର୍ଶ, ନୀତି ଓ ସାହିତ୍ୟ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ରାଜମଣି ସାହୁ ତପସ୍ୱିନୀ କାବ୍ୟକୁ ବର୍ଣ୍ଣନା କରି ସୀତାଙ୍କ ଦୁଃଖ ଓ ତପସ୍ୟାକୁ ଅତି ପ୍ରାଞ୍ଜଳ ଭାବେ ବୁଝାଇ ଥିଲେ ପରେ ମୁଖ୍ୟବକ୍ତା ରାଜମଣି ସାହୁଙ୍କୁ ଗଙ୍ଗାଧର ମେହେର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ବିଭିନ୍ନ ସ୍କୁଲ କୁନେଇ ବକ୍ତୃତା, ସାଧାରଣ ଜ୍ଞାନ, କବିତା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ଉପଢୌକନ୍ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଜି ରେଡ୍ଡୀ ଓ ଗୋବିନ୍ଦ ବାଗ, ଧନ୍ୟବାଦ ଅର୍ପଣ କରିଥିଲେ ଅନୁଷ୍ଠାନର ଉପ ସଭାପତି ରମେଶ କୁମାର ଜେନା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ କବି ସାହିତ୍ୟକ ସ୍କୁଲର ଛାତ୍ର ଛାତ୍ରୀ ଓ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ।

## ମଦ ଚୋରା ଚାଲାଣର ଆଡ୍ଡାସ୍ଥଳୀ ପାଲଟିଛି ବେହେରାଗୁଡା

ଧର୍ମଗଡ (ଭାସ୍କର ନ୍ୟୁଜ୍) : କଥାରେ ଅଛି -ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ। ଠିକ୍ ଧର୍ମଗଡ଼ ଅବକାରୀ ବିଭାଗ କାର୍ଯ୍ୟକଳାପକୁ ନେଇ ଲୋକେ ଏହି ଉକ୍ତି ସହ ଯୋଡ଼ିବା ଆରମ୍ଭ କଲେଣି। ଧର୍ମଗଡ଼ ଅଞ୍ଚଳରେ ଦିନକୁ ଦିନ ଚୋରାଚାଲାଣ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ନଜର ଯେଉଁଠି ପଡ଼ିବ ସେଇଠି ଦେଶୀ ବିଦେଶୀ ମଦ କାରବାର ଜାରି ରହିଛି। ତାହା ବି ଖୁଲମ ଖୁଲା। ବେପାରି ମାନେ ବି ଖୋଲା ଭାବେ ପୋଲିସ ଅବକାରୀ ବିଭାଗ ସହ ସଲାସୁତୁରା ରଖି କାରବାର କରୁଥିବା କଥା ହାଟ ପଡି ଦାଣ୍ଡରେ ପଡୁଛି। ହେଲେ ବିଭାଗକୁ ନିଘା ରହୁନି। ଧର୍ମଗଡ ବ୍ଲକ ଦଣ୍ଡପାଟ ଅଞ୍ଚଳରେ ଗାଁ ଗାଁରେ ଦେଶୀ ବିଦେଶୀ ମଦ ବିକ୍ରି ହେଉଛି। ସେଥିମଧ୍ୟରୁ ଛନ୍ନାଣବାହାଲି ପଞ୍ଚାୟତ ବେହେରାଗୁଡ଼ା ଏବେ ତାର ପ୍ରମୁଖ ପିଣ୍ଡ ସ୍ଥଳୀ ପାଲଟିଛି। ଏଠାରେ ହଜାର ହଜାର ଦେଶୀ ମଦ ଗଛିତ ରହି ଛତିଶଗଡ଼କୁ ଚାଲାଣ ହୋଉଥିବା ଚର୍ଚ୍ଚା ହେଉଛି। ତେବେ ଏହି ମଦ ବେହେରା ଦେଶୀ ଭାଟିରୁ ଜଣେ ବେପାରୀଙ୍କୁ ୪ଚକିଆ ଯୋଗେ ଯୋଗାଇ ଦେଉଥିବା କୁହାଯାଉଛି। ଏପରିକି ସେହି ବେପାରୀ ପାଇଁ ସ୍ୱତନ୍ତ୍ର ମଦ ପ୍ୟାକେଟ ମଦ ଭାଟିରେ ତିଆରି ହେଉଥିବା ଆଲୋଚନା ହେଉଛି। ଯାହା ମଦ ପ୍ୟାକେଟର ମୂଲ୍ୟ ମଧ ପାର୍ଥକ ଥିବା କୁହାଯାଉଛି। ନିୟମ ଅନୁଯାୟୀ ମଦ ଭାଟିରେ ବିକ୍ରି ହେବା ବ୍ୟବସ୍ଥା ଥିଲେ ହିଁ ଲାଭଖୋର ନୀତି ଆପଣେଇ ମଦ ଗାଁ ଗାଁ ରେ ଯୋଗାଉ ଥିବା ସାଧାରଣ ଭାବେ ଅଭିଯୋଗ ହେଉଛି। ତେବେ ଅନେକ ମଦ ବେପାରୀ ସାଇକେଲ କିମ୍ବା ମଟର ସାଇକେଲରେ ମଦ ନେବାକୁ ଭୟ କରୁଥିବା ବେଳେ ବେହେରାଗୁଡ଼ାର ଜଣେ ବେପାରୀ କେମିତି କାହା ସାହାସରେ ୪ଚକିଆ ଯାନ ବାହାନରେ ନେଉଛନ୍ତି ଏବେ ସାଧାରଣ ରେ ପ୍ରଶ୍ନ ଉଠିଛି। ଏଥିରେ ପୋଲିସ ଓ ଅବକାରୀ ବିଭାଗର ସମ୍ପୃକ୍ତିକୁ ଏଡାଇ ଦିଆ ଯାଇ ନ ପାରେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହୋଉଛି। ଆଗକୁ ନୂଆଁଖାଇ ମଦ ମାଂସର ଆସର ଜମିବ। ଏବେ ଠାରୁ ମଦ ବେପାରୀ ମାନେ ଗଛିତ ରଖିବା ଆରମ୍ଭ କଲେଣି। ବିଭାଗ କେତେ ସଜାଗ ତାହା ସମୟ ସାପେକ୍ଷ।

## ଦୁଃଖୀ ଦରିଦ୍ରଙ୍କ ପାଇଁ ଦେବଦୂତ ସାଜିଛନ୍ତି ଘନଶ୍ୟାମ







ଧର୍ମଗଡ (ଭାସ୍କର ନ୍ୟୁଜ୍) : ସକାଳ ପାହିଲେ ନିଜକୁ ସମର୍ପିତ କରିଥାନ୍ତି ଦୁଃଖୀ ଦାରିଦ୍ର୍ୟଙ୍କ ସେବାରେ ଜାତି ଭେଦଭାବ ନ ରଖି ପହଞ୍ଚି ଯାଆନ୍ତି ଲୋକଙ୍କ ଦାଣ୍ଡ। କାହାକୁ ବସ୍ତ୍ର ତ କାହାର ପାଦରେ ଚପଲ ପୁଣି କାହା ପେଟରେ ଆହାର ଆଉ କାହା ମୁହଁରେ ହସ ଫୁଟାଇବା ପ୍ରୟାସ ନିତିଦିନିଆ ତାଙ୍କ ପାଇଁ ବ୍ରତ ପାଲଟିଛି। ତେବେ ସୂର୍ଯ୍ୟୋଦୟ ହେବା କ୍ଷଣି ନିଜ ନିତ୍ୟକର୍ମ ସାରି ପ୍ରଥମେ ଗୋ ସେବା କରିଥାନ୍ତି। ପରେ ଘର ଦାଣ୍ଡରେ ବୁଲା କୁକୁରଙ୍କୁ ଖାଇବା ଦେଇ ବାହାରି ପଡନ୍ତି ଏ ଗାଁରୁ ସେ ଗାଁ। ସେ ଆଉ କେହି ନୁହଁ ସମସ୍ତଙ୍କ ପରିଚିତ ଘନଶ୍ୟାମ ଅଗ୍ରଓ୍ୱାଲ। ଧର୍ମଗଡ଼ ସହରରେ ରୁହନ୍ତି। ମାରୱାଡ଼ି ସମ୍ପ୍ରଦାୟର ହୋଇଥିଲେ ବି ଜଣେ ସାଧାରଣ ମଣିଷ ଭଳି ଜୀବନଯାପନ କରନ୍ତି। ଜୁନାଗଡ଼ ସହରରେ ଜନ୍ମ ଗ୍ରହଣ କରିଥିଲେ ହିଁ ପରବର୍ତ୍ତୀ ସମୟରେ ଧର୍ମଗଡ ସହରରେ ପରିବାର ସହ ରହି ଆସୁଛନ୍ତି। ଓକିଲାତି ଶିକ୍ଷା ଗତ ଥିଲେ ହିଁ ସେ ସାଧାରଣ ଗରିବଙ୍କ ସେବାକୁ ନିଜ ବ୍ରତ ଭାବେ ପ୍ରାଥମିକତା ଦେଇଛନ୍ତି। ଧର୍ମଗଡ ଅଞ୍ଚଳର ବିଭିନ୍ନ ସ୍ଥାନ କୁ ଯାଇ ଲୋକଙ୍କ ସହ ଦୁଃଖ ସୁଖ କଥାବାର୍ତ୍ତା ହୋଇ ସମସ୍ୟା ଉପରେ ଆଲୋଚନା କରି ତାର ସମାଧାନ ବି ଯଥାଶକ୍ତି ଯାଏ କରିଥାନ୍ତି। ଅଞ୍ଚଳର ଅନେକ ମନ୍ଦିର, ଦେବୀ ପୀଠ ଓ ଗ୍ରାମାଞ୍ଚଳର ବିଭିନ୍ନ ସମସ୍ୟାକୁ ନିଜ ଅର୍ଥରେ ସମ୍ଭବ ଅନୁଯାୟୀ କରିଥିବା ଅନେକ ଉଦାହରଣ ରହିଛି। ଦିନ ଦୁଃଖୀଙ୍କ ପ୍ରତି ସଦାସର୍ବଦା ସେବା ଯୋଗାଇ ଦେବାରେ ଉଣା କରିନାହାନ୍ତି। ଅନେକ ଗରିବ ଘନଶ୍ୟାମକୁ ଆମ ପାଇଁ ଦେବତା ସଦୃଶ୍ୟ ବୋଲି ପ୍ରକାଶ କରନ୍ତି। ପ୍ରଥମେ କଂଗ୍ରେସ ଦଳରୁ ରାଜନୀତି ଆରମ୍ଭ କରିଥିଲେ। ପିସିସି ସଭାପତିଙ୍କୁ ରାଜନୀତିର ଗୁରୁ ଭାବେ ଗ୍ରହଣ କରିଥିବା କହନ୍ତି। ହେଲେ ପରବର୍ତ୍ତୀ ସମୟରେ ସେ ବିଜେପି ଦଳରେ ସାମିଲ ହୋଇ ଗତ ନିର୍ବାଚନରେ ବିଧାୟକ ଆଶାୟିତ ପ୍ରାର୍ଥୀ ଭାବେ ଚର୍ଚ୍ଚା ହୋଇଥିଲା। ହେଲେ ରାଜନୀତି ନୁହଁ ବରଂ ଦୁଃଖ ଦାରିଦ୍ର୍ୟଙ୍କ ସେବାରେ ବେଶ ସେ ଖୁସି ଅନୁଭବ କରୁଥିବା ପ୍ରକାଶ କରନ୍ତି। ଦୁଖୀ ଦାରିଦ୍ର୍ୟ ନୁହଁ ବରଂ ନାରାୟଣ ସେବା ମଣୁ ଥିବା ଓ ଜୀବନ ଯାଏ ଜାରି ରହିବ ବୋଲି କହନ୍ତି।

## ବଞ୍ଚିବାକୁ ସଂଘର୍ଷ କରୁଛନ୍ତି କୁଟୁମାଲି ଗ୍ରାମବାସୀ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଥୁଆମୁଲ୍ ରାମପୁର ବ୍ଲକର ଦୁର୍ଗମ ଓ ଉଚ୍ଚତମ ପାହାଡ କୁଟୁମାଳର ପ୍ରାୟ ୨୦ ହଜାର ଫୁଟ ଉଚ୍ଚରେ ରହିଛି ଅପହଞ୍ଚ ଗାଁ କୁଟୁମାଲି। ପୂର୍ବପୁରୁଷ ଅମଳରୁ ୭୫ଟି ଆଦିବାସୀ ସମ୍ପ୍ରଦାୟର ପରିବାର ବସବାସ କରନ୍ତି ଏଠାରେ। ସରକାରୀ ସୁବିଧା ଆଜିବି ଅପହଞ୍ଚ ହୋଇ ରହିଛି। ଅନ୍ୟଦିଗରେ ଦାଉ ସାଧୁଛି ଜୀବନ ଜୀବିକା। ଗୁରୁଜି, ମାଣ୍ଡିଆ, କାନ୍ଦୋ ଖାଇ ଜୀବନ ବଞ୍ଚାଇ ରଖିଛନ୍ତି। ରୋଜଗାରର ଅନ୍ୟ ଉପାୟ ନାହିଁ ଏମାନଙ୍କ ପାଖରେ। ଶିକ୍ଷା, ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ପାନୀୟ ଜଳ, ରାସ୍ତା, ବିଜୁଳି ଭଳି ମୌଳିକ ସୁବିଧାରୁ ସେମାନେ ବଞ୍ଚିତ। ସବୁ ସମସ୍ୟା ଭିତରେ କେବଳ ସଂଘର୍ଷ କରି ଚାଲିଛନ୍ତି। ଥୁଆମୁଳ ରାମପୁର ବ୍ଲକ କେରପାଇ ପଞ୍ଚାୟତର କୁଟୁମାଲି ଗାଁକୁ ଯିବାକୁ ହେଲେ କେରପାଇରୁ ୭ କିଲୋମିଟର ପାହାଡ଼ର ବିପଦପୂର୍ଣ୍ଣ ରାସ୍ତାରେ ଯିବାକୁ ହୋଇଥାଏ। କିଛି ଦିନ ତଳେ ପାହାଡ଼ରୁ ପଥର ମାଟି ଅତଡା ଖସିବାରୁ ଦୀର୍ଘ ଦିନ ଯାଏଁ ଗ୍ରାମବାସୀ ବିଚ୍ଛିନ୍ନ ହୋଇ ରହିଥିଲେ। ଦୁଇ ଚକିଆ ଯାନ କଷ୍ଟେମଷ୍ଟେ ଯାଉଥିବା ବେଳେ ଚାରିଚକିଆ ଯାନ ଯିବାର ସମ୍ଭାବନା ହିଁ ନାହିଁ। ବିକାଶର ଚିହ୍ନବର୍ଣ୍ଣ ହିଁ ଗାଁରେ ଦେଖିବାକୁ ମିଳୁ ନାହିଁ। କି ବର୍ଷା, କି ଖରା ସବୁବେଳେ ପାନୀୟ ଜଳ ସଂକଟ। ବୋହି ଆସୁଥିବା ଝର ପାଣି ପରିତ୍ୟକ୍ତ ଅବସ୍ଥାରେ ଜମା ହେଉଥିବା ବେଳେ ସେହି ଦୂଷିତ ପାଣିକୁ ସଂଗ୍ରହ କରି ଗ୍ରାମବାସୀ ରୋଷେଇ କରନ୍ତି ଏବଂ ଶୋଷ ମେଣ୍ଟାନ୍ତି। ଗାଁକୁ ସଂଯୋଗ କରୁଥିବା ପାହାଡ ରାସ୍ତାର ପାଦେ ପାଦେ ବିପଦ ରହିଛି। କେତେବେଳେ ବଡ ଅଘଟଣ ଘଟି ଜୀବନ ଚାଲିଯିବା କହି ହେବ ନାହିଁ ବୋଲି କୁଟୁମାଲି ଗାଁର ଗ୍ରାମବାସୀ ଦୁଃଖର ସହ କହିଛନ୍ତି। ବର୍ଷା ଦିନେ ଗାଁ ଠାରୁ ପ୍ରାୟ ଗୋଟେ କିଲୋମିଟର ଦୂରରେ ପାଣି ମିଳେ। ଅନ୍ୟ ଋତୁରେ ଖୋଜିବାକୁ ପଡେ ସେମାନଙ୍କୁ। ଦୂଷିତ ପାଣି ଯୋଗୁଁ ଗ୍ରାମବାସୀ ରୋଗାକ୍ରାନ୍ତ ହୁଅନ୍ତି ମାତ୍ର ଔଷଧ କିମ୍ବା ଚିକିତ୍ସା ନୁହେଁ ଚେରମୁଳି ଖାଆନ୍ତି। ଗୁରୁତର ରୋଗୀଙ୍କୁ ୭କିଲୋମିଟର୍ ଯାଏଁ ପାହାଡ ରାସ୍ତାରେ ଖଟିଆରେ ବୋହି କେରପାଇ ଯାଏଁ ଆଣନ୍ତି। ସବୁଠୁ ବଡ କଥା ହେଲା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବସୁଧା କିମ୍ବା ହର ଘର ନଳ ବୋଲି ସରକାରୀ ଜଳ ଯୋଗାଣ ଯୋଜନା ରହିଛି ସେମାନେ ଜାଣି ନାହାନ୍ତି। ପ୍ରଧାନମନ୍ତ୍ରୀ ଆବାସ ଘର ହେଉ ଅବା ଅନ୍ୟ ସରକାରୀ ଯୋଜନା ଆଜି ଯାଏଁ ଗାଁର କେହି ତାର ସୁଫଳ ପାଇ ନାହାନ୍ତି। ଶିକ୍ଷା ଅଧିକାରରୁ ପିଲାଏ ବଞ୍ଚିତ। ସ୍କୁଲ୍ ବାରଣ୍ଡା କେହି ମାଡ଼ି ନାହାନ୍ତି। ଗ୍ରାମବାସୀ ବହୁ କଷ୍ଟରେ ଜୀବନଯାପନ କରୁଛନ୍ତି ଏହାର ସୂଚନା ମଧ ପ୍ରଶାସନ ପାଖରେ ଅଛି ନା ନାହିଁ ତାହା ଅସ୍ପଷ୍ଟ। କାରଣ ଜିଲ୍ଲା ପ୍ରଶାସନ କଥା ନକହିଲେ ଭଲ, ବ୍ଲକ୍ ପ୍ରଶାସନରୁ ମଧ ସରକାରୀ ବାବୁଙ୍କ ପାଦ କେବେ ମଧ ଏହି ଅପହଞ୍ଚ ଗ୍ରାମରେ ପଡି ନାହିଁ। ଯାହାଫଳରେ ଲୋକେ ଅତି ଦୟନୀୟ ଭାବେ ରହୁଛନ୍ତି ବୋଲି କ୍ଷୋଭ ସହ ପ୍ରକାଶ କରିଛନ୍ତି।

## ରାଶିଫଳ


ସୋମବାର, ୧୧ ଅଗଷ୍ଟ ୨୦୨୫



**ମେଷ:** ଆଜି ଆପଣଙ୍କର ମିଶ୍ରର ଦିନ ଅଟେ। ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ। ଅଭ୍ୟାସରେ ନ୍ୟାୟ ଆଣିବାକୁ ଚେଷ୍ଟା କରନ୍ତୁ।




**ବୃଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ। ଆଜି କୌଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ।




**ମିଥୁନ:** ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ଯାନ ଆନନ୍ଦ ପାଇବେ। ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ। ମିଠା ଖାଦ୍ୟ ମିଳିପାରିବ। ସ୍ୱାସ୍ଥ୍ୟ ଭଲ ହେବ, ଆପଣ ସାମାଜିକ ସମ୍ମାନ ଏବଂ ଖ୍ୟାତି ପାଇବେ।




**କର୍କଟ:** ଆଜି ଆପଣଙ୍କର ଭଲରେ ଦିନ କଟିବ। ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ସ୍ୱାସ୍ଥ୍ୟ ଭଲ ହେବ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ। ଚାକିରିରେ ଲୋକଙ୍କୁ ଉପକୃତ କରିବେ।




**ସିଂହ:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ।




**ତୁଳା:** ଆଜି ଏକ ଖୁସିର ଦିନ ହେବ। ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ।



**କନ୍ୟା:** ଆଜି ଆପଣଙ୍କ ପାଇଁ ଭଲ ଦିନ ନୁହେଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ। ଜମି ଓ ଘରର ଦଲିଲ ସୁବିଧାରେ ରଖନ୍ତୁ।



**ବିଛା:** ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ। ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏହା ଏକ ଶୁଭ ଦିନ।



**ଧନୁ:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ। ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ।



**ମକର:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ।



**କୁମ୍ଭ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି। ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ। ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ।



**ମୀନ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ। ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ। ପରିବାରରେ ଖୁସିର ପରିବେଶ ରହିବ।



ପ୍ରସ୍ତୁତି


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯